

ନ୍ୟୁଜିଲାଣ୍ଡ ବିପକ୍ଷରେ ନେତୃତ୍ୱ ନେଇପାରନ୍ତି | ୭

ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar



ମହମ୍ମଦ ସାମି ଫିଟ୍ ଘୋଷିତ | ୭

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com
ଏକବିଂଶତମ ବର୍ଷ ସଂଖ୍ୟା-୩୩୨ Vol. 21 No-332 2 MARCH 2025 SUNDAY BHUBANESWAR ରବିବାର, ୨ ମାର୍ଚ୍ଚ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦

## ଉଦଳାରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ, ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

# ରାଜ୍ୟ ବିକାଶରେ ନୂଆ ଫର୍ଦ୍ଦ ଯୋଡ଼ିବ



- ଉଦଳା ସହ ମୋ ସମ୍ପର୍କ ନିବିଡ଼
- ସୃଷ୍ଟିହେବ ବିକାଶର ନୂତନ ଧାରା
- ବିକଶିତ ଓଡ଼ିଶା ଗଠନରେ ନେବ ଅଗ୍ରଣୀ ଭୂମିକା

ବାରିପଦା, ୧।୩(ଭାସ୍କର ନ୍ୟୁଜ): ମୟୂରଭଞ୍ଜର କପ୍ତିପଦା ଉପଖଣ୍ଡ ପାଇଁ ପଞ୍ଚାୟତିରାଜ ଏବଂ ପାନୀୟଜଳ ବିଭାଗ ପକ୍ଷରୁ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ୫୨ ଗୋଟି ପ୍ରକଳ୍ପର ଶୁଭ ଉଦଘାଟନ ଏବଂ ପ୍ରାୟ ୨୭୫ କୋଟି ଟଙ୍କା ବିନିଯୋଗରେ ୧୦୬ ଟି ପ୍ରକଳ୍ପର ଭିତ୍ତିପ୍ରସ୍ଥର ସ୍ଥାପନ ଏହି ଜିଲ୍ଲା ପାଇଁ ଏକ ଗର୍ବ ଏବଂ ଗୌରବର ବିଷୟ ଏବଂ ରାଜ୍ୟର ବିକାଶରେ ଏହା ଗୋଟିଏ ନୂତନ ଫର୍ଦ୍ଦ ଯୋଡିବ, ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦଳାର ପାଟପୁର ଅଂଚଳରେ ଆୟୋଜିତ 'ବିକାଶ ପଥେ ମୟୂରଭଞ୍ଜ' କାର୍ଯ୍ୟକ୍ରମରେ ଯୋଗଦାନ କରି କହିଛନ୍ତି। ଏହି ପରିପ୍ରେକ୍ଷୀରେ କପ୍ତିପଦା ଉପଖଣ୍ଡରେ ସମୁଦାୟ ୩୭୫ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ ଓ ଶିଳାନ୍ୟାସ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ସମସ୍ତ ପ୍ରକଳ୍ପ କପ୍ତିପଦା ଉପଖଣ୍ଡ ପାଇଁ ଏକ ନୂତନ ବିକାଶର ଧାରା ସୃଷ୍ଟି କରିବା ସହିତ ବିକଶିତ ଓଡିଶା ଗଠନ କରିବା ପାଇଁ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବ। ସୂଚନା ଥାଉକି, ଏହି ପ୍ରକଳ୍ପ ମାନଙ୍କ ମଧ୍ୟରେ ଅଙ୍ଗନବାଡି କେନ୍ଦ୍ର, ଜଳାଶୟର ଉନ୍ନତିକରଣ, ଜନ ସେବା କେନ୍ଦ୍ର, ଜନ ସ୍ୱାସ୍ଥ୍ୟ କେନ୍ଦ୍ର, ସମବାୟ ସଂସ୍ଥା ଆଦି ଅନେକ ପ୍ରକଳ୍ପ ଜନସାଧାରଣଙ୍କ ନିମନ୍ତେ ଉତ୍ସର୍ଗୀକୃତ ହେବ। ଏବଂ ବିଶେଷ ଭାବରେ ଆଦିବାସୀ ସଂସ୍କୃତିର ସଂରକ୍ଷଣ ପାଇଁ ଅନେକ ମନ୍ଦିର ଓ ବାଥୁଡି ସମ୍ପ୍ରଦାୟ ପାଇଁ ଗୋଟିଏ କମ୍ୟୁନିଟି ସେଣ୍ଟର ମଧ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ ତଥା ଶିଳାନ୍ୟାସ କରିଛନ୍ତି। ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉଦଳା ସହିତ ମୋର ସମ୍ପର୍କ ଅତି ନିବିଡ଼ ଓ ନିଆରା। ବିଧାୟକ ହେବା ପୂର୍ବରୁ ମଧ ଏଇ ମାଟି ସହିତ ମୋର ଅତି ଘନିଷ୍ଠ ସମ୍ପର୍କ ରହିଛି । ଏହି ମାଟିର ଭାଷା, ସଂସ୍କୃତି, ପରମ୍ପରା ସହିତ ମୁଁ ଓତଃପ୍ରୋତ ଭାବେ ଜଡିତ। ମୟୂରଭଞ୍ଜକୁ ମୋର ଦ୍ୱିତୀୟ ଘର କହିଲେ ଅତ୍ୟୁକ୍ତି ହେବ ନାହିଁ। ଏ ମାଟିର ମୂଳ ଓ ସ୍ଥାୟୀ ଅଧିବାସୀ ଭାବରେ ଗଣ୍ୟ ଆଦିବାସୀ ସଂପ୍ରଦାୟଙ୍କର ଲୋକ କଳା, ଚଳଣି ଓ ପରମ୍ପରାକୁ ଆମ ପାଇଁ ଗର୍ବର କଥା । ଓଡିଶାର କଳା ଓ ସଂସ୍କୃତିକୁ ଆଦିବାସୀ ସଂସ୍କୃତି ହିଁ ଉଜ୍ଜ୍ୱଳ କରିଛି । ଓଡିଶାର କଳା ଜଗତକୁ ମୟୂରଭଞ୍ଜ ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ମୟୂରଭଞ୍ଜର ଛଉ • ପୃଷ୍ଠା ୫ ଦେଖନ୍ତୁ

## ମାର୍ଚ୍ଚ ଆରମ୍ଭରୁ ତାତିର ତାଉ

# ପ୍ରଥମ ଥରପାଇଁ ୩୮ ଡିଗ୍ରୀ ଟପିଲା

- ୩୮.୫ ଡିଗ୍ରୀ ସହ ଟିଟିଲାଗଡ଼ ସବୁଠୁ ଉତ୍ତପ୍ତ
- ୧୧ ସହରର ତାପମାତ୍ରା ୩୭ଡିଗ୍ରୀ ଉପରେ
- ଜଳବାୟୁ ପରିବର୍ତ୍ତନର ବଡ଼ ପ୍ରଭାବ ଅନୁଭୂତ



ଭୁବନେଶ୍ୱର, ୧।୩(ଭାସ୍କର ନ୍ୟୁଜ): ଜଳବାୟୁ ପରିବର୍ତ୍ତନ ଜୀବଜଗତ ଉପରେ ବଡ଼ ଧରଣର ପ୍ରଭାବ ପକାଇଛି। ବସନ୍ତ ଋତୁରେ ଗ୍ରୀଷ୍ମର ଝଲକ ଦେଖିବାକୁ ମିଳୁଛି। ମାର୍ଚ୍ଚ ଆରମ୍ଭରୁ ଗ୍ରୀଷ୍ମ ଭଳି ପବନ ବୋହିବା ଆରମ୍ଭ ହୋଇଯାଇଛି। ଏବେଠୁ ଯେଉଁ ଧରଣର ତାତି ଅନୁଭୂତ ହେଉଛି, ତାକୁ ଅନୁଧ୍ୟାନ କଲେ ଆଗାମୀ ଦିନରେ ସ୍ଥିତି ଭୟଙ୍କର ରୂପ ଧାରଣ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଧିରେ ଧିରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ଅପେକ୍ଷା ଶନିବାର ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରାରେ ବୃଦ୍ଧି ଘଟିଛି। ପ୍ରାୟ ୧ରୁ ୨ ଡିଗ୍ରୀ ପାରଦ ବଢିଥିବା ସୂଚନା ଦିଆଯାଇଛି। ଚଳିତବର୍ଷ ଓଡ଼ିଶାରେ ଗ୍ରୀଷ୍ମପ୍ରବାହର ଅବଧି ବୃଦ୍ଧି ପାଇବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସ୍ୱାଭାବିକଠାରୁ ତାପମାତ୍ରା ନିଶ୍ଚିତ ଭାବେ ଅଧିକ ରହିବା ନେଇ ଆକଳନ କରାଯାଇଛି। ବିଶେଷକରି ମାର୍ଚ୍ଚରୁ ମଇ ପର୍ଯ୍ୟନ୍ତ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିବ। ଏପରିକି ତାତି ନୂଆ ରେକର୍ଡ କରିବାର ସମ୍ଭାବନା ଦେଖାଦେଇଛି। ମଇ ମାସରେ ଦିନର ତାପମାତ୍ରା ୫୦ ଡିଗ୍ରୀ ଅତିକ୍ରମ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବାପାଇଁ ସତର୍କତା ଅବଲମ୍ବନ କରିବା ସହ ଖରା ସମୟରେ ବାହାରକୁ ଯିବାବେଳେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ବିଭାଗ ପରାମର୍ଶ ଦେଇଛି। ଗ୍ରୀଷ୍ମଋତୁରେ ପାଣି ଅଭାବରୁ ଡିହାଇଡ୍ରେସନ ସମସ୍ୟାରେ ପକାଇଥାଏ। ତେଣୁ ପ୍ରବଳ ଗରମରୁ ରକ୍ଷା ପାଇବାକୁ ଚାହୁଁଥିଲେ ସଂପୂର୍ଣ୍ଣ ହାଇଡ୍ରେଟେଡ୍ ରହିବା ଜରୁରି ବୋଲି ପରାମର୍ଶ ଦିଆଯାଇଛି। ଶନିବାର ଟିଟିଲାଗଡ଼ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଭାବେ ବିବେଚିତ ହୋଇଛି। ଏହାର ଦିନର ତାପମାତ୍ରା ଶନିବାର ୩୮.୫ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ୧୧ ସହରର ତାପମାତ୍ରା ୩୭ ଡିଗ୍ରୀ ଉପରେ ରହିଛି। ବଲାଙ୍ଗୀରରେ ପାରଦ ୩୮ ଡିଗ୍ରୀ ରେକର୍ଡ ହୋଇଥିବାବେଳେ ସୋନପୁର ଓ ଅନୁଗୋଳରେ ୩୭.୭, ସମ୍ବଲପୁରରେ ୩୭.୬, ସୁନ୍ଦରଗଡ଼ରେ ୩୭.୫, ଭବାନୀପାଟଣାରେ ୩୭.୨, ହୀରାକୁଦରେ ୩୭.୧ ଏବଂ ବୌଦ୍ଧ ଓ ବାରିପଦାରେ ୩୭ଡିଗ୍ରୀ ରେକର୍ଡ ହୋଇଛି। ପଶ୍ଚିମ ଓଡ଼ିଶାରେ ତାତିର ପ୍ରଭାବ ଯେ ଅଧିକ ଏହା ଏଥିରୁ ସ୍ପଷ୍ଟ ହୋଇଛି।

## ସଂକ୍ଷେପରେ...

### ଜନଶୁଣାଣି ପାଇଁ ସ୍ଲଟ୍ ବୁକିଂ ଶେଷ

ଭୁବନେଶ୍ୱର, ୧।୩(ଭାସ୍କର ନ୍ୟୁଜ): ଆସନ୍ତା ୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି ପାଇଁ ସ୍ଲଟ୍ ବୁକିଂ ଶନିବାର ଶେଷ ହୋଇଛି। ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ ଅଭିଯୋଗ ପାଇଁ ସର୍ବାଧିକ ୧୦୦୦ଜଣଙ୍କ ନିମନ୍ତେ ପଞ୍ଜିକରଣ ଉଦ୍ଦିଷ୍ଟ ଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟାଠାରୁ ଏହି ସ୍ଲଟ୍ ବୁକିଂ ଆରମ୍ଭ ହୋଇଥିବାବେଳେ ଶନିବାର ଅପରାହ୍ନ ସୁଦ୍ଧା ୧୦୦୦ଜଣ ନିଜର ସ୍ଲଟ୍ ବୁକିଂ କରିଥିଲେ। ସେମାନେ ପଞ୍ଜିକରଣପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ଏବଂ ନିଜର ଅଭିଯୋଗପତ୍ର ସହିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହି ଅଭିଯୋଗ ଜଣାଇବାକୁ କୁହାଯାଇଛି।

### ସୁରେଶ ପନ୍ତ ପିସିସିଏଫ ନିଯୁକ୍ତ

ଭୁବନେଶ୍ୱର, ୧।୩(ଭାସ୍କର ନ୍ୟୁଜ): ୧୯୯୦ ବ୍ୟାଚ୍‌ର ଆଇଏଫ୍‌ଏସ୍ ଅଧିକାରୀ ସୁରେଶ ପନ୍ତ ପିସିସିଏଫ୍ ଭାବେ ନୂତନ ନିଯୁକ୍ତି ପାଇଛନ୍ତି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ପୂର୍ବତନ ପିସିସିଏଫ୍ ଦେବୀଦତ୍ତ ବିଶ୍ୱାଳଙ୍କ ସ୍ଥାନ ନେଇଛନ୍ତି। ଏଥିପୂର୍ବରୁ ଶ୍ରୀ ପନ୍ତ ଓଏଫଡିସିର ଏମ୍‌ଡି ଥିଲେ।




PATANJALI wellness
Yoga, Ayurveda & Naturopathy
Yoggram and Niramayam

ଏଲୋପାଥିକ ଡାକ୍ତରମାନଙ୍କ ପାଇଁ ହୋଲି ପର୍ଯ୍ୟନ୍ତ
ଉପଚାରର ବିଶେଷ ଉପହାର

ଏମ୍‌ଡି, ଏମବିବିଏସ୍, ସର୍ଜନ, ଡେଣ୍ଟିଷ୍ଟ, ଡର୍ମାଟୋଲୋଜିଷ୍ଟ, ଅସ୍ଥିଶଲ୍ୟ, ସ୍ତ୍ରୀରୋଗ ବିଶେଷଜ୍ଞ, କାର୍ଡିଓଲୋଜିଷ୍ଟ, ଯାହା ଏଲୋପାଥି ଡାକ୍ତରଙ୍କ ପାଇଁ ପତଞ୍ଜଳି ବେଲେନ୍‌ସ, ନିରାମୟମ ଏବଂ ଯୋଗ ଗ୍ରାମରେ ସ୍ୱତନ୍ତ୍ର ରିହାତି

ସେବାରତ ଡାକ୍ତରଙ୍କ ପାଇଁ ୫୦% ହ୍ରାସ | ସେବା ନିବୃତ୍ତ ଡାକ୍ତରଙ୍କ ପାଇଁ ୧୦୦% ମାଗଣା

ଯାହା ମାନବର ହିତରେ, ସେଥିପାଇଁ ଆମେ ସମର୍ପିତ

ରୋଗରେ ପୀଡ଼ିତ, ମାନବ ସେବାରେ ନିୟୋଜିତ ଡାକ୍ତର ସନାତନ ସଂସ୍କୃତିକୁ ଭଗବାନ ସ୍ୱରୂପ ଗ୍ରହଣ କରନ୍ତୁ। ହୃଦୟକୁ ପୀଡ଼ା ଦେଉଥିବା ବେଦନା, ଯାହାକି ରୋଗୀଙ୍କ ସେବାରେ ନିୟୋଜିତ- ସେହି ଡାକ୍ତରଙ୍କ ନିକଟକୁ ରୋଗୀ ଯାଇଥାନ୍ତି। ଅତି ବ୍ୟସ୍ତତା ଭିତରେ ଚାଲୁଥିବା ହେଲ୍‌ଦି ଲାଇଫ ଷ୍ଟାଇଲ, ଯୋଗ, ହେଲ୍‌ଦି ଖାଦ୍ୟର ଅଭ୍ୟାସକୁ ଅନୁସରଣ ନ କରିପାରିବା କାରଣରୁ ବିପି, ଥାଇରଏଡ୍, ଆସ୍ଥମା, ଲିଭର, କିଡନୀ, ହୃଦ୍ ସମସ୍ୟା, ଶରୀରରେ ଯନ୍ତ୍ରଣା ଏବଂ ଆବୋସିଟି ଯାହା ରୋଗଚକ୍ରକୁ ଘେରିକରି ରହିଥାନ୍ତି।

ଆମେ ଅତ୍ୟନ୍ତ ସ୍ନେହ, ସମ୍ମାନ ଏବଂ କରୁଣା ପୂର୍ବକ ସମସ୍ତ ଡାକ୍ତରଙ୍କୁ ପତଞ୍ଜଳି ବେଲେନ୍‌ସ, ଯୋଗଗ୍ରାମ, ନିରାମୟମକୁ ଆମନ୍ତ୍ରଣ କରୁଅଛୁ।

ଏହି ଆଶ୍ୱାସନା ସହ ଆମେ ବୈଜ୍ଞାନିକ ଦୃଷ୍ଟିକୋଣ ସହିତ, ଯାହା ସମସ୍ତଙ୍କ ଲାଇଫଷ୍ଟାଇଲ ଏବଂ ଯେଉଁ ରୋଗରୁ ମୁକ୍ତି ମିଳିପାରୁ ନାହିଁ ତାହାକୁ ପରିଚାଳନା କରିବା ଏବଂ ଗବେଷଣା ସହ ଅନୁସନ୍ଧାନ କରିବା ଓ ପଞ୍ଚକର୍ମ, ସତ୍‌କର୍ମ ଦ୍ୱାରା ଶୁଦ୍ଧିକରଣ କରୁ। ଯେଉଁମାନେ ସମର୍ଥ ସେମାନଙ୍କୁ ୫୦% ରିହାତି କରି ଜଣେ- ଜଣେ ବ୍ୟକ୍ତିଙ୍କୁ ୧୦ ଥେରାପି ଦିଆଯାଇ ୫ରୁ ୧୦ ହଜାର ଟଙ୍କା ଯାହାର (ମୂଲ୍ୟ) ଅଟେ । ପ୍ରତିଦିନ ଶିରୋଧାର, ଅଭ୍ୟଙ୍ଗ, ବାହ୍ୟ ଏବଂ ଆନ୍ତରିକ ଅସ୍ଥି, ହାଇଡ୍ରୋଥେରାପି, କୋଲେନ ଥେରାପି, ଶୃଙ୍ଗି, ବାତରୁ ମୁକ୍ତି, ରକ୍ତ ପ୍ରବାହ, ଆକ୍ୟୁପଙ୍କଚର, ୟେକୁପ୍ରେସର, ଓଜନ ଥେରାପି, ଯଜ୍ଞ ଥେରାପି ଏବଂ ଏହିପରି ଅନେକ ରୋଗ ଅନୁଯାୟୀ ଥେରାପି ଦ୍ୱାରା ମୁକ୍ତ କରୁ ଏବଂ ଋଷିଙ୍କ ଯୋଗ ଆୟୁର୍ବେଦର ଗବେଷଣାକୁ ଅନୁସନ୍ଧାନ କରୁ।

ବିଶେଷତ୍ୱ: ସରକାରୀ ହେଉ ବା ଘରୋଇ ଚାକିରି ବାଦ୍ ଅବସରପ୍ରାପ୍ତ ଡାକ୍ତର ଅଛନ୍ତି ଏବଂ ଯେଉଁମାନଙ୍କ ପାଖରେ ଆର୍ଥିକ ସଂସାଧନ ନାହିଁ, ସେହିମାନଙ୍କ ପାଇଁ ଯୋଗ, ଆୟୁର୍ବେଦ, ପଞ୍ଚକର୍ମ, ସତ୍‌କର୍ମର ୧୦୦% ମୁକ୍ତ ଚିକିତ୍ସା ଉପଲବ୍ଧ କରାଇବା ସହ ଆମେ ସେମାନଙ୍କ ସୌଭାଗ୍ୟ ପାଇବା ପାଇଁ ଆଗ୍ରହୀ।




ବିଶେଷ ଦଷ୍ଟବ୍ୟ- ଟାଇପ୍ ୧ ମଧୁମେହ, ଲିଭର, କିଡନି ଫେଲୁଅର, କ୍ୟାନସର, ଅଟୋ ୟୁମିନିଟି ରୋଗର ରୋଗୀଙ୍କ ପାଇଁ ୨୫% ଛାଡ଼ (ଡିସ୍‌କାଉଣ୍ଟ) କେବଳ ମାର୍ଚ୍ଚମାସ ପର୍ଯ୍ୟନ୍ତ ଉପଲବ୍ଧ।

ପତଞ୍ଜଳି ବେଲେନ୍‌ସରେ ସାପ୍ତାହିକ ଉପଚାର ଏବଂ ରେଜିଷ୍ଟ୍ରେସନ ପାଇଁ ସମ୍ପର୍କ କରନ୍ତୁ
8954666111, 8954666222, 8954666333 (Working hours - 6 am to 10 pm),
or visit: www.patanjaliwellness.com | booking@patanjaliwellness.com
ଯଦି ଆପଣ ଅନଲାଇନ୍ ପେମେଣ୍ଟ କରି ଜାଣିନାହାନ୍ତି, ତେବେ ଏଠାରେ ସିଧାସଳଖ ଆସି ରେଜିଷ୍ଟ୍ରେସନ କରାଇ ନିଅନ୍ତୁ।



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଏହି ବ୍ଲକ ଅନ୍ତର୍ଗତ ପଦିନାରାୟଣପୁର ସରକାରୀ ଉପ୍ରା ବିଦ୍ୟାଳୟରେ ପ୍ରତିଭା ଚୟନ ଓ ବାର୍ଷିକ ଉତ୍ସବ ଶୁକ୍ରବାର ଶିକ୍ଷାବିତ ପ୍ରଫୁଲ୍ଲ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧୁ ଦୋଳଗୋବିନ୍ଦ ଖୁଣ୍ଟିଆ ଉତ୍ସବ ଉଦ୍‌ଘାଟନ କରିଥିଲେ। ଏଥିରେ ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନା ମୁଖ୍ୟ ଅତିଥି, ଶିକ୍ଷା ସଂଯୋଜକ ଅଭିମନ୍ୟୁ ବେହେରା ମୁଖ୍ୟବକ୍ତା, ଶିକ୍ଷାବିତ୍ ସନ୍ତୋଷ କୁମାର ସାହୁ, ପୁରୁଷୋତ୍ତମ ଧଳ, ଘନଶ୍ୟାମ ସ୍ୱାଇଁ, ଶରତ କୁମାର କୁଣ୍ଡୁ, ବ୍ରଜକିଶୋର ଖୁଣ୍ଟିଆ, ଶାନ୍ତିଲତା ରାଉତ, ବିଦ୍ୟୁତଲତା ଜେନା, ମନୋରମା ପୁରୁଖା ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରେମଲତା ବେହେରା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଶାନ୍ତ କୁମାର ଦାସ ଅତିଥି ପରିଚୟ ଓ ଶିକ୍ଷୟିତ୍ରୀ ଦୀପିକା ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ପ୍ରକାଶ ଯେନା, ପୁଷ୍ପାଞ୍ଜଳି ରାଉତ, କିଶୋର ଯେନା, ମମତା ଯେନା, ମାଳତୀଲତା ସେଠୀ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଶଶିକାନ୍ତ ସାହୁ, ସରୋଜ ଖୁଣ୍ଟିଆ, ଚନ୍ଦନ ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।



# ଚକରାଘାଟିର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ

## ଉନ୍ନୟନ କାର୍ଯ୍ୟ ତଦାରଖ କଲେ ବିଧାୟକ



ଭଞ୍ଜନଗର(ଭାସ୍କର ନ୍ୟୁଜ) : ଘୁମୁସର ବୀର ଚକରା ବିଷୋୟୀଙ୍କ ସ୍ମୃତିକୁ ବଜାୟ ରଖିବା ପାଇଁ ଦେଶ ସ୍ୱାଧୀନତାର ୭୮ ବର୍ଷ ପରେ ବର୍ତ୍ତମାନର ଭାଜପା ସରକାର ଉଦ୍ୟମ ଆରମ୍ଭ କରିଛନ୍ତି । ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଉଦ୍ୟମରେ ଚକରା ଘାଟିର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇଛି। ଏହାକୁ ନେଇ ଅଞ୍ଚଳବାସୀ ଖୁସି ପ୍ରକଟ କରିଛନ୍ତି । ଇତିମଧ୍ୟରେ ଘାଟିର ବିକାଶ ପାଇଁ ପ୍ରାୟ ୬ କୋଟି ଟଙ୍କା ଜଙ୍ଗଲ ବିଭାଗ ପକ୍ଷରୁ ଅନୁମୋଦନ ହୋଇଛି। ଠିକାଦାର କାମ ୧୦ ଦିନ ହେବ ଆରମ୍ଭ କରିଛନ୍ତି। ଆଗାମୀ ଦିନରେ ସମ୍ପୃକ୍ତ ଅଞ୍ଚଳର ଅନ୍ୟାନ୍ୟ ବିକାଶ ପାଇଁ ଆହୁରି ୨ଶହ କୋଟି ଟଙ୍କା ଅନୁଦାନ ଆସିବ । କାର୍ଯ୍ୟ କିଭଳି ଠିକ ଭାବେ କାମ ହେବ ସେଥିପାଇଁ ଭଞ୍ଜନଗର ବିଧାୟକ ନାୟକ ବାରମ୍ବାର ଉକ୍ତ ଘାଟି ପରିଦର୍ଶନ କରି କାର୍ଯ୍ୟ ସମୀକ୍ଷା କରୁଛନ୍ତି । ଗୁରୁବାର ଆରସିସିଏଫ ସଞ୍ଜୟ ସ୍ୱାଇଁ, ଡିଏଫଓ ହିମାଂଶୁ ଶେଖର ମହାନ୍ତି, ଏସିଏଫ୍ ଡ. ରଶ୍ମି ରଞ୍ଜନ ସ୍ୱାଇଁ, ଗାଲେରି ରେଞ୍ଜର ଆଶାଲତା ଦିଗାଲ, ବନପାଳ ଶୁଭସ୍ମିତା ପାତ୍ର ପ୍ରମୁଖ ଚକରାଘାଟି ପରିଦର୍ଶନ କରି ଘାଟିର ବିକାଶ । ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ କାମ କିଭଳି ଚାଲିଛି ତାହାର ସମୀକ୍ଷା କରିଥିଲେ। ଏହି ସମୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଚୁକ୍ତି ଅନୁସାରେ କାମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି। ଏହି ଅର୍ଥରେ ଘାଟିରେ ଦୁଇଟି ୱାଚ ଟାୱାର, ପୋଖରୀ, ମନ୍ଦିର, ରୋଷେଇ ଘର, ପାଚେରୀ, ପିଇବା ପାଣି ଆଦି ବ୍ୟବସ୍ଥା । କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସ୍ୱାଧୀନତା ସଂଗ୍ରାମ ବେଳେ ବ୍ରିଟିଶଙ୍କ ବିରୋଧ ବିରୋଧରେ ଘୁମୁସର ବୀର ଚକରା ବିଷୋୟୀ ଲଢ଼େଇ କରିଥିଲେ। ଏଥିପାଇଁ ସେ ତିଳିସିଙ୍ଗୀଠାରୁ ୧୦ କି.ମି. ଦୂର ଘଞ୍ଚ ଜଙ୍ଗଲ ଭିତରେ ଚନ୍ଦ୍ରଗିରି ଜଙ୍ଗଲରେ ଘାଟି ପ୍ରସ୍ତୁତ କରିଥିଲେ। ଚକରାଙ୍କୁ ୧୪ ବର୍ଷ ବୟସ ହୋଇଥିବା ବେଳେ ୧୮୩୬ରେ ସେ ବ୍ରିଟିଶମାନଙ୍କ ବିରୋଧରେ ଲଢେଇ ପାଇଁ ପଦକ୍ଷେପ ନେଇଥିଲେ। ଉକ୍ତ ଘାଟିରେ ଚକରା ରହି ଆଦିବାସୀମାନଙ୍କୁ ମେଳି କରି ଲଢ଼େଇ କରୁଥିଲେ। ଏଥିସହ ସେ ରାଜ୍ୟର ବିଭିନ୍ନ ଅଞ୍ଚଳ ବୁଲି ବ୍ରିଟିଶ ଶାସକଙ୍କ ବିରୋଧରେ ମେଳି କରି ଲଢ଼େଇ କରୁଥିଲେ। ୧୮୪୨ରେ ଚକରା ଘୁମୁସର ନୂଆଗାଁରେ ହୋଇଥିବା ବ୍ରିଟିଶଙ୍କ ଶିବିରକୁ ପୋଡ଼ି ଦେଇଥିଲେ। ଏଥିରେ ବ୍ରିଟିଶ ଶାସକଙ୍କ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଚକରାଙ୍କ ବୀରତ୍ୱ ଦେଖି ବ୍ରିଟିଶମାନେ ତାଙ୍କୁ ଧରିବା ପାଇଁ ଅନେକ ଚେଷ୍ଟା କରିଥିଲେ। ମାତ୍ର ଚକରା ଧରା ପଡ଼ିନଥିଲେ। ସେ କେବେ ମୃତ୍ୟୁବରଣ କରିଛନ୍ତି କିଭଳି ମୃତ୍ୟୁବରଣ କରିଛନ୍ତି ତାହାର କିଛି ଇତିହାସ ନାହିଁ। କିନ୍ତୁ ଚକରା ଯେଉଁ ଘାଟିରେ ରହି ଲଢ଼େଇ କରୁଥିଲେ ତାହା ଆଜି ପର୍ଯ୍ୟନ୍ତ ରହିଛି। ଦେଶ ସ୍ୱାଧୀନତା ପରେ ଚକରା ଘାଟିର ବିକାଶ ପାଇଁ ଏପର୍ଯ୍ୟନ୍ତ ସରକାର ଟଙ୍କାଟିଏ ଅନୁଦାନ ଦେଇ ନଥିଲେ । କିଛି ବର୍ଷ ତଳେ ସମ୍ପୃକ୍ତ ଅଞ୍ଚଳରେ ଗେଞ୍ଜର ଥିବା ତଥା ବର୍ତ୍ତମାନର କେନ୍ଦୁପତ୍ର ଫୁଲବାଣୀ ଡିଭିଜନର ଡିଏଫଓ ଶରତ ମିଶ୍ର ନିଜ ଉଦ୍ୟମରେ ଘାଟିରେ ଛୋଟିଆ ନିର୍ମାଣ କରିଥିଲେ। ବର୍ତ୍ତମାନ ପ୍ରଦ୍ୟୁମ୍ନ ନାୟକ ବିଧାୟକ ନିର୍ବାଚିତ ହେବା ପରେ ଘୁମୁସର ମାଟିର ବୀରପୁତ୍ରମାନଙ୍କ ସ୍ମୃତି ରକ୍ଷା ପାଇଁ ପଦକ୍ଷେପ ନେଇଛନ୍ତି। ଘାଟିର ସୁରକ୍ଷା ସହ ବନ୍ୟପ୍ରାଣୀ ଏବଂ ଜଙ୍ଗଲ ସୁରକ୍ଷା ପାଇଁ ସରକାର ପଦକ୍ଷେପ ନେଇଛନ୍ତି। ଏହା ପ୍ରଶଂସନୀୟ ପଦକ୍ଷେପ ଓ ଚକରା ପ୍ରଥମେ ବ୍ରିଟିଶ ଶାସକଙ୍କ ବିରୋଧରେ ଲଢେଇ କରିଥିଲେ ବୋଲି ବୁଦ୍ଧିଜୀବୀ ଆଲୋଚନା କରୁଛନ୍ତି।

## ଯୁବତୀକୁ ଅସଦାଚରଣ ଅଭିଯୋଗରେ ଜଣେ କୋର୍ଟଚାଲାଣ

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ବାହାଦୁଲନଗର ଗ୍ରାମର ଜନୈକ ଯୁବତୀକୁ ଅସଦାଚରଣ କରିବା ଅଭିଯୋଗରେ ଅଭିଯୁକ୍ତକୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଯୁବତୀ



ଜଣକ ସୋମବାର ରାତ୍ରରେ ଖାଇପିଇ ଶୋଇଥିବା ବେଳେ ରାତ୍ର ପ୍ରାୟ ଗୋଟାଏ ବେଳେ ସେହି ଗ୍ରାମର ଚକ୍ରଧର ଜେନାର ପୁଅ ସନ୍ତୋଷ ଜେନା ଓରଫ ଅନୁ କୌଶଳ କ୍ରମେ ଘରେ ପଶି ଯୁବତୀକୁ ଅସଦାଚରଣ ଉଦ୍ୟମ କରିଥିଲା। ଯୁବତୀ ଜଣକ ଚିତ୍କାର କରିବାକୁ ତାଙ୍କ ପିତା ଉଠି କୋଠରୀ ଭିତରରେ ଥିବା ସନ୍ତୋଷକୁ ବାହାରପଟୁ କବାଟ ବନ୍ଦ କରି ଗାଁ ଲୋକଙ୍କୁ ଡାକ ପକାଇଥିଲେ। ଅଭିଯୋଗ ପାଇ ମଞ୍ଜୁରୀରୋଡ ଫାଣ୍ଡି ପୋଲିସ ସନ୍ତୋଷକୁ ମଙ୍ଗଳବାର ଅଟକ ରଖିଥିଲା। ତଦନ୍ତରୁ ସଂପୃକ୍ତି ସ୍ପଷ୍ଟ ହେବା ପରେ ଗୁରୁବାର ଗିରଫ କରାଯାଇ ଅଭିଯୁକ୍ତକୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

# କନ୍ଧମାଳ ଗଞ୍ଜେଇ ମାଫିଆଙ୍କୁ ଗିରଫ କଲା ଦିଲ୍ଲୀ ପୋଲିସ

କନ୍ଧମାଳ(ଭାସ୍କର ନ୍ୟୁଜ): କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ଗଞ୍ଜେଇ ଉତ୍ପାଦନ ବୃଦ୍ଧି ପାଇବା ସହିତ ଚୋରା ଚାଲାଣ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । କିନ୍ତୁ ଓଡିଶା ପୋଲିସ ପ୍ରଶାସନ ଗଞ୍ଜେଇ ମାଫିଆମାନଙ୍କ ପାଇଁ କଠୋର ଦଣ୍ଡ ବିଧାନ ନକରି ଖଲାସ ହେବାର ବାଟ ଖୋଲିଛି । କନ୍ଧମାଳ ଜିଲ୍ଲାରେ ତେଣୁ ଗଞ୍ଜେଇ କାରବାର ଏତେ ବୃଦ୍ଧି ପାଉଛି ଯେ ବାହାର ରାଜ୍ୟ ଯଥା ହରିଆନା, ଉତ୍ତର ପ୍ରଦେଶ, ବିହାର ଓ ଦିଲ୍ଲୀ ପର୍ଯ୍ୟନ୍ତ ଗଞ୍ଜେଇ ମାଫିଆଙ୍କ ଚେର ଲମ୍ବିଛି । ଦୁଇଦିନ ତଳେ ଦାରିଙ୍ଗବାଡ଼ିରେ ହରିଆନା ପୋଲିସ ପହଞ୍ଚି ଦାରିଙ୍ଗବାଡ଼ି ଅଞ୍ଚଳରୁ ଦୁଇ ଗଞ୍ଜେଇ ବେପାରୀଙ୍କୁ ଗିରଫ କରି ଉଠେଇ ନେଇଛନ୍ତି । ଏହିପରି ୧୭/୦୨/୨୦୨୫ ରିଖରେ ଦିଲ୍ଲୀ ପୋଲିସ ଗଞ୍ଜେଇ କାରବାରରେ ସମ୍ପୃକ୍ତ ଥିବା କନ୍ଧମାଳ ଜିଲ୍ଲାର ଦୁଇଜଣଙ୍କୁ ଗିରଫ କରିଛି ବୋଲି ଦିଲ୍ଲୀ ସ୍ପେସିଆଲ ଷ୍ଟାଫର ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି । ନୟା କଦମ୍ ବେହେରା ଓ ଅନ୍ୟ ଅଭିଯୁକ୍ତ ଠାରୁ ୩୨ କେଜି ଗଞ୍ଜେଇ ଜବତ କରିବା ସହିତ ଏହି କାର୍ଯ୍ୟରେ ସମ୍ପୃକ୍ତ ଥିବା ଅନ୍ୟ ଚାରିଜଣଙ୍କୁ ଗିରଫ କରି ଦିଲ୍ଲୀର ସ୍ପେଶାଲ ଷ୍ଟାଫ ସାଉଥ ୱେଷ୍ଟ ଥାନାରେ କେଶ୍ ନମ୍ବର ୮୯/୨୦୨୫ ରେ ଏନଡ଼ିପିଏସ୍ ମାମଲା ରୁଜୁକରି ସମ୍ପୃକ୍ତ ଥିବା ଅଭିଯୁକ୍ତ ମୂଳରୁଚୂଳ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ତଦନ୍ତ ଚଳାଇଛି । ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ ଫୁଲବାଣୀର ଅଭିଯୁକ୍ତଙ୍କୁ ଫୁଲବାଣୀ କୋର୍ଟରେ ହାଜର କରି ଦିଲ୍ଲୀକୁ ରିମାଣ୍ଡରେ ନେଇଛନ୍ତି । ଏହା ସହିତ ଏହି କେଶ୍‌ରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ତା'ଉପରେ ମଧ ତଦନ୍ତ ଆରମ୍ଭ କରିଛି । କନ୍ଧମାଳ ଜିଲ୍ଲାରେ ଗଞ୍ଜେଇ ବେପାର କରି ଗଞ୍ଜେଇ ବେପାରୀମାନେ ଏବେ କୋଟି କୋଟି ଟଙ୍କାର ମାଲିକ ହେବା ସହିତ କୋଟି କୋଟି ଟଙ୍କାର ଜମି କିଣି ଉଡାସୂତ୍ରରେ ଲଗାଯାଇଛି। ଏହି ସବୁ ଘଟଣାକୁ ସରକାର ଜାଣି ନିରବ କଣ ପାଇଁ ରହିଛି ବୋଲି ପ୍ରଶ୍ନ ଉଠିଛି।

# ନାବାଳିକାକୁ ଅପହରଣ କରି ଯୁବକ ଜେଲ୍‌ରେ

ଭଞ୍ଜନଗର(ଭାସ୍କର ନ୍ୟୁଜ) : ତାରାସିଂ ଥାନା ଅଧିନ କୋକଲବା ଗ୍ରାମର ଜୈନିକ ଯୁବକ ରାଜାରାମ ବେହେରାକୁ ନାବାଳିକା ଅପହରଣ ମାମଲାରେ ତାରାସିଂ ପୋଲିସ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ରେବତୀ ଶବର ସୂଚନା ଦେଇଛନ୍ତି। ଖବର ନେବାରେ କୋକଲବା ଗ୍ରାମର ରାଜାରାମ ବେହେରା ଏକ ଜୈନିକ ନାବାଳିକାକୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିଲା ପରେ ତାକୁ ଛାଡିଦେଇ ଖୁଲମ୍ ଖୁଲାରେ ବୁଲୁଥିଲା।ଏନେଇ ଜୈନିକ ଝିଅର ଅଜା ତାରାସିଂ ଥାନାରେ ରାଜାରାମ ବେହେରା ନାମରେ ଅଭିଯୋଗ କରିବା ପରେ ଥାନା କେସନଂ ୯୬/୨୫ ଅପହରଣ ମାମଲା ରୁଜୁ କରାଯାଇ ତାରାସିଂ ପୋଲିସ ପ୍ରଥମେ ନାବାଳିକାର ଡାକ୍ତର ମାଇନା କରାଯାଇଥିଲା। ଏହା ପରେ ଅଭିଯୁକ୍ତକୁ ପୋଲିସ ଗିରଫ କରି ବ୍ରହ୍ମପୁର ପୋସ୍କୋକୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀମତୀ ଶବର ସୂଚନା ଦେଇଛନ୍ତି ।ସୂଚନା ଥାଉକି ନାବାଳିକାର ବାପା ଓ ମା କେହିନଥିବା ବେଳେ ସେ ପିଲାବେଲୁ ତାରାସିଂ ଅଞ୍ଚଳରେ ଥିବା ଅଜାଘରେ ରହିଆସୁଥିବା ସ୍ଥାନୀୟ ବାସୀ କହିଛନ୍ତି।

# ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ଉତ୍ସବ



କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ବ୍ଲକ ଅନ୍ତର୍ଗତ ନରଣପୁର ଗ୍ରାମର ବିଶ୍ୱନାଥ ଦେବଙ୍କ ପୀଠରେ ପବିତ୍ର ଜାଗର ଯାତ୍ରା ଉପଲକ୍ଷେ ପ୍ରବଚନ, ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କବି ହୃଦାନନ୍ଦ ସାସମଲଙ୍କ ସଭାପତିତ୍ୱ ରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଦିଲ୍ଲୀପ ଜେନା, ମୁଖ୍ୟବକ୍ତା ବ୍ୟଙ୍ଗକବି ସମ୍ପଦ ରଥ, ସମ୍ମାନୀତ ଅତିଥି ରୂପେ କବୟିତ୍ରୀ ତଥା ଶିକ୍ଷୟିତ୍ରୀ ଦୀପ୍ତି କୁମାରୀ ମହାନ୍ତି, ପଙ୍କଜିନୀ ଦେଇ, ପ୍ରବୀଣ ସୁବୁଦ୍ଧି, ଗୋବିନ୍ଦ ପ୍ରହରାଜ, ଆରତୀ ପ୍ରହରାଜ, ନବକୃଷ୍ଣ ପ୍ରହରାଜ,ରମେଶ ଚନ୍ଦ୍ର ପ୍ରହରାଜ, ସୁନନ୍ଦା ରାଉତ, ଗୀତାଞ୍ଜଳି ବିଶ୍ୱାଳ, ଅଶୋକ ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ। ପ୍ରବକ୍ତା ଦିବାକର ଦାସଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଓ ଭଜନ ସଂଧ୍ୟା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବିଶିଷ୍ଟ ବ୍ୟକ୍ତି ମାନଙ୍କୁ ଉତ୍ସବ ରେ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସୁବାଷ ପ୍ରହରାଜ ଓ ଟୁକୁନା ଭାଇନା ଉତ୍ସବକୁ ପରିଚାଳନା କରିଥିଲେ।

## ଉତ୍ତମ ମହାନ୍ତିଙ୍କ ବିୟୋଗରେ ଶୋକସଭା



ଶୁଳିଆପଦା(ଭାସ୍କର ନ୍ୟୁଜ) : ମୟୂରଭଞ୍ଜ ଜିଲ୍ଲା ମୁଖ୍ୟାଳୟ ବାରିପଦା ସହରରେ ଜନ୍ମିତ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ସୁପରଷ୍ଟାର ଉତ୍ତମ ମହାନ୍ତି ଲିଭର ସିରୋସିସ୍ ରୋଗରେ ପୀଡିତ ହୋଇ ଗୁରୁଗାଁଓର ମେଦାନ୍ତ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଇହଲୀଳା ସମ୍ବରଣ କରି ଅଛନ୍ତି। ତାଙ୍କ ବିୟୋଗରେ ଓଡିଆ ସିନେମା ଜଗତର ଅପୂରଣୀୟ କ୍ଷତି ହୋଇଛି। ଏହି ଅବସରରେ ତାଙ୍କର ଅମର ଆତ୍ମାର ସଦଗତି କାମନାର୍ଥେ ଶୁଳିଆପଦା ବ୍ଲକ ଅଧିନ ଦେଉଳି ସ୍ଥିତ ଅଗ୍ରଣୀ ସଂସ୍କୃତିକ ଅନୁଷ୍ଠାନ ଚନ୍ଦ୍ରିକା କଳା ବିକାଶ କେନ୍ଦ୍ରର ଛାତ୍ରଛାତ୍ରୀ ଶିକ୍ଷକ-ଶିକ୍ଷୟିତ୍ରୀ, କମିଟି ସଦସ୍ୟ ଓ ପ୍ରତିଷ୍ଠାତା ପ୍ରମୁଖ ଉପସ୍ଥିତ ରହି ଉତ୍ତମ ମହାନ୍ତି ଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଛି। ଏହି ଶୋକ ସଭାରେ ଚନ୍ଦ୍ରିକା କଳା ବିକାଶ କେନ୍ଦ୍ରର ପ୍ରତିଷ୍ଠାତା ମନୋଜ କୁମାର ବେହେରା, ଓମ୍ ଶିଶୁ ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ଚନ୍ଦ୍ରିକା ପୋଥାଳ, ଆଚାର୍ଯ୍ୟ ନାରାୟଣ ପୁଷ୍ଟି, ପ୍ରଶାନ୍ତ କୁମାର ମହାନ୍ତ, ସାମ୍ବାଦିକ ସଞ୍ଜିତ୍ କୁମାର ରଞ୍ଜିତ, ମିଲନ୍ କୁମାର ବେହେରା, ସମୀର କୁମାର ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଭା ଚୟନ ଓ ବାର୍ଷିକ ଉତ୍ସବ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ଏହି ବ୍ଲକ ଅନ୍ତର୍ଗତ ପଦିନାରାୟଣପୁର ସରକାରୀ ଉପ୍ରା ବିଦ୍ୟାଳୟରେ ପ୍ରତିଭା ଚୟନ ଓ ବାର୍ଷିକ ଉତ୍ସବ ଶୁକ୍ରବାର ଶିକ୍ଷାବିତ ପ୍ରଫୁଲ୍ଲ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧୁ ଦୋଳଗୋବିନ୍ଦ ଖୁଣ୍ଟିଆ ଉତ୍ସବ ଉଦଘାଟନ କରିଥିଲେ। ଏଥିରେ ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ କୁମାର ଜେନା ମୁଖ୍ୟ ଅତିଥି, ଶିକ୍ଷା ସଂଯୋଜକ ଅଭିମନ୍ୟୁ ବେହେରା ମୁଖ୍ୟବକ୍ତା, ଶିକ୍ଷାବିତ ସନ୍ତୋଷ କୁମାର ସାହୁ, ପୁରୁଷୋତ୍ତମ ଧଳ, ଘନଶ୍ୟାମ ସ୍ୱାଇଁ, ଶରତ କୁମାର କୁଣ୍ଡୁ, ବ୍ରଜକିଶୋର ଖୁଣ୍ଟିଆ, ଶାନ୍ତିଲତା ରାଉତ, ବିଦ୍ୟୁତଲତା ଜେନା, ମନୋରମା ପୁରୁଖା ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରଧାନଶିକ୍ଷୟତ୍ରୀ ପ୍ରେମଲତା ବେହେରା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଶୈକ୍ଷିକ ଓ ସହଶୈକ୍ଷିକ ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଶାନ୍ତ କୁମାର ଦାସ ଅତିଥି ପରିଚୟ ଓ ଶିକ୍ଷୟତ୍ରୀ ଦୀପିକା ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ। ପ୍ରକାଶ ଯେନା, ପୁଷ୍ପାଞ୍ଜଳୀ ରାଉତ, କିଶୋର ଯେନା, ମମତା ଯେନା, ମାଳତୀଲତା ସେଠୀ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଶଶିକାନ୍ତ ସାହୁ, ସରୋଜ ଖୁଣ୍ଟିଆ, ଚନ୍ଦନ ରାଉତ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

# ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଓ ନୂତନ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ପରଜଙ୍ଗ (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗୋଷ୍ଠୀ ଶିକ୍ଷାଧିନ ସତ୍ୟନାରାୟଣ ହାଇସ୍କୁଲ ବଡଝରାର ପ୍ରଧାନ ଶିକ୍ଷକ ନରୋତ୍ତମ ସାହୁଙ୍କ କାର୍ଯ୍ୟକାଳରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଏବଂ ବିଦ୍ୟାଳୟରେ ନୂତନ ଭାବେ ନିଯୁକ୍ତି ପାଇଥିବା ଦୁଇ ଶିକ୍ଷୟିତ୍ରୀ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନାର ଏକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ମିଳିତ ଉତ୍ସବ ଗ୍ରାମର ବୟୋଜ୍ୟେଷ୍ଠ ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଘନଶ୍ୟାମ ସାହୁଙ୍କ ସଭାପତିତ୍ୱରେ ପ୍ରାକ୍ତନ କୁଆଳୋ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ନାୟକ, ମୁକ୍ତାପଶି ହାଇସ୍କୁଲ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରମୋଦ ଚନ୍ଦ୍ର ନାୟକ, ଲୋଧାଣୀ ହାଇସ୍କୁଲ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ତଥା ନୋଡାଲ ଅଫିସର ଦୁଷ୍ମନ୍ତ କୁମାର ବିଶ୍ୱାଳ ଉକ୍ତ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ମାଷ୍ଟର ମନୀଷ ରଞ୍ଜନ, ପ୍ରାକ୍ତନ ଶିକ୍ଷକ ପ୍ରାଣବନ୍ଧୁ ଦେହୁରୀ, ବୈଷ୍ଣବ ଚରଣ ସାହୁ, କୁଆଳୋ ହାଇସ୍କୁଲ ପ୍ରାକ୍ତନ ପ୍ରଧାନ ଶିକ୍ଷକ ମହେଶ ଚନ୍ଦ୍ର ନାୟକ, ସ୍ଥାନୀୟ ସରପଞ୍ଚ ରୁନୁ ପ୍ରଧାନ ମଞ୍ଚାସୀନ ହୋଇ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ଏକସଙ୍ଗରେ ଦୁଇଟି ସମ୍ବର୍ଦ୍ଧନା ଉତ୍ସବରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରାକ୍ତନ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅବସର ନେଉଥିବା ପ୍ରଧାନ ଶିକ୍ଷକ ଶ୍ରୀ ସାହୁଙ୍କ ୧୯୮୬ରୁ ଅଦ୍ୟାବଧି ସ୍କୁଲ ଓ ପିଲାଙ୍କ ପ୍ରତି ଥିବା ସ୍ନେହ ଓ ଜଣେ ନିର୍ଭୀକ କର୍ତ୍ତବ୍ୟନିଷ୍ଠ ଶିକ୍ଷକଙ୍କ ଗୁଣ ଗାନ କରିଥିବା ବେଳେ, ନୂତନ ଭାବେ ନିଯୁକ୍ତି ପାଇଥିବା ଦୁଇ ଶିକ୍ଷୟତ୍ରୀଙ୍କୁ ସମ୍ବର୍ଦ୍ଧନା କରି ଉଚିତ ମାର୍ଗରେ ଶିକ୍ଷାଦାନ ପାଇଁ ଅତିଥିମାନେ ଦିଗ୍‌ଦର୍ଶନ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ବ୍ଲକର ପ୍ରାୟ ହାଇସ୍କୁଲ ରୁ ଶ୍ରୀ ସାହୁଙ୍କ ଅନୁଗାମୀ ଶିକ୍ଷକ ମାନେ, ପୁରାତନ ଛାତ୍ର ଛାତ୍ରୀ, ବିଦ୍ୟାଳୟ ର ଛାତ୍ର ଛାତ୍ରୀ, ସ୍କୁଲ ପ୍ରତି ଅବଦାନ ରହିଥିବା ବହୁ ଗ୍ରାମବାସୀ ଉପସ୍ଥିତ ଥିବାବେଳେ ମଞ୍ଚ ସଂଚାଳନ ଦାୟିତ୍ୱ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗଗନ ବିହାରୀ ମିଶ୍ର ଓ ଉକ୍ତ ବିଦ୍ୟାଳୟ ର କାର୍ଯ୍ୟରତ ଶିକ୍ଷକ ବିନୟ କୁମାର ସାହୁ ନିର୍ବାହ କରିଥିଲେ । ପରିଶେଷରେ ଶିକ୍ଷକ ବିନୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁର୍ଘଟଣାରେ ଜଣେ ଗୁରୁତର

ଭଞ୍ଜନଗର(ଭାସ୍କର ନ୍ୟୁଜ) : ଶୁକ୍ରବାର ଅପରାହ୍ନ ସମୟରେ କୁଲାଡ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସମୁଖରେ ସ୍କୁଟିକୁ ପଛପଟୁ ଯାତ୍ରୀବାହୀ ଅଟୋ ଧକ୍କା ଦେବା ଫଳରେ କୁଲାଡ ରାଜସ୍ୱ ସହକାରୀ ନିରୀକ୍ଷକ ଇତିଶ୍ରୀ ସେଠୀଙ୍କ ବାମ ହାତଟି ଭାଙ୍ଗିଯିବା ସହ ଗୁରୁତର ହୋଇଥିବା ବେଳେ ଅଟୋରେ ବସିଥିବା ଯାତ୍ରୀମାନେ ମଧ୍ୟ ଆହତ ହୋଇଥିବା ଜଣାପଡିଛି। ଖବର ନେବାରେ ଦିନ ୩ଟା ବେଳେ କୁଲାଡ଼ ଏ ଆରା ଇ ଇତିଶ୍ରୀ ସେଠୀ ନିଜ ସରକାରୀ କାମରେ ଫିଲ୍‌ଡିକୁ ଯାଇ ନିଜ କାର୍ଯ୍ୟାଳୟକୁ ଫେରୁଥିବା ବେଳେ ହଠାତ ଏକ ଯାତ୍ରୀବାହୀ ଅଟୋ ମଧ୍ୟ ସମାନ ଦିଗରେ ସ୍କୁଟି ପଛରେ ଆସୁଥିବା ବେଳେ ଏଆରାଇ ନିଜ କାର୍ଯ୍ୟାଳୟକୁ ଯିବାପାଇଁ ଗାଡିକୁ ବୁଲାଉ ଥିବାବେଳେ ହଠାତ୍ ଅଟୋଚାଳକ ନିୟନ୍ତ୍ରଣ ହରାଇବା ଫଳରେ ସ୍କୁଟିକୁ ଧକ୍କା ଦେଇ ଅଟୋଟି ଓଲଟି ପଡିବା ଫଳରେ ଅଟୋରେ ବସିଥିବା ଯାତ୍ରୀମାନେ ମଧ୍ୟ ଆହତ ହେବା ସହ ଏଆରଇଙ୍କ ବାମ ହାତ ଉପରେ ଚଢିଯାଇଥିଲା। ତୁରନ୍ତ ଆହତ ମାନଙ୍କୁ ଭଞ୍ଜନଗର ମେଡିକାଲକୁ ନିଆଯିବା ସହ ଏଆରାଇ ଇତିଶ୍ରୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ତୁରନ୍ତ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା କୁଲାଡ ଆରାଇ ଭଗବାନ ବେହେରା ସୂଚନା ଦେଇଛନ୍ତି। ସେପଟେ ଅଟୋରେ ବସିଥିବା ଯାତ୍ରୀଙ୍କର ସାମାନ୍ୟ ଆହତ ହୋଇଥିବା ବେଳେ ଅନ୍ୟ ଜଣେ ଯାତ୍ରୀଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିରହିଥିବା ହେତୁ ତାଙ୍କୁ ମଧ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଆହତ ଯାତ୍ରୀଙ୍କ ଗ୍ରାମ ତିଳିସିଙ୍ଗି ପଞ୍ଚାୟତର ଲୁଣବାଲି ଗ୍ରାମ ବୋଲି ଜଣାପଡିଛି।

## ପଞ୍ଚାୟତ ସମିତି ବୈଠକ ||||||||||||

# ସହକାରୀଯନ୍ତ୍ରୀଙ୍କ ମନମାନୀକୁ ଜନପ୍ରତିନିଧିଙ୍କ ପ୍ରତିବାଦ



ବୋଲଗଡ (ଭାସ୍କର ନ୍ୟୁଜ୍): ବୋଲଗଡ ପଞ୍ଚାୟତ ସମିତି ଷଷ୍ଠ ଅଧିବେଶନ ଶୁକ୍ରବାର ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବଗାନ୍ଧୀ ସେବା କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି । ବୈଠକରେ ବ୍ଲକ ଅଧ୍ୟକ୍ଷା ହ୍ଲାସ ପ୍ରଧାନ ଅଧ୍ୟକ୍ଷତା କରିଥିବା ବେଳେ ମଣ୍ଡଳଉନ୍ନୟନ ଅଧିକାରୀ ଶରତ କୁମାର ମଲ୍ଲିକ ପରିଚାଳନା କରିଥିଲେ । ଏଥିରେ ପୂର୍ବ ବୈଠକର ବିବରଣୀ ପଠନ ଓ ଦୃଢ଼ୀକାରଣ, ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଯୋଗାଣ ଓ ଖାଉଟି କଲ୍ୟାଣ, ପାନୀୟଜଳ ଓ ପରିମଳ, କୃଷି ଏବଂ ପଶୁପାଳନ, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ, ଶିଶୁ ଓ ମହିଳା ବିକାଶ, ମିଶନ ଶକ୍ତି ଏବଂ ଓଡିଶା ଜୀବିକା ମିଶନ, ବିଦ୍ୟାଳୟ ଓ ଗଣଶିକ୍ଷା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା,ଅର୍ଥକମିଶନ ଏବଂ ଅନ୍ୟାନ୍ୟ ପ୍ରସ୍ତାବ ଗୁଡିକ ସମ୍ପର୍କରେ ଆଲୋଚନା ହୋଇଥିଲା । ସରକାରଙ୍କ ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆମ ଓଡିଶା ନବୀନ ଓଡିଶାର ଯୋଜନା ଗୁଡିକର କାର୍ଯ୍ୟ ଯାହା ହୋଇନାହିଁ ତାହା କରାଯିବ ନାହିଁ, ଏବଂ ଯାହା ଅଧପାନ୍ତରିଆରେ ରହିଛି ତାକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ଆଲୋଚନା ହୋଇଛି ବୋଲି ଜନପ୍ରତିନିଧି ମାନେ କହିଥିଲେ। ଏହି ସମିତି ବୈଠକ ପୂର୍ବରୁ ବ୍ଲକର ସହକାରୀ ଯନ୍ତ୍ରୀଙ୍କ ଅମୂଲ୍ୟ ବାହିନୀପତିଙ୍କ ମନମାନୀ ବିରୁଦ୍ଧରେ ଜନପ୍ରତିନିଧି ମାନଙ୍କ ପ୍ରତିବାଦ କରି ଅଧ୍ୟକ୍ଷାଙ୍କ ରୁମରେ ହୋ ହାଲ୍ଲା କରିଥିଲେ । ବିଡ଼ିଓ ସମସ୍ତଙ୍କୁ ବୁଝାଇବାପରେ ବୈଠକରେ ଯୋଗଦେଇ ସୁରୁଖୁରୁରେ ଚାଲିଥିଲା। ଅପରପକ୍ଷେ ବ୍ଲକର ଦୁର୍ନୀତି ପଦାରେ ପଡିଯିବା ଭୟରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ପଳାନ୍ତୁ ବୋଲି କହିଥିଲେ ସହକାରୀ ଯନ୍ତ୍ରୀ ଯାହା ଜନପ୍ରତିନିଧିମାନେ ଏହାକୁ ପ୍ରତିବାଦ କରିଥିଲେ । ବୈଠକରେ ବିଧାୟକ ପ୍ରଦୀପ କୁମାର ସାହୁ, ସାଂସଦଙ୍କ ପ୍ରତିନିଧି ପ୍ରକାଶଚନ୍ଦ୍ର ବିଜୁଳି, ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁଙ୍କ ସହିତ ଜିଲ୍ଲା ପରିଷଦର ସଭ୍ୟ / ସଭ୍ୟା ଯୋଗଦେଇଥିଲେ । ବ୍ଲକର ୧୯ ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଅଧିବେଶନରେ ଅଂଶଗ୍ରହଣ କରିଥିଲେ।

# ପଞ୍ଚାୟତ ସମିତିର ୯ମ ବୈଠକ



ଶୁଳିଆପଦା,(ଭାସ୍କର ନ୍ୟୁଜ) : ଶୁଳିଆପଦା ବ୍ଲକ ଅଧ୍ୟକ୍ଷା ପାନମଣୀ ମାର୍ଣ୍ଡିଙ୍କ ଅଧ୍ୟକ୍ଷତାରେ ବ୍ଲକ ସମ୍ମିଳନୀ କକ୍ଷରେ ୯ମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଜିଡିହି ସରପଞ୍ଚ ଖଗେଶ୍ୱର ସିଂଙ୍କ ଅନୁରୋଧ କ୍ରମେ ମୟୂରଭଞ୍ଜ ଜିଲ୍ଲାର ସିନେ ସୁପରଷ୍ଟାର ଉତ୍ତମ ମହାନ୍ତିଙ୍କ ପାଇଁ ନିରବ ପ୍ରାର୍ଥନା ପରେ ଆରମ୍ଭ ହୋଇଥିଲା ସଭାକାର୍ଯ୍ୟ। ଏହି ସଭାକୁ ଶୁଳିଆପଦା ବିଡିଓ ଅନୁପମା ଘୋଷ ପରିଚାଳନା କରିଥିବାବେଳେ ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ,ମିରାଲତା ସିଂ,ବ୍ଲକ୍ ଉପାଧ୍ୟକ୍ଷ ଜ୍ୟୋତିଲାଲ ବାରିକ୍,ସାଂସଦ ପ୍ରତିନିଧି ଭାଗବତ ମାର୍ଣ୍ଡି, ମୋରଡା ବିଧାୟକ ତଥା ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ପ୍ରତିନିଧି ମନୋଜ କୁମାର ଦାଁ, କୋଷ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା.ସିଦ୍ଧେଶ୍ୱର ମାର୍ଣ୍ଡି, ସହକାରୀ ଯନ୍ତ୍ରୀ ନନ୍ଦ କିଶୋର ସୋରେନ୍, ଜିପିଓ ସୁଶାନ୍ତ କୁମାର ରାଉଳ ପ୍ରମୁଖ ମଞ୍ଚାସୀନ ଥିବାବେଳେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ଲାଇନ୍ ଡିପାର୍ଟମେଣ୍ଟ କର୍ମଚାରୀ ଉପସ୍ଥିତ ଥିଲେ। ଜିପିଓଙ୍କ ଦ୍ୱାରା ପୂର୍ବ ବୈଠକରେ ଆଗତ ହୋଇଥିବା ଅଭିଯୋଗ ପାଠ ପରେ ଆଜିର ବୈଠକ ଆରମ୍ଭ ହୋଇଥିଲା ଶୁଳିଆପଦାରେ ସ୍ୱାସ୍ଥ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି। ସେହିପରି ଶିକ୍ଷା ବିଭାଗର ଅନିୟମିତତା ନେଇ ଝାଲିଆମରା ସରପଞ୍ଚ ଉଦବେଗ ପ୍ରକାଶ କରିଥିଲେ। ଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷୟିତ୍ରୀମାନେ ସମୟଠାରୁ ବିଳମ୍ବରେ ଆସି ସମୟର ଯଥେଷ୍ଟ ପୂର୍ବରୁ ଘରକୁ ଫେରୁଥିବା ଅଭିଯୋଗ ଆଣିଥିଲେ କୁଜିଡିହି ସରପଞ୍ଚ। ଝାଲିଆମରା ପଞ୍ଚାୟତରେ ଶିକ୍ଷା ବିଭାଗର ବ୍ୟାପକ ଅନିୟମିତତା ଥିବା ସରପଞ୍ଚ ଦର୍ଶାଇ ଥିଲେ। ସେହିପରି ସମ୍ମୁଖରେ ଖରାଦିନ ଥିବାରୁ ବିଭିନ୍ନ ବିଦ୍ୟାଳୟ ଓ ଗାଁମାନଙ୍କରେ ପାନୀୟ ଜଳର ସମସ୍ୟା ଲାଗିରହିଛି। ମାତ୍ର ୨ ବର୍ଷ ପୂର୍ବରୁ ଏବାବଦରେ ସମିତି ସଭ୍ୟ ସେୟାର ଟଙ୍କା ଦିଆଯାଇଛି ।ଏହା ପୂର୍ବରୁ ୫ଟି ବୈଠକରେ ଏବାବଦରେ ଆଲୋଚନା ହୋଇଥିଲେ ମଧ ବର୍ତ୍ତମାନ ଶୁଦ୍ଧା ବିଭିନ୍ନ ପଞ୍ଚାୟତରେ ଅଧପନ୍ତରିଆ ହୋଇ ପଡିରହିଥିବା ବେଳେ କେଉଠି ପ୍ରକଳ୍ପ ଅଚଳ ହୋଇ ପଡିରହିଥିଲେବି କିଛି ସୁଧାର ହେଉ ନଥିବାରୁ ଉପାଧ୍ୟକ୍ଷ ଶ୍ରୀଯୁକ୍ତ ବାରିକ୍ କାମ କର ନହେଲେ ଟଙ୍କା ଫେରାଅ ବୋଲି ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀ ବିରେନ୍ଦ୍ର ମହାନ୍ତଙ୍କୁ ତାଗିଦ୍ କରିଥିଲେ। ସେହିପରି ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀଙ୍କୁ ବିଡିଓ ବିଭାଗର କେଉଁ କେଉଁ ଯୋଜନାରେ ବିଗତ ବର୍ଷ ମାନଙ୍କରେ କଣ କାର୍ଯ୍ୟ ହୋଇଛି ଏବଂ ଆଗାମୀ ଯୋଜନା କଣ ଅଛି ପଚାରିବାରୁ କୌଣସି ଉତ୍ତର ଦେଇପାରି ନଥିବା ବେଳେ ବିଭାଗର ବିଭିନ୍ନ ପ୍ରସଙ୍ଗ ନେଇ ବିଭିନ୍ନ ପ୍ରଶ୍ନ ବାଣରେ ଘେରିଥିଲେ ନିର୍ବାଚିତ ପ୍ରତିନିଧି ।ଶେଷରେ ତୁରନ୍ତ ରିପୋର୍ଟ ଦେବାକୁ କହିଥିଲେ ବିଡିଓ।

# ଆମ ସଂସ୍କୃତି ଆମ ଖେଳନା କର୍ମଶାଳା



ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଏହି ବ୍ଲକର ଝୁଟଣା ଉପ୍ରା ବିଦ୍ୟାଳୟରେ ସାଧନକେନ୍ଦ୍ରସ୍ତରୀୟ 'ଆମ ସଂସ୍କୃତି, ଆମ ଖେଳନା' କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ପ୍ରଧାନଶିକ୍ଷକ ପ୍ରସନ୍ନ କୁମାର ନାୟକ ଉଦ୍‌ଘାଟନ କରିଥିଲେ। ସାଧନକେନ୍ଦ୍ର ସଂଯୋଜକ ବିପିନ ବିହାର ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ କୁଲଣା ଓ ସାତଶୋଳା କ୍ଲଷ୍ଟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗ ଦେଇଥିଲେ। ଶିକ୍ଷକ ଉଦୟନାଥ ରାଉତ, ପାଣ୍ଡବ ଚରଣ ମହାଳିକ, କୁସୁମଲତା ମହାପାତ୍ର ଓ ଦୁର୍ଗାପ୍ରସାଦ ମାର୍ଥା ପ୍ରଶିକ୍ଷକ ଭାବେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଲବଙ୍ଗଲତା ମଲ୍ଲିକଙ୍କ ସୃଜନାତ୍ମକ କଳା ନିପୁଣତା ଓ ଛବିରାଣୀ ମାଝୀଙ୍କ ହସ୍ତପ୍ରସ୍ତୁତ ଖେଳନାକୁ ପୁରସ୍କୃତ କରାଯାଇଥିଲା।

# ତହସିଲଦାରଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ(ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ତହସିଲଦାର ସରୋଜକାନ୍ତ ନାୟକ ଶୁକ୍ରବାର ରିଲିଭ ହୋଇଯାଇଛନ୍ତି। ଅତିରିକ୍ତ ତହସିଲଦାର ବିକ୍ରମ ମଲ୍ଲିକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ଜଣାଯାଇଛି। ଏହି ଅବସରରେ ତହସିଲ କର୍ମଚାରୀମାନଙ୍କ ପକ୍ଷରୁ ଶ୍ରୀ ନାୟକଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ତହସିଲ ମୁଖ୍ୟ ସହାୟକ ଖଗେନ୍ଦ୍ର ମଢ଼େଇ, ପୂର୍ବତନ ମୁଖ୍ୟ ସହାୟକ ମହିରାଜ ଅଲ୍ଲିଖାଁ, ସୁପରଭାଇଜର ମୃତ୍ୟୁଞ୍ଜୟ ନାୟକ, ସତ୍ୟରଞ୍ଜନ ମଲ୍ଲିକ ପ୍ରମୁଖ ବିଦାୟୀ ତହସିଲଦାରଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ବିଦାୟକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଫେବୃୟାରୀ ମାସ ୧୫ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକାଶିତ ବଦଳି ଆଦେଶ ଅନୁଯାୟୀ ଶ୍ରୀ ନାୟକଙ୍କୁ କେନ୍ଦ୍ରପଡା ଜିଲ୍ଲା ଡେରାବିଶ ତହସିଲଦାର ଭାବେ ବଦଳି କରାଯାଇଥିଲା। ଶ୍ରୀ ନାୟକ ୨୦୨୧ ମସିହା ସେପ୍ଟେମ୍ବର ୨୦ ତାରିଖରେ ଭଣ୍ଡାରିପୋଖରୀ ତହସିଲଦାର ଭାବେ ଯୋଗଦେଇଥିଲେ।



କଟକ(ଭାସ୍କର ନ୍ୟୁଜ): ଭିଜନ ଏମ୍ପାୱାର୍ ଟ୍ରଷ୍ଟ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ଉପଲକ୍ଷେ ବିଜ୍ଞାନ ସପ୍ତାହ ପାଳନ କରାଯାଉଛି। ଏହି ଅବସରରେ ଆଜି ଦୃଷ୍ଟିହୀନ ବିଦ୍ୟାଳୟ, ସିଡ଼ିଏ ସେକ୍ଟର-୧୦, ଆଇଆଇସି କମ୍ପ୍ଲେକ୍ସ,କଟକ ଠାରେ ଏକ ବିଜ୍ଞାନ ମେଳାର ଆୟୋଜନ କରା ଯାଇଥିଲା। ଯେଉଁଥିରେ ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ବିଜ୍ଞାନ ସମ୍ବନ୍ଧୀୟ ପ୍ରକଳ୍ପ ଉପସ୍ଥାପନ କରା ଯାଇଥିଲା। ଏହି ବିଜ୍ଞାନ ମେଳାରେ ପ୍ରତିଯୋଗୀମାନେ ତାଙ୍କ ପ୍ରକଳ୍ପ ଏବଂ ବିଜ୍ଞାନ ସମ୍ବନ୍ଧୀୟ ଅନେକ ପ୍ରଶ୍ନ ଉତ୍ତର ଆଲୋଚନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ବିଦ୍ୟାଳୟର ଛାତ୍ର ଛାତ୍ରୀ ମଧ ଆସି ଉପସ୍ଥିତ ଥିଲେ। ଭିଜନ ଏମ୍ପାୱାର ଟ୍ରଷ୍ଟ ୨୦୧୭ ମସିହାରୁ ଦୃଷ୍ଟିହୀନ ଛାତ୍ରଛାତ୍ରୀମାନଙ୍କ ଶିକ୍ଷା କ୍ଷେତ୍ରରେ ବିକାଶ ପାଇଁ ସାରା ଭାରତରେ ଏସ୍‌ଟିଇଏମ୍ ଏଜୁକେଶନ ଉପରେ ଶିକ୍ଷକ ଏବଂ ଛାତ୍ର ଛାତ୍ରୀ ଙ୍କୁ ତାଲିମ୍ ପ୍ରଦାନ କରିଆସୁଛି। ଫେବୃୟାରୀ ୨୧-୨୮ ମଧ୍ୟରେ ଓଡ଼ିଶାର ୨୭ ଟି ଦୃଷ୍ଟିବାଧିତ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ଅବସରରେ ଭିଜନ ଏମ୍ପାୱାର ଟ୍ରଷ୍ଟ ଦ୍ୱାରା ବିଜ୍ଞାନ ମେଳାର ଆୟୋଜନ କରାଯାଇଥିଲା।

## ଏନ୍‌ଜିଏମ୍‌ଏର ନୂତନ ଶାଖା ପାଇଁ ସହଯୋଗ କରାଯିବ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଦିଲ୍ଲୀ, ମୁମ୍ବାଇ ଓ ବେଙ୍ଗାଲୁରୁ ପରେ ଖୁବ୍‌ଶୀଘ୍ର ଓଡିଶାରେ ଦେଶର ୪ର୍ଥ ନ୍ୟାଶନାଲ ଗ୍ୟାଲେରୀ ଅଫ ମଡର୍ଣ୍ଣ ଆର୍ଟ (ଏନଜିଏମଏ) ଶାଖା ଖୋଲିବାକୁ ଯାଉଛି। ଏଥିପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ଜମି ଓ ଭିତିଭୂମି ସହଯୋଗ ପ୍ରଦାନ କରିବେ ବୋଲି ଲଳିତ କଳା ଏକାଡେମୀଠାରେ ଆୟୋଜିତ ଉତ୍କଳିକା- ଏ ଶୋ ଅଫ ମଡର୍ଣ୍ଣ ଆର୍ଟ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଶ୍ରୀଯୁକ୍ତ ମାଝୀ ଆଧୁନିକ କଳା ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ସୁଦୃଢ କରି କହିଛନ୍ତି ଯେ, ମୁଁ ଭୁବନେଶ୍ୱରରେ ଏନଜିଏମଏର ଶାଖା ଖୋଲିବା ସମ୍ପର୍କରେ ସଂସ୍କୃତି ମନ୍ତ୍ରଣାଳୟକୁ ଚିଠି ଲେଖିଥିଲି ଏବଂ ଏସମ୍ପର୍କରେ ଆଲୋଚନା କରିଥିଲି। ଆମେ କେନ୍ଦ୍ର ସରକାରଙ୍କଠାରୁ ସକାରାତ୍ମକ ପ୍ରତିକ୍ରିୟା ପାଇଛୁ। ଏହି ପଦକ୍ଷେପ ଓଡିଶାର କଳାତ୍ମକ ଐତିହ୍ୟକୁ ସମୃଦ୍ଧ କରିବା ସହ ସ୍ଥାନୀୟ କାରିଗରଙ୍କୁ ସଶକ୍ତ କରିବ ଏବଂ ଆନ୍ତର୍ଜାତୀୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ। ଏହି କାର୍ଯ୍ୟକ୍ରମରେ ଏନ୍‌ଜିଏମ୍‌ଏର ମହାନିର୍ଦ୍ଦେଶକ ଡଃ ସୀବ କିଶୋର ଗୌତମ ଏବଂ ଲଳିତ କଳା ଏକାଡେମୀର ଆଂଚଳିକ ସମ୍ପାଦକ ରାମକ୍ରିଷ୍ଣା ବେଡାଲାଙ୍କ ସମେତ ବହୁ ପ୍ରତିଷ୍ଠିତ କଳାକାର ଓ ସଂସ୍କୃତି କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏନଜିଏମଏ ଓ ଲଳିତ କଳା ଏକାଡେମୀ ପକ୍ଷରୁ ମିଳିତ ଭାବେ ଆୟୋଜିତ ଉତ୍କଳିକା କାର୍ଯ୍ୟକ୍ରମ ଆଧୁନିକ ଓ ସମସାମୟିକ ଭାରତୀୟ କଳାର ଏକ ପ୍ରତିଷ୍ଠିତ ସଂଗ୍ରହକୁ ପ୍ରଦର୍ଶିତ କରିଥିଲା ଯାହା କଳାପ୍ରେମୀ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀମାନଙ୍କ ଧ୍ୟାନ ଆକର୍ଷିତ କରିଥିଲା। ଏହି ଅବସରରେ ଅନ୍ୟ ଅତିଥିମାନଙ୍କ ଗହଣରେ ସାମାଜିକ କାର୍ଯ୍ୟକର୍ତ୍ତା ଗୋଲକ ମହାପାତ୍ର ଓ ଛେଣ୍ଡିପଦାର ବିଧାୟକ ଅଗସ୍ତି ବେହେରା ମଧ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଡଃ ଗୌତମ ଉଲ୍ଲେଖ କରିଥିଲେ ଯେ, ଭାରତର ସମୃଦ୍ଧ କଳାତ୍ମକ ଐତିହ୍ୟକୁ ପ୍ରୋତ୍ସାହିତ କରିବା ଓ ସୃଜନଶୀଳ ଆଲୋଚନାକୁ ସୁଗମ କରିବା ପାଇଁ ଉତ୍କଳିକା ହେଉଛି ଏକ ଉତ୍କୃଷ୍ଟ ମଞ୍ଚ। ଜାନୁଆରୀ ୬ ତାରିଖ ୨୦୨୫ରେ, ୧୮ତମ ଭାରତୀୟ ପ୍ରବାସୀ ଦିବସର ଅଂଶ ଭାବେ ଉଦଘାଟିତ ଏହି ପ୍ରଦର୍ଶନୀରେ ଏନଜିଏମଏର ମୁମ୍ବାଇ କଲେକ୍ସନର ମାଷ୍ଟରପିସ୍‌ଗୁଡିକୁ ପ୍ରଦର୍ଶିତ କରାଯାଇଥିଲା ଯେଉଁଥିରେ ଏସ.ଏଚ. ରାଜା, ଏମ୍.ଏଫ୍. ହୁସେନ, ଏଫ.ଏନ. ସୌଜା, ତାୟେବ ମେହତା ଓ ଭି.ଏସ. ଗାଏତୋଣ୍ଡୋଙ୍କ ଭଳି ମହାନ କଳାକାରମାନଙ୍କ କାରୁକାର୍ଯ୍ୟ ଅନ୍ତର୍ଭୁକ୍ତ ଥିଲା। ରାଜ୍ୟ ସରକାରଙ୍କ ଦୃଢ ସମର୍ଥନ ସହିତ ନୂଆ ଏନଜିଏମଏ ଶାଖା ଭୁବନେଶ୍ୱରକୁ ଆଧୁନିକ ଓ ସମସାମୟିକ କଳା ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବେ ଅବସ୍ଥାପିତ କରିବ ବୋଲି ଆଶା କରାଯାଉଛି, ଯାହା ଓଡିଶାର ସାଂସ୍କୃତିକ କ୍ଷେତ୍ରକୁ ଆହୁରି ମଜବୁତ କରିବ।



ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ମୁଖ୍ୟ ଆକାଉଣ୍ଟାଣ୍ଟ ଜେନେରାଲ ଏବଂ ଆକାଉଣ୍ଟାଣ୍ଟ ଜେନେରାଲ

## ସପ୍ତାହ ବ୍ୟାପି ସପ୍ତମ ଜନଔଷଧି ଦିବସ ପାଳନ ଅବସରରେ ଜନସଚେତନତା ପଦଯାତ୍ରା




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ତରଫରୁ ସପ୍ତାହ ବ୍ୟାପି ସପ୍ତମ ଜନଔଷଧି ଦିବସ ପାଳନ କରାଯାଉଛି। ଏହି ଅବସରରେ ଶନିବାର ଶୈଳସ୍ରୀ ବିହାର ଜଗନ୍ନାଥ ମନ୍ଦିର ଠାରେ ଏକ ଜନଚେତନା ପଦଯାତ୍ରା ଆୟୋଜନ କରାଯାଇଛି। ଏଠାରେ ମୁଖ୍ୟ ଅତିଥି ଭାବେ ସାଂସଦ ଅପରାଜିତା ଷଡ଼ଙ୍ଗୀ, ସମ୍ମାନୀୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଓ କର୍ପୋରେଟର ଯଶୋଧାରା ପ୍ରଧାନ ଯୋଗ ଦେଇଥିଲେ। ଏହି ପଦ ଯାତ୍ରାରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ଲୋକ ଅଂଶଗ୍ରହଣ କରି ଜନଔଷଧି ଔଷଧର ଗୁଣବତ୍ତା ଓ ଉଚିତ୍ ଦାମ ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଅପରାଜିତା ଷଡ଼ଙ୍ଗୀ କହିଛନ୍ତି, ଖୁବ୍ କମ୍ ଦାମ୍ ଅର୍ଥାତ୍ ପାଖାପାଖି ୫୦ ରୁ ୯୦ ପ୍ରତିଶତ କମ୍ ଦାମ୍‌ରେ ଗୁଣବତ୍ତାଯୁକ୍ତ ଔଷଧ ଉପଲବ୍ଧ ହେଉଛି। ଏହା ବ୍ୟତୀତ ଅନେକଙ୍କୁ ନିଯୁକ୍ତି ସୁଯୋଗ ବି ମିଳିଛି। ପ୍ରଧାନମନ୍ତ୍ରୀ ମୋଦି ଜୀଙ୍କ ଶାସନ କାଳରେ ସାରା ରାଜ୍ୟରେ ଖାସ୍ କରି ଭୁବନେଶ୍ୱରରେ ଜନଔଷଧି କେନ୍ଦ୍ର ଖୋଲାଯାଇଛି। ଯେଉଁଠି କମ୍ ଦାମରେ ଭଲ ଓ ଗୁଣାବତ୍ତା ଔଷଧ ମିଳୁଛି। ମୋର ସଂସଦୀୟ କ୍ଷେତ୍ର ତରଫରୁ ଏଭଳି ପ୍ରୟାସ ପାଇଁ ରେ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଉଛି। ପ୍ରତି ଗାଁରେ ଅଧିକରୁ ଅଧିକ ଷ୍ଟୋର ଖୋଲାଯିବନ ଆଉ ଲୋକ ଉପକୃତ ହେବେ ସେ ନେଇ ଓଡ଼ିଶାର ଜନଔଷଧୀ ଦାୟିତ୍ୱରେ ଥିବା ଓଡ଼ିଶା ମୁଖ୍ୟ ଦେବେନ୍ଦ୍ର ନାଥଙ୍କ ସହ ଚର୍ଚ୍ଚା କରିଥିଲେ ଅପରାଜିତା।

## ମାଟ୍ରିକ ପରୀକ୍ଷା: ବିଜ୍ଞାନ ପ୍ରଶ୍ନପତ୍ରରେ ତ୍ରୁଟି
## ପିଲାଙ୍କ ମାର୍କିଂ ଉପରେ ପ୍ରଭାବ ପଡ଼ିବନି: ବୋର୍ଡ ସଭାପତି

କଟକ(ଭାସ୍କର ନ୍ୟୁଜ୍): ମାଟ୍ରିକ ପରୀକ୍ଷାରେ ଶନିବାର ଥିବା ସୋସିଆଲ ସାଇନ୍ସ ପ୍ରଶ୍ନପତ୍ରରେ ତ୍ରୁଟି ପରିଲକ୍ଷିତ ହୋଇଛି। ଶନିବାର ଦିନ ବିଜ୍ଞାନ ବିଷୟରେ ପରୀକ୍ଷା ଥିବା ବେଳେ ୫୦ ମାର୍କ ବଦଳରେ ୪୬ ମାର୍କର ପରୀକ୍ଷା ଦେଇଛନ୍ତି ଛାତ୍ରଛାତ୍ରୀ। 'ସି' ସେଟରେ ୨ଟି ବର୍ଣ୍ଣନାତ୍ମକ ପ୍ରଶ୍ନରୁ ଗୋଟିଏ ରହିଛି। ଏହାକୁ ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପକ୍ଷରେ ମାଟ୍ରିକ ବିଜ୍ଞାନ ପରୀକ୍ଷାରେ ପ୍ରଶ୍ନପତ୍ର ତ୍ରୁଟି ରହିଥିବା ସ୍ୱୀକାର କରିଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ। ପ୍ରତିକ୍ରିୟାରେ ସେ କହିଛନ୍ତି 'ସି' ସେଟ୍ ପ୍ରଶ୍ନ ପତ୍ରରେ ୪ ମାର୍କ ମିସିଂ ରହିଛି। ମୂଲ୍ୟାୟନ ବେଳେ ଏହାକୁ ବୋର୍ଡ କମିଟି ନଜର ଦେବ। ମୂଲ୍ୟାୟନ କମିଟି ଏନେଇନିଷ୍ପତି ନେବେ। ପିଲାଙ୍କ ମାର୍କିଂ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି କହିଛନ୍ତି ବୋର୍ଡ ସଭାପତି । ସୂଚନାଯୋଗ୍ୟ, ଚଳିତ ବର୍ଷ ରାଜ୍ୟରେ ମୋଟ ୫ ଲକ୍ଷ ୨୨ ହଜାର ୩୩୬ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଉଛନ୍ତି। ଫେବ୍ରୁଆରି ୨୧ ତାରିଖରୁ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷା ଆସନ୍ତା ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚଳିତ ଥର ୬୦୦ ପରୀକ୍ଷା କେନ୍ଦ୍ରରୁ ଲାଇଭ୍ ଷ୍ଟ୍ରିମିଙ୍ଗ ବ୍ୟବସ୍ଥା ହୋଇଛି।

## ପୂର୍ତ୍ତ ୱାର୍କଚାର୍ଜଡ୍ ସଂଘର ଘେରାଉ ସ୍ଥଗିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୫ ଦଫା ଦାବି କାର୍ଯ୍ୟକାରିତା ନେଇ ଓଡ଼ିଶା ୱାର୍କସ୍ ଡିପାର୍ଟମେଂଟ ୱାର୍କଚାର୍ଜଡ)/ରେଗୁଲାର କର୍ମଚାରୀ ଆସୋସିଏସନ୍ ମାର୍ଚ୍ଚ ୩ ତାରିଖରେ ଘୋଷଣା କରିଥିବା ଘେରାଉ କାର୍ଯ୍ୟକ୍ରମକୁ ଆସନ୍ତା ଏପ୍ରଲ୍ ତୃତୀୟ ସପ୍ତାହ ପର୍ଯ୍ୟନ୍ତ ସ୍ଥଗିତ ଘୋଷଣା କରିଛି । ଯନ୍ତ୍ରୀମୁଖ୍ୟ (ସିଭିଲ୍)ଙ୍କ ସଭାଗୃହ ପ୍ରକୋଷ୍ଠରେ ଶନିବାର ଯନ୍ତ୍ରୀମୁଖ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଂଘର ଦାବି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ପୂର୍ତ୍ତ ସଚିବ ମାଗିଥିବା ଗ୍ରାଚ୍ୟୁଇଟି ବାବଦରେ ବ୍ୟୟ ଅଟକଳ ଏପ୍ରିଲ୍ ୭ରେ ସରକାରଙ୍କୁ ପ୍ରଦାନ କରିବେ । ପେନ୍‌ସନ୍ ଓ ଅବ୍ୟବହୃତ ଛୁଟି ବେତନ ପ୍ରଦାନ ବାବଦରେ ସରକାରଙ୍କୁ ସୁପାରିଶ କରିବେ। ଏହାବାଦ୍ ଯେଉଁ ୱାର୍କଚାର୍ଜଡ୍ କର୍ମଚାରୀଙ୍କ ଚାକିରୀ ସମୟ ତିନି ବର୍ଷ ଥିବ ସେମାନଙ୍କୁ ଅନ୍ୟତ୍ର ବଦଳି କରାଯିବନି। କ୍ରମାଗତ ଗୋଟିଏ ପୋଷ୍ଟରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରି ଆସିଥିବା ଜନୈକ କ୍ୟାସିୟରକୁ ସ୍ଥାନାନ୍ତର କରାଯିବା ସହିତ ୱାର୍କଚାର୍ଜଡ୍ କର୍ମଚାରୀମାନେ ନିୟମିତ ନିଯୁକ୍ତି ନପାଇବା ପର୍ଯ୍ୟନ୍ତ ନୂତନ ନିଯୁକ୍ତି ନକରିବା ପାଇଁ ସରକାରଙ୍କୁ ଅବଗତ କରାଯିବ। ଆଲୋଚନାରେ ସଂଘର ସାତ ଜଣ ପ୍ରତିନିଧି ଯୋଗଦେଇଥିଲେ ।

## ମାଟ୍ରିକ୍ ବିଜ୍ଞାନ ପ୍ରଶ୍ନପତ୍ରରେ ତ୍ରୁଟି

କଟକ(ଭାସ୍କର ନ୍ୟୁଜ୍): ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ମାଟ୍ରିକ୍ ପରୀକ୍ଷାରେ ଆଜି ବଡ଼ ବିଭ୍ରାଟ ଦେଖିବାକୁ ମିଳିଛି । ଆଜି ଅନୁଷ୍ଠିତ ବିଜ୍ଞାନ ପରୀକ୍ଷାରେ 'ସି' ସେଟ୍ ପ୍ରଶ୍ନପତ୍ରରେ ୪ ମାର୍କ କମ୍ ଥିବା ଅଭିଯୋଗ ହୋଇଛି । ବିଜ୍ଞାନ ବିଷୟରେ ୪ ମାର୍କର ପ୍ରଶ୍ନପତ୍ର କମ୍‌ଥିବା ବୋର୍ଡ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହାକୁ ସ୍ୱୀକରାର କରାଯାଇଛଇ । ଏହି ୪ ମାର୍କ କମ୍ ଥିବାରୁ ପରୀକ୍ଷାର୍ଥୀ ଯେପରି ପ୍ରଭାବିତ ନ ହେବେ ସେ ସମ୍ପର୍କରେ ପରୀକ୍ଷା ପରିଚାଳନା (କଣ୍ଡକ୍ଟିଂ ବୋର୍ଡ) ନିଷ୍ପତି ନେବ ବୋଲି ଆଜି ବୋର୍ଡ ପକ୍ଷରୁ କୁହାଯାଇଛି । ତେବେ ପ୍ରତ୍ୟେକ ସି ସେଟ୍ ନୁହେଁ କେତେକ ସି ସେଟ୍ ପ୍ରଶ୍ନପତ୍ରରେ ଏପରି ତୃଟି ହୋଇଥିବା କୁହାଯାଇଛି । ବୋର୍ଡ ପକ୍ଷରୁ କୁହାଯାଇଛି ଯେ କିଛି ପରୀକ୍ଷା କେନ୍ଦ୍ରକୁ ଯାଇଥିବା ସି ସେଟ୍ ସବଜେକଟିଭ ପ୍ରଶ୍ନ ପତ୍ରରେ ୪ ମାର୍କ ମିସ୍ ପ୍ରିଣ୍ଟିଙ୍ଗ ରହିଛି। ମୂଲ୍ୟାୟନ ବେଳେ ଏହାକୁ ବୋର୍ଡ କମିଟି ନଜର ଦେବ। ପିଲାଙ୍କ ମାର୍କିଂ ଉପରେ ଏହାର ଯେପରି କୌଣସି ପ୍ରଭାବ ପଡ଼ିବ ନାହିଁ ସେଥିପ୍ରତି ବୋର୍ଡ ପକ୍ଷରୁ ଦୃଷ୍ଟି ଦିଆଯିବ । ଅନ୍ୟପକ୍ଷରେ ଆଜି ଆଜି ବିଜ୍ଞାନ ପରୀକ୍ଷାରେ ଆଜି କପି କରି ୧୧ ଜଣ ପରୀକ୍ଷାର୍ଥୀ ଧରା ପଡିଥିବା ଜଣାପଡ଼ିଛି ।

## ୩ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜନଶୁଣାଣି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମାର୍ଚ୍ଚ ୩ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନଶୁଣାଣି ପାଇଁ ସ୍ଲଟ୍ ବୁକିଂ ଆଜି ଶେଷ ହୋଇଛି । ମୁଖ୍ୟମନ୍ତ୍ରୀଙ୍କୁ ଆସନ୍ତା ସୋମବାର ସାକ୍ଷାତ ଅଭିଯୋଗ ପାଇଁ ସର୍ବାଧିକ ୧୦୦୦ଜଣଙ୍କ ପାଇଁ ପଞ୍ଜୀକରଣ ଉଦ୍ଦିଷ୍ଟ ଥିଲା । ଏଥିପାଇଁ ପୂର୍ବ ସୂଚନା ଅନୁସାରେ ଫେବୃୟାରୀ୨୮ ତାରିଖ ପୂର୍ବାହ୍ନ ୧୧ଘଟିକାଠାରୁ ଏହି ସ୍ଲଟ୍ ବୁକିଂ ବା ପଞ୍ଜୀକରଣ ଆରମ୍ଭ ହୋଇଥିବା ବେଳେ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମାର୍ଚ୍ଚ ୧ତାରିଖ ଶନିବାର ଅପରାହ୍ନ ସୁଦ୍ଧା ୧୦୦୦ଜଣ ନିଜ ନିଜର ସ୍ଲଟ୍ ବୁକିଂ କରିସାରିଥିବା ଜଣାଯାଇଛି । ଏହି ସମସ୍ତ ଜନସାଧାରଣ ସେମାନଙ୍କର ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାର ପତ୍ର, ବ୍ୟକ୍ତିଗତ ପରିଚୟ ପତ୍ର ଏବଂ ନିଜର ଅଭିଯୋଗପତ୍ର ସହ ୟୁନିଟ୍-୫, ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ନିଜର ଅଭିଯୋଗ ଜଣାଇବା ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଧାରା ଶ୍ରୀରାଧା ପକ୍ଷରୁ ବସନ୍ତ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଭଞ୍ଜକଳାମଣ୍ଡପଠାରେ ଧାରା ଶ୍ରୀରାଧା ଟ୍ରଷ୍ଟ ଓ ମୁଦ୍ରଣ ସଂସ୍ଥା 'ଧାରା ଶ୍ରୀରାଧା' ପକ୍ଷରୁ ବସନ୍ତ ଉତ୍ସବ-୨୦୨୫ ଉଦଯାପନୀ ହୋଇ ଯାଇଛି । ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଯୋଗ କାର୍ଯ୍ୟକ୍ରମ କରାଯିବା ସହିତ ଶରୀର ଓ ମନର ସୁସ୍ଥତା ପାଇଁ ଏହା ନିତ୍ୟାନ୍ତ ଅପରିହାର୍ଯ୍ୟ ବୋଲି କୁହାଯାଇଥିଲା । ତତ୍ପରେ ଗୁରୁଶ୍ରୀ ପିତାମ୍ବର ବିଶ୍ୱାଳ, ଗୁରୁ ନିରଞ୍ଜନ ରାଉତ, ଗୁରୁ ପ୍ରଭାତ ସ୍ୱାଇଁ ଓ ସନାତନ ନାୟକଙ୍କ ସଂଯୋଜନାରେ ଓଡିଶୀ ସଂଗୀତ, ନୃତ୍ୟ ପରିବେଷଣ କରାଯାଇଥିଲା । ଅନୁଷ୍ଠାନର ଚେୟାରମ୍ୟାନ ଅମରେନ୍ଦ୍ର ମହାପାତ୍ର ଓ କାର୍ଯ୍ୟକାରି ସଭାପତି ସହଦ୍ୱେ ଜୟସିଂଙ୍କ ପୌରାହିତ୍ୟରେ ଉଦଘାଟକ ଭାବେସାହିତ୍ୟିକ ଡ଼ ଇନ୍ଦ୍ରମଣୀ ଜେନା, ମୁଖ୍ୟ ଅତିଥି ଭାବେ ଯନ୍ତ୍ରୀ ପ୍ରଭାତ ରଞ୍ଜନ ମଲ୍ଲିକ, ମୁଖ୍ୟବକ୍ତା ଭାବେ ଡ଼ ନିରଞ୍ଜନ ସାହୁ,ସମ୍ମାନିତ ଅତିଥି ଭାବେ ଭାଷାପ୍ରାଣ ବୈରାଗୀ ଚରଣ ନାୟକ, ଯନ୍ତ୍ରୀ ଶିଶିର କୁମାର ନାୟକ, ପ୍ରତାପ ଚନ୍ଦ୍ର ରାଉତ, ଡ଼ ବିଜୁନି ଚରଣ ସୁତାର ଯୋଗଦେଇ ଏହିପରି ଅନୁଷ୍ଠାନ ମାଧ୍ୟମରେ ଆଜିର ଯୁବ ପୀଢ଼ିଙ୍କୁ ନୂତନ ବାର୍ତ୍ତା, ଜ୍ଞାନ ତଥା ଆମ ମହାନ ପରମ୍ପରାକୁ ଆଗେଇ ନେବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଶେଷରେ ଦୁର୍ଗା ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରଳା ଦେବୀଙ୍କ ନାତୁଣୀ ଭାରତୀ ଦାସଙ୍କ ଦେହାନ୍ତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ ଓ ବିଧାୟିକା ସ୍ୱର୍ଗୀୟ। ସରଳା ଦେବୀ ଓ ମହାନ ସଂଗ୍ରାମୀ ଭାଗିରଥି ମହାପାତ୍ରଙ୍କ ନାତୁଣୀ ବାଲେଶ୍ୱର ସୁନହଟ ନିବାସୀ ଭାରତୀ ଦାସ (୫୭)ଙ୍କ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି। ଗତ ବର୍ଷ ମେ ମାସରେ ତାଙ୍କ ସ୍ୱାମୀ ଅମରେନ୍ଦ୍ର ଦାସଙ୍କ ବାଲେଶ୍ୱରରେ ଦେହାନ୍ତ ହୋଇଥିଲା। ଉଲ୍ଲେଖନୀୟ ଯେ ସ୍ୱର୍ଗୀଆ ଭାରତୀଙ୍କ ପିତା ସ୍ୱର୍ଗୀୟ ଅମିତାଭ ମହାପାତ୍ର କଟକରେ ଜଣେ ନାମଜାଦା ଆଇନଜୀବୀ ଥିଲେ। ସେ ମଧ ସ୍ୱାଧୀନତା ସଂଗ୍ରାମୀ ଥିଲେ। ଜାନକୀବାଲ୍ଲଭ ପଡତତ୍ତ୍ୱ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ସେ କଟକ ନଗର କଂଗ୍ରେସ କମିଟିର ସଭାପତି ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କ ଜ୍ୟେଷ୍ଠ ଭଗିନୀ ନିବେଦିତା, କନିଷ୍ଠ ଭ୍ରାତା ଭବାନୀ (ନୂଆଦିଲ୍ଲୀ), ଏକମାତ୍ର ପୁତ୍ର କଲେଜ ଛାତ୍ର ବିଷ୍ଣୁ ଓ ପରିବାର ବର୍ଗ ତଥା କୁଟୁମ୍ବଙ୍କ ଉପସ୍ଥିତରେ ବାଲେଶ୍ୱରଠାରେ ଭାରତୀଙ୍କ ଶେଷକୃତ୍ୟ ସମାପନ ହୋଇଥିଲା। ସରଳା ଦେବୀ ସ୍ମାରକୀ ଟ୍ରଷ୍ଟ ପକ୍ଷରୁ ଅଧ୍ୟକ୍ଷ ତଥା ଓଡିଶା ଭାସ୍କର ମୁଖ୍ୟ ସଂପାଦକ ପ୍ରଦୋଷ ପଟ୍ଟନାୟକ ଓ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ଭାରତୀଙ୍କ ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ଶୋକସନ୍ତପ୍ତ ପରବାରବର୍ଗଙ୍କ ଉଦ୍ଦେଶ୍ୟରେ ସମବେଦନା ଜ୍ଞାପନ କରିଛନ୍ତି।



ସୁଭଦ୍ରା ଶକ୍ତି ମେଳା ପରିଦର୍ଶନ କରୁଛନ୍ତି ରାଜ୍ୟ ବିଜେପି ଉପସଭାପତି ଗୋଲକ ମହାପାତ୍ର ଓ ଅନ୍ୟମାନେ

## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



କଟକ(ଭାସ୍କର ନ୍ୟୁଜ୍): ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ମହାନଦୀ ବ୍ୟାରେଜ ବିଭାଜନ କାର୍ଯ୍ୟାଳୟର କନିଷ୍ଠ ସହାୟକ ନିମାଇଁ ଚରଣ ସାହୁ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ମୁଖ୍ୟଯନ୍ତ୍ରୀ, ଡ୍ରେନେଜ୍ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଓଡ଼ିଶା ଅମଲା ସଂଘ କଟକ ଜିଲ୍ଲା ଶାଖା ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଅମଲା ସଂଘ, କଟକ ଜିଲ୍ଲା ଶାଖାର ଅଧ୍ୟକ୍ଷ ବିରଞ୍ଚି ନାରାୟଣ ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦାୟୀ କର୍ମଚାରୀ ଶ୍ରୀ ସାହୁଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରାଯିବା ସହ ସଂଘ କାର୍ଯ୍ୟରେ ସକ୍ରିୟ ସଦସ୍ୟ ଭାବେ ଦୃଢ଼, ନିଷ୍ଠାବାନ ଓ କର୍ତ୍ତବ୍ୟନିଷ୍ଠ ମନୋଭାବ ପ୍ରେରଣା ଦେଇଥିବା ସମ୍ପର୍କରେ ସଂଘର ମୁଖ୍ୟ ଉପଦେଷ୍ଟା ହୃଦୟ ବିହାରୀ ମହାପାତ୍ର ଓ ସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ, କର୍ମକର୍ତ୍ତା ବିପଦ ବାନ୍ଧବ ମହାନ୍ତି, ମନୋଜ କୁମାର ତ୍ରିପାଠୀ, ପ୍ରମୋଦ କୁମାର ଦାସ ପ୍ରମୁଖ ମତବ୍ୟକ୍ତ କରିଥିଲେ । ସଭାରେ ସଂଘର ଅନ୍ୟାନ୍ୟ କର୍ମକର୍ତ୍ତା ତଥା ସଦସ୍ୟଙ୍କ ମଧ୍ୟରେ ଲଳିତ ମୋହନ ଶତପଥ, ଅକ୍ଷୟ କୁମାର ସାହୁ, ଗୁରୁଗୋବିନ୍ଦ ଦଳାଇ, ସୌମ୍ୟ ରଂଜନ ସାମଲ, କମଳଲୋଚନ ପାତ୍ର, ସୁଦୀପ କୁମାର ପ୍ରଧାନ, ତପନ କୁମାର ମହାପାତ୍ର, ଇଦ୍ରିସ ମହମ୍ମଦ, ଶୁଭାଶୀଷ ଓଝା, ଜିତେନ୍ଦ୍ର କୁମାର ମହାପାତ୍ର, ସଂଗ୍ରାମ ନାୟକ, ମମତା ଦାଶ, କୁନଲତା ବେହେରା ଓ ନିହାର ରଂଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହିବା ସହ ବିଦାୟୀ କର୍ମଚାରୀ ସାହୁଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା

### ମହିଳା ବିରୋଧୀ ହିଂସା ବୃଦ୍ଧି ପ୍ରତିବାଦରେ କଂଗ୍ରେସର ଆନ୍ଦୋଳନ
## ରାଜ୍ୟରେ ମହିଳା ହିଂସା ସୀମା ଟପିଛି: ଭକ୍ତ ଦାସ




କଟକ(ଭାସ୍କର ନ୍ୟୁଜ୍): ରାଜ୍ୟରେ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଛି କଂଗ୍ରେସ । ଶନିବାର ଭୁବନେଶ୍ୱର ଜିଲ୍ଲା କଂଗ୍ରେସ, ମହିଳା କଂଗ୍ରେସ, ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଘେରାଉ କରିବାକୁ ଯିବାବେଳେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ଆନ୍ଦୋଳନକାରୀ ମାନଙ୍କୁ ପୋଲିସ ଗାଡ଼ିରେ ନେଇ ପରେ ଛାଡ଼ି ଦେଇଥିଲେ। ତେବେ ରାଜ୍ୟରେ ଏଭଳି ବେଭିଚାର ଶାସନ ବିରୁଦ୍ଧରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ତାର ପ୍ରତିବାଦ ଜାରି ରଖିବ। ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ଓ ନ୍ୟାୟ ଦେବାପାଇଁ ଗଣତାନ୍ତ୍ରିକ ଉପାୟରେ କଂଗ୍ରେସ ତାର ଆନ୍ଦୋଳନକୁ ଅଧିକ ତୀବ୍ରତର କରିବବୋଲି ପିସିସି ସଭାପତି ଭକ୍ତଚରଣ ଦାସ କହିଛନ୍ତି। ସେ କହିଛନ୍ତି ବେଟି ବଚାଓ, ବେଟି ପଢ଼ାଓ ସ୍ଲୋଗାନ ଦେଉଥିବା ଡବଲ ଇଞ୍ଜିନ ସରକାରଙ୍କ ୮ ମାସର ଶାସନକାଳ ଲଜ୍ଜାରେ ଭରି ରହିଛି। ଗତ ୮ ମାସ ଭିତରେ ୫୪ଟି ଗଣବଳାତ୍କାର ଘଟଣା ସରକାରଙ୍କ ଆଇନଶୃଙ୍ଖଳାର ବିଫଳତାକୁ ପଦାରେ ପକାଇଛି। ବେଳ ଥାଉ ଥାଉ ସରକାର ଯଦି କୋଠର କାର୍ଯ୍ୟାନୁଷ୍ଠାନ ନଗ୍ରହଣ କରନ୍ତି ଏବଂ ମହିଳା ମାନଙ୍କର ସୁରକ୍ଷାକୁ ପ୍ରାଥମିକତା ନଦିଅନ୍ତି ତାହାଲେ ରାଜ୍ୟ କଂଗ୍ରେସ ଏ ସରକାରକୁ ଶାନ୍ତିରେ ନିଶ୍ୱାସ ମାରିବାକୁ ଦେବ ନାହିଁ ବୋଲି ଶ୍ରୀ ଦାସ କହିଛନ୍ତି। ଆଜିର ଆନ୍ଦୋଳନକୁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ, ସାଂସଦ ପ୍ରାର୍ଥୀ ସୟଦ ୟାସିର ନୱାଜ ଓ ଯୁବ କଂଗ୍ରେସ ନେତା ରଞ୍ଜିତ ପାତ୍ର ପରିଚାଳନ କରିଥିଲେ। ଅନ୍ୟମାନଙ୍କ ଭିତରେ ସୁରେଶ କୁମାର ରାଉତରାୟ, ଶିବାନନ୍ଦ ରାୟ, ପୂର୍ବତନ ମହିଳା କଂଗ୍ରେସ ସଭାପତି ମିନାକ୍ଷୀ ବାହିନୀପତି, ଜାନକୀବଲ୍ଲଭ ପଟ୍ଟନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

### ଜିଲ୍ଲା ପ୍ରଶାସନ ପକ୍ଷରୁ ଦହିବରା ଆଳୁଦମ ଦିବସ ପାଳିତ
## 'ଜିଆଇ ଟ୍ୟାଗ୍ ପାଇଁ ଉଦ୍ୟମ ହେବ'




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଳୁଦମ ଦହିବରା କେବଳ ଖାଦ୍ୟ ନୁହେଁ। ଏହା ଏକ ଆବେଗ । କଟକର ସ୍ଥାନୀୟ ଖାଦ୍ୟ ଭାବେ ଆରମ୍ଭ ହୋଇଥିବା ନିଆରା ଦହିବରା ଆଳୁଦମ ସମୟକ୍ରମେ କଟକର ସାଂସ୍କୃତିକ ପରିଚୟ ପାଲଟିଯିବା ସହ ଖାଦ୍ୟପ୍ରେମୀମାନଙ୍କ ମନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି । ଏହାର ପ୍ରସ୍ତୁତି ଶୈଳୀରେ ରହିଛି ଓଡ଼ିଆ ପରମ୍ପରା ଓ ସ୍ୱାଦର ସ୍ୱର୍ଗୀୟ ଅନୁଭବ ଯାହା ଖାଦ୍ୟପ୍ରେମୀଙ୍କୁ କରେ ମନ୍ତ୍ରମୁଗ୍ଧ । କଟକର ସବୁ ପିଢ଼ୀର ଲୋକଙ୍କୁ ପସନ୍ଦ ଆସୁଥିବା ଏହି ଖାଦ୍ୟ ଏକ ନିତିଦିନିଆ ଆରାମଦାୟକ ଖାଦ୍ୟରେ ପରିଣତ ହୋଇଛି । ଏହି ପରମ୍ପରାକୁ ସମ୍ମାନ ଜଣାଇ ମାର୍ଚ୍ଚ ୧ ତାରିଖରେ ଆରମ୍ଭ କରାଯାଇଛି ଦହିବରା ଆଳୁଦମ୍ ଦିବସ । ପ୍ରତିବର୍ଷ ମାର୍ଚ୍ଚ ୧ ତାରିଖକୁ ଦହିବରା ଦିବସ ଭାବେ ପାଳନ କରାଯିବାକୁ ସ୍ଥିର କରାଯାଇଛି । କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଶନିବାର ସିଲଭର ସିଟି ବୋଟ କ୍ଲବଠାରେ ଆୟୋଜିତ ଦହିବରା ଉତ୍ସବରେ କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ ଯୋଗ ଦେଇ ଦହିବରା ଆଳୁଦମ ପ୍ରତ୍ୟେକ କଟକିଆଙ୍କ ପ୍ରିୟ ଖାଦ୍ୟ ବୋଲି କହିଥିଲେ । ଯିଏ ଯେଉଁଠି ଥାଉ ନା କାହିଁକି କଟକକୁ ଆସିଲେ ପ୍ରଥମେ ଦହିବରା ଆଳୁଦମ ହିଁ ଖୋଜିଥାଏ । ଦହିବରା ଏବେ କେବଳ କଟକରେ ସିମୀତ ହୋଇ ରହିନାହିଁ ଏହା ଦେଶ ବିଦେଶରେ ମଧ ନାଁ କରିସାରିଲାଣି । ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିର୍ଦ୍ଦୋସ ଦହିବରାକୁ କଟକର ଅନ୍ୟତମ ପରିଚୟ ବୋଲି ଅଭିହିତ କରି ଏହି ଖାଦ୍ୟକୁ ଲୋକପ୍ରିୟ କରାଇବାରେ ହଦିବରା ବ୍ୟବସାୟୀମାନଙ୍କର ଭୂମିକାକୁ ପ୍ରଶଂସା କରିଥିଲେ । ଦହିବରା ଆଳୁଦମକୁ ଜିଆଇ ଟ୍ୟାଗ୍ ମିଳିବା ନିମେନ୍ତ ଉଦ୍ୟମ ଜାରି ରହିବ ବୋଲି ସେ କହିଥିଲେ । ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେ କହିଲେ ଯେ ଦହିବରା ଆଳୁଦମକୁ ବିଶସ୍ତରୀୟ ମାନ୍ୟତା ଲକ୍ଷ୍ୟ ନେଇ ଜିଆଇ ଟ୍ୟାଗ ମିଳିବା ନିମନ୍ତେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରୟାସ ଜାରି ରହିଛି । ଏହି ଖାଦ୍ୟକୁ ଆହୁରି ଜନାଦୃତ କରିବା ଲକ୍ଷ୍ୟ ନେଇ କଟକ ଦହିବରା ଆଳୁଦମ ଦିବସ ପାଳନ କରାଯାଉଥିବା ଶ୍ରୀ ଶିନ୍ଦେ ପ୍ରକାଶ କରିଥିଲେ । କଟକ ମହାନଗର ନିଗମ କମିଶନର ଅନାମ ଚରଣ ପାତ୍ର କଟକିଆଙ୍କ ପ୍ରାଣରେ ଦହିବରା ଆଳୁଦମର ବାସ୍ନା ଭରି ରହିଛି ବୋଲି କହିଛନ୍ତି । କାର୍ଯ୍ୟକ୍ରମ ଅବସରରେ ଦହିବରା ବ୍ୟବସାୟୀ ତ୍ରିନାଥ ଓ ବାବୁଲା, ଫୁଡ ବ୍ଲଗର ରୋହିତ ଶ୍ରୀବାସ୍ତବ ଏବଂ ଅଂଶଗ୍ରହଣ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ମାନିତ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ ଧନ୍ୟବାଦ ଅର୍ପଣ କରିଥିଲେ ।



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"

-ମୁନ୍‌ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"

-ଡକ୍ଟର ରାଧାକ୍ରିଷ୍ଣନ୍



# ଫୋର୍ଟ୍ ନକ୍ସ, ଏଲନ୍ ମସ୍କ ଏବଂ ସୁନା ଚୋରି



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ସୁନା - କେଉଁ ଆବାହମାନ କାଳରୁ ମଣିଷକୁ ପ୍ରଲୁବ୍ଧ କରିଆସିଛି। ମାନବ ସମାଜର ପ୍ରବହମାନ ଧାରାରେ କେତେ ଦୁର୍ମୂଲ୍ୟ ପଦାର୍ଥ ଆସିଛି ହେଲେ ଏଇ ହଳଦିଆ ଧାତୁର ଆକର୍ଷଣ ଓ ମୂଲ୍ୟ ଯୁଗପତ୍ ଅତୁଟ ରହିଛି। ମନୁଷ୍ୟ ଦିନକୁ ଦିନ ଏହାର ଚିକିଚିକିଆ ଚେହେରାରେ ବାନ୍ଧି ହୋଇଛି ସିନା, ଏହାର ମୋହରୁ ମୁକୁଳିପାରିନି। ଗରିବ ଲୋକ ହେଉ ବା ଧନଶାଳୀ ବ୍ୟକ୍ତି, ଉନ୍ନତ ଦେଶ ହେଉ ବା ଅବିକଶିତ ଦେଶ, ନିଜ ଭଣ୍ଡାରରେ ଯେତେ ଟଙ୍କା ଥାଉ, ସୁନାର ପରିମାଣ ବଢାଇବାର ଦୁର୍ବାର ଆକର୍ଷଣରୁ ମୁକ୍ତି ପାଇନାହାନ୍ତି। ହୀରା ପରି ଅତି ଦାମୀ ବା ଭଙ୍ଗୁର ନୁହେଁ କିମ୍ବା ରୂପ ପରି ଶସ୍ତା ନୁହେଁ। ଯେକୌଣସି ଆକାରରେ, ଯେକୌଣସି ଜାଗାରେ ରଖି ହୋଇପାରୁଥିବା ଏହି ଧାତୁଟି ସବୁଯୁଗରେ ମନୁଷ୍ୟର ସାମାଜିକ ପ୍ରତିଷ୍ଠା, ମୌର୍ଯ୍ୟ ଓ ଶକ୍ତିବୃଦ୍ଧିରେ ମୁଖ୍ୟ ଭୂମିକା ଗ୍ରହଣ କରିଛି। ପ୍ରତିଡାଳରେ ସୁବର୍ଣ୍ଣପକ୍ଷୀ ବସା ବାନ୍ଧିଥିବାର ଦେଶ ବୋଲି ପୃଥିବୀବିଦିତ ସ୍ୱର୍ଣ୍ଣପ୍ରସୂ ଭାରତ ସେଥିପାଇଁ ଯୁଗଯୁଗ ଧରି ପୃଥିବୀର ବିଭିନ୍ନ ପ୍ରାନ୍ତର ଆକ୍ରମଣକାରୀଙ୍କ ଦ୍ୱାରା ଶହଶହ ବାର ଲୁଣ୍ଠନର ଶିକାର ହୋଇଛି।

ଯୁଗ ଖୁବ୍ ଆଗେଇଛି, ବିଜ୍ଞାନର ଅବିଶ୍ୱସନୀୟ ଅଗ୍ରଗତି ବଳରେ ମଣିଷ ଆଖିପଲକ ମାତ୍ରକେ ଟଙ୍କା କାରବାର କରିପାରୁଛି। ତଥାପି ଦେଶମାନେ ସୁନା ଠୁଳ କରିବାରେ ବ୍ୟସ୍ତ। ଏହାର କାରଣ ହେଉଛି ଯେଉଁ ଦେଶରେ ଯେତେ ବେଶୀ ସୁନା ଗଚ୍ଛିତ ସେ ଦେଶ ସେତେ ସ୍ୱଚ୍ଛଳ ଏବଂ ସବୁ ପ୍ରକାରର ଆପତକାଳୀନ ପରିସ୍ଥିତିକୁ ମୁକାବିଲା କରିବାକୁ ସଫଳ। ଗତ ଶତାବ୍ଦୀର ନବେଦଶକରେ ଦେବାଳିଆ ଭାରତ ପାଖରେ ବହିର୍ବାଣିଜ୍ୟ ପାଇଁ ଯେତେବେଳେ ମାତ୍ର ପନ୍ଦରଦିନର ସାଧନ ଥିଲା ସେତେବେଳେ ନିଜର ସୁନା ବନ୍ଧା ପକାଇ ସରକାର ଦେଶ ଚଳାଇ ଥିଲେ। ସୁନା ସବୁଠାରୁ ବିଶ୍ୱସ୍ତ ଧାତୁ। ହଜାରହଜାର ବର୍ଷ ଧରି ଏହା ଦେଶମାନଙ୍କରେ ବିନିମୟର ମାଧ୍ୟମ ଭାବେ କାମ କରିଆସୁଛି। ତେଣୁ ଦେଶମାନେ ସବୁବେଳେ ନିଜ ପାଖରେ ସୁନା ଜମା ରଖନ୍ତି।

ପୃଥିବୀରେ ସବୁଠାରୁ ଅଧିକ ସୁନା ଆମେରିକା ପାଖରେ ଅଛି। ଆମେରିକାର ନବ ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଉପଦେଷ୍ଟା ସଂସ୍ଥା ଡି.ଓ.ଜି.ଇ.ର ମୁଖ୍ୟ ଏଲନ୍ ମସ୍କ ଆମେରିକାର ଫୋର୍ଟ୍ ନକ୍ସ ଭଣ୍ଡାରରୁ ସୁନା ଚୋରି ହୋଇଯିବାର ସନ୍ଦେହ କରିଛନ୍ତି। ଟ୍ରମ୍ପ ଏବଂ ମସ୍କ ଉଭୟ ଅସ୍ଥିରମତି ଏବଂ ପୋଖତ ବେପାରୀ। ଏହି ବ୍ୟକ୍ତିଦ୍ୱୟ ନିଜର ଉଦ୍ଭ୍ରାନ୍ତ ବକ୍ତବ୍ୟ ପାଇଁ ପ୍ରସିଦ୍ଧ। ବର୍ତ୍ତମାନ ସୁନା ଚୋରି ହୋଇଛି କି ନାହିଁ ତା'ର ଅନୁସନ୍ଧାନ କରାଯିବ। ଆମେରିକାର ଅର୍ଥମନ୍ତ୍ରୀ ସୁନାର ନିୟମିତ ସମୀକ୍ଷା ହେଉଛି ଏବଂ ସୁନା ସମ୍ପୂର୍ଣ୍ଣ ସୁରକ୍ଷିତ ଅଛି ବୋଲି କହିବା ସତ୍ତ୍ୱେ ରାଷ୍ଟ୍ରପତି ଅନୁସନ୍ଧାନ ହେବ ବୋଲି କହିଛନ୍ତି।

ଫୋର୍ଟ୍ ନକ୍ସ ଆମେରିକାର ତିନୋଟି ସୁନା ଭଣ୍ଡାର ଭିତରୁ ଏହା ଅନ୍ୟତମ। ନ୍ୟୁୟର୍କ ସ୍ଥିତ ଫେଡରାଲ ରିଜର୍ଭ ବ୍ୟାଙ୍କର ଭଣ୍ଡାର ଏବଂ ଆମେରିକାର ମୁଦ୍ରଣକେନ୍ଦ୍ର ୱେଷ୍ଟ ପଏଣ୍ଟ ଏବଂ ଡେନ୍‌ଭରରେ ଅଛି। କେଣ୍ଟକି ସହରରେ ପ୍ରାୟ ଏକଲକ୍ଷ ନ'ହଜାର ଏକର ଜମିରେ ନିର୍ମିତ ଫୋର୍ଟ୍ ନକ୍ସ ଏକ ବୃହତ ସୁନାଭଣ୍ଡାର। ଏଠାରେ ସୁନାଇଟା ତିଆରି ହୁଏନି। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ୍ ଏଠାରେ ରଖିବା ପାଇଁ ସୁନାଇଟା ପଠାଇଥାଏ। ମୁଦ୍ରଣାଳୟ ଅନୁସାରେ ଆମେରିକାର ମୋଟ୍ ସୁନାର ୫୯ ପ୍ରତିଶତ ଏଠାରେ ଗଚ୍ଛିତ ଅଛି। ଆମେରିକାର କେଣ୍ଟକି ଐତିହାସିକ ସମାଜ ଅନୁସାରେ ଏହି ଭଣ୍ଡାର ପ୍ରଥମେ ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ଗୋଟିଏ ଗୋଳାବାରୁଦ ଭଣ୍ଡାର ରୂପେ ନିର୍ମିତ ହୋଇଥିଲା। ୧୯୩୬ ମସିହାରେ ଆମେରିକା ବିପ୍ଳବର କମାଣ ମୁଖ୍ୟ ତଥା ଆମେରିକାର ପ୍ରଥମ ଯୁଦ୍ଧମନ୍ତ୍ରୀ ହେନେରି ନକ୍ସଙ୍କ ସ୍ମୃତିରେ ଏହାର ନାମ ରଖାଯାଇଛି। ୧୬୦୦୦ ଘନଫୁଟର ଗ୍ରାନାଇଟ୍ ଏବଂ ୧୪୨୦ ଟନ୍‌ର ଶକ୍ତ ଷ୍ଟିଲ୍‌ରେ ତିଆରି ଏହି ଭଣ୍ଡାର କଡ଼ା ସୁରକ୍ଷାବଳୟ ଭିତରେ ଅଛି। ଏହାର ଚାରିପଟେ କଣ୍ଟାର ବାଡ଼ ରହିଛି। ଏହାକୁ ଆମେରିକାର ସୈନ୍ୟ ଏବଂ ମୁଦ୍ରଣ ପୋଲିସ ଜଗି ଥାଆନ୍ତି। ଏଠାରେ ଏବେ ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକାର ସୈନ୍ୟ ତାଲିମ୍ ଶିବିର ରହିଛି। ୧୯୩୭ ମସିହାରେ ପ୍ରଥମେ ଏଠାକୁ ତେରହଜାର ମେଟ୍ରିକ୍ ଟନ୍ ସୁନା ପଠାଯାଇଥିଲା। ବର୍ତ୍ତମାନ ଏଠାରେ ସଂରକ୍ଷିତ ସୁନାର ପରିମାଣ ୧୪୭.୩ ନିୟୁତ ଆଉନ୍‌ସ୍ ବା ୪୧୭୬ ଗ୍ରାମ୍ (୧ ଆଉନ୍‌ସ୍ = ୨୮.୩୫ ଗ୍ରାମ୍)। ସୁନାର ଅଙ୍କିତ ମୂଲ୍ୟ (ବୁକ୍ ଭେଲ୍ୟୁ) ଆଉନ୍‌ସ୍ ପିଛା ୪୨.୨୨ ଡଲାର ହିସାବରେ ସମୁଦାୟ ଏଠାରେ ଅଛି ୬ ବିଲିଅନ୍ ଡଲାରର ସୁନା। ଏହି ମୂଲ୍ୟ ପ୍ରାୟ ପଚାଶବର୍ଷ ତଳର। ଏହାକୁ ବର୍ତ୍ତମାନର ବଜାରମୂଲ୍ୟରେ ହିସାବ କଲେ ୪୩୬ ବିଲିଅନ୍ ଡଲାର ହେବ।

## ମୁଦ୍ରା କାହାଣୀ

ଫୋର୍ଟ୍ ନକ୍ସ - ନାମରୁ ଏହା ଅତ୍ୟନ୍ତ ସୁରକ୍ଷିତ ବୋଲି ପ୍ରତିପାଦିତ। ଏହାର ରହସ୍ୟ ପାଞ୍ଚ/ଛ' ଜଣଙ୍କୁ ଛାଡ଼ିଦେଲେ କାହାକୁ ଜଣାନାହିଁ। ଏହାକୁ ଖୋଲିବାର ବିଭିନ୍ନ ସ୍ତର ରହିଛି। ଭଣ୍ଡାରର ଇତିହାସରେ ଆଜି ପର୍ଯ୍ୟନ୍ତ ଏହା ମାତ୍ର ତିନିଥର ଖୋଲାଯାଇଛି। ପ୍ରଥମେ ଏହା ୧୯୭୪ ମସିହା ସେପ୍ଟେମ୍ବର ମାସ ୨୩ ତାରିଖରେ ଆମେରିକା କଂଗ୍ରେସର କେତେକ ସାଂସଦ ଏବଂ ସାମ୍ବାଦିକଙ୍କ ପାଇଁ ଖୋଲା ଯାଇଥିଲା। ତାହା ପୂର୍ବରୁ କେବଳ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ରୁଜ୍‌ଭେଲଟ୍‌ଙ୍କର ଏହା ଭିତରକୁ ଯିବାର ଅଧିକାର ଥିଲା। ଦ୍ୱିତୀୟ ଥର ୨୦୧୭ ମସିହା ଅଗଷ୍ଟ ମାସ ୨୪ ତାରିଖରେ ଅର୍ଥମନ୍ତ୍ରୀ, କେଣ୍ଟକି ଗଭର୍ଣ୍ଣର ଏବଂ ଅଳ୍ପ ସାଂସଦ ଏହା ଭିତରକୁ ଯାଇଥିଲେ। ସେତେବେଳେ ମଧ୍ୟ ଟ୍ରମ୍ପ୍ ରାଷ୍ଟ୍ରପତି ଥିଲେ।

ଫୋର୍ଟ୍ ନକ୍ସ କେବଳ ଏକ ସୁରକ୍ଷିତ ସୁନାଭଣ୍ଡାର ନୁହେଁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବିଲ୍ ଅଫ୍ ରାଇଟ୍ସ, ସ୍ୱାଧୀନତା ଘୋଷଣାପତ୍ର ଏବଂ ମୂଳ ସମ୍ବିଧାନ ପରି ଦେଶର ଅନେକ ଗୁରୁତ୍ୱପୂର୍ଣ୍ଣ ନଥିପତ୍ରକୁ ସୁରକ୍ଷିତ ରଖିବା ପାଇଁ ଏଠାରେ ରଖା ଯାଇଥିଲା। ଫୋର୍ଟ୍ ନକ୍ସରେ ଥିବା ସୁନାର ସୁରକ୍ଷା ଉପରେ ଅନେକ ସମୟରେ ପ୍ରଶ୍ନ ସୃଷ୍ଟି ହୋଇଛି। ଏଥର ମସ୍କ ଅନୁସନ୍ଧାନ ବେଳର ଚଳନ୍ତି ଚିତ୍ର ଉତ୍ତୋଳନ ପାଇଁ ପ୍ରସ୍ତାବ ଦେଇଛନ୍ତି। ନିଶ୍ଚିତ ଭାବରେ ଗୋଟିଏ ବିଚିତ୍ର ପ୍ରସ୍ତାବ। ଅନେକ କହନ୍ତି ସୁନାଖଣ୍ଡକୁ କାଢି ନିଆଯାଇ ସେସବୁ ବଦଳରେ ସୁନା ଛାଉଣି ଟଙ୍ଗଷ୍ଟେନ୍ ଖଣ୍ଡ ରଖି ଦିଆଯାଇଛି। ଫୋର୍ଟ୍ ନକ୍ସର ସୁନାଭଣ୍ଡାରର ବିସ୍ତୃତ ସମୀକ୍ଷା ୧୯୫୩ ମସିହାରେ ହୋଇଥିଲା।

ବର୍ତ୍ତମାନ ଯାହା ଜଣାପଡୁଛି ମସ୍କ ଦୁର୍ଲ୍ଲଭ ସୁଯୋଗ ପାଇବାକୁ ଚାହୁଁଛନ୍ତି। ସେ ଜାଣିଛନ୍ତି ଯେ ୨୦୧୭ ମସିହା ପରଠାରୁ କେହି ଭଣ୍ଡାରକୁ ଯାଇନାହାନ୍ତି। ଅଳ୍ପଦିନ ତଳେ ଆଲେକ୍ସ ଜୋନ୍‌ସ୍‌ଙ୍କର 'ମିସିଙ୍ଗ ଗୋଲ୍ଡ' ନାମକ ଏକ ଲେଖାର ଉତ୍ତରରେ ନିଜ ଏକ୍ସ ଆକାଉଣ୍ଟରେ ମସ୍କ ଲେଖିଛନ୍ତି ଯେ କିଏ ଜାଣିଛି ଭଣ୍ଡାର ଭିତରେ ସୁନା ଅଛି କି ନାହିଁ? ଏହା ଲୋକଙ୍କର ଧନ। ଏହାର ବିସ୍ତୃତ ଅନୁସନ୍ଧାନ ହେବା ଉଚିତ। ସେ ଜୋ ବାଇଡେନ୍ ସରକାରଙ୍କ ଆଡ଼କୁ ଇସାରା କରିଛନ୍ତି। ଅର୍ଥବଳରେ ଆମେରିକାର ପ୍ରକୃତ ଶାସନକୁ ଆୟତ୍ତ କରିଥିବା ମସ୍କଙ୍କୁ ଟ୍ରମ୍ପ ଫୋର୍ଟ୍ ନକ୍ସ ଭଣ୍ଡାରର ଅନୁସନ୍ଧାନ ଦାୟିତ୍ୱ ପ୍ରଦାନ କରିଛନ୍ତି।

ଏଲନ୍ ମସ୍କଙ୍କ ସମୀକ୍ଷାରୁ ଯଦି ସୁନା ଠିକ୍ ଥାଏ ବୋଲି ଜଣାପଡ଼େ ତା'ହେଲେ ତ ଠିକ୍। କିନ୍ତୁ ଯଦି ସୁନା ନଥାଏ ତେବେ ଆମେରିକା ଉପରୁ ଲୋକଙ୍କର ବିଶ୍ୱାସ ତୁଟିଯିବ। ଏହା ବ୍ୟତୀତ ପୃଥିବୀର ସବୁ ଦେଶ ବହୁତ ମାତ୍ରାରେ ଆମେରିକୀୟ ଡଲାର ରଖିଛନ୍ତି। ଡଲାରର ମୂଲ୍ୟ ସୁନା ସହିତ ଯୋଡା ହୋଇ ରହିଛି। ସୁନା ଚୋରି ଅର୍ଥ ଡଲାର ମୂଲ୍ୟ ଖସିବା। ବିଦେଶୀ ରାଷ୍ଟ୍ର ଡଲାର ବିକ୍ରି କରିବାକୁ ଆରମ୍ଭ କରିବେ। ଡଲାରର ମୂଲ୍ୟ ପୁଣି ହ୍ରାସ ହେବ। ଆମେରିକାରେ ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ ବାହାରକୁ ଚାଲିଯିବ। ଆମେରିକାରେ ଦରଦାମ୍ ବୃଦ୍ଧି ଘଟିଲେ ଏହା ସାରା ବିଶ୍ୱକୁ ମାଡ଼ିଯିବ। ବିଶ୍ୱ ଅର୍ଥନୀତି ଧ୍ୱଂସମୁଖରେ ପଡ଼ିବ। ତେଣୁ ପ୍ରଶ୍ନ ସୃଷ୍ଟି ହେବା ସ୍ୱାଭାବିକ ଟ୍ରମ୍ପ ଓ ଏଲନ୍ ମସ୍କ ଏମିତି କାହିଁକି ଚାହୁଁଛନ୍ତି।

ବିଶେଷଜ୍ଞଙ୍କ ମତରେ ଉଭୟ ଟ୍ରମ୍ପ୍ ଏବଂ ଏଲନ୍ ମସ୍କ ବିଟ୍ କଏନ୍ ଏବଂ ଡିଜିଟାଲ ମୁଦ୍ରା ପରି ବିକଳ୍ପ ମୁଦ୍ରା ଆଡ଼କୁ ଧାଉଁଛନ୍ତି। ସୁନା ହଜିବାର କଥା ପ୍ରଚାର ହେଲେ ଲୋକେ ବିଶ୍ୱାସ ହରେଇ ଏହି ବିକଳ୍ପ ମୁଦ୍ରା ଆଡ଼କୁ ମୁହାଁଇବେ। ଟ୍ରମ୍ପ୍ ବିଟ୍ କଏନ୍ ଜମାକୁ ବଢ଼େଇବାକୁ ଚାହୁଁଛନ୍ତି। ଏହା ଦେଶର ଅସୁବିଧା ସମୟରେ ସହାୟକ ହେବା ସହିତ ଦେଶର ୩୬ ବିଲିଅନ୍ ଡଲାରର ବିରାଟ ଋଣକୁ ଶୁଝିବାରେ ସାହାଯ୍ୟ କରିବ। ବେନିୟମ ବିଟ୍ କଏନ୍ କାରବାରରୁ ସରକାର ଜବତ କରିଥିବା ବିଟ୍ କଏନ୍ ଏହିପରି ଭାବରେ ଖର୍ଚ୍ଚ କରାଯାଇ ପାରିବ। ଏହା ହୁଏତ ଏକ ନୂଆ ମୌଦ୍ରିକ ବ୍ୟବସ୍ଥାକୁ ବାଟ କାଢ଼ିପାରେ। ଫୋର୍ଟ୍ ନକ୍ସର ବିସ୍ତୃତ ସମୀକ୍ଷା ହେବ କି ନାହିଁ ସମୟ କହିବ। ସେତେବେଳ ଯାଏଁ ଅପେକ୍ଷାରେ ବିଶ୍ୱବାସୀ।

# ବ୍ୟାଙ୍କିଙ୍ଗ ସେବା : ବ୍ୟକ୍ତିଗତ ଋଣ ନେଇ ଅଜଣା ତଥ୍ୟ

ଦୁର୍ଗା ପ୍ରସାଦ ସ୍ୱାଇଁ
ଲିଙ୍କରୋଡ, କଟକ
ମୋ: ୯୮୫୩୦୭୭୭୫୮୫

ଆପଣ ଆର୍ଥିକ ସୁବିଧା ପାଇଁ ବ୍ୟାଙ୍କ ସହ ସୁସମ୍ପର୍କ ଭିତରେ ଋଣ ନେଉଛନ୍ତି କି? ଆମେ ସମସ୍ତେ ଏହା ଜାଣୁ କେବଳ ଭାରତୀୟ ଅର୍ଥନୀତି ନୁହେଁ ପ୍ରତିଟି ବ୍ୟକ୍ତିର ଅର୍ଥନୀତି ଓ ଦେଣନେଣ କାରବାରର ମୁଖ୍ୟ ବନ୍ଧୁ ହେଉଛି ବ୍ୟାଙ୍କ। ତେବେ ବ୍ୟାଙ୍କରେ ଋଣ କଥା ଉଠିଲେ ଅନେକ ଲୋକଙ୍କ ଭିତରେ ଅନେକ ଧାରଣା ସବୁ ଆଲୋଚିତ ହୁଏ। ତେବେ ଆଜି ବିଶେଷକରି ବ୍ୟାଙ୍କରୁ ପର୍ସନାଲ ଲୋନ ବା ବ୍ୟକ୍ତିଗତ ଋଣ ଯାହାକୁ କୁହାଯାଏ ସେ ସମ୍ପର୍କରେ ଏକ ଛୋଟିଆ ତଥ୍ୟଭିତ୍ତିକ ସୂଚନା ଆପଣଙ୍କ ପାଖରେ ରଖୁଛି। ଏହାକୁ କହିବାକୁ ଗଲେ ବ୍ୟାଙ୍କିଙ୍ଗ ଋଣ କ୍ଷେତ୍ରରେ ପାଞ୍ଚଟି ଭୁଲ ଧାରଣା ବା ଆପଣଙ୍କ ପାଇଁ ଅଜଣା ତଥ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ। ଜଣେ ନିଜର ଜରୁରି ଆବଶ୍ୟକତା ପୂରଣ ହେଉ କିମ୍ବା ଭ୍ରମଣ ନିମିତ୍ତ ସପରିବାର ବାହାରକୁ ଯାତ୍ରା। ଏ କ୍ଷେତ୍ରରେ ବ୍ୟାଙ୍କରୁ ଆପଣ ପର୍ସନାଲ ଲୋନ ନେଇପାରିବାର ବ୍ୟବସ୍ଥା ରହିଛି। ଏହି ଋଣ ଆବେଦନ କଲାବେଳେ ବ୍ୟାଙ୍କକୁ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ଜଣାଇବାର ବ୍ୟବସ୍ଥା ରହିଛି। ବ୍ୟାଙ୍କିଙ୍ଗ ଋଣ କ୍ଷେତ୍ରରେ ବ୍ୟକ୍ତିଗତ ଋଣ ଏକ ସୁବିଧାଜନକ ବ୍ୟବସ୍ଥା। କେହି କେହି କୁହନ୍ତି ଯେ ବ୍ୟକ୍ତିଗତ ଋଣ କେବଳ ଜଣଙ୍କର ଦେହ ପା'ର ଉନ୍ନତ ଚିକିତ୍ସା ବା ଚିକିତ୍ସା ସମ୍ବନ୍ଧୀୟ ପାଇଁ। ବ୍ୟକ୍ତିଗତ ଋଣକୁ ଆପଣ ଆପଣଙ୍କର ଅତ୍ୟନ୍ତ ଜରୁରିକାଳୀନ ଖର୍ଚ୍ଚ ତଥା ଅତ୍ୟାବଶ୍ୟକ ସମୟରେ ଲୋଡ଼ା ପଡୁଥିବା ଚିକିତ୍ସା ସମ୍ବନ୍ଧୀୟ ପାଇଁ ବ୍ୟବହାର କରିପାରନ୍ତି ତେବେ ଏହା ବ୍ୟତୀତ ଆପଣଙ୍କର ପାରିବାରିକ ଶୁଭମାଙ୍ଗଳିକ କାର୍ଯ୍ୟକ୍ରମ ବିବାହ କୁହନ୍ତୁ କିମ୍ବା ପାରିବାରିକ ଆନୁଷ୍ଠାନିକ କାର୍ଯ୍ୟକ୍ରମ। ପୁରୁଣା ଘରକୁ ନବୀକରଣ କରନ୍ତୁ ବା ଶିକ୍ଷା ଖର୍ଚ୍ଚ ଏପରିକି ପାରିବାରିକ ଭ୍ରମଣ, ସେକେଣ୍ଡ ହ୍ୟାଣ୍ଡ ଗାଡ଼ି କିଣିବା ଠାରୁ ନୂଆ ବ୍ୟବସାୟଟି ଆରମ୍ଭ କରିବା ହେଉ। ଏସବୁଥିରେ ମଧ୍ୟ ବ୍ୟକ୍ତିଗତ ଋଣ ବ୍ୟବହାର କରାଯାଇପାରିବ।

ଆମେ ଏହି ପର୍ସନାଲ ଲୋନ ବା ବ୍ୟକ୍ତିଗତ ଋଣ ପ୍ରସଙ୍ଗ ଭିତରେ ଅନେକଙ୍କ ଠାରେ ରହିଥିବା ଏକ ଭୁଲ ଧାରଣା ସମ୍ପର୍କରେ ଉଲ୍ଲେଖ କରୁଛୁ। ଏହା ବ୍ୟାଙ୍କିଙ୍ଗର ବ୍ୟବସ୍ଥା ଯେ ବ୍ୟକ୍ତିଗତ ଋଣ ପାଇଁ ୭୫୦ରୁ ଅଧିକ କ୍ରେଡିଟ ସ୍କୋର ଅତ୍ୟନ୍ତ ଆବଶ୍ୟକ ବା ଅନିବାର୍ଯ୍ୟ। ଋଣ ଲାଗି ଏକ ଉଚ୍ଚ କ୍ରେଡିଟ ସ୍କୋର ଉପକାରୀ ହେଉଥିବାବେଳେ ଏହା କିନ୍ତୁ ଅନିବାର୍ଯ୍ୟ ନୁହେଁ। ଅନେକ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ଏମିତି ଲୋକମାନଙ୍କୁ ବି ବ୍ୟକ୍ତିଗତ ଋଣ ପ୍ରଦାନ କରନ୍ତି ଯାହାର କ୍ରେଡ଼ିଟ ସ୍କୋର ୭୦୦ - ୭୫୦ ଭିତରେ ରହିଥାଏ। କେତେକ ଅବସ୍ଥାରେ ୭୦୦ରୁ କମ୍ ସ୍କୋର ଥିଲେ ମଧ୍ୟ ଋଣ ମିଳିପାରିବ। ଏ ନେଇ ଆପଣ ଋଣ ଆବେଦନ କରିବା ସମୟରେ ସବିଶେଷ ଭାବେ ବ୍ୟାଙ୍କ ଠାରୁ ବୁଝିପାରିବେ।

ବ୍ୟକ୍ତିଗତ ଋଣ ସମ୍ବନ୍ଧରେ ଆଲୋଚନା କଲାବେଳେ ସବୁଠାରୁ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ଆମେ ଏଠାରେ ଆଲୋଚନାଟି ରଖୁଛୁ। ଅନେକଙ୍କ ଭିତରେ ଏକ ଧାରଣା ରହିଛି ଯେ ଜଣେ ସରକାରୀ କର୍ମଚାରୀ ଅର୍ଥ ତାଙ୍କ ପାଇଁ ବ୍ୟକ୍ତିଗତ ଋଣ ପାଇବା ନିଶ୍ଚିନ୍ତ ଓ ସହଜ ସାଧ୍ୟ। ତେବେ ଏ କ୍ଷେତ୍ରରେ ଏକ ଭୁଲ୍ ଧାରଣା ସମ୍ପର୍କରେ ଆମେ ଉଲ୍ଲେଖ କରୁଛୁ ଯେ କେବଳ ସରକାରୀ ଚାକିରିଆମାନେ ନୁହଁନ୍ତି ଏହା ବ୍ୟତୀତ ଆତ୍ମନିଯୁକ୍ତ ବ୍ୟକ୍ତିବିଶେଷ ତଥା ସଫଳ ଉଦ୍ୟୋଗୀ ଏବଂ ସମାଜରେ ଆର୍ଥିକ ବା ସାମାଜିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ତଥା ସଫଳବୃତ୍ତିରେ ଥିବା ବ୍ୟକ୍ତି ବିଶେଷମାନେ ମଧ୍ୟ ବ୍ୟକ୍ତିଗତ ଋଣ ନେଇପାରିବେ। ତେବେ କେହି କେହି ଋଣ ପ୍ରସଙ୍ଗରେ ଏକ ଅନାଲୋଚିତ ଦିଗ ସମ୍ପର୍କରେ ମତାମତ ରଖନ୍ତି ଯେ ଋଣ କରିବା ଆଦୌ ଠିକ୍ ନୁହଁ କିନ୍ତୁ ଏଠାରେ ଆମେ ସ୍ପଷ୍ଟ କରୁଛୁ ଯେ ଜଣଙ୍କର ଆର୍ଥିକ ଦିଗକୁ ସ୍ୱଚ୍ଛଳ ନିମିତ୍ତ ଏବଂ ସ୍ୱାବଲମ୍ବୀ ଭାବେ ନିଜେ ସମାଜରେ ସ୍ୱାଭିମାନର ସହ ଜୀବନ ତିଆରି କରିବା କ୍ଷେତ୍ରରେ ବ୍ୟକ୍ତିଗତ ଋଣ ଦାୟିତ୍ୱପୂର୍ଣ୍ଣ ଓ ବ୍ୟବସ୍ଥିତ ଭାବେ ବ୍ୟବହାର ହେଲେ ଏହାର ଅନେକ ଉପକାରୀ ଆର୍ଥିକ ସାଧନ ହୋଇପାରିବ। ଭାରତ ସରକାରଙ୍କ ଅର୍ଥ ବିଭାଗ ସମାଜର ଅଭାବୀ, କମ୍ ଗୁଜୁରାଣ ସମ୍ପନ୍ନ ଲୋକମାନଙ୍କ ଅର୍ଥନୀତିକୁ ସୁଦୃଢ଼ କରିବା ସହ ସେମାନଙ୍କର ଜୀବନର ଆନନ୍ଦମୟ ଅଗ୍ରଗତି ପାଇଁ ଅନେକ ଯୋଜନା, ସହାୟତା ଓ ପୃଷ୍ଠପୋଷକତା ଦେଉଛନ୍ତି। ଆପଣ ବ୍ୟକ୍ତିଗତ ଋଣଟି ଯେଉଁ ମହତ୍ ଭାବନା ରଖି ଆପଣଙ୍କ ଅର୍ଥପୂର୍ଣ୍ଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ କିମ୍ବା ଦାୟିତ୍ୱ ନିର୍ବାହ ପାଇଁ ନେଇଛନ୍ତି ଏହାକୁ ହିଁ ଭଲ ଭାବେ ପାଳନ କରନ୍ତୁ। ସେହିପରି ଆପଣ ଋଣ ଆବେଦନ ପୂର୍ବରୁ ଆପଣଙ୍କ ନିକଟସ୍ଥ ଯେଉଁ ବ୍ୟାଙ୍କରୁ ଆପଣ ପର୍ସନାଲ ଲୋନ ନେବା ପାଇଁ ଇଚ୍ଛୁକ ଭଲ ଭାବେ ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ ଏବଂ ଆପଣ ଋଣ ଆବେଦନ ସମୟରେ ବ୍ୟାଙ୍କକୁ ସମସ୍ତ ତଥ୍ୟ ସଠିକ ଭାବେ ପ୍ରଦାନ କରନ୍ତୁ। କୌଣସି ତଥ୍ୟ ଗୋପନୀୟ ରଖନ୍ତୁ ନାହିଁ କିମ୍ବା ବ୍ୟାଙ୍କକୁ ଜଟିଳ କିମ୍ବା ଭୁଲ୍ ତଥ୍ୟ ପ୍ରଦାନ କରନ୍ତୁ ନାହିଁ। ଏହା କେବଳ ବ୍ୟାଙ୍କ ପାଇଁ ଅସୁବିଧାଜନକ ନୁହଁ ବରଂ ପରବର୍ତ୍ତୀ ସମୟରେ ଆପଣଙ୍କ ପାଇଁ ସୂଚନା କ୍ଷେତ୍ରରେ ଅସୁବିଧାଜନକ ସାବ୍ୟସ୍ତ ହେବ। ଆମେ ଭାରତର ପ୍ରତିଟି ନାଗରିକ ଆମ ଦେଶ ପାଇଁ ଯେଉଁ ସୁକର୍ତ୍ତବ୍ୟନିଷ୍ଠା ଓ ଦେଶ ପ୍ରତି ଭଲ ପାଇବା ଓ ସମ୍ମାନ ରହିଛି ସେଥି ଭିତରୁ ଗୋଟିଏ ଭଲ ଦିଗ ହେଉଛି ବ୍ୟାଙ୍କ ସହ ସମ୍ପର୍କ ରକ୍ଷା ବେଳେ ଏହାକୁ ଆମେ ପରମ ମିତ୍ର ଭାବେ ଗ୍ରହଣ କରି କୌଣସି ଭୁଲ ତଥ୍ୟ ଦେବାନାହିଁ କିମ୍ବା ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ସମୟ ଆମ ଭୁଲ ତଥ୍ୟ ପାଇଁ ଯେପରି ନଷ୍ଟ ନହୁଏ ସେ ଦିଗକୁ ମଧ୍ୟ ଟିକେ ଦେଖିବା। ଅନେକ କ୍ଷେତ୍ରରେ ଦେଖାଯାଏ ଜଣଙ୍କର ଭୁଲ ତଥ୍ୟ, ଭ୍ରାନ୍ତଧାରଣା ଓ କିଛି ଗୋପନୀୟତା ବ୍ୟାଙ୍କ ଓ ସମ୍ପୃକ୍ତ ଆକାଉଣ୍ଟ ହୋଲଡରଙ୍କ ଭିତରେ ଏକ ଭୁଲ ବୁଝାମଣା ସୃଷ୍ଟି କରିବାକୁ ସମର୍ଥ ହୋଇଥାଏ। ଆପଣଙ୍କର ଗୋଟିଏ ଛୋଟିଆ ଭୁଲ୍ କିମ୍ବା ଭୁଲ୍ ତଥ୍ୟ କେବଳ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ନୁହେଁ ଭାରତୀୟ ଅର୍ଥନୀତିର ମୂଲ୍ୟବାନ ସମୟକୁ ନଷ୍ଟ କରିଥାଏ। ତେଣୁ ଜଣେ ଜାଗ୍ରତ ନାଗରିକ ଭାବେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ଆପଣ ବ୍ୟକ୍ତିଗତ ଋଣ ନେଇ ଆପଣଙ୍କର ମହତ୍ କାର୍ଯ୍ୟ ସାଧନ କରନ୍ତୁ ଏବଂ ଆପଣଙ୍କର ଏହି ଆର୍ଥିକ ସାଧନ ମଙ୍ଗଳମୟ ତଥା ଶୁଭଙ୍କର ହେଉ ଏହି କାମନା ଆମ ତରଫରୁ ରଖୁଛୁ।

# ଆମ ପରିବେଶ କେତେ ସୁରକ୍ଷିତ !

ଡ. ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ : ୮୨୪୯୫୦୨୭୭୬

ପରିବେଶ ପ୍ରଦୂଷଣ ହେଉଛି ଆମ ସମୟର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା। ଫଳସ୍ୱରୂପ, ବର୍ତ୍ତମାନର ଜନସଂଖ୍ୟାର ସ୍ୱାସ୍ଥ୍ୟ ଯଥେଷ୍ଟ ଖରାପ ହେବାରେ ଲାଗିଛି ଏବଂ ସବୁଠାରୁ ଖରାପ କଥା ହେଉଛି ଭବିଷ୍ୟତ ଜେନେରେସନଙ୍କ ଜୀବନ ପାଇଁ ଏକ ଅତ୍ୟନ୍ତ ପ୍ରତିକୂଳ ପରିବେଶ ପରିସ୍ଥିତି ସୃଷ୍ଟି ହୋଇଛି। ସବୁବେଳେ ସଭ୍ୟତା ହିଁ ପ୍ରକୃତି ଏବଂ ପରିବେଶର ଅବସ୍ଥା ଉପରେ ଖରାପ ପ୍ରଭାବ ପକାଇଥାଏ। କିନ୍ତୁ ସମସ୍ତେ ଏହି ନକାରାତ୍ମକ ପ୍ରଭାବକୁ ହ୍ରାସ କରିପାରିବେ। ଯଦିଓ ଜଣେ ବ୍ୟକ୍ତି ଏହା ବିଷୟରେ ଚିନ୍ତା କରନ୍ତି ଏବଂ ନିଜର ଅଭ୍ୟାସକୁ ଟିକିଏ ପରିବର୍ତ୍ତନ କରନ୍ତି, ତେବେ ସିଏ ପରିବେଶ ସନ୍ତୁଳନ କରିବାରେ ସହାୟକ ହୋଇପାରିବେ। ଆସନ୍ତୁ ଏ ପରିବେଶ ଉପରେ ଟିକେ ଆଲୋକପାତ କରିବା।

ପରିବେଶ କହିଲେ ଆମ ଚତୁଃପାର୍ଶ୍ୱରେ ଥିବା ଅରଣ୍ୟ, ପ୍ରକୃତି, ନଦୀ, ସାଗର ଓ ଅନନ୍ତ ଅରୀକ୍ଷକୁ ବୁଝାଏ। ତେବେ ପ୍ରକୃତି, ଜୀବଜନ୍ତୁ ଓ ମନୁଷ୍ୟର ସମବାୟରେ ପରିବେଶ ହୋଇଛି ପରିପୂର୍ଣ୍ଣ। ଜନ୍ମ ଓ ମୃତ୍ୟୁର ପୃଷ୍ଠଭୂମିରେ ପରିବେଶ ପରିବର୍ତ୍ତନର ଅନାହତ ଲୀଳା ସଂଘଟିତ ହେଉଛି। ତେବେ ଏହି ସନ୍ତୁଳନ ବିପର୍ଯ୍ୟସ୍ତ ହେଲେ ମନୁଷ୍ୟର ସ୍ଥିତି ଯେ ବିପନ୍ନ ହୋଇଉଠିବ ଏଥିରେ ସନ୍ଦେହ ନାହିଁ। ଏହା ସର୍ବସ୍ୱୀକାର୍ଯ୍ୟ ଯେ ଜୀବଜଗତ ତିଷ୍ଠି ରହିବା ପାଇଁ ପରିବେଶର ଏକ ପ୍ରମୁଖ ଭୂମିକା ରହିଛି। ମୁଖ୍ୟତଃ ପରିବେଶର ତିନୋଟି ଉପାଦାନ ଜଳ, ବାୟୁ ଓ ଶବ୍ଦ ପ୍ରଦୂଷିତ ହେଲେ ସମଗ୍ର ଜୀବଜଗତ ଧ୍ୱଂସ ପ୍ରାପ୍ତ ହେବ। ତେଣୁ ଏଗୁଡ଼ିକର ସୁରକ୍ଷା ଏକାନ୍ତ ଜରୁରି। ଆମେ ଜାଣିଛୁ ଜଳର ଅନ୍ୟନାମ ଜୀବନ। ଜଳର ଶୁଦ୍ଧତା ଉପରେ ସମଗ୍ର ଜୀବଜଗତ ନିର୍ଭରଶୀଳ। କିନ୍ତୁ ବୈଜ୍ଞାନିକ ପ୍ରଗତି, ଦ୍ରୁତ ଶିଳ୍ପାୟନ, ଜନସଂଖ୍ୟା ବୃଦ୍ଧି ଆଜି ଜଳ ପ୍ରଦୂଷଣର ମୂଳ କାରଣ ହୋଇଛି। ବିଭିନ୍ନ ଶିଳ୍ପ କାରଖାନାର ବର୍ଜ୍ୟବସ୍ତୁ ଓ ବିଷାକ୍ତ ରାସାୟନିକ ପଦାର୍ଥ, ସହରାଞ୍ଚଳର ଆବର୍ଜନା ଆଦି ନଦୀ ଜଳରେ ମିଶି ଜଳକୁ ପ୍ରଦୂଷିତ କରୁଛି। ଏହାର ସୁରକ୍ଷା ଆବଶ୍ୟକ, ସେହିଭଳି ବାୟୁ ପ୍ରଦୂଷଣ ଜୀବଜଗତ ଉପରେ ଗଭୀର ପ୍ରଭାବ ପକାଉଛି। ଦ୍ରୁତ ଜଙ୍ଗଲ କ୍ଷୟ, ବିଭିନ୍ନ ଜାଳେଣି ଦ୍ରବ୍ୟର ବହୁଳ ଉପଯୋଗ ହେତୁ ବାୟୁ ମଣ୍ଡଳରୁ ଅମ୍ଳଜାନ ପରିମାଣ ହ୍ରାସ ପାଉଛି। ଶବ୍ଦ ପ୍ରଦୂଷଣ ମଧ୍ୟ ପରିବେଶକୁ ପ୍ରଦୂଷିତ କରୁଛି। ଏସବୁ ବିପରୀତ ପ୍ରତିକ୍ରିୟାରୁ ପରିବେଶକୁ ସୁରକ୍ଷା ଦେବା ପାଇଁ ପଦକ୍ଷେପ ଲୋଡ଼ା।

ପରିବେଶ ସୁରକ୍ଷା ପାଇଁ ଆଜି ଏକ ଆହ୍ୱାନର ସମୟ ଉପସ୍ଥିତ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିପାଇଁ ବିହିତ ପଦକ୍ଷେପ ନେବା ଜରୁରି। ଜଳ ପ୍ରଦୂଷଣକୁ ରୋକିବା ପାଇଁ ବିଭିନ୍ନ ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରାଯିବା ଆବଶ୍ୟକ। ସାମ୍ପ୍ରତିକ ଶିଳ୍ପ ସମୃଦ୍ଧ ଯୁଗରେ ଶିଳ୍ପାୟନ ପ୍ରତି ଗୁରୁତ୍ୱ ପ୍ରଦାନ କରାଯାଉଥିଲେ ମଧ୍ୟ ପରିବେଶର ସୁରକ୍ଷା ପାଇଁ ଧ୍ୟାନ ଦିଆଯିବା ଆବଶ୍ୟକ। ସର୍ବୋପରି ଜନସଚେତନତା ବୃଦ୍ଧି ପରିବେଶ ସୁରକ୍ଷାର ସର୍ବଶ୍ରେଷ୍ଠ ପନ୍ଥା। ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଏଥିପାଇଁ ଉଦ୍ୟମ ହେବା ଉଚିତ। ପରିବେଶ ସୁରକ୍ଷା ଏକ ଜରୁରି ଆବଶ୍ୟକତା। ପରିବେଶ ପ୍ରଦୂଷଣ ହେତୁ ବହୁ କ୍ଷୟକ୍ଷତି ଘଟି ସାରିଲାଣି। ନାନାବିଧ ଦୁରାରୋଗ୍ୟ ବ୍ୟାଧି ବ୍ୟାପିଲାଣି। ବିରଳ ଜୀବ କ୍ଷୟ ହୋଇ ପ୍ରାକୃତିକ ସମ୍ପଦ ହୀନଶ୍ରୀ ହେଲାଣି। ଆମକୁ ପରିବେଶ ସୁରକ୍ଷା ପ୍ରତି ଦୃଢ଼ ମାନସିକତା ପୋଷଣ କରିବାକୁ ହେବ। ନଚେତ୍ ଏହାର ମନ୍ଦଫଳ ମାନବ ସମାଜକୁ ହିଁ ଭୋଗିବାକୁ ହେବ।

# ଦେଶପ୍ରେମୀ ହମିଦ୍ ମଉସାଙ୍କ ମନକଥା



ଭାସ୍କର ବାରିକ୍
ବାସୁଦେବପୁର, ଭଦ୍ରକ
ମୋ: ୯୪୩୭୩୨୦୩୫୦

'ନିଜେ ଶାନ୍ତିରେ ବଞ୍ଚିବା ସହିତ ଅନ୍ୟକୁ ଭଲରେ ବଞ୍ଚିବାର ଅଧିକାରକୁ ସୁରକ୍ଷା ଦେବା ପ୍ରତ୍ୟେକ ମଣିଷର କର୍ତ୍ତବ୍ୟ। ଦେଶର ନାଗରିକ ଭାବରେ ମାନବୀୟ ଗୁଣ, ରାଷ୍ଟ୍ରଭକ୍ତି, ଦେଶପ୍ରେମକୁ ଆଦରି ନେଇ ସମାଜ ଓ ଦେଶକୁ ଆହୁରି ସରସ ସୁନ୍ଦର କରି ଗଢ଼ି ତୋଳିବାରେ ରହିଛି ପ୍ରତ୍ୟେକ ଭାରତୀୟ ନାଗରିକ ମାନଙ୍କର ଦାୟିତ୍ୱବୋଧ। ଆମର ଏହି ବିଶାଳ ଦେଶରେ କିଛି ସୁବିଧା ଅସୁବିଧା ଥାଇପାରେ। ଖାଦ୍ୟପେୟ, ଆଚାର ବ୍ୟବହାର, ଚିନ୍ତାଧାରା, ଇତିହାସ, ଭୂଗୋଳ, ଲୋକକଥା, କଳା, ସଂସ୍କୃତି, ସଂସ୍କାର, ସାହିତ୍ୟ, ଭାସ୍କର୍ଯ୍ୟ ଇତ୍ୟାଦି ବିଭିନ୍ନ ରାଜ୍ୟରେ, ବିଭିନ୍ନ ଅଞ୍ଚଳରେ ଅଲଗା ଅଲଗା ହେଇପାରେ। କିନ୍ତୁ ସର୍ବୋପରି ଆମ ସମସ୍ତଙ୍କର ମୂଳ ସଭ୍ୟତା ଏକ। ଏ ଦେଶ ଏକ ଖୁବ୍ ସୁନ୍ଦର ଦେଶ। ପ୍ରକୃତରେ ସମଗ୍ର ବିଶ୍ୱରେ ବିରଳ ଭାରତ ପରି ଦେଶ। କେଉଁ ଆଦିମ କାଳରୁ ଜ୍ଞାନ ବିଜ୍ଞାନ, ମଠ ମନ୍ଦିର, ସ୍ଥାପତ୍ୟ, ଆଭିଜାତ୍ୟପୂର୍ଣ୍ଣ କଳା ସଂସ୍କୃତିରେ ଭରପୂର ଗୌରବମୟ ଭାରତୀୟ ସଭ୍ୟତା ଧରାଧାମରେ ବିଦ୍ୟମାନ। ହିନ୍ଦୁସ୍ଥାନରେ ବସବାସ କରୁଥିବା ପ୍ରତ୍ୟେକ ଲୋକ ହିନ୍ଦୁସ୍ଥାନୀ। ବିଭେଦତା ସତ୍ତ୍ୱେ ଏକତା ଭାରତୀୟ ସଭ୍ୟତା ଓ ସଂସ୍କୃତିର ଏକ ବିଶେଷ ମହତ୍ତ୍ୱପୂର୍ଣ୍ଣ ଦିଗ। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ପରିଲକ୍ଷିତ ହେଉଛି କିଛି ଉଦ୍ଭ୍ରାନ୍ତ ଅବିବେକୀ କେଉଁ ଏକ ଅଜବ ନିଶାରେ ନିଶାସକ୍ତ ଧର୍ମର ଠିକାଦାରୀ କରୁଥିବା ଅମଣିଷ ମାନଙ୍କର ପ୍ରରୋଚନାରେ ବେଶ୍ କିଛି ଲୋକ ପଶୁ ପ୍ରବୃତ୍ତିରେ ପାଗଳ। ନିଜେ ଅମଣିଷ ଅନ୍ଧ ଧର୍ମାନ୍ଧ, ପୁଣି ସେହି ପୁରାତନ ପ୍ରସ୍ତର ଯୁଗର ବାଟରେ ଚାଲିବା ପାଇଁ ନିରକ୍ଷର, ଅଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ ଓ କେତେକ କ୍ଷେତ୍ରରେ ବହୁ ଉଚ୍ଚ ଶିକ୍ଷିତ ଲୋକମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଇ ମୁଣ୍ଡ ଚାଟି ସଫାକରି ମଲାପରେ ଅନେକ ସୁନ୍ଦରୀମାନଙ୍କ ସହିତ ଶାନ୍ତିରେ ରହିବାର ମିଛ ଆଶ୍ୱାସନା ଦେଇ ସେମାନଙ୍କ ଜୀବନକୁ ତଳିତଳାନ୍ତ କରୁଛନ୍ତି। ଜୀବନ ନାଟକ ସରିଲା ପରେ ଏମିତି କେଉଁ ବ୍ୟକ୍ତି ନିଜର ଶରୀର ନେଇ ଉପରକୁ ଯାଇଛି କି? ଅଯୁକ୍ତିକର, ଅଦୃଶ୍ୟ ମିଛ ମିଠା ମହକର ମାୟାଜାଲ ପଛରେ ଗୋଡ଼େଇବାର ମାନେ କ'ଣ ଆମେ ଯେତେବେଳେ ସତରେ ଈଶ୍ୱରଙ୍କ ବଗିଚାରେ ଆରାମରେ ବସବାସ କରୁଛନ୍ତି। ବାସ୍ତବତାକୁ ଭୁଲି ଧର୍ମାନ୍ଧତା ମୂର୍ଖାମୀର ସବୁ ସୀମାରେଖା ଡେଇଁଗଲା ପରେ ଜୀବନ ଶେଷରେ ମୁଠାଏ ପାଉଁଶରେ ପରିଣତ ହେବ। ଏଇଟା ନିରାଟ ସତ୍ୟ।' ଏତେ କଥା କହି ସାରିବା ପରେ ଟିକିଏ ନୀରବ ରହିଲେ ମଉସା। ପୁଣି କହିଲେ- 'ଜୀବନରେ ଅନେକ ବର୍ଷ ଶିକ୍ଷକତା କରିଛି। ସବୁ ଧର୍ମର, ସବୁ ବର୍ଗର, ସବୁ ଜାତିର ଛାତ୍ରଛାତ୍ରୀଙ୍କୁ ପାଠ ପଢେଇଛି। ସବୁବେଳେ ପିଲାମାନଙ୍କୁ ମଣିଷ ପରି ମଣିଷ ହେବାକୁ ଉପଦେଶ ଦେଇଛି। ମାନବବାଦକୁ ଆଦରି ନେବା, ସମାଜ ଓ ଦେଶ ମାତୃକାର ସେବାରେ ଜୀବନର ପ୍ରକୃତ ସଫଳତା ଓ ସାର୍ଥକତା ରହିଛି ବୋଲି ବୁଝେଇଛି। ଘରେ ମୁଁ ଆଲ୍ଲାଙ୍କୁ ଡାକେ କିନ୍ତୁ କେଉଁ ମନ୍ଦିର ବା ଗୁରୁଦ୍ୱାର ଦେଇ ଗଲାବେଳେ ଆପଣାଛାଏଁ ମୋ ମୁଣ୍ଡ ନଇଁଯାଏ କାରଣ ମୁଁ ଜାଣିଛି ଆମ ସମସ୍ତଙ୍କର ମାଲିକ ଜଣେ। ଯଦି କେଉଁଠି ଭଜନ କୀର୍ତ୍ତନ ହେଉଥାଏ, ତାହେଲେ ମୁଁ ଶୁଣିବାକୁ ବି ଯାଏ। ମୁଁ ବୁଝିଛି, ଯିଏ ଯେମିତି ଯେଉଁ ବାଟରେ ଉପରବାଲାଙ୍କୁ ଡାକୁ, ଉପରବାଲା ଭକ୍ତର ପ୍ରାର୍ଥନା ନିଶ୍ଚୟ ଶୁଣନ୍ତି। ଆମ ନିଜ ଘର ଯେମିତି, ଆମ ପାଇଁ ଆମ ଦେଶମାତୃକା ବି ସେମିତି। ଇଟା, ଲୁହାଛଡ଼, ସିମେଣ୍ଟ, ବାଲିରେ ତିଆରି ହେଇଥିବା ଗୋଟିଏ ସୁନ୍ଦର ଘର ଭିତରେ ରହୁଥିବା ଲୋକମାନଙ୍କର ଯଦି କାହାରି ମନ କାହାରିକୁ ପାଉନି, ସମସ୍ତେ ଯଦି ନିଜ ନିଜର ସ୍ୱାର୍ଥ ସାଧନ ସକାଶେ ଲାଗି ରହନ୍ତି ତା'ହେଲେ ସେ ଘରର ଉନ୍ନତି ପ୍ରଗତି ଅସମ୍ଭବ। ଏକତା, ଭଲପାଇବା, ସମ୍ବେଦନଶୀଳତା, ସହଯୋଗିତା, ସ୍ନେହ ଶ୍ରଦ୍ଧା ସମ୍ମାନ, ଆଦର ଯଦି କାହା ପ୍ରତି କାହାର ନାହିଁ, ତାହେଲେ କଥା ସରିଲା। ସମୟ ଅନୁସାରେ ନିଜ ଘରର ଗୁମର କଥା ବାହାରେ ପଡ଼ିବ, ହାଟରେ ପଡ଼ି ଦାଣ୍ଡରେ ଗଡିବ ଓ ତା'ପରେ ବାହାର ଲୋକ ଏ ଦୁର୍ବଳତାର ଫାଇଦା ନେବେ। ଏଇ ଯେମିତି କିଛି ବେଇମାନ ଅମଣିଷମାନଙ୍କ ପାଇଁ ଅତୀତରେ ବିଧ୍ୱଂସକାରୀ ବିଦେଶୀମାନେ ଭାରତର ଏକତାର ଅଭାବ ଓ ଦୁର୍ବଳତାର ଫାଇଦା ନେଇ ଏ ଦେଶକୁ ଲୁଣ୍ଠନ କରିଥିଲେ ଶହଶହ ବର୍ଷଧରି। ଖିଲିଜ୍, ମୋଗଲ, ଇଂରେଜମାନେ ଏ ଦେଶ ସହିତ ଯାହା କରିଛନ୍ତି, ତାହାକୁ ଭାଷାରେ ପ୍ରକାଶ କରିବା ଅସମ୍ଭବ। ତେଣୁ ଅଦୂରଦର୍ଶୀ ହେଲେ, ପରିଣାମ ତ ଭୋଗିବାକୁ ହେବ। ଘୁଷୁରୀ ପରି ଡ୍ରେନର ଗନ୍ଧିଆ ପାଣିରେ ବୁଡ଼ି ରହିଲେ, ଦେହରୁ ତ ଉତ୍କଟ ଦୁର୍ଗନ୍ଧ ବାହାରିବ। କୂଅ ଭିତରେ ରହିଲେ, କୂଅ ବାହାରେ ଥିବା ବିରାଟ ଆଲୋକମୟ ଦୁନିଆକୁ ଦେଖିବାର ସୁଯୋଗ ଆସିବ କେମିତି। ପରିବାରର ସାମୂହିକ ସ୍ୱାର୍ଥ ଭୁଲି ନିଜ ନିଜର ବ୍ୟକ୍ତିଗତ ସୁବିଧା ପଛରେ ଧାଇଁବାର ଫଳ ଶେଷରେ ଏଇଆ ହେବ ଯେ ଘରର ଶାନ୍ତି ଭଙ୍ଗ ହେବ। ଠିକ୍ ସେମିତି ଭାରତ ଭଳି ଏକ ବିଶାଳ ଦେଶରେ ପାଖାପାଖି ୧୪୦ କୋଟିରୁ ଅଧିକ ଲୋକ ବସବାସ କରୁଛନ୍ତି। କିଛ ଜିଦିଆ ଗୋଷ୍ଠୀ ଯଦି ଗୋଡାଣିଆ ହୋଇ ନିଜର ସ୍ୱାର୍ଥ ସାଧନ ଓ ସୁବିଧା ହାସଲ କରିବା ପଛରେ ଧାଇଁବେ, ଅନ୍ଧ ବିଶ୍ୱାସରେ ବୁଡ଼ି ରହିବେ ତା'ହେଲେ ଦେଶର ଅବସ୍ଥା କ'ଣ ହେବ। ମାଆକୁ ଭଲ ପାଇବା ବଦଳରେ ବାହାର ଦେଶରେ ରହୁଥିବା ମାଉସୀ ପ୍ରେମରେ ପାଗଳ ହେବା କେତେଦୂର ଯଥାର୍ଥ? ଏମିତି ଲୋକ ତ ଜଙ୍ଗଲରେ ରହୁଥିବା ରକ୍ତ ପିପାସୁ ପଶୁମାନଙ୍କ ଠାରୁ ବି ଆହୁରି ଭୟଙ୍କର। ନିଜର ଏନ୍ତୁଡ଼ିଶାଳ ଯେଉଁଠି, ସେହି ଘରର ସୁଖଶାନ୍ତିକୁ ଉଜାଡ଼ି ଦେବାକୁ ଏମାନେ ଏତେ ବ୍ୟାକୁଳ ବ୍ୟଗ୍ର କାହିଁକି? ଏହା କେବେ ବି ସୁସ୍ଥ ମାନସିକତା ନୁହେଁ ବରଂ ଏହା ଶାଗୁଣା ଓ ପିଶାଚ ପ୍ରବୃତ୍ତି।'

ମଉସାଙ୍କ ସହିତ କଥା ଆରମ୍ଭ ହେଇଥିଲା ଏବେ ଚାଲୁଥିବା କ୍ରିକେଟ୍ ଖେଳର ଚାମ୍ପିଅନ୍ ଟ୍ରଫିକୁ ନେଇ। ଏହି ଚାମ୍ପିଅନ୍ ଟ୍ରଫିରେ ମୋଟ ଆଠଟି ଦେଶର କ୍ରିକେଟ ଟିମ୍ ଖେଳୁଛନ୍ତି। ଭାରତ, ପାକିସ୍ତାନ, ବାଂଲାଦେଶ ଓ ନିୟୁଜିଲାଣ୍ଡ ଗ୍ରୁପ୍ 'ଏ'ରେ। ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ ଓ ଆଫଗାନିସ୍ତାନ ଗ୍ରୁପ୍ 'ବି'ରେ। ୨୦୨୫ ଫେବୃଆରି ମାସ ୨୩ ତାରିଖରେ ଦୁବାଇରେ ଭାରତ ଓ ପାକିସ୍ତାନ ଭିତରେ ଚାମ୍ପିଅନ୍ ଟ୍ରଫିର ଏକ ମ୍ୟାଚ ଖେଳା ଯାଇଥିଲା ଯେଉଁ କ୍ରିକେଟ ମ୍ୟାଚ୍‌ରେ ଭାରତ ତା'ର ପ୍ରତିଦ୍ୱନ୍ଦ୍ୱି ପାକିସ୍ତାନକୁ ବିରାଟ ବ୍ୟବଧାନରେ ପରାସ୍ତ କରିଥିଲା। ଏହି ମ୍ୟାଚରେ ଭାରତରେ ରହୁଥିବା କିଛି ଅମଣିଷ ନିଜ ଦେଶକୁ ସମର୍ଥନ କରିବା ବଦଳରେ ପାକିସ୍ତାନକୁ ସମର୍ଥନ କରିବାକୁ ଯାଇ ଖୋଲାଖୋଲି କୁଆଡେ ପାକିସ୍ତାନ ଜିନ୍ଦାବାଦର ନାରାବାଜି କରିଥିଲେ ମୁମ୍ବାଇର ଏକ ଜାଗାରେ। ଏମିତି ଘଟଣା ବହୁବାର ଆଗରୁ ବି ଘଟିଛି ଭାରତର ବିଭିନ୍ନ ପ୍ରାନ୍ତରେ। ଖାଲି ଏତିକି ନୁହେଁ, ଭାରତ ମାଟିରେ ଅଲଗା ଦେଶର ଜାତୀୟ ପତାକା କିଛି ଜାଗାରେ ଉଡେଇବା ଭଳି ଅପରାଧ ବି ଘଟିଛି ଧର୍ମାନ୍ଧତାକୁ ଆପଣେଇ ବାଟ ଚାଲୁଥିବା ଅମଣିଷ ପଶୁମାନଙ୍କ ଦ୍ୱାରା। ବାସ୍ତବତା ଠାରୁ, ଆଧୁନିକତାର ଆଲୋକ ପାଖରୁ ନିଜକୁ ଦୂରେଇ ରଖୁଥିବା କିଛି ଧର୍ମାନ୍ଧ ମାନଙ୍କର ଏମିତି ପ୍ରାୟୋଜିତ ଘଟଣା ଖୁବ୍ ଆଘାତ ଦେଇଥିଲା ହମିଦ୍ ମଉସାଙ୍କ ହୃଦୟକୁ। ଏମିତି ଘଟଣା ଶୁଣିଲେ ମଉସା ତାଙ୍କ ଭାବାବେଗକୁ ଅଟକେଇ ପାରନ୍ତିନି। ମଉସା ପୁଣି କହି ଚାଲିଲେ ଓ ମୁଁ ଏକ ନୀରବ ଗୁଣମୁଗ୍ଧ ଶ୍ରୋତା ଭାବରେ ତାଙ୍କର ପ୍ରତ୍ୟେକ ଶବ୍ଦକୁ କାନଡ଼େରି ଶୁଣିଲି। 'ଜାଣିଶୁଣି ଭିଡ ହିଂସା ଘଟେଇବା, ଅନ୍ୟର ଆସ୍ଥା ବିଶ୍ୱାସକୁ ଆଘାତ କରିବା ଭଳି ଅସଂଖ୍ୟ ଘଟଣାରେ ମର୍ମାହତ ହେଇଛି ଏ ବୃଦ୍ଧ ହମିଦ୍। ଭାରତରେ ଜନ୍ମ ହୋଇ, ଭାରତର ପାଣି ପବନରେ ବଡ଼ହେଇ ଏମିତି କୁକର୍ମ ଦେଶ ବିରୋଧୀ କାମ କରିବାକୁ ଏମାନଙ୍କର ବିବେକ କେମିତି ବାଧକ ହେଉନି? ନା ଏମାନେ ବିବେକଶୂନ୍ୟ ଅମଣିଷ? ନିଜ ଦେଶର ବିଜୟ, ଉନ୍ନତି ପ୍ରଗତି ଚିନ୍ତା କରିବା ବଦଳରେ ବାହାର ଦେଶର ଗୁଣଗାନ କରିବା କ'ଣ ଠିକ୍? କେବେ ଲୁଚିଛପି କେବେ ଖୋଲାଖୋଲି ଭାରତକୁ ଆଘାତ କରି ଲହୁ ଲୁହାଣ କରିବାର କୁତ୍ସିତ ମାନସିକତା ଆପଣେଇ ନେଉଥିବା ବର୍ବରମାନଙ୍କୁ କଠୋରରୁ ଅତି କଠୋର ଦଣ୍ଡବିଧାନର ଆବଶ୍ୟକତା ରହିଛି ମୋ'ର ବୋଲି ମନେହୁଏ। ନିଜ ଦେଶ, ନିଜ ଜନ୍ମସ୍ଥାନ, ଜନ୍ମମାଟିକୁ ଭୁଲି ମଧ୍ୟଯୁଗୀୟ ସମୟର କେଉଁ ଏକ ଅଜବ ବିଚାରଧାରାକୁ ଆପଣେଇ ନେଇ ଭାରତ ବିରୋଧୀ କାର୍ଯ୍ୟକଳାପରେ ଲିପ୍ତ ରହିବା ଆଦୌ ଗ୍ରହଣୀୟ ନୁହେଁ। ସବୁ ସଚେତନ ଦେଶପ୍ରେମୀ ଭାରତୀୟମାନଙ୍କ ମନକୁ ଏମିତି ଚିନ୍ତା ଆସିବା ବି ଦରକାର। ଯେଉଁ ଲୋକମାନଙ୍କର ଏ ଦେଶ ଭାରତ ପ୍ରତି ଭଲପାଇବା ନାହିଁ, ଆନ୍ତରିକତା ନାହିଁ, ଯେଉଁମାନଙ୍କୁ ଏ ଦେଶରେ ରହିବାକୁ ଡର ଲାଗୁଛି, ଅତ୍ୟାଧୁନିକ ଯୁଗରେ ଯେଉଁମାନଙ୍କ ପାଇଁ ଟିଭି ଦେଖିବା ପାପ, ମୋବାଇଲ୍ ଧରିବା ଧର୍ମ ବିରୋଧୀ, ସିନେମା ଦେଖିବା, ଗୀତ ଶୁଣିବା ଅପରାଧ, ନାରୀ ଶିକ୍ଷା ଉପରେ ଅନେକ କଟକଣା, ଆଧୁନିକ ଶିକ୍ଷା ବିଜ୍ଞାନ ଗ୍ରହଣୀୟ ନୁହେଁ, ସେମାନେ କୂଅ ଭିତରେ ରହୁଥିବା ବେଙ୍ଗ ପରି। ଏମିତି ଘୃଣ୍ୟ ସଙ୍କୁଚିତ ଜୀବନ ଜିଇଁବାର ମାନେ କ'ଣ। କିନ୍ତୁ ଦୁର୍ଭାଗ୍ୟ ଯେଉଁମାନେ ଏପ୍ରକାର କୁଶିକ୍ଷାକୁ ମନ୍ତ୍ର ପ୍ରଚାର କରୁଛନ୍ତି, ସେହି ଧର୍ମର ଠିକାଦାରମାନେ ଜାତୀୟସ୍ତରର ଟିଭିରେ ଅତ୍ୟାଧୁନିକ ପୋଷାକ ପିନ୍ଧି ଧର୍ମଜ୍ଞାନ ଦେଉଛନ୍ତି। ହାତରେ ଲକ୍ଷ ଲକ୍ଷ ଟଙ୍କାର ମୋବାଇଲ୍ ଧରୁଛନ୍ତି। ସୋସିଆଲ ମିଡିଆରେ ନିଜର ଭିଡିଓ ଛାଡ଼ି ଅମାପ ଟଙ୍କା ରୋଜଗାର କରୁଛନ୍ତି। ଆଉ କିଛି ଭକୁଆ ଗୋଷ୍ଠୀ କିଛି ନବୁଝି ଭଣ୍ଡ ଶାଗୁଣାମାନଙ୍କ ପଛରେ ଅନ୍ଧ ଭାବରେ ଧାଇଁଛନ୍ତି। ଭାରତ ପରି ପବିତ୍ର ମହାନ ଦେଶରେ ରହି ଜାଣିଶୁଣି ବାରମ୍ବାର ମାରାତ୍ମକ ଭୁଲ୍ କରୁଥିବା ଲୋକମାନେ ସାବଧାନ ହେବା ଉଚିତ୍। ନିଜର ଭୁଲ୍ ବୁଝିପାରି ଠିକ୍ ରାସ୍ତାରେ ଚାଲିଲେ ସମସ୍ତଙ୍କ ପାଇଁ ଶୁଭଙ୍କର ଓ ମଙ୍ଗଳମୟ। ଆଧୁନିକତା ସହିତ ନିଜର ବିତ୍ତଶାଳୀ ସଂସ୍କୃତି ସଂସ୍କାର ଐତିହ୍ୟ ସଭ୍ୟତାକୁ ଛାତି କଳିଜାରେ ଜାବୁଡି ଧରି ଦ୍ରୁତଗତିରେ ଆଗକୁ ବଢୁଛି ଭାରତବର୍ଷ। ଏହି ପବିତ୍ର ମାଟିରେ ବସବାସ କରୁଥିବା ଅନ୍ଧ ଧର୍ମାନ୍ଧମାନେ ସୁଧୁରିଯିବା ଜରୁରି। ଧର୍ମାନ୍ଧତାକୁ ଜୀବନର ବ୍ରତ କରି ବାଟ ଚାଲୁଥିବା ବିପଥଗାମୀ ମଣିଷମାନଙ୍କୁ ଭାରତକୁ ନିଜର ମାଆ ବୋଲି ସ୍ୱୀକାର କରିବାକୁ ହେବ ନହେଲେ ଏ ଦେଶରେ ରହିବାର କୌଣସି ନୈତିକ ଅଧିକାର ତୁମ ଭଳି ଅମଣିଷ ମାନଙ୍କର ନାହିଁ। ଜଙ୍ଗଲି ମାନସିକତା ନେଇ ଯିଏ ଏ ଦେଶର କ୍ଷତି କରିବାକୁ ଚେଷ୍ଟା କରିବ, ତାକୁ ଭୟଙ୍କର ପରିଣାମ ଭୋଗିବାକୁ ହେବ।'

ଖୁବ୍ ଉତ୍ତେଜିତ ହେଇ ଉଠୁଥିଲେ ହମିଦ୍ ମଉସା। ଠିକ୍ ଏହି ସମୟରେ ଘରୁ ମାଉସୀଙ୍କ ଫୋନ୍ ଆସିଲା। ହୁଏତ ଆଉ କିଛି ସମୟ ମେହେନ୍ଦି ରଙ୍ଗରେ ରଙ୍ଗାୟିତ ଗହଳିଆ ଚୁଟି ଓ ଫ୍ରେଞ୍ଚ କଟ୍ ଦାଢ଼ିଥିବା ଏହି ବିଜ୍ଞ ଅଭିଜ୍ଞ ପ୍ରଣମ୍ୟ ମଉସାଙ୍କ ମୁହଁରୁ ଅଧିକ କିଛି ଶୁଣିବାର ସୁଯୋଗ ମିଳିଥାନ୍ତା। କିନ୍ତୁ ମଉସା ହଠାତ୍ ମୁରୁକି ହସି କହିଲେ, 'ଆଜି ସନ୍ଧ୍ୟାରେ ତୁମ ମାଉସୀ ସହିତ 'ଛାବା' ମୁଭି ଦେଖିବାକୁ ଯିବି। ଏଥିପାଇଁ ପୁଅ ଟିକେଟ କାଟି ଦେଇଛି। ଆଉ ବେଶି ସମୟ କଥା ହେଲେ ଠିକ୍ ସମୟରେ ଫିଲ୍ମହଲ୍‌ରେ ପହଞ୍ଚି ପାରିବିନି। ଆଉ ତମେ ତ ତମ ମାଉସୀଙ୍କ କଥା ଜାଣିଛ। ତାଙ୍କର ଯଦି ଆଜି ଫିଲ୍ମଦେଖା ନହେଲା, ତା'ହେଲେ ବୋଧହୁଏ ରାତିରେ ଆଉ ଖାଇବାକୁ ମିଳିବନି।' ମଉସାଙ୍କ କଥାଶୁଣି ତାଙ୍କୁ ହସିହସି ବିଦାୟ ଦେଲି ନମସ୍କାର କରି ଆଉ ମଉସା ଆଶୀର୍ବାଦ କରିବା ଭଙ୍ଗିରେ ସଦା ଖୁସିରୁହ ବୋଲି ଉଚ୍ଚାରଣ କରି ଚାଲିଗଲେ। ମୁଁ ଅନେଇ ରହିଥିଲି ଏହି ବୃଦ୍ଧ ଦେଶପ୍ରେମୀଙ୍କ ଯିବାବାଟ ଆଡ଼କୁ ଓ ମନେ ମନେ ବିଶ୍ଳେଷଣ କରୁଥିଲି ପଥର ଫିଙ୍ଗାଳି, ପାକିସ୍ତାନ ଜିନ୍ଦାବାଦ ନାରାବାଜି କରୁଥିବା ଅମଣିଷମାନଙ୍କର କୁତ୍ସିତ ମାନସିକତାକୁ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର





କୋରେଇ, (ଭାସ୍କର ନ୍ୟୁଜ): କୋରେଇ ବ୍ଲକ ଅନ୍ତର୍ଗତ ବୈତରଣୀ ନଦୀ ରଣପୁର ଚୋରା ବାଲି ଘାଟ ଦୀର୍ଘଦିନ ଧରି ଚାଲିଆସୁଥିଲା ଯାହାକୁ ଶନିବାର ଯାଜପୁର ଲଘୁ ଖଣିଜବିଭାଗ କୋରେଇ ପୋଲିସ ଅଚାନକ ଚଢ଼ାଉ କରିଛି। ବଡ ବଡ ଗାଡ଼ି ଚାଲୁଥିବା ବେଳେ ଯାହାକୁ ନେଇ ୩ ରୁ ୪ ପଞ୍ଚାୟତ ବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଦଶମ ପରୀକ୍ଷା ଚାଲିଥିବା ବେଳେ ପରୀକ୍ଷାର୍ଥୀ ମାନେ ଅସନ୍ତୋଷ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ଏନେଇ ବାରମ୍ବାର ଅଭିଯୋଗ ହେଇ ଆସୁଥିଲା। ଶନିବାର ଲଘୁ ଖଣିଜବିଭାଗ କୋରେଇ ପୋଲିସ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଚଢ଼ାଉ କରି ୩ ଟ୍ରାକ୍ଟର, ଗୋଟେ ଟିପ୍ପର, ୨ ଟା ପୋକ୍ଲିନ ଧରିବାରେ ସଫଳ ହୋଇଛି। କୋରେଇ ବୈତରଣୀ ନଦୀରେ ଏକାଧିକ ସରକାରୀ ସ୍ୱୀକୃତିପ୍ରାପ୍ତ ବାଲିଘାଟ ଥିବାବେଳେ ମୁକୁନ୍ଦପୁର ଠାରୁ ବରୁଣ୍ଡେଇ ରାସ୍ତା କାମ ଚାଲିଥିବା ବେଳେ ଏହି ରାସ୍ତା ଉପରେ ଚାଲୁଥିବା ସରକାରୀ ବାଲି ଘାଟ ଗୁଡ଼ିକ ବନ୍ଦ ରହିଛି। ଏହି ସମୟରେ ବାଲି ମାଫିଆ ମାନେ ରଣପୁର ବାଲି ଘାଟକୁ ପ୍ରଶାସନ ଆଖିରେ ଧୂଳିଦେଇ ଦିନ ଦ୍ୱିପ୍ରହରେ ସହସହ ବାଲି ବୋଝେଇ ଟ୍ରକ ଚାଲୁଥିବା ବେଳେ କୋଟି କୋଟି ଟଙ୍କା ସରକାର ରାଜସ୍ୱ ହରାଉଛନ୍ତି। ଆଜିର ଏହି ଚଢାଉ ପରେ କୋରେଇ ଅଞ୍ଚଳବାସୀ ଖୁବ୍ ଖୁସି ଅନୁଭବ କରୁଥିବା ଦେଖିବାକୁ ମିଳିଛି।

# ଖୁଟିଂ ମନ୍ଦିର ଲାଗି ୧୦୨କୋଟି, ଶିମିଳିପାଳ ଲାଗି ୫୦କୋଟି ଟଙ୍କା ଘୋଷଣା କଲେ ମୁଖ୍ୟମନ୍ତ୍ରୀ




କରଞ୍ଜିଆ, (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଶନିବାର ଅପରାହ୍ନ ୪ଟା ୩୦ ସମୟରେ ହେଲିକପ୍ଟର ଯୋଗେ ଶୁକୁଳି ନିକଟ ପାଣ୍ଡରଶିଳ ଅସ୍ଥାୟୀ ହେଲିପ୍ୟାଡ଼ରେ ଓହ୍ଲାଇଥିଲେ। ସେଠାରେ ତାଙ୍କୁ ସମସ୍ତ ପ୍ରଶାସନିକ ଅଧିକାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସେଠାରୁ ସେ ଖୁଟିଂ ଅଭିମୁଖେ ବାହାରି ମୟୁରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' କିଚକେଶ୍ୱରୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହିତ ମନ୍ଦିର ପରିଛା ଅଜୟ କୁମାର ସାହୁଙ୍କ ସମେତ ସେବାୟତମାନଙ୍କ ସହିତ କିଛି ସମୟ ଆଲୋଚନା କରିବାପରେ ଖୁଟିଂ ମିନିଷ୍ଟାଡିଅମ ଠାରେ ଖୁଟିଂ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସନ୍ଧ୍ୟାରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ବରେଣ୍ୟ ଅତିଥିଙ୍କ ମଧ୍ୟରେ ଯଶିପୁର ବିଧାୟକ ତଥା ରାଜ୍ୟ ଜଙ୍ଗଲ ଓ ପରିବେଷ, ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଇଂ ଗଣେଶ ରାମସିଂ ଖୁଣ୍ଟିଆ, କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝି, ରାଜ୍ୟସଭା ସାଂସଦ ମମତା ମହାନ୍ତ, ରାଇରଙ୍ଗପୁର ବିଧାୟକ ଜଲେନ୍ ନାଏକ, ପାଟଣା ବିଧାୟକ ଅଖିଳ ନାଏକ, ତେଲକୋଇ ବିଧାୟକ ଡ. ଫକୀର ମୋହନ ନାଏକ, ଜିଲ୍ଲାପାଳ ହେମକାନ୍ତ ସୟ ପ୍ରମୁଖ ଯୋଗ ଦେଇଥିଲେ। ମୟୂରଭଞ୍ଜ ମାଟିର ପୁଅ ତଥା ଓଲିଉଡ ସୁପରଷ୍ଟାର ଉତ୍ତମ ମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିବା ସହିତ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ ଅତିଥିବୃନ୍ଦ। ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ ଜିଲ୍ଲାର ଗୁଣଗାନ କରିବା ସହିତ ଖୁଟିଂ ମନ୍ଦିରର ଉନ୍ନତି ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ୫୨ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦କୁ ମିଶାଇ ସମୁଦାୟ ୧୦୨କୋଟି ଟଙ୍କାର ଆର୍ଥିକ ଅନୁଦାନ ଘୋଷଣା କରିଥିଲେ। ସେହିପରି ଶିମିଳିପାଳ ଅଭୟାରଣ୍ୟ ଲାଗି ମଧ୍ୟ ୫୦ କୋଟି ଟଙ୍କାର ଆର୍ଥିକ ଅନୁଦାନ ଘୋଷଣା କରିଥିଲେ। ସେଠାରୁ ରାତି ଯଶିପୁର ଗସ୍ତରେ ଯାଇ ବିଜେପି କାର୍ଯ୍ୟକର୍ତ୍ତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ଓ ପରେ ରାମତୀର୍ଥ କୁମ୍ଭୀର ପ୍ରକଳ୍ପ ନିବାସରେ ରାତ୍ରିଯାପନ କରିବାର ବ୍ୟବସ୍ଥା କରାଯାଇଛି। ଏଥିପାଇଁ ନିବାସ ସ୍ଥଳୀରେ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ସରିଥିଲା। ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଁଟୁପାଲ୍ଲୀ, ପାଞ୍ଚପିଡ ଉପଜିଲ୍ଲାପାଳ ପ୍ରେମାଂସୁ ଚାନ୍ଦ, ଶୁକୁଳି ବିଡ଼ିଓ ଧର୍ମାନନ୍ଦ ବେହେରା, ତହସିଲଦାର ଜତିନ୍ଦ୍ରନଥ ସେଠୀ, ଉପଖଣ୍ଡ ପୋଲିସ ଅଧିକାରୀ ନବକୃଷ୍ଣ ନାୟକ, କରଞ୍ଜିଆ ଆଇଆଇସି ସୋରତ କୁମାର ମୋହାଲିକ, ଯଶିପୁର ବିଡ଼ିଓ ମାଧବ ଚନ୍ଦ୍ର ବିରୁଆ, ଆଇଆଇସି ସଞ୍ଜୁକ୍ତା ମାହାଲିକ ପ୍ରମୁଖ ସମସ୍ତ କାର୍ଯ୍ୟର ତଦାରଖ କରିଥିଲେ।

# ବିଏମ୍‌ଏସ୍‌ର ଦୁଇଦିନିଆ ୧୧ତମ ସର୍ବଭାରତୀୟ ତ୍ରିବାର୍ଷିକ ସମ୍ମିଳନୀ




ପାରାଦୀପ, (ଭାସ୍କର ନ୍ୟୁଜ): ଭାରତୀୟ ପୋର୍ଟ ଏଣ୍ଡ ଡକ ମଜଦୁର ମହାସଂଘ (ବିଏମଏସ)ର ଦୁଇଦିନିଆ ୧୧ତମ ତ୍ରୟବାର୍ଷିକ ସମ୍ମିଳନୀ ପାରାଦୀପ ବନ୍ଦରର ଜୟଦେବ ସଦନ ପରିସରରେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଚଳିତ ମାର୍ଚ୍ଚ ୧ ଓ ୨ ତାରିଖ ଦୁଇଦିନ ବ୍ୟାପି ଚାଲିବାକୁ ଥିବା ଏହି ସମ୍ମିଳନୀକୁ ବିଏମଏସ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ରବୀନ୍ଦ୍ର ଜୀ ହିମତେ ଉଦ୍‌ଘାଟନ କରିଥିଲେ। ଏହି ଉଦଘାଟନି ସମାରୋହରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ. ହରନାଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଏମଏସର ରାଷ୍ଟ୍ରୀୟ ସଭାପତି ଶ୍ରୀକାନ୍ତ ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଏମଏସର କେନ୍ଦ୍ରୀୟ ପ୍ରଭାରୀ ଚନ୍ଦ୍ରକାନ୍ତ ଧୁମାଲ, ସହ ପ୍ରଭାରୀ ଭି.ଏନ.ଚାଓ୍ୱଡା, ବିଏମଏସ ଓଡିଶା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ସୁରେଶ ପାଟିଲ, କୋଷାଧ୍ୟକ୍ଷ ସୁଧିର ଘରତ, ବିଏମଏସ ପାରାଦୀପ ଶାଖା ସଭାପତି ରାକେଶ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଏକ ପଦଯାତ୍ରା ବନ୍ଦର ସହର ପରିକ୍ରମା କରି ଜୟଦେବ ସଦନ ସମ୍ମିଳନୀ ସଭା ନିକଟରେ ସମାପ୍ତ ହୋଇଥିଲା। ଏହି ଦୁଇଦିନିଆ ସମ୍ମିଳନୀରେ ପାରାଦୀପ ସମେତ ଦେଶର ବିଭିନ୍ନ ପ୍ରାନ୍ତରୁ ବିଏମଏସ କର୍ମକର୍ତ୍ତା ଓ ସଦସ୍ୟ ଯୋଗ ଦେଇଛନ୍ତି। ଏହି ଦୁଇଦିନ ବ୍ୟାପି ସମ୍ମିଳନୀରେ ଭାରତର ବିଭିନ୍ନ ବନ୍ଦରରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କ ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ ଆଲୋଚନା କରାଯିବ ବୋଲି ପାରାଦୀପ ବିଏମଏସ ସଭାପତି ରାକେଶ ପଟ୍ଟନାୟକ ସୂଚନା ଦେଇଛନ୍ତି।

## ସାଧୁସନ୍ଥଙ୍କ ପଞ୍ଚସଖା ପୀଠ ପରିକ୍ରମା

ଗୋପ, (ଭାସ୍କର ନ୍ୟୁଜ): ପ୍ରଜ୍ଞାନ ମିଶନ ପକ୍ଷରୁ ଆୟୋଜିତ ପଞ୍ଚସଖା ପୀଠ ପରିକ୍ରମା କାର୍ଯ୍ୟକ୍ରମରେ ଶନିବାର ଦିନ ଗୋପ ବେଗୁନିଆଁ ଠାରେ ଥିବା ଭକ୍ତ ବଳରାମ ଦାସଙ୍କ ସମାଧି ପୀଠ ଏବଂ ତାଙ୍କ ଜନ୍ମ ପୀଠ ଏରବଙ୍ଗ ଠାରେ ଥିବା ବଳରାମଜୀଉ ମନ୍ଦିର ତଥା ଗୁପ୍ତ ଶ୍ରୀକ୍ଷେତ୍ରରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଧୁସନ୍ଥମାନଙ୍କର ସମାବେଶ ହୋଇଥିଲା। ପ୍ରଜ୍ଞାନ ମିଶନର ମୁଖ୍ୟ ସ୍ୱାମୀ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ଉପସ୍ଥିତ ସାଧୁସନ୍ଥମାନଙ୍କୁ ଭକ୍ତ ବଳରାମ ଦାସଙ୍କ ପୀଠର ମହାତ୍ମ୍ୟ ଓ ଓଡ଼ିଆ ଜନଜୀବନର ଘରେଘରେ ପରିଚିତ ବଳରାମ ଦାସଙ୍କ ଲିଖିତ ଲକ୍ଷ୍ମୀପୁରାଣ ବର୍ଣ୍ଣିତ ପ୍ରାସଙ୍ଗିକତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ସ୍ୱାମୀ ଅରୂପାନନ୍ଦ ଗିରି ମହାରାଜ, ସ୍ୱାମୀ ବିଜ୍ଞାନାନନ୍ଦ ଗିରି ମହାରାଜ, ସ୍ୱାମୀ ବ୍ରହ୍ମଜ୍ଞାନାନନ୍ଦ ଗିରି ମହାରାଜ, ସ୍ୱାମୀ ଆତ୍ମ ବିଦ୍ୟାନନ୍ଦ ଗିରି ମହାରାଜ, ସ୍ୱାମୀ ପରିପୂର୍ଣ୍ଣାନନ୍ଦ ଗିରି ମହାରାଜ, ସ୍ୱାମୀ ନିତ୍ୟପ୍ରେମାନନ୍ଦ ଗିରି ମହାରାଜ, ସ୍ୱାମୀ ଶ୍ରୀକିଷ୍ଟାନନ୍ଦ ଗିରି ମହାରାଜ, ହେମନ୍ତ କୁମାର ପରିଡା, ଡଃ ନିରଞ୍ଜନ ସାହୁ, ଶିଶିର ଦାସ ପ୍ରମୁଖ ଯୋଗ ଦେଇଥିଲେ। ଗୁପ୍ତ ଶ୍ରୀକ୍ଷତ୍ରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୀଠର ଅନ୍ୟତମ ସଦସ୍ୟ ପ୍ରଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ, ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସର୍ବଶ୍ରୀ ବାବା ବେଣୁଧର ଦାସ, ପ୍ରଦୀପ୍ତ କୁମାର ପାଢୀ, ଲକ୍ଷ୍ମୀଧର ବେହେରା, ଜୟକୃଷ୍ଣ ସେନାପତି, ବଟକୃଷ୍ଣ ସେନାପତି, ଅଧିର କୁମାର ମିତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଟ୍ରେନରୁ କୋଇଲା ଚୋରି କରୁଥିବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ନାବାଳକ ମୃତ

ପାରାଦୀପ, (ଭାସ୍କର ନ୍ୟୁଜ): ପାରାଦୀପର ଅଠରବାଙ୍କି ଓଭରବ୍ରିଜ୍ ତଳେ ଶନିବାର ଦିନ ମଧ୍ୟାହ୍ନରେ ଦୁଇଜଣ ନାବାଳକ ଚଳନ୍ତା ଟ୍ରେନରେ ଚଢି କୋଇଲା ତଳକୁ ଖସାଇବା ବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସି ପୋଡିଯାଇଛନ୍ତି। ଆହତ ନାବଳକ ହେଲେ ସବଷ୍ଟେସନ ବସ୍ତିର ନନ୍ଦନ (ନଣ୍ଡା)। ସେ ଓ ତା'ର ସାଙ୍ଗ ବର୍ଦ୍ଧନ ଦୁହେଁ ପାରାଦୀପ ବନ୍ଦର ନିଷ୍ଟିଭାଙ୍ଗରୁ ବାହାରୁଥିବା କୋଇଲା ବୋଝେଇ ଟ୍ରେନରୁ କୋଇଲା ତଳକୁ ଖସାଉଥିଲେ। ଏହି ସମୟରେ ଉପରେ ଯାଇଥିବା ବିଦ୍ୟୁତ ତାର ସହିତ ଲାଗି ଯାଇଥିଲେ। ଘଟଣାସ୍ଥଳରେ ସେ ପୋଡିହୋଇ ତଳକୁ ଖସି ପଡିଥିଲେ। ଗୁରୁତର ଆହତ ଅବସ୍ଥାରେ ସେଠାକାର ଜଣେ ମହିଳା ତାଙ୍କୁ ଉଦ୍ଧାର କରି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଡାକ୍ତର କଟକ ବଡ଼ ମେଡ଼ିକାଲ ପଠାଇଥିଲେ। ସୂଚନା ଥାଉକି ଏହି ଓଭରବ୍ରିଜ ତଳୁ ନିୟମିତ କୋଇଲା ଚୋରି ହୋଇଥାଏ। ଏହି ଚୋରି କାରବାର ପଛରେ ଅନେକ ପ୍ରଭାବଶାଳୀ ଲୋକଙ୍କ ଭୂମିକା ରହିଛି। ସାମାନ୍ୟ ଅର୍ଥ ଲୋଭରେ ଛୋଟ ପିଲାମାନେ ବିପଦପୂର୍ଣ୍ଣ ଭାବେ ଏଭଳି ଟ୍ରେନ ଉପରେ ଚଢ଼ି ଚୋରି କରୁଛନ୍ତି ବୋଲି ଚର୍ଚ୍ଚା ହେଉଥିବା ବେଳେ ଏହାର ସୁରକ୍ଷାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


## ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ପୋଲିସର ଧାରା ୩୦

ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା ଅଞ୍ଚଳରେ ଡିଜେ ଓ ରୋଷଣୀ ଉପରେ କଟକଣା ଲାଗୁ ଆରମ୍ଭ ହୋଇଛି। ପୋଲିସ ଧାରା ୩୦ରେ ଏହି ନିୟମ ଲାଗୁ କରିଥିବା ବେଳେ ୯୦ଦିନ ପର୍ଯ୍ୟନ୍ତ କୌଣସି ବିବାହ ରୋଷଣୀରେ ଡ଼ିଜେ କିମ୍ବା ବାଣ ବ୍ୟବହାର କରାଯାଇ ପାରିବନାହିଁ। ଏହାକୁ ନେଇ ଏବେ ଲୋକମାନଙ୍କୁ ଆଶ୍ୱସ୍ତି ମିଳିଥିବା ବେଳେ ଡ଼ିଜେର ବିକଟାଳ ସାଉଣ୍ଡରୁ ଲୋକମାନେ ରକ୍ଷା ପାଇବା ପାଇଁ ତ୍ରାହି ତ୍ରାହି ଡାକୁଥିଲେ। ମିଳିଥିବା ସୂଚନା ଅନୁଯାୟୀ, ବିବାହ ରୋଷଣୀ ଉପରେ କଟକଣା ଲାଗୁ କରାଯାଇଥିବା ବେଳେ ସଭା, ସମିତି ଆଦି ଉପରେ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ପୋଲିସର ଧାରା ୩୦ ଲାଗୁ କରାଯାଇଛି। ୯୦ଦିନ ପାଇଁ ଏହି ଆଇନ୍ ବଳବତ୍ତର ରହିବ ବୋଲି ପୋଲିସର ନିର୍ଦ୍ଦେଶ ରହିଛି। ଅନେକ ବ୍ୟକ୍ତି ରୋଷଣୀରେ ଡିଜେ ବାଣବଜାଇ ଘଣ୍ଟାଘଣ୍ଟା ଧରି ରାସ୍ତା ଅବରୋଧ କରୁଥିବାରୁ ସରକାରଙ୍କର ଜରୁରୀକାଳୀନ ସେବାରେ ବ୍ୟାଘାତ ସୃଷ୍ଟି ହୋଇଥିଲା। ତୁରନ୍ତ ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ଧାରା ୩୦ ଲଗାଇବା ପାଇଁ ଆରକ୍ଷୀ ଅଧୀକ୍ଷକ ନିର୍ଦ୍ଦେଶ ଦେବା ପରେ ସରକାରଙ୍କ ପକ୍ଷରୁ ଏହି ନିୟମ ଉପରେ କଡ଼ାକଡ଼ି କରାଯାଇଛି। ନିମାପଡ଼ା ଥାନା ପୋଲିସ ପ୍ରତ୍ୟେକ ଛକ ମାନଙ୍କରେ ଜଗି ରହି ଶୋଭାଯାତ୍ରା ଉପରେ ତୀକ୍ଷ୍ଣ ନଜର ରଖୁଛି। ବିକଟାଳ ଶବ୍ଦ କରି ଯେଉଁ ଡିଜେ ବାଜୁଥିଲା ହୃଦ୍‌ଘାତ ରୋଗୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକମାନଙ୍କ ପାଇଁ ଏହି ଶବ୍ଦ କ୍ଷତି କରୁଥିଲା। ଏହି ଆଇନ୍ ଲାଗିବା ପରେ ଜନସାଧାରଣ ପୋଲିସକୁ ସାଧୁବାଦ ଜଣାଇଛନ୍ତି।

# ସରକାରୀ ଅଧିକାରୀଙ୍କ ପାଇଁ ପଡୁଛି ସରକାରୀ ବିଦ୍ୟାଳୟରେ ତାଲା !

କୋରେଇ, (ଭାସ୍କର ନ୍ୟୁଜ): ଶିକ୍ଷା ଏକ ମୌଳିକ ଅଧିକାର। ଯେଥିପାଇଁ ସରକାର ଶିକ୍ଷା ପାଇଁ ବଜେଟ ରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। କିପରି ଦେଶର ଛୋଟ ଛୋଟ ପିଲା ମାଗଣାରେ ଭଲ ଓ ଉନ୍ନତ ମାନର ଶିକ୍ଷା ଗ୍ରହଣ କରିପାରିବେ ସେଥିପାଇଁ ଉପଯୁକ୍ତ ତାଲିମ ପ୍ରାପ୍ତ ଶିକ୍ଷକ ନିଯୁକ୍ତି, ବିଦ୍ୟାଳୟର ଭିତ୍ତିଭୂମି ବିକାଶ ସହିତ ବହି, ପୋଷାକ, ମାଧ୍ୟାହ୍ନ ଭୋଜନର ବ୍ୟବସ୍ଥା ସବୁ ସରକାରୀ ବିଦ୍ୟାଳୟରେ କରିଛନ୍ତି। କିନ୍ତୁ ଦୁଃଖର ବିଷୟ ବିଶେଷ କରି ଏବେ କୋରେଇରେ ସରକାରୀ ବିଦ୍ୟାଳୟ ବନ୍ଦ କରି ଘରୋଇ ବିଦ୍ୟାଳୟକୁ ପ୍ରୋତ୍ସାହନ ଦେବାକୁ ଏକ ରାକେଟ କାମ କରୁଥିବା ଖୋଦ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏମିତି ଏକ ଘଟଣା କୋରେଇ ଶିକ୍ଷା ମଣ୍ଡଳ ଅଧିନସ୍ଥ ଉତ୍ତର ଖଜିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କ୍ଷେତ୍ରରେ ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟଟି ୧୯୭୫ମସିହାରୁ ସ୍ଥାପିତ ହୋଇଥିବା ବେଳେ ଏହାକୁ ଚକ୍ରାନ୍ତ କରି ଘରୋଇ ବିଦ୍ୟାଳୟର ପିଲା ସଂଖ୍ୟା ବଢ଼େଇବା ପାଇଁ କିଛି ସରକାରୀ ଅଧିକାରୀ ଭୁଲ ତଥ୍ୟ ଦେଇଥିବାରୁ ୨୦୨୦ ମସିହାରେ ବିଦ୍ୟାଳୟଟି ବନ୍ଦ କରି ଦିଆଯାଇଥିଲା। ଏହା ବିରୁଦ୍ଧରେ ଗ୍ରାମବାସୀ କୋର୍ଟରେ ଦ୍ୱାରସ୍ଥ ବି ହୋଇଛନ୍ତି। ଏବେ ସରକାର ବଦଳିଲା ପରେ ଗ୍ରାମବାସୀମାନେ ବିଦ୍ୟାଳୟ ପାଇଁ ଗତ ଡିସେମ୍ବର ୨୦୨୪ରେ ଜିଲ୍ଲାପାଳ ଜନ ଶୁଣାଣୀ ଶିବିରରେ ବିଦ୍ୟାଳୟକୁ ପୁନଃ ଅବସ୍ଥାପିତ କରିବା ପାଇଁ ନିବେଦନ କରିଥିଲେ। ଜିଲ୍ଲାପାଳ ମହୋଦୟା ଏହାକୁ ଉପଯୁକ୍ତ ତଦନ୍ତ କରିବାକୁ କୋରେଇ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଣ୍ଡଳ ଶିକ୍ଷା ଅଧିକାରୀ ଏହାର ଉପଯୁକ୍ତ ତଦନ୍ତ ନକରି ଏକ ମିଛ ରିପୋର୍ଟ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସବୁଠାରୁ ବଡ଼ କଥା, ରିପୋର୍ଟକୁ ଜିଲ୍ଲାପାଳ ଅଫିସକୁ ପଠାଇଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଧିକାରୀମାନେ ଗ୍ରାମବାସୀଙ୍କୁ ନଦେଇ ବାରମ୍ବାର ଦୌଡ଼ାଇଥିଲେ। ଫଳସ୍ୱରୂପ ତଦନ୍ତ କ'ଣ ହେଲା ନଜାଣିପାରି ଗ୍ରାମବାସୀ ପୁଣି ଚଳିତ ମାସ ଜିଲ୍ଲାପାଳଙ୍କ ଜନଶୁଣାଣୀରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଏହା ଜାଣିବା ପରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଡାକି ତାଗିଦ କରିବା ପରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସଙ୍ଗେସଙ୍ଗେ ତଦନ୍ତ ରିପୋର୍ଟ ମଗାଯାଇ ଗ୍ରାମବାସୀଙ୍କୁ ଦିଆ ଯାଇଥିଲା। ଏଥିରେ ବିଦ୍ୟାଳୟ ବନ୍ଦ କରିବା ନିଷ୍ପତ୍ତି ଠିକ ଥିଲା ବୋଲି ମଣ୍ଡଳ ଶିକ୍ଷା ଅଧିକାରୀ ତଦନ୍ତ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଯେଉଁ ଅଧିକାରୀ ଷଡ଼ଯନ୍ତ୍ର କରି ବିଦ୍ୟାଳୟକୁ ବନ୍ଦ କରାଇଥିଲେ, ସେ ପୁଣି ବିଦ୍ୟାଳୟକୁ ପୁନଃ ଖୋଲିବେ? ଏଠାରେ ଉଲ୍ଲେଖଯୋଗ୍ୟ କି ଏହି ଅଧିକାରୀଙ୍କ ସମୟରେ କିଛି ଘରୋଇ ବିଦ୍ୟାଳୟ ସରକାରୀ ସ୍ୱୀକୃତି ନପାଇ ବେଆଇନ ଭାବେ ଚାଲୁଥିବା ଜଣାପଡ଼ିଛି। କିନ୍ତୁ ଦୁଃଖର ବିଷୟ ଯେଉଁ ବିଦ୍ୟାଳୟଗୁଡ଼ିକୁ ସରକାରୀ ସ୍ୱୀକୃତି ମିଳିଛି, ସେଥି ମଧ୍ୟରୁ ଅନେକଙ୍କର ଆବଶ୍ୟକ ଭିତ୍ତିଭୂମି ନଥାଇ ଅଧିକାରୀମାନଙ୍କୁ ମୋଟା ଅଙ୍କରେ ଅର୍ଥ ଦେଇ ସିଓଆର (ସାର୍ଟିଫିକେଟ ଅଫ ରେକଗ୍ନାଇଜେସନ) ହାତେଇ ଥିବାର ଅଭିଯୋଗ ହେଉଛି। ଏହିପରି ଭାବେ ଘରୋଇ ସ୍କୁଲ ମାଲିକମାନେ ଅଧିକାରୀମାନଙ୍କୁ ହାତ କରି ପରୋକ୍ଷରେ ଶିକ୍ଷା ଭଳି ମୌଳିକ ଆବଶ୍ୟକତାକୁ ଏକ ଲାଭଜନକ ବ୍ୟବସାୟରେ ପରିଣତ କରିଦେଇଛନ୍ତି। ଏହି ସବୁ ଘରୋଇ ବିଦ୍ୟାଳୟଗୁଡିକରେ ପିଇବା ପାଣି, ଖେଳ ପଡ଼ିଆ, ଶୌଚାଳୟ, ଆବଶ୍ୟକ ଶ୍ରେଣୀଗୃହ ନଥିବା ବେଳେ ସେଠାରେ କାର୍ଯ୍ୟରତ ଶିକ୍ଷକମାନେ ଔପଚାରିକ ତାଲିମ ନପାଇ ପିଲାମାନଙ୍କୁ ଶିକ୍ଷାଦାନ କରୁଥିବା ଜଣାପଡ଼ିଛି। ଏହି ବେଆଇନ ଭାବେ ଚାଲୁଥିବା ବିଦ୍ୟାଳୟ ଗୁଡ଼ିକରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିବାରୁ କୋରେଇରେ ବାହାର ରାଜ୍ୟରୁ ଆସି ଶିକ୍ଷା ଦଲାଲମାନେ ଗ୍ରାମାଞ୍ଚଳରେ ବାସ କରୁଥିବା ନିରୀହ ଅଭିଭାବକମାନଙ୍କୁ ବିଭିନ୍ନ ପ୍ରଲୋଭନର ବଶବର୍ତ୍ତୀ କରାଇ ଏକପ୍ରକାର ଲୁଟ କରିଚାଲିଛନ୍ତି। ଏଠାରେ ପ୍ରଶ୍ନ ଉଠେ ଜଗୁଆଳି ଯଦି ଚୋରୀ କରିବ ଚୋର ଜଗିବ କିଏ ? ଜିଲ୍ଲାପାଳ, କୋରେଇ ବିଧାୟକ ଏଥିପ୍ରତି ଧ୍ୟାନ ଦେଇ ଉତ୍ତର ଖଜୀରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତିର ପୁନଃ ତଦନ୍ତ କରିବା ପାଇଁ ଏକ ନିରପେକ୍ଷ ଅଧିକାରୀଙ୍କୁ ନିଯୁକ୍ତି ଦେବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।

# କୁନ୍ତଳା କୁମାରୀ ଉଚ୍ଚବିଦ୍ୟାଳୟରେ ୫ଟି କାର୍ଯ୍ୟରେ ଅନିୟମିତତା ଅଭିଯୋଗ




କୋରେଇ, (ଭାସ୍କର ନ୍ୟୁଜ): ପୂର୍ବ ସରକାରୀ ବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୫ଟି ନାମରେ ଅନେକ ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରାଯାଇଥିଲା। କୋରେଇ ବ୍ଲକରେ ୫ଟି କୁ ନେଇ ଅନେକ ଅଭିଯୋଗ ଆସିଥିଲେ ମଧ୍ୟ ଦୁର୍ନୀତି ଖୋର ଅଧିକାରୀ ସବୁ ଅଭିଯୋଗକୁ ଅଣଦେଖା କରି ବିଲ୍ କରିଥିବା ଚର୍ଚ୍ଚା ମଧ୍ୟ ହୁଏ। କୋରେଇର ପୂର୍ବତନ ବିଧାୟକ ଅଶୋକ ବଳଙ୍କ ଦ୍ୱାରା ଶୁଭ ପଡ଼ିଥିବା ଗୌରପୁର ଗ୍ରାମପଞ୍ଚାୟତ ଇଛାପୁର କୁନ୍ତଳା କୁମାରୀ ଉଚ୍ଚବିଦ୍ୟାପୀଠ ୫ଟି କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଏହି ବିଦ୍ୟାଳୟ ସର୍ବପୁରାତନ ବିଦ୍ୟାଳୟ ହୋଇଥିବା ବେଳେ ଖୋଦ୍ କୋରେଇ ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସଙ୍କ ନିଜ ଗାଁ ଏବଂ ନିଜେ ଏହି ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ଏହି ବିଦ୍ୟାଳୟର କାର୍ଯ୍ୟରେ ଘୋର ଘୋଟାଲା ହୋଇଥିବା ଶୁଣିବାକୁ ମିଳୁଛି। ଏହି ବିଦ୍ୟାଳୟରେ ଏକ ପୁରୁଣା ଘର ଥିଲା ଯାହା ପଥର କାନ୍ଥ ଓ ଉପର ଅଜବେଷ୍ଟ ରହିଥିଲା। ୫ଟି କାର୍ଯ୍ୟ କରିବା ପୂର୍ବରୁ ପୁରୁଣା ଘରକୁ ଭାଙ୍ଗି ସହସହ ପଥର, ଅଜବେଷ୍ଟ, ଝରକା, କବାଟକୁ ନାମକୁ ମାତ୍ର ନିଲାମ ଦର୍ଶେଇ କିଛି ମୁଷ୍ଟିମେୟ ଲୋକ ନେଇଯାଇଥିବା ଅଭିଯୋଗ ହେଉଛି। ବିଦ୍ୟାଳୟ କାର୍ଯ୍ୟରେ ବିଲ୍ ପୈଠ ହୋଇଥିବା କାର୍ଯ୍ୟ ଠାରୁ ବହୁତ କମ୍ ପରିମାଣର କାର୍ଯ୍ୟ ହୋଇଥିବା ଦେଖିବାକୁ ମିଳୁଛି। ଉକ୍ତ କାର୍ଯ୍ୟକୁ ତଦନ୍ତ କଲେ ବୋହୁ ଅନିୟମିତତା ଲୋକ ଲୋଚନକୁ ଆସିପାରନ୍ତି। ଏହିପରି ଭାବରେ ୨୮ଗୋଟି ପଞ୍ଚାୟତରେ ବହୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ବ୍ୟାପକ ଦୁର୍ନୀତି ହୋଇଥିବା ଦେଖିବାକୁ ମିଳୁଛି। ଏହି କ୍ରମରେ ପ୍ରାଣକୃଷ୍ଣ ମହାବିଦ୍ୟାଳୟ, ବରୁଣ୍ଡେଇ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ବିଦ୍ୟାଳୟ ବରୁଣ୍ଡେଇ, ତାରାକୋଟ ରଘୁନାଥ ସାହୁ ବିଦ୍ୟାଳୟ, କାହ୍ନୁଚରଣ ମହାବିଦ୍ୟାଳୟ କୋରେଇ, କୋରେଇ ଉଚ୍ଚ ବିଦ୍ୟାଳୟ ପ୍ରମୁଖ ବିଦ୍ୟାଳୟରେ ଯେଉଁ ବୈଦ୍ୟୁତିକ ଉପକରଣ ପଙ୍ଖା, ଲାଇଟ୍ କାର୍ଯ୍ୟ କରୁନଥିବା ଦେଖିବାକୁ ମିଳୁଛି। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ଗ୍ରୀଷ୍ମ ପ୍ରବାହରେ ଛାତ୍ରଛାତ୍ରୀମାନେ ଅଂଶୁଘାତ ଭଳି ସମସ୍ୟାରେ ପଡିପାରନ୍ତି। ଅନ୍ୟପକ୍ଷେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ଲାଗିଥିବା କମ୍ପ୍ୟୁଟରଗୁଡ଼ିକ ଲାଗିବା ଦିନଠାରୁ ବର୍ତ୍ତମାନ ଯାଏଁ କାର୍ଯ୍ୟକ୍ଷମ ହୋଇନଥିବା ଦେଖିବାକୁ ମିଳୁଛି। ରାଜ୍ୟର ନୂତନ ସରକାର ଆସିବା ପରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ କୋରେଇର ବର୍ତ୍ତମାନ ବିଧାୟକ ଆକାଶ ଦାସ ନାୟକ କୋରେଇରେ ହୋଇଥିବା ସମସ୍ତ ୫ଟି କାର୍ଯ୍ୟର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଆଜି ଯାଏଁ କାହିଁକି ତଦନ୍ତ ହୋଇନାହିଁ ତାହା ଏକ ବିରାଟ ପ୍ରଶ୍ନବାଚି ସୃଷ୍ଟି କରୁଛି। ତେଣୁ ଖୁବ୍ ଶୀଘ୍ର ଜିଲ୍ଲା ପ୍ରଶାସନ କୋରେଇରେ ହୋଇଥିବା ସମସ୍ତ ୫ଟି କାର୍ଯ୍ୟର ତଦନ୍ତ କରି ଦୁର୍ନୀତି ଖୋର ଅଧିକାରୀମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି।

## ଶିକ୍ଷକ ସଂଘର ମଣ୍ଡଳ ସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ରଘୁନାଥପୁର, (ଭାସ୍କର ନ୍ୟୁଜ): ପିଷ୍ଟା ଓ ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘ ପକ୍ଷରୁ ରଘୁନାଥପୁରର ଜଗନ୍ନାଥପୁର ମଧୁସୂଦନ ପ୍ରାଥମିକ ବିଦ୍ୟାଳୟରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରଘୁନାଥପୁର ମଣ୍ଡଳ ଶିକ୍ଷାଧିକାରୀ ବିଜୟ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଏବିଇଓ ଆଶୁତୋଷ ବାନାର୍ଜୀ ଓ ସମ୍ମାନିତ ଅତିଥି ଭାବେ ଏବିଇଓ ରଜନୀକାନ୍ତ ରାୟ, ଜୟପ୍ରକାଶ ପଣ୍ଡା, ତରୁଣ କୁମାର ଜେନା, ରାମଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସଭାପତିତ୍ୱ କରିଥିଲେ ରଘୁନାଥପୁର ବ୍ଲକ ପିଷ୍ଟା ସଭାପତି ଦେବାଶିଷ ବେହେରା। ଶିକ୍ଷକ ବିରୁପାକ୍ଷ ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସଂଘରେ ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସ୍ୱାଗତ କରାଯାଇଥିବା ବେଳେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କାବେରୀ ରାଉତ ଓ ଶ୍ରଦ୍ଧାଞ୍ଜଳି ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଥିଲା। ସିଆରସିସି ଦିଲ୍ଲିପ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସୁବାଷ ଚନ୍ଦ୍ର ଦାସ, ଚତୁର୍ଭୁଜ ନାୟକ, ଯଶୋବନ୍ତ ରାଉତ, ଭାସ୍କର ମୁଦୁଲି,ଚିନ୍ମୟ ରଥ, ଦିପ୍ତି ମଲ୍ଲିକ, କାଜଲ ବିଟ୍, ସଂଧ୍ୟା ରାଣୀ ସାହୁ, ଲତିକା ବେହେରା, ସଞ୍ଜୟ ସ୍ୱାଇଁ, ନିରଞ୍ଜନ ସାହୁ, ସିଆରସିସି ସୁକାନ୍ତ ଦ୍ୱିବେଦି, ଯାଜ୍ଞବଳକ ମିଶ୍ର, ରବିନାରାୟଣ ତା, ବିଶ୍ୱନାଥ ଦାସ, ରତ୍ନାକର ବେହେରା, ନିର୍ମଳେନ୍ଦୁ ସୋମ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ।

# ବିଜୁ ପଟ୍ଟନାୟକଙ୍କ ଜନ୍ମଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

ବଡ଼ଚଣା, (ଭାସ୍କର ନ୍ୟୁଜ): ବଡ଼ଚଣା ବିଜୁ ଜନତା ଦଳ ପକ୍ଷରୁ ଆସନ୍ତା ମାର୍ଚ୍ଚ ୫ ତାରିଖରେ ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଯାଇଅଛି। ଏହି ବୈଠକରେ ବଡ଼ଚଣା ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ସଭ୍ୟା ଛାମୁଆ ସାଙ୍ଗଠନିକ କର୍ମକର୍ତ୍ତାମାନେ ଯୋଗଦେଇ ଜନ୍ମ ଜୟନ୍ତୀ ସୂଚାରୁରୂପେ ପାଳନ ଓ ଶୃଙ୍ଖଳାର ସହ ସମସ୍ତେ ଯୋଗଦେବାକୁ ଆଲୋଚନା କରାଯାଇଛି। ଚଣ୍ଡିଖୋଲ ସ୍ଥିତ କାର୍ଯ୍ୟାଳୟରେ ବିଜେଡ଼ି ଯୁବ ସଭପତି ତଥା ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ କ୍ୟାପ୍‌ଟେନ ରାଜ ନାରାୟଣ ମହାପାତ୍ର ଯୋଗଦେଇ ଯେଉଁ ପ୍ରବାଦ ପୁରୁଷଙ୍କ ସ୍ୱପ୍ନରେ ଏହି ଦଳ ଗଠନ କରାଯାଇଥିଲା ତାଙ୍କ ଜନ୍ମ ଜୟନ୍ତୀରେ ବଡ଼ଚଣାରେ ଦଳର ସଂଗଠନକୁ ଆହୁରି ଶକ୍ତିଶାଳୀ ଓ କ୍ରିୟାଶୀଳ କରିବା ପାଇଁ ମତବ୍ୟକ୍ତ କରିଥିଲେ। ସେହିପରି ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତ, ପ୍ରହଲ୍ଲାଦ ନନ୍ଦ, ମଦନ ବଳ, ଉମେଶ ଚନ୍ଦ୍ର ଜେନା, ଅମର ମହାନ୍ତି, ରତିକାନ୍ତ ଜେନା, ଚିତ୍ତ ରଞ୍ଜନ ମହାପାତ୍ର, ଦମୟନ୍ତୀ ସାମଲ, ଗଣେଶ୍ୱର ସାମଲ, ଜ୍ଞାନ ରଞ୍ଜନ ସାହୁ, ରମେଶ ଚନ୍ଦ୍ର ପୃଷ୍ଟି, ଧନେଶ୍ୱର ବେହେରା, ଗଗନ ବିହାରୀ ଦାସ, ତାପସ ରାୟ, ମୁମତାଜ ଅଲ୍ଲୀ ଖାଁ, ନିରଞ୍ଜନ ବିଶ୍ୱାଳ, ଜଗନ୍ନାଥ ମୁଦୁଲି, ଦିଲ୍ଲିପ ରାଉତ, ବିବେକ ରଞ୍ଜନ ସୁବୁଦ୍ଧି, କିଶୋର ଚନ୍ଦ୍ର ରାଉତ, ସୁରେଶ କୁମାର ନାୟକ, ରଞ୍ଜନ କୁମାର ବଳ, ପ୍ରବୀର କୁମାର ସାମଲ, ବିଜୟାନନ୍ଦ ପଣ୍ଡା, ମହମ୍ମଦ ମୁନର୍ସ, ଦିଲ୍ଲିପ ନାୟକ, ଦୁର୍ଗା ଚରଣ ସାହୁ, ବିନୟ କୁମାର ପୃଷ୍ଟି, ନିହାର ପ୍ରାସାଦ ମହାପାତ୍ର, ସନ୍ତୋଷ ସାହୁ, ବିଚିତ୍ରାନନ୍ଦ ଜେନ, ବିଭୁପ୍ରସାଦ ତରାଇ, ମନମୋହନ ସାହେବରାୟ, ମୀନକେତନ ସେଠୀ, ସରସ୍ୱତୀ ବେହେରା, ରବୀନ୍ଦ୍ର ସେଠୀ, ସଞ୍ଜୀବ ସାମଲ, ତପନ କୁମାର ସିଂହ, ସଂଗ୍ରାମ କେଶରୀ ମହାନ୍ତି, ବରଦା ପ୍ରସାଦ ରାୟ, ଦେବେନ୍ଦ୍ର ଜେନା, ସ୍ୱାଧୀନ ଜେନାଙ୍କ ସମେତ ଶତାଧିକ ବିଜୁ ଜନତା ଦଳର କର୍ମୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

ଛତ୍ରପୁର, (ଭାସ୍କର ନ୍ୟୁଜ): ବ୍ରହ୍ମପୁର ସ୍ଥିତ ଯୁସିପି ଇଂଜିନୟରିଂ କଲେଜ ପଡିଆ ଠାରେ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଓ ଜିଲ୍ଲା କୃଷି ମହୋତ୍ସବ ଆରମ୍ଭ ହୋଇଯାଇଛି। ଉକ୍ତ ମହୋତ୍ସବକୁ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ଓ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଅତିଥିଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହି ଅବସରରେ ଛତ୍ରପୁର ବିଧାୟକ ନାୟକ ଚାଷୀମାନେ କିଭଳି ରିହାତିରେ ସମସ୍ତ ଯନ୍ତ୍ରପାତି ପାଇପାରିବେ ତା ଉପରେ ଗୁରୁତ୍ୱାରୋପ କରିଥିଲା ବେଳେ ଚିକିଟି ବିଧାୟକ ସାମନ୍ତରା କୃଷି ଅଧିକାରୀ ଓ କୃଷକ ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି କୃଷିର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଏହି କୃଷି ମେଳା ମାର୍ଚ୍ଚ ୧ ରୁ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମେଳାରେ ଜିଲ୍ଲାର ସମସ୍ତ ବ୍ଲକରୁ ପ୍ରାୟ ବିଭିନ୍ନ ବର୍ଗର ୫୦୦୦ ଚାଷୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ୧୦୫ଟି ଷ୍ଟଲ ଖୋଲାଯାଇଛି। ସେଥିରେ ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦର୍ଶିତ ହେବା ସହ ଚାଷୀଙ୍କୁ ରିହାତିରେ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି, ଏହାସହ ମିଲେଟର ପ୍ରଚାର ପ୍ରସାର ପାଇଁ ମଧ୍ୟ ଷ୍ଟଲ ଖୋଲାଯାଇଛି। ଏଥିରେ କୃଷି ବୈଜ୍ଞାନିକ ଓ ଅଧିକାରୀଙ୍କ ଦ୍ୱାରା କୃଷକ ମାନଙ୍କୁ ତାଲିମ ଦେବାପାଇଁ ସେମିନାର ହଲର ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବି ନାରାୟଣ ପଣ୍ଡା, ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଡ. କନ୍ଧଜେନା, ବରିଷ୍ଠ କୃଷି ବୈଜ୍ଞାନିକ ଡ. ସୁଜିତ କୁମାର ନାଥ, ଅଧିକ୍ଷଣ ଯନ୍ତ୍ରୀ ପ୍ରଦୀପ କୁମାର ମହାପାତ୍ର, ପ୍ରକଳ୍ପ ନିର୍ଦ୍ଦେଶକ ଜଳଛାୟା ପ୍ରଦୀପ କୁମାର ପଟ୍ଟନାୟକ, କୃଷି ଜିଲ୍ଲା ଅଧିକାରୀ କୁଳମଣି ବାରିକ ଓ ସୁରେଶ ଚନ୍ଦ୍ର ମଲ୍ଲିକ ମଞ୍ଚାସୀନ ଥିଲେ।

# ବୁଲା କୁକୁରଙ୍କ ଉତ୍ପାତ ବୃଦ୍ଧି

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଅଞ୍ଚଳ ପରିଶର ଭୁକ୍ତ ବଜାର ସମେତ କେତେକ ୱାର୍ଡରେ ଗତ କିଛି ଦିନ ହେଲା ବୁଲା କୁକୁରଙ୍କ ଦୌରାତ୍ମ୍ୟ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ପ୍ରାପ୍ତ ଭ୍ରମଣରେ ଯାଉଥିବା ନାଗରିକ ମାନଙ୍କୁ ପଲପଲ ବୁଲା କୁକୁରଙ୍କ ଭୟ ଘାରିଥିବା ଲକ୍ଷ୍ୟ କରାଯାଇଛି। ଏପରିକି ବିଭିନ୍ନ ସମୟରେ ବୁଲା କୁକୁରମାନେ ମୁଖ୍ୟ ରାସ୍ତାକୁ ଅବରୋଧ କରୁଥିବା ଯୋଗୁଁ ବାଇକ ଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେବା ସହ ବରିଷ୍ଠ ନାଗରିକମାନେ ମଧ୍ୟ କୁକୁର କାମୁଡାର ଶିକାର ହେଉଥିବା ଅଭିଯୋଗ ହେଉଛି। କୁକୁର, ମାଙ୍କଡ଼ ସମେତ ଅନ୍ୟାନ୍ୟ ଜୀବଜନ୍ତୁ କାମଡାରେ ଆହତ ବ୍ୟକ୍ତି ମାନେ ଇଞ୍ଜେକ୍ସନ ନେବାପାଇଁ ପ୍ରାୟତଃ ପ୍ରତିଦିନ ନିଆଳି ଗୋଷ୍ଠୀ ଚିକିତ୍ସାଳୟରେ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି। ନିଆଳି ବଜାରରେ ଥିବା ଜଳଖିଆ ଦୋକାନ ଫାଷ୍ଟ ଫୁଡ ଦୋକାନ ଓ ବିଭିନ୍ନ ଛୋଟ ମୋଟ ବିକୁଥିବା ଖାଦ୍ୟ ଦୋକାନରେ ମାଳ ମାଳ ବୁଲୁଥିବା ବୁଲାକୁକୁର ଦେଖିବାକୁ ମିଳିଛି। ବୁଲା କୁକୁରଙ୍କ ଉତ୍ପାତ ସବୁ ବଜାର ସମେତ ଅନେକ ଗଳି କନ୍ଦି ବସ୍ତିରେ ବଢ଼ି ଚାଲିଥିଲେ ମଧ୍ୟ ଏହାକୁ ନିୟନ୍ତ୍ରଣ କରିବା ନିମନ୍ତେ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସଚେତନ ନାଗରିକ ମହଲରେ ଦାବି ହେଉଛି। ବହୁ ଅଭିଭାବକ ସେମାନଙ୍କ ସନ୍ତାନସନ୍ତତିଙ୍କୁ କୁକୁର କାମୁଡ଼ିବା ଭୟରେ ସେମାନଙ୍କୁ ଘର ବାହାରକୁ ଛାଡ଼ିବାକୁ ନିରାପଦ ମଣୁ ନଥିବା ଦେଖିବାକୁ ମିଳିଛି।

# ଜାତୀୟ ବିଜ୍ଞାନ ଦିବସ ପାଳିତ

କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅଧୀନସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବଡହୀରା ଠାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବିଜ୍ଞାନ ଚେତନା ମଞ୍ଚ ଓଡିଶା, କଣିହାଁ ଶାଖା ଆନୁକୂଲ୍ୟରେ ଶୁକ୍ରବାର ଦିନ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଭାରତର ବିଶିଷ୍ଟ ପଦାର୍ଥବିଜ୍ଞାନୀ ନୋବେଲ୍ ପୁରସ୍କାର ପ୍ରାପ୍ତ ବୈଜ୍ଞାନିକ ସାର ସିଭି ରମଣଙ୍କ ପଦାର୍ଥବିଜ୍ଞାନ ପ୍ରତି ଅତୁଳନୀୟ ଅବଦାନ ଯୋଗୁଁ ତାଙ୍କ 'ରମଣ ପ୍ରଭାବ' ଆବିଷ୍କାର ଦିବସ ଫେବୃଆରୀ ୨୮ ତାରିଖକୁ ଜାତୀୟ ବିଜ୍ଞାନ ଦିବସ ଭାବରେ ପାଳନ କରାଯାଉଛି ବୋଲି ବିଜ୍ଞାନ ଶିକ୍ଷକ ତଥା ବିଜ୍ଞାନ ଚେତନା ମଞ୍ଚ ଓଡିଶାର କାର୍ଯ୍ୟକାରୀ ସଭ୍ୟ ମୁନା ନାଏକ ଛାତ୍ରଛାତ୍ରୀମାନଙ୍କୁ ଜଣାଇବା ସହିତ ସିଭି ରମଣଙ୍କ ଜୀବନୀ ଏବଂ ଆଲୋକର ବିଚ୍ଛୁରଣ ତତ୍ତ୍ୱ ସଂପର୍କରେ ଆଲୋଚନା କରିଥିଲେ। ପ୍ରିଜିମ ଦ୍ୱାରା ଆଲୋକର ପ୍ରକୀର୍ତ୍ତନ, ବାସ୍ତବ ପ୍ରତିବିମ୍ବ ଗଠନ, ମ୍ୟାଗ୍ନେସିୟମ ଫିତାର ଦହନ ଆଦି ପରୀକ୍ଷଣ କରିବା ସହିତ ପେରିସ୍କୋପ, କାଲିଡୋସ୍କୋପ, ମାଇକ୍ରୋ-ସ୍କୋପର ବ୍ୟବହାର ସମ୍ପର୍କରେ ଶିକ୍ଷକ ଉପଯୋଗ କରାଇଥିଲେ। ଏହି ଦିବସ ଉପଲକ୍ଷେ ଏକ ବିଜ୍ଞାନ ପ୍ରଦର୍ଶନୀ ଓ ବିଜ୍ଞାନ କୁଇଜର ଆୟୋଜନ କରାଯାଇଥିଲା। ବିଜ୍ଞାନ ପ୍ରଦର୍ଶନୀରେ ଏବଂ କୁଇଜରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଲିଙ୍ଗରାଜ ମହାନ୍ତିଙ୍କ ତତ୍ତ୍ୱାବଧାନ ଓ ବିଜ୍ଞାନ ଶିକ୍ଷକ ମୁନା ନାଏକଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଦୀପ କୁମାର ବେହେରା, ସତ୍ୟବାନ ନାୟକ, ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା ଓ ସୁପ୍ରିୟା ପ୍ରଧାନ ଏବଂ ବିଜ୍ଞାନ ଓ ଗଣିତ କ୍ଲବର ସଦସ୍ୟ ଓମ ସିଟୁନ ମାଝି, ଆଦିତ୍ୟ ନାଏକ, ଦିବ୍ୟରଂଜନ ସାହୁ, ସୋମେଶ ବେହେରା, ବିବେକାନନ୍ଦ ବାଘ, ସବ୍ୟସଚି ସାହୁ, ରାନୀ ସାହୁ, ସ୍ୱୟଂଶ୍ରୀ ମାହାର, ଅର୍ଚ୍ଚିତା ବେହେରା, ରାଜଶ୍ରୀ ସିଂରା, ଶୁଭସ୍ମିତା ପ୍ରଧାନ, ଆଦ୍ୟାଶା ନାଏକ, ପ୍ରିତୀରାଜ ପ୍ରଧାନ ପ୍ରମୁଖ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

# ବିନାୟକ ଇଂଲିଶ୍ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ

ଗୋପ, (ଭାସ୍କର ନ୍ୟୁଜ): ଆଜି ନାଗପୁରସ୍ଥିତ ବିନାୟକ ଇଂଲିସ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ଶ୍ରୀପର୍ଣ୍ଣାର ସମ୍ପାଦକ ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ସବର୍ଣ୍ଣଲତା ତ୍ରିପାଠୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ପିଲାଙ୍କ ଖବର କାଗଜ ବାନରସେନାର ସମ୍ପାଦକ ପ୍ରାଧ୍ୟାପକ ପ୍ରକାଶ ଚନ୍ଦ୍ର ଖଟୋଇ, ସମ୍ମାନିତ ଅତିଥି ଭାବେ କୋଣାର୍କ ଐତିହ୍ୟ ପରିଷଦର ସମ୍ପାଦକ ସଂଜୟ କୁମାର ବରାଳ, ଶିକ୍ଷାବିତ୍ ରମାକାନ୍ତ ସାହୁ ପ୍ରମୁଖ ଯୋଗଦେଇ ପିଲାଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହିତ ଭବିଷ୍ୟତରେ ଭଲ ମଣିଷ ହୋଇ ବାପା ମାଆଙ୍କ ଟେକ ରଖିବା ସହିତ ବିଦ୍ୟାଳୟ ତଥା ଶିକ୍ଷାଲାଭ କରିଥିବା ଗୁରୁମା ଗୁରୁଜୀମାନଙ୍କର ସମ୍ମାନ ରଖିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା କବି ସୁଜାତା ସିହ୍ନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦକ ଗୌରାଙ୍ଗ ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନୁଷ୍ଠାନର ଅଧକ୍ଷା ସୁନୀତା ଖାଡେଙ୍ଗା ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଗବେଷକ ସଂଜୟ କୁମାର ବରାଳଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ମନୋରମା ମହାପାତ୍ରଙ୍କୁ ସ୍ମୃତି ସମ୍ମାନ ସ୍ୱରୂପ, ଭାଷା ଜ୍ୟୋତି ସମ୍ମାନରେ ସ୍ୱୟମ ପଣ୍ଡା, ଶିକ୍ଷାଜ୍ୟୋତି ସମ୍ମାନରେ ସାଇ ପ୍ରସାଦ ଦାସ, କଳାଜ୍ୟୋତି ସମ୍ମାନରେ ଶ୍ରଦ୍ଧାଞ୍ଜଳି କାହାଳ, ସାବିତ୍ରୀ ମହାପାତ୍ର, ଛାତ୍ରଜ୍ୟୋତି ସମ୍ମାନରେ ପ୍ରଭୂତ ସାହୁ, ଭୀମସେନ ସେନାପତି ସ୍ମୃତି ସମ୍ମାନରେ ସୌମ୍ୟାଶ୍ରୀ ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ମେଡାଲ ଓ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା।



କେନ୍ଦୁଝର (ଭାସ୍କର ନ୍ୟୁଜ): ସରକାରୀ ମହିଳା ମହାବିଦ୍ୟାଳୟରେ ବିଜ୍ଞାନ ସମିତିର ବାର୍ଷିକୋତ୍ସବ ଓ ଜାତୀୟ ବିଜ୍ଞାନ ଦିବସ ଫେବୃୟାରୀ ୨୮ ତାରିଖ ଶୁକ୍ରବାର ଦିନ ପାଳନ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଲଳିତ ରଞ୍ଜନ ସାହୁଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଧରଣୀଧର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ କୁମାର ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ କେନ୍ଦୁଝର ଜିଲ୍ଲାର ଉଦ୍ୟାନକୃଷି ଉପନିର୍ଦ୍ଦେଶକ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ସ୍ୱାଗତ ଭାଷଣ ଦେବା ସହ ପରିବର୍ତ୍ତିତ ଜଳବାୟୁର ସମାଧାନ ନିମନ୍ତେ ପ୍ରତ୍ୟେକ ପିଲାମାନଙ୍କୁ ବୃକ୍ଷରୋପଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ବିଜ୍ଞାନ ସମିତିର ଉପ-ସଭାପତି ତଥା ରସାୟନ ବିଜ୍ଞାନର ମୁଖ୍ୟ ପ୍ରଫେସର୍ ଡ଼କ୍ଟର ବିଷ୍ଣୁ ଚରଣ ଦାସ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ପରିବେଶର ଉଚିତ୍ ଯତ୍ନ ନେବାକୁ ଉଦ୍‌ବୋଧନ ଦେଇଥିଲେ। ଉଦ୍ୟାନ କୃଷିର ଉପନିର୍ଦ୍ଦେଶକ ଶ୍ରୀଯୁକ୍ତ ପାଣିଗ୍ରାହୀ କୃଷି ଦ୍ୱାରା କିପରି ଅର୍ଥନୈତିକ ସୁଦୃଢ ହୋଇପାରିବ ଓ କୃଷି କ୍ଷେତ୍ରରେ ଜୈବିକ ସାରର କିପରି ପ୍ରୟୋଗ କରାଯାଇ ପାରିବ ସେସଂପର୍କରେ ସବିଶେଷ ତଥ୍ୟ ରଖିଥିଲେ। ମୁଖ୍ୟ ଅତିଥି କୁଳପତି ପ୍ରଫେସର୍ ମହାନ୍ତି ବିଶ୍ୱତାପନର କାରଣ, ଜଳବାୟୁ ପରିବର୍ତ୍ତନର କାରଣ ଓ ନିରାକରଣ ସଂପର୍କରେ ପିଲାମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ ଏବଂ ପରିଶେଷରେ ବୃକ୍ଷରୋପଣ ହିଁ ଏକ ମାତ୍ର ସମାଧାନ ବୋଲି କହିଥିଲେ। ଏହି ଅବସରରେ ସମସ୍ତ ବିଜ୍ଞାନ ବିଭାଗର ଅଧ୍ୟାପକଅଧ୍ୟାପିକା ସହ ଅନ୍ୟାନ୍ୟ ବାଣିଜ୍ୟ ଓ କଳାର ଅଧ୍ୟାପକଅଧ୍ୟାପିକା, ଛାତ୍ରୀ ଓ ସମସ୍ତ କର୍ମଚାରୀ ଉପସ୍ଥିତ ହେବା ସହ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ଦୂର ହେବ ଜଳକଷ୍ଟ

## ମେଗା ପାନୀୟଜଳ ପ୍ରକଳ୍ପ ଖୁବଶୀଘ୍ର ଶେଷ କରିବାକୁ ବିଡ଼ିଓଙ୍କୁ ପରାମର୍ଶ ଦେଲେ ମନ୍ତ୍ରୀ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଦୂର ହେବ ଜଳ କଷ୍ଟ। ବସିବ ନୂଆ ନଳକୂପ। ଗ୍ରୀଷ୍ମ ଆରମ୍ଭ ପୂର୍ବରୁ ପାନୀୟ ଜଳ ବ୍ୟବସ୍ଥାକୁ ଅଧିକ ସୁଦୃଢ ଏବଂ କ୍ରିୟାଶୀଳ କରାଯିବା ନେଇ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଖରା ଦିନକୁ ଦୃଷ୍ଟିରେ ରଖି ଅତ୍ୟଧିକ ଜନସଂଖ୍ୟା ଥିବା ଗାଁରେ ନୂଆ ନଳକୂପ ସହ ଟ୍ୟାଙ୍କର ମାଧ୍ୟମରେ ପାଣି ଯୋଗାଇ ଦିଆଯିବ ବୋଲି ପଂଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ରବିନାରାୟଣ ନାଏକ କହିଛନ୍ତି। ଖବର ମୁତାବକ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀ କୁ ଶୁକ୍ରବାର ଅପରାହ୍ନରେ ପଂଚାୟତିରାଜ ଓ ପାନୀୟଜଳ ଯୋଗାଣ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀଯୁକ୍ତ ରବି ନାରାୟଣ ନାଏକ ଗସ୍ତ କରି ଅପରାହ୍ନ ୫ଘଟିକାସମୟରେ ଅସ୍ତରଙ୍ଗ ବ୍ଲକ ପରିସରରେ ପହଂଚିଥିଲେ। ବ୍ଲକ ପରିସରରେ ଉପସ୍ଥିତ ବ୍ଲକ ଅଧକ୍ଷା ଆରତୀ ନାଏକ, ଉପାଧକ୍ଷ ଦୃଜୟ ମିଶ୍ର ଓ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ବିଡ଼ିଓ ଙ୍କ କାର୍ଯ୍ୟାଳୟରେ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ବ୍ଲକ ଅଧକ୍ଷା ଆରତୀ ନାଏକ ଉତ୍ତରରେ ଅସ୍ତରଙ୍ଗ ବ୍ଲକରେ ଦୀର୍ଘଦିନ ହେବ ଅତିରିକ୍ତ ବିଡ଼ିଓ, ଆଇପିଓ, ଡ଼ବ୍ଲୁ୍ୟଓ ସହ ମଣ୍ଡଳଶିକ୍ଷାଅଧିକାରୀ ପଦବୀ ଖାଲି ପଡ଼ିଥିବା ସମ୍ପର୍କରେ ଅବଗତ କରାଇବା ସହ ଆଗକୁ ଗ୍ରୀଷ୍ମପ୍ରଭାବ ଆସୁଥିବାରୁ ଅସ୍ତରଙ୍ଗ ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ବଡ଼ ସମସ୍ୟା ପାନୀୟ ଜଳ। ୩୦ଫୁଟ ତଳକୁ ଲୁଣି ଓ ଖାରି ପାଣି ଯନ୍ତ୍ରଣା ରେ ଛଟପଟ ହେଉଛନ୍ତି ଅସ୍ତରଙ୍ଗ ଅଞ୍ଚଳବାସୀ। ମନ୍ତ୍ରୀ ପାନୀୟ ଜଳ ସମସ୍ୟାକୁ ଦୃଷ୍ଟିରେ ରଖି ଜଳଜୀବନ ମିଶନ ଯୋଜନାରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇଛି।କାର୍ଯ୍ୟ ତଦାରଖ କରି ଖୁବଶୀଘ୍ର କାମ ଶେଷ କରିବାକୁ ବିଡ଼ିଓଙ୍କୁ ପରାମର୍ଶ ଦେଇଥିଲେ। ଉପକୂଳବର୍ତ୍ତୀ ଅସ୍ତରଙ୍ଗ ବ୍ଲକର ବିଭିନ୍ନ ପଂଚାୟତର ରାସ୍ତାଘାଟ ସମ୍ପର୍କରେ ବୁଝିଥିଲେ ବିଭାଗୀୟ ମନ୍ତ୍ରୀ। ଅସ୍ତରଙ୍ଗ ବ୍ଲକକୁ ଅଧିକ ଉନ୍ନୟନ ମୂଳକ କାର୍ଯ୍ୟପାଇଁ ଅଧିକ ପାଣ୍ଠି ପାଇଁ ଆବଶ୍ୟକ ବୋଲି ବ୍ଲକ ଅଧକ୍ଷା ଓ ଉପାଧକ୍ଷ ଦାବୀ ରଖିଥିଲେ। ଏହା ପରେ ମନ୍ତ୍ରୀ ଶ୍ରୀ ନାଏକ ଅସ୍ତରଙ୍ଗ ନିକଟସ୍ଥ ତାଳଦା ଦୀପାଞ୍ଚଳକୁ ସଂଯୋଗ କରିଥିବା ତାଳଦା ବିଜୁ ସେତୁ କାମ ଓ ମରାମତି ବୁଲି ଦେଖି ସମୀକ୍ଷା କରିବା ସହ ଉପସ୍ଥିତ କାକଟପୁର ଗ୍ରାମ୍ୟଉନ୍ନୟନ ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ପାତ୍ର, ଯନ୍ତ୍ରୀ କୃଷ୍ଣଚନ୍ଦ୍ର ତାଡ଼ଙ୍କ ସହ ଆଲୋଚନା କରି ଫେରିଯାଇଥିଲେ। ମନ୍ତ୍ରୀ ଶ୍ରୀ ନାଏକ କହିଥିଲେ ଜଳ ଜୀବନ ମିଶନ ବସୁଧା ପ୍ରକଳ୍ପ ମାଧ୍ୟମରେ ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦେବା ପାଇଁ ନିଷ୍ପତି ନିଆଯାଇଛି। ଗ୍ରୀଷ୍ମଋତୁ ପାଇଁ ଅସ୍ତରଙ୍ଗ ଅଞ୍ଚଳରେ କୌଣସି ପାଣି ସମସ୍ୟା ରହିବନି। ନଳକୂପ ବସାଇବା ସହ ଟ୍ୟାଙ୍କର ମାଧ୍ୟମରେ ବି ପାଣି ଯୋଗାଇ ଦିଆଯିବ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ପୂର୍ବତନ ସରପଞ୍ଚ ଦିବାକର ଛାଟୋଇ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଙ୍କ ସହ ଶତାଧିକ ବିଜେପି ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ।

# ପ୍ରକୃତି ସୁରକ୍ଷା ପାଇଁ ପୁରୀକୁ ପଦଯାତ୍ରା

ମାଲକାନଗିରି (ଭାସ୍କର ନ୍ୟୁଜ୍): ପରିବେଶ ରକ୍ଷା ଏବଂ ପ୍ରକୃତିର ସୁରକ୍ଷା ଲାଗି ଅଣ୍ଟା ଭିଡିଛି ତପୋଭୂମି ଟ୍ରଷ୍ଟ। ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଶନିବାର ଠାରୁ ଆରମ୍ଭ କରୁଛି ମାଲକାନଗିରିରୁ ପୁରୀକୁ ପଦଯାତ୍ରା ଓ ପୁନର୍ବାର ସବୁଜିମା ଫେରାଇ ଆଣିବା, ମାଟି, ପାଣି ଓ ପବନକୁ ବିଷାକ୍ତ କରୁଥିବା କୃଷି ଏବଂ ଶିଳ୍ପ ବିରୋଧରେ ସଚେତନତା ସୃଷ୍ଟିକରିବା ଏହାର ମୂଳ ଲକ୍ଷ୍ୟ ରହିଛି। ଏହି ପଦଯାତ୍ରା କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, ଖୋର୍ଦ୍ଧା ଦେଇ ପୁରୀରେ ପହଞ୍ଚିବ। ଦିନକୁ ୧୫ କିମି




ହିସାବରେ ୪୪ ଦିନରେ ୬୭୦ କିମି ଅତିକ୍ରମ କରିବ। ଏହି ପଦଯାତ୍ରା ଏପ୍ରିଲ ୧୨ ତାରିଖରେ ପୁରୀରେ ପହଞ୍ଚିବା ପରେ ୧୪ ତାରିଖ ଅପରାହ୍ନ ପର୍ଯ୍ୟନ୍ତ ଜାତୀୟ ସମ୍ମିଳନୀର ହେବ। ୮ଟି ରାଜ୍ୟର ପ୍ରାୟ ୩୦ଜଣ ଉତ୍ସର୍ଗୀକୃତ ଯୁବସାଥୀ ଏବଂ ବୁଦ୍ଧିଜୀବୀ ଏହି ପଦଯାତ୍ରାରେ ଭାଗ ନେବେ।

# ବ୍ୟକ୍ତିଗତ କାନ୍ଥରେ ସୂଚନା ଫଳକ

## ନିମ୍ନମାନର ସିମେଣ୍ଟରେ କାମକୁ ନେଇ ଅଭିଯୋଗ

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମ ର ଦୟାନିଧି ଜେନା ଘର ଠାରୁ କୈଳାସ ଜେନା ଘର ଦେଇ ଗ୍ରାମ ଉନ୍ନୟନ ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାର ପୁନରୁଦ୍ଧାର କାମ ନିମ୍ନମାନର କରାଯାଉଥିବାରୁ ଗ୍ରାମବାସୀ ବିରୋଧ କରିଛନ୍ତି। ପଂଚାୟତରାଜ ବିଭାଗ ଓଡ଼ିଶା ସରକାରଙ୍କ ପଞ୍ଚଦଶ କେନ୍ଦ୍ରୀୟ ଅର୍ଥ କମିଶନ ଯୋଜନା ୨୦୨୪/୨୫, ଆର୍ଥିକ ବର୍ଷରେ ୨ଲକ୍ଷ ୫୦ହଜାର ୮୯୬ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ରାସ୍ତା କାର୍ଯ୍ୟରେ ନିମ୍ନମାନର ସିମେଣ୍ଟ, ବାଲି ଓ ଇଟା ବ୍ୟବହାର ହେଉଛି। ଫଳରେ ରାସ୍ତାର ସ୍ଥାୟୀତ୍ୱ ନେଇ ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ରାସ୍ତାକାମରେ ୮୦ଗେଜ୍‌ର ଇଟା ପଡ଼ିବା କଥା ମାତ୍ର ଏଠାରେ ୪୦ଗେଜ୍‌ର ଇଟା ପକାଯାଇଛି। ନିର୍ମାଣ ସ୍ଥାନରେ ସୂଚନା ଫଳକ ତିଆରି କରାଯାଇ ରାସ୍ତା ନିର୍ମାଣର ସମସ୍ତ ସୂଚନା ଲେଖା ଯିବା ପାଇଁ ସରକାରୀ ନିୟମ ଥିବାବେଳେ ଏକ ବ୍ୟକ୍ତିଗତ କାନ୍ଥରେ ସୂଚନା ଫଳକ ଲେଖାଯାଇ ଅର୍ଥ ହଡପ କରିବାର ମସୁଧା କରାଯାଉଛି। ଯେତିକି କାର୍ଯ୍ୟ ହବା କଥା କମ୍ କାମ କରି ସମ୍ପୂର୍ଣ୍ଣ ବିଲି ନେବା ପାଇଁ ପ୍ରଶାସନ ନିକଟରେ



ଚାପ ପକାଉଛନ୍ତି। ଏପରି ନିମ୍ନମାନର କାମକୁ ନେଇ ୱାର୍ଡ ସଭ୍ୟ ବୈକୁଣ୍ଠ ସାହୁ, ୱାର୍ଡ ସଭ୍ୟା ସୀମା ମଲ୍ଲିକ, ବିଜୟଲକ୍ଷ୍ମୀ ରାଉତ, ମମତା ବିଶ୍ୱାଳ ଗୋଲାମ ଆରିଫଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିବା ସହ ଦୁର୍ନୀତି ନିବାରଣ ଅଧିକାରୀଙ୍କ ସହ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଏହି କର୍ଯ୍ୟକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ) : ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ତଥା ଜିଲ୍ଲା ପ୍ରଶାସନ ଗଜପତିଙ୍କ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ରାୟଗଡ ବ୍ଲକ୍ ଅନ୍ତର୍ଗତ ମିନି ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦାଶରଥି ଗମାଙ୍ଗ, ମାନ୍ୟବର ବିଧାୟକ ମୋହନା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ମେଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜ୍ୟୋତି ପ୍ରସାଦ ପାଣି, ଉପ ଅଧ୍ୟକ୍ଷ, ପଞ୍ଚାୟତ ସମିତି ରାୟଗଡ, ସୁନାରାମ ସିଂ, ଜିଲ୍ଲା ଶିକ୍ଷ ସଂଚାଳକ ଗଜପତି, ଶ୍ରାବଣ କୁମାର ପ୍ରଧାନ, ନିର୍ଦ୍ଦେଶକ, ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ପାରଳାଖେମୁଣ୍ଡି ଓ ଶ୍ରୀ ସୁକାନ୍ତ ପ୍ରଧାନ, ତହସିଲଦାର ରାୟଗଡ ପ୍ରମୁଖ ମଞ୍ଚାସିନ ଥିଲେ। ଆଜିର ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକରୁ ମୋଟ ୭୪୬ଜଣ ଯୁବକ ଓ ଯୁବତୀମାନେ ସେମାନଙ୍କ ନାମ ପଞ୍ଜିକରଣ କରିଥିବା ବେଳେ ୬୨୬ ଜଣଙ୍କୁ ଚୟନ କରଯାଇଛି। ଆଜିର ନିଯୁକ୍ତି ମେଳାରେ ୪୦ ଗୋଟି ସଂସ୍ଥା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉକ୍ତ ମେଳାରେ ରାଜ୍ୟ ତଥା ରାଜ୍ୟ ବାହାରର ଘରୋଇ କମ୍ପାନୀ ମାନେ ଯୋଗଦେଇ ପ୍ରତ୍ୟେକ ନିଯୁକ୍ତିର



ସୁଯୋଗ ପ୍ରଦାନ କରିବା ସହିତ କିଛି ଘରୋଇ କମ୍ପାନୀ ତାଲିମ୍ ପ୍ରଦାନ ପରେ ନିଯୁକ୍ତି ପ୍ରଦାନ କରିବେ। ଆଜିର ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ସୌଭାଗ୍ୟ ସ୍ମୃତି ରଞ୍ଜନ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଶିବାଶିଷ ସାହୁ, ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ବିଭିନ୍ନ ସଂସ୍ଥାର ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ।

■ ଜାତୀୟ ଶିକ୍ଷାନୀତି ୨୦୨୦ ଓ ବିକଶିତ ଭାରତ ଉପରେ ଜାତୀୟ ସମ୍ମିଳନୀ

# ନୂଆ ଶିକ୍ଷାନୀତି ଭାରତକୁ ବିଶ୍ୱଗୁରୁ ଭାବେ ପରିଚିତ କରାଇବ




ଭଞ୍ଜନଗର(ଭାସ୍କର ନ୍ୟୁଜ) : ଗଞ୍ଜାମ ଜିଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଶୁକ୍ରବାର ଜାତୀୟ ଶିକ୍ଷାନୀତି ୨୦୨୦ ଏବଂ ବିକଶିତ ଭାରତ ଉପରେ ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧକ୍ଷ ବିମଳ ଚନ୍ଦ୍ର ସ୍ୱାଇଁ ଅଧକ୍ଷତା କରିଥିଲେ। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ ?ଘାଟନ କରି ନୂଆ ଶିକ୍ଷା ନୀତି ଭାରତକୁ ଆଗାମୀ ଦିନରେ ବିଶ୍ୱ ଗୁରୁ ଭାବେ ପରିଚିତ କରାଇବ ବୋଲି ଉଲ୍ଲେଖ କରିଥିଲେ। ଗଞ୍ଜାମ ଏଡିଏମ ପ୍ରମୋଦ କୁମାର ପୃଷ୍ଟି ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଭାଷା ହିଁ ଶ୍ରେଷ୍ଠ ଭାଷା ବୋଲି କହି ଭଲ ମଣିଷଟିଏ ଆମେ ସୃଷ୍ଟି କରିପାରିଲେ ଆମେ ସବୁ କ୍ଷେତ୍ରରେ ବିକଶିତ ହୋଇପାରିବା ବୋଲି କହିଥିଲେ। ଏଥିସହ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ବ୍ରହ୍ମପୁର ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଛନ୍ତି, ଦେଶ ସାଧୀନତାର ୭୫ ବର୍ଷ ପରେ ଆମେ ବିକଶିତ ରାଷ୍ଟ୍ର ଚିନ୍ତା କଲେ। ଦେଶ ସ୍ୱାଧୀନତା ସମୟରେ ଦେଶର ଅର୍ଥନୀତି ଷଷ୍ଠ ସ୍ଥାନରେ ଥିଲା। ବର୍ତ୍ତମାନ ତାହା ୫ମ ସ୍ଥାନରେ ଅଛି। ଆଗାମୀ ଦିନରେ ତୃତୀୟ ଅର୍ଥନୀତି ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବା ପାଇଁ ପ୍ରସ୍ତୁତି ଚାଲିଛି। ଆଗାମୀ ଦିନରେ ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି ପ୍ରମୁଖ କ୍ଷେତ୍ରରେ ବିକାଶ ହେବ ବୋଲି ପାଢ଼ୀ କହିଛନ୍ତି। କଟକ ଶୈଳବାଳା ମହିଳା (ସ୍ୱୟଂଶାସିତ) ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷା ସୁରେଖା ସୁନ୍ଦରୀ ସାଇଁ କହିଛନ୍ତି, ୧୯୬୪, ୧୯୫୪, ୧୯୮୬ ରେ ମଧ୍ୟ ଶିକ୍ଷା ନୀତି ଲାଗୁ ହୋଇଥିଲା। ଗୋଟିଏ ରାଷ୍ଟ୍ରକୁ ନଷ୍ଟ କରିବାକୁ ହେଲେ ଗୁଳିଗୋଳାର ଆବଶ୍ୟକ ନାହିଁ। ତାର ଶିକ୍ଷା ନୀତିକୁ ଧ୍ୱଂସ କରିଦେଲେ ଆପେ ଆପେ ସେ ଦେଶ ହୋଇଯିବ। ତେଣୁ ବ୍ରିଟିଶ ମାନେ ଆମକୁ ଧ୍ୱଂସ ଆଡ଼କୁ ଠେଲି ଦେଇ ଚାଲି ଯାଇଥିଲେ। ତକ୍ଷଶିଳା, ନାଳନ୍ଦା ଭଳି ଶିକ୍ଷା ଅନୁଷ୍ଠାନରେ ଥିବା ବହିକୁ ପୋଡ଼ି ଦେଇଥିଲେ। ଆମ ଉପରେ ଇଂରେଜ ଶିକ୍ଷା ନୀତି ଲଦି ଦେଇ ବ୍ରିଟିଶ ଶାସକ ଚାଲି ଯାଇଥିଲେ। ଶିକ୍ଷା ହେଉଛି ସମାଜର ଉନ୍ନତୀ କରିବା। ତେଣୁ ପୁରୁଣା ଶିକ୍ଷା ନୀତିକୁ ବଦଳାଇବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଭଲ ମଣିଷ ଟିଏ ଗଢ଼ି ପାରିଲେ ଦେଶର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି। ପୂର୍ବତନ ଅଧକ୍ଷା ସୁରେଖା ଆହୁରି କହିଛନ୍ତି, ଭାରତୀୟ ସଂସ୍କୃତି ଓ ପରମ୍ପରାକୁ ନେଇ ନୂଆଁ ଶିକ୍ଷାନୀତି ପ୍ରଣୟନ ହୋଇଛି। ନୂଆଁ ଶିକ୍ଷା ନୀତି ଦ୍ୱାରା ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବେ ଗଢିତୋଳିବା। ପୃଥିବୀର ୮୦ ପ୍ରତିଶତ ଦେଶରେ ଆଞ୍ଚଳିକ ଭାଷାକୁ ଗୁରୁତ୍ୱ ଦିଆଯାଉଛି। ନୂଆଁ ଶିକ୍ଷା ନୀତି ରେ ମଧ୍ୟ ଆଞ୍ଚଳିକ ଭାଷାକୁ ଗୁରୁତ୍ୱ ଦିଆଯାଇଛି। ଡ଼ାକ୍ତର, ଇଞ୍ଜିନିୟର ଛାତ୍ର ମାତୃଭାଷା ରେ ପାଠ ପଢ଼ିବେ। ଭଞ୍ଜନଗର ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ଅଧକ୍ଷ ନରୀସଭା ନାୟକ, ଲାଲସିଂ ସରପଞ୍ଚ ଶିବ ରାମ ସାହୁ, ଭୁବନେଶ୍ୱର ଆର ଆଇ ଇ (ଏନସିଇଆରଟି) ପ୍ରାଧାପକ ଲକ୍ଷ୍ମୀଧର ବେହେରା, କୁନାଲ ବୁକ୍ସ ପ୍ରକାଶକ ନୂଆଁଦିଲ୍ଲୀ ପ୍ରେମ ସିଂ ବିସ୍ତ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେସନରେ କଟକ ଆର୍ ?ଏନଆଇଏଏସଇର ପ୍ରାଧାପିକା ରାଜଲକ୍ଷ୍ମୀ ଦାସ, କଳିଙ୍ଗା ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ର ଅଧକ୍ଷ ମନୋଜ କୁମାର ପ୍ରଧାନ, କୋରାପୁଟ ଡି ଏ ଭି ସି ଟି ଇ ର ଅଧକ୍ଷ ଦେବେନ୍ଦ୍ର କୁମାର ସେଠୀ, ବାଲେଶର ସି ଟି ଇ ର ପ୍ରଫେସର ପି ସି ବେହେରା, ଡ ଦିଲ୍ଲୀପ କୁମାର ଖୁଣ୍ଟିଆ, ଡ ପି କେ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ରଞ୍ଜନ କୁମାର ନାୟକ ତୃତୀୟ ଅଧିବେଶନରେ ଅତିଥି ଭାବେ ଯୋଗଦେଇ ଥିବାବେଳେ ଛାତ୍ରୀ ପ୍ରିୟଙ୍କ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଦୁଇଟି ପୁସ୍ତକ ଉନ୍ମୋଚନ ସହ ବାଳିକା ଏବଂ ବାଳକ ହଷ୍ଟେଲକୁ ବିଧାୟକ ଉଦ୍ ?ଘାଟନ କରିଥିଲେ।

# ଜନସମ୍ପର୍କ ଶିବିର

ଉମରକୋଟ (ଭାସ୍କର ନ୍ୟୁଜ) : ନବରଙ୍ଗପୁର ଓ ଉମରକୋଟ ପୋଲିସର ମିଳିତ ଅନକୁଲ୍ୟରେ ଆଜି ଉମରକୋଟ ବ୍ଲକ କୁର୍ଶି ପଞ୍ଚାୟତର ପଦମଝରି ଗ୍ରାମରେ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ପ୍ରାରମ୍ଭରେ ଗ୍ରାମବାସୀଙ୍କ ଦ୍ୱାରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ଜିଲା ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡାଙ୍କୁ ପାରମ୍ପରିକ ଭାବେ ସ୍ୱାଗତ କରି ସଭାସ୍ଥଳକୁ ପାଛୋଟି ନେଇ ଯାଇଥିଲେ। ମୁଖ୍ୟ ଅତିଥି ଭଲିବଲ ଓ କ୍ରିକେଟ ମ୍ୟାଚ ଉଦଘାଟନ କରିବା ସହ ଅନ୍ୟାନ୍ୟ ଉଦଘାଟନ କରିଥିଲେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା ଗୀତ, ନାଚ ଓ ଗ୍ରାମବାସୀଙ୍କ ଦ୍ୱାରା ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ଏହି ଅବସରରେ ଆଜିର କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଙ୍କ ସହ ଉମରକୋଟ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ କୁମାର ଶବର, ଆସିଷ୍ଟାଣ୍ଟ କମଣ୍ଡାଣ୍ଟ ସତ୍ୟ ରଞ୍ଜନ ପାଲ, ଉମରକୋଟ ଭାରପ୍ରାପ୍ତ ଥାନା ଅଧିକାରୀ ଶିବଜି କୁମାର ପଣ୍ଡା, ଏସଆଇ ଅକ୍ଷୟ କୁମାର ମିଶ୍ର ଓ ଡିଭିଏଫ୍ ଯବାନ ସାମିଲ ଥିଲେ। ଶିବିରରେ ଗ୍ରାମବାସୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା ଏବଂ ମହିଳା ମାନଙ୍କ ପାଇଁ ଶାଢ଼ୀ, ଛାତ୍ର ଛାତ୍ରୀ ମାନଙ୍କ ପାଇଁ ପାଠ୍ୟ ଉପକରଣ, ଯୁବକ ମାନଙ୍କ ପାଇଁ ଖେଳ ସାମଗ୍ରୀ ଓ ବୃଦ୍ଧା ଙ୍କ ପାଇଁ କମ୍ବଳ, ଛତା, ସୋଲାର ଲାଇଟ ଇତ୍ୟାଦି ଅତିଥି ମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ର ମୁଖ୍ୟ ଉଧେଶ୍ୟ ହେଲା ଲୋକଙ୍କ ନିକଟତର ହୋଇ ପୋଲିସ ଓ ଲୋକଙ୍କ ମଧରେ ସମ୍ପର୍କ କୁ ସ୍ୱଚ୍ଛ କରିବା ଓ ବିଭିନ୍ନ କାର୍ଯ୍ୟରେ ଉଭୟେ ଉଭୟ ଙ୍କୁ ସାହାଯ୍ୟ ସହଯୋଗର ହାତ ବଢ଼ାଇବାକୁ ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା ନିବେଦନ କରିଥିଲେ।

# ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା ମେଳା

ଜଗତସିଂହପୁର ( ଭାସ୍କର ନ୍ୟୁଜ): ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା ମେଳା ପୁନଙ୍ଗ ସ୍ଥିତ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଜଗତସିଂହପୁର ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରମେଶ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ରୂପେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ସମ୍ମାନନୀୟ ଅତିଥି ରୂପେ ଜିଲ୍ଲା ପରିଷଦ ଅଧକ୍ଷ ମନୋଜ ଭୋଇ, ମୁଖ୍ୟବକ୍ତା ଭାବେ ଜିଲ୍ଲାପାଳ ଜେ ସୋନାଲ, ଅନ୍ୟ ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପରେଶ ଚନ୍ଦ୍ର ପାତ୍ର ଏବଂ ରାଜ୍ୟଶ୍ରୀ ସାହୁ, ଜିଲ୍ଲା ଶୈକ୍ଷିକ ସଂଯୋଜକ ତପନ କୁମାର ନନ୍ଦ ପ୍ରମୁଖ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାକ୍ଷେତ୍ରରେ ନିପୁଣତା ହାସଲ କରିବା ପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଶିକ୍ଷକ ପ୍ରଶିକ୍ଷିକା ତପସ୍ୱିନୀ ମହାପାତ୍ର ନିପୁଣ ଓଡ଼ିଶା ଶପଥ ପାଠ କରାଇଥିଲେ। ଜିଲ୍ଲା ସ୍ତରୀୟ ଏହି ନିପୁଣ ମେଳା ରେ ବିଭିନ୍ନ ବ୍ଲକର ବଛାବଛା ୪୦ଟି ବିଦ୍ୟାଳୟର ଅଭିନବ ଶିକ୍ଷଣ ସାମଗ୍ରୀ ଗୁଡିକ ପ୍ରଦର୍ଶିତ ହୋଇଥିଲା। ଏହି ମେଳାରେ ତିନୋଟି ଶିକ୍ଷଣ କେନ୍ଦ୍ରରେ ବିବିଧ କାର୍ଯ୍ୟକଳାପ ମାଧ୍ୟମରେ ଶିକ୍ଷାର୍ଥୀ, ଅଭିଭାବକ ଏବଂ ଶିକ୍ଷକ ମାନଙ୍କ ଜାଣିବା ପାଇଁ ଉପାଦେୟ ବିଷୟ ରହିଥିଲା। କାର୍ଯ୍ୟକଳାପ ଷ୍ଟଲରେ କାହାଣୀ କହିବା, କଣ୍ଢେଇ ନାଚ, ଗଣିତ କୁଇଜ, ଅଭିନବ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ ଷ୍ଟଲରେ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଆଧାରିତ ସ୍ୱଳ୍ପ ମୂଲ୍ୟ ଓ ବିନା ମୂଲ୍ୟର ଶିକ୍ଷଣ ସାମଗ୍ରୀ, ପାଠ ଯୋଜନା ତଥା



ଆଲୋଚନାଚକ୍ରରେ ସର୍ବଶ୍ରେଷ୍ଠ ବିଦ୍ୟାଳୟ ପାଇଁ ମୋ ପରିକଳ୍ପନା ଶୀର୍ଷକ ଆଧାରରେ ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷକ ପ୍ରଶିକ୍ଷକ, ଶିକ୍ଷାବିତ ଓ ସ୍ଥାନୀୟ ଅଭିଭାବକମାନଙ୍କ ଠାରୁ ମତାମତ ସଂଗ୍ରହ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ, ଫୁଲବାଣୀର ସହକାରୀ ପ୍ରାଧାପକ ମନୋଜ କୁମାର ଲେଙ୍କା, ସହକାରୀ ମଣ୍ଡଳ ଶିକ୍ଷା ଅଧିକାରୀ ଗୋପବନ୍ଧୁ ନାୟକ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମଣ୍ଡାସାହିର ସ୍ୱାସ୍ଥ୍ୟ ଅଧିକାରୀ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଏହାସହିତ ଜାତୀୟ ବିଜ୍ଞାନ ଦିବସ ଅବସରରେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଜଗତସିଂହପୁର ତରଫରୁ ଆୟୋଜିତ ଗଣିତ ଓ ବିଜ୍ଞାନ ମେଳାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲାସ୍ତରୀୟ ଏହି ନିପୁଣ ଓଡ଼ିଶା ମେଳାରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ସ୍ମିତଶ୍ରୀ ବିଶ୍ୱାଳ ଅତିଥି ମାନଙ୍କର ପରିଚୟ ପ୍ରଦାନ, ସ୍ୱାଗତ ଭାଷଣ ତଥା ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପୁଷ୍ପଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

ଉମରକୋଟ (ଭାସ୍କର ନ୍ୟୁଜ) :ବିକଶିତ ଗାଁ, ବିକଶିତ ଓଡ଼ିଶା’ ଯୋଜନାର ମାର୍ଗଦର୍ଶିକା ସରକାର ପ୍ରକାଶ କରିଛନ୍ତି। ଚଳିତ ଫେବୃଆରୀ ମାସ ଶେଷ ସୁଦ୍ଧା ପ୍ରତି ଗାଁ ୫ ବର୍ଷିଆ ଯୋଜନା ତାଲିକା ପ୍ରସ୍ତୁତ କରି ପଠାଇବାକୁ ରାଜ୍ୟ ସରକାର ପକ୍ଷରୁ ଜିଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେ ନେଇ ବିଡିଓମାନଙ୍କୁ ମାର୍ଗଦର୍ଶିକା ପଠାଯାଇଥିଲା। ୨୦୨୪-୨୫ରେ ବିକଶିତ ଗାଁ, ବିକଶିତ ଓଡ଼ିଶା ପାଇଁ ସରକାର ବଜେଟ୍‌ରେ ୧୦୦୦ କୋଟି ଟଙ୍କାର ବ୍ୟୟବରାଦ କରିବେ। ନୂଆ ମାର୍ଗଦର୍ଶିକା ମୁତାବକ ଏହି ଟଙ୍କାକୁ ପ୍ରତି ପଞ୍ଚାୟତକୁ ଆବଣ୍ଟନ କରାଯିବ। ପଛୁଆ ବା ଆଦିବାସୀ ବହୁଳ ଅଞ୍ଚଳକୁ ଏହି ଯୋଜନାରେ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। ଆଜି ଉମରକୋଟ ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମୀ ସାଗର ମାଝି ଯୋଗଦେଇ ପ୍ରସ୍ତାବ ଆଗତ କରିଥିଲେ। ଉମରକୋଟ ବ୍ଲକ ଅଧିନରେ ଥିବା ୨୬ ଗୋଟି ପଞ୍ଚାୟତ ରେ ମୋଟ ୬,୫୦,୮୯,୪୭୯ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏଥିପାଇଁ ପ୍ରତ୍ୟେକ ପଞ୍ଚାୟତକୁ ଜନସଂଖ୍ୟା ଅନୁପାତରେ ଅର୍ଥ ଆବଣ୍ଟନ କରାଯାଇଥିବା ବିଡିଓ ସୂଚନା ଦେଇଥିଲେ। ସ୍ୱତନ୍ତ୍ର ଗ୍ରାମସଭା ଜରିଆରେ ପ୍ରକଳ୍ପ ପ୍ରସ୍ତାବ ଗ୍ରହଣ କରାଯାଇଥିବା ବେଳେ ପଞ୍ଚାୟତ ସମିତି ରେ ସେଗୁଡ଼ିକ ଅନୁମୋଦନ କରା ଯାଇଥିଲା। କେତେକ ପଞ୍ଚାୟତରେ ଅଧିକ ଅର୍ଥ ଅନୁଦାନ ଦିଆଯାଇଥିବା ନେଇ କିଛି ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ଅସନ୍ତୋଷ ପ୍ରକାଶ କରି ହୋ ହାଲ୍ଲା କରିଥିଲେ।

# ଶିକ୍ଷା ବିଭାଗରେ ସିଆର୍‌ସିସିଙ୍କ ଦବଙ୍ଗଗିରି



ନାରାୟଣପାଟଣା ( ଭାସ୍କର ନ୍ୟୁଜ୍ ) : କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍ ଶିକ୍ଷା ବିଭାଗରେ ସିଆରସିସି ଗୁଡ୍ଲା ଲକ୍ଷ୍ମୀ ନିଜ କ୍ଲୋଷ୍ଟର୍‌ରେ ଦବଙ୍ଗ ଗିରି ଚଳାଇ ଥିବା ଦେଖିବାକୁ ମିଳିଛି । ସରକାରଙ୍କ ନିୟମାବଳୀକୁ ଉଲଙ୍ଘନ କରିବା ସହିତ ନିଜେ ନିଜ ଇଚ୍ଛାରେ କାର୍ଯ୍ୟ କରିବା ଦେଖିବାକୁ ମିଳିଛି। ଉକ୍ତ ସିଆରସିସିଙ୍କ ନିଜ ସ୍କୁଲ ନାରାୟଣପାଟଣା ବ୍ଲକ୍ ଅନ୍ତର୍ଗତ ବାଲିପେଟା ପଞ୍ଚାୟତ ସ୍ଥିତ ଡୁମୁସିଲ୍ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ସିଆରସିସି ପଷ୍ଟ ପାଇ ଦୁଇ ବର୍ଷ ବିତିଗଲାଣି କିନ୍ତୁ ସିଆର୍‌ସିସିର ପ୍ରକୃତ ସରକାରୀ ନିୟମ ମୁତାବକ ୧୫ ଦିନ ନିଜ ସ୍କୁଲ୍ ରେ କାମ କରିବା କଥା ଏବଂ ଅନ୍ୟ ୧୫ ଦିନ ଯେଉଁ କ୍ଲୋଷ୍ଟର୍ ଦାୟିତ୍ୱ ରେ ସେ ଅଛନ୍ତି ସେଠାକୁ ପରିଭ୍ରମଣ କରି ସେହି କ୍ଲୋଷ୍ଟରମାନଙ୍କରେ ଥିବା ବିଦ୍ୟାଳୟ ମାନଙ୍କ ସୁବିଧା ଅସୁବିଧା ବ୍ଲକ୍ ଶିକ୍ଷା ଅଧିକାରୀ ଙ୍କୁ ଜଣାଇବା କଥା, କିନ୍ତୁ ସରକାରୀ ନିୟମକୁ ଉଲଙ୍ଘନ କରି ବର୍ଷ ତମାମ ସ୍କୁଲ ନଯାଇ ନିଜ ସ୍କୁଲ୍ ଟିଚର୍ ଆଟେଣ୍ଡାନସ୍‌ରେ ନିଜ ଦସ୍ତଖତ ନକରି କିପରି ଭାବେ ସରକାରଙ୍କ ଠାରୁ ମୋଟା ଅଙ୍କର ଦରମା ପାଉଥିଲେ ତାହା ଅଞ୍ଚଳ ରେ ସମସ୍ତଙ୍କୁ ଚକିତ କରିଦେଇଛି । ଏହି ବିଷୟରେ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ସେ କହିଛନ୍ତି ସିଆର୍‌ସିସି କହିଲେ ମୁଁ ଦୁଇଟି କ୍ଲୋଷ୍ଟର୍ ସମ୍ଭାଳୁଛି ତେଣୁ ଆସି ପାରୁନାହିଁ । ହେଲେ ସିଆର୍‌ସିସିଙ୍କ ଏହି ପୋଷ୍ଟକୁ ସେମିତି କଣ ଉଚ୍ଚ କର୍ତ୍ତୃପକ୍ଷଙ୍କ ତରଫରୁ ଆଦେଶ ନାମା ଦିଆଯାଇଛି କି ବୋଲି ପଚାରିବାରୁ ସେମିତି କିଛି ଆଦେଶନାମା ଆମ ପାଖରେ ନାହିଁ ବୋଲି ଉକ୍ତ ସିଆର୍‌ସିସିଙ୍କ ପ୍ରଧାନ ଶିକ୍ଷକ ପ୍ରକାଶ କରିଛନ୍ତି। ଯେହେତୁ ସେ ଉଜଡ଼ଉ କେବେ ସ୍କୁଲ୍ ଯାଉନାହାନ୍ତି କିମ୍ବା ନିଜ ଦସ୍ତଖତ କରିନାହାନ୍ତି ତାହେଲେ ଆପଣ କିଭଳି ଭାବେ ତାଙ୍କ ଦରମା ବିଲ୍ କରୁଛନ୍ତି ପଚାରିବାରୁ ସେ ସରଳ ନିରୀହ ପ୍ରଧାନ ଶିକ୍ଷକ ଜଣେ ନିଜ ମନ୍ତବ୍ୟ ରେ ସେ ଉଜଡ଼ଉ ମ୍ୟାଡମ୍ ହେଉଛନ୍ତି ଶିକ୍ଷକ ସଂଘର ଆଗ ଧାଡ଼ିର ଲୋକଙ୍କ ପରିବାରରୁ ଆନିତ, ତେଣୁ ଯଦି ମୁଁ ଦରମା ବିଲ୍ ନଦିଏ ତାହାଲେ ମୋତେ କୌଣସି ପ୍ରକାରର ଭୟଭୀତ ଦେଖାଇ ମୋତେ ନିଶ୍ଚିନ୍ତ ରୂପେ ବହିଷ୍କାର କରାଇଦେବେ । ତେଣୁ କରି ମୁଁ ତାଙ୍କୁ ଏବଂ ତାଙ୍କ ପରିବାର କୁ ଡରି ତାଙ୍କର ଦରମା ବିଲ୍ କରୁଥିଲି। ଏତିକି ରୁ ସ୍ପଷ୍ଟ ଜଣାପଡୁଛି କି ସେ ଉଜଡ଼ଉ ମ୍ୟାଡମ୍ ନିଶ୍ଚିନ୍ତ ରୂପେ ପ୍ରଧାନ ଶିକ୍ଷକଙ୍କୁ କିଛି ନା କିଛି ଚାପ ପକାଇ ଏ ଭଳି ଭାବରେ ଦରମା ପାଉଥିଲେ। ପ୍ରଧାନଶିକ୍ଷକ ତାଙ୍କ ସିଆର୍‌ସିସିଙ୍କୁ ନିଲ୍ ବିଲ୍ ଦେଉଥିବା ବେଳେ ସିଆର୍‌ସିସି ମ୍ୟାଡମ୍ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ବିଲ୍ ନେଇ କଣ କରୁଥିଲେ ତାହା ସେ ସଠିକ୍ ଜାଣି ନ ଥିବା ପ୍ରକାଶ କରିଛନ୍ତି । ସିଆର୍‌ସିସି ଗୁଡଲା ଲକ୍ଷ୍ମୀ ନିଜ କାର୍ଯ୍ୟ ଛାଡ଼ି ବ୍ୟବସାୟରେ ଲିପ୍ତ ରହିଥିବା ବେଳେ ଦୁଇଟି କ୍ଲୋଷ୍ଟରର ହ୍ୱାଟ୍‌ସଅପ୍ ଗ୍ରୁପ୍ ଗଠନ କରି ସେହି ଗ୍ରୁପ୍ ମାଧ୍ୟମରେ ତାଙ୍କ କ୍ଲୋଷ୍ଟର୍ ଅନ୍ତର୍ଭୁକ୍ତ ସମସ୍ତ ସ୍କୁଲ ର ପ୍ରଧାନ ଶିକ୍ଷକମାନଙ୍କୁ ଡାଟା ଛାଡ଼ି ସେହି ସ୍କୁଲ୍ ମାନଙ୍କର ସମସ୍ତ ତଥ୍ୟ ସଂଗ୍ରହ କରି ସୋସିଆଲ ମିଡ଼ିଆ ମାଧ୍ୟମରେ ବ୍ଲକ୍ ଶିକ୍ଷା ଅଧିକାରୀ ଙ୍କୁ ଛାଡିଥିଲେ ଏବଂ ସେହି କ୍ଲୋଷ୍ଟର ରେ ଥିବା ଗୋଟେ ସ୍କୁଲ କୁ ଦୁଇ ଚାରି ମାସରେ ଥରେ ଯାଇ ଯେମିତିକି ସଦାବେଳେ ପରିଭ୍ରମଣ କରିଥିବା ଭୋଳି ଏକା ଦିନରେ ପାଞ୍ଚ ମାସର ଦସ୍ତଖତ କରି ପଳାଇ ଆସିଥିବା ଦେଖିବାକୁ ମିଳିଛି କ୍ଷ ଉକ୍ତ ସିଆର୍‌ସିସି ଜଣକ ସ୍କୁଲ ଡ୍ୟୁଟି କିମ୍ବା ଉଜଡ଼ଉ ଡ୍ୟୁଟି ଘରେ ବସି ରହି କରିଥିବା ସ୍ପଷ୍ଟ ଜଣାପଡ଼ିଛି । ଏହି ବିଷୟ ଟି ଜିଲ୍ଲା ଶିକ୍ଷ୍ୟା ଅଧିକାରୀ ଏବଂ ବ୍ଲକ୍ ଶିକ୍ଷ୍ୟା ଅଧିକାରୀ ଙ୍କୁ ଜଣାଇଦିଆଯାଇଛି । ଦେଖିବାକୁ ବାକି ରହିଲା ଉଜଡ଼ଉ ଗୁଡଲା ଲକ୍ଷ୍ମୀଙ୍କ ଉପରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

# ଧାନକ୍ରୟ ସମ୍ପର୍କରେ ସମୀକ୍ଷା

ଝାରସୁଗୁଡ଼ା (ଭାସ୍କର ନ୍ୟୁଜ): ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ବୈଷୟିକ କୌଶଳ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଝାରସୁଗୁଡାରେ ଧାନକ୍ରୟ ସମ୍ପର୍କରେ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅବୋଲି ସୁନୀଲ ନରୱ୍ହଣେ , ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ନବଲ କିଶୋର ଅଗ୍ରୱାଲ, ବରଗଡ଼ ସାଂସଦଙ୍କ ପ୍ରତିନିଧି ଶ୍ଳୋକ ଶାର୍ଣ୍ଣା, ବିଧାୟକ ପ୍ରତିନିଧି ପ୍ରେମସେନ ରାୟ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଆଜି ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟସ୍ଥିତ ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଝାରସୁଗୁଡାରେ ଚଳିତ ବର୍ଷ ଧାନକିଣା ସୁରୁଖୁରୁରେ ହୋଇଥିବା ପ୍ରକାଶ କରି ଧାନକ୍ରୟକୁ ଦଲାଲମୁକ୍ତ କରାଯିବ ବୋଲି ଉଲ୍ଲେଖ କରିଛନ୍ତି। ମାର୍ଚ୍ଚ ୧ରୁ ନୂତନ ରାସନ କାର୍ଡ଼ ଆବେଦନ ପାଇଁ ପୋର୍ଟାଲ ଖୋଲାଯାଉଥିବା ପ୍ରକାଶ କରିଥିଲେ। ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ଼



ଯୋଗାଇବା ସକାଶେ ସର୍ଭେ କରାଯିବ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି। ସର୍ଭେ ସମୟରେ ନିରପେକ୍ଷତା ଅବଲମ୍ବନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେବା ସହ କୌଣସି ଗରିବ ଲୋକ ଯେପରି ରାସନ କାର୍ଡ଼ରୁ ବଞ୍ଚିତ ନହୁଅନ୍ତି ସେଥିପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ପ୍ରାୟ ୭୦ହଜାର ଲୋକ ରାସନ କାର୍ଡ଼ ସରେଣ୍ଡର କରିଥିବା ପ୍ରକାଶ କରି ଅଯୋଗ୍ୟ ହିତାଧିକାରୀଙ୍କ ନାଆଁ ରାସନ କାର୍ଡ଼ ତାଲିକାରୁ ବାଦ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମୃତ ଲୋକଙ୍କ ନାଁରେ ଉଠାଯାଉଥିବା ଚାଉଳ ବନ୍ଦ କରାଯାଇଛି। ରାଜ୍ୟ ସରକାର ପ୍ରତି ସବ-ଡିଭିଜନରେ ଶୀତଳ ଭଣ୍ଡାର ଖୋଲିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବାରୁ ଝାରସୁଗୁଡାରେ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ଆସନ୍ତା ଦଶ ଦିନ ମଧ୍ୟରେ ଏ ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଓ ଉଦ୍ୟାନକୃଷି ସହକାରୀ ନିର୍ଦ୍ଦେଶକଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଯୋଗାଣ , କୃଷି , ଉଦ୍ୟାନ କୃଷି, ସମବାୟ ବିଭାଗର ଅଧିକାରୀଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉପସ୍ଥିତ ଥିଲେ।



ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ଭଞ୍ଜନଗର ଜବାହର ନୋଡାଲ ଉଚ୍ଚ ବିଦ୍ୟାଳୟ, ବଡକୋଦଣ୍ଡା ଠାରେ ପ୍ରଧାନଶିକ୍ଷକ ମନୋରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ସନ୍ତୋଷ ଜେନା ଯୋଗଦେଇ ବିଜ୍ଞାନର ଉପକାରିତା ଓ ସମାଜ ଉପରେ ତା'ର ପ୍ରଭାବ ଉପରେ ମତ ଦେଇଥିଲେ। ପ୍ରାରମ୍ଭରେ ବରିଷ୍ଠ ଶିକ୍ଷକ ମୋହନ ସାହୁ ସ୍ୱାଗତ ସଂଗୀତ ଗାନ କଲାପରେ ଶିକ୍ଷକ ବିଶ୍ୱଜିତ ଗୌଡ଼ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଗଣେଶ ଚନ୍ଦ୍ର ପଣ୍ଡା, ବିଜ୍ଞାନ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ଜାତୀୟ ବିଜ୍ଞାନ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ଶିକ୍ଷଣ ମେଳାକୁ ଅତିଥିମାନେ ବୁଲି ଦେଖିବା ପରେ ଗ୍ରୁପ ଏକ ଏବଂ ଗ୍ରୁପ ଦୁଇ ଦଳଙ୍କୁ ପ୍ରଶଂସା ପତ୍ର ସହ ପୁରସ୍କୃତ କରାଯାଇଥିଲା। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ସାଜନ ସ୍ୱାଇଁ, ନୀଳାଞ୍ଚଳ ପ୍ରଧାନ, ଅନିମା ମିଶ୍ର, ପୁଷ୍ପାଞ୍ଜଳି ସ୍ୱାଇଁ, ରାଜଲକ୍ଷ୍ମୀ ସାହୁ, ଗୀତାଞ୍ଜଳି ମଳିକ, ରାଜଶ୍ରୀ ପଟ୍ଟନାୟକ, ଶରତ ଚନ୍ଦ୍ର ବେହେରା, ଶାନ୍ତିଲତା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ରଶ୍ମିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶତାଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

# ବିଇଓଙ୍କ ଅଚାନକ ସ୍କୁଲ ପରିଦର୍ଶନ

## ୨ ଶିକ୍ଷକଙ୍କ ଦରମା ବନ୍ଦ, ଗୋଟିଏ ସ୍କୁଲକୁ କାରଣ ଦର୍ଶାଅ ନୋଟିସ୍

ବଡ଼ଚଣା (ଭାସ୍କର ନ୍ୟୁଜ୍) : ଶିକ୍ଷା, ଶିକ୍ଷକ, ଶିକ୍ଷାୟତନର ଉନ୍ନତି ସହିତ ଗ୍ରାମାଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ବହୁ ଯୋଜନା ମାନ ପ୍ରଣୟନ କରିଛନ୍ତି। ମାତ୍ର ଶିକ୍ଷକ/ଶିକ୍ଷୟତ୍ରୀଙ୍କ କର୍ତ୍ତବ୍ୟରେ ଅବହେଳା ଓ ଶିକ୍ଷାଦାନ ପାଇଁ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ତାହା ସଫଳ ହୋଇ ପାରୁନାହିଁ। ଏହି ପରିପେକ୍ଷୀରେ ଆଜି ବଡ଼ଚଣା ଶିକ୍ଷା ମଣ୍ଡଳ ଅଧିକାରୀ ସବିତା ସାହୁ ଅଚାନକ ଖଟୁଆପଡ଼ା ଓ କେଶରପଡ଼ା ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟର ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ସହିତ ପ୍ରଧାନଶିକ୍ଷକ ଅନୁପସ୍ଥିତ ଥିବାର ଦେଖାଯାଇଥିଲା । ଏଥିରେ ଅସନ୍ତୋଷ ପ୍ରକାଶ କରି ଶିକ୍ଷାଧିକାରୀ ଉକ୍ତ ଦୁଇଟି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଦର୍ପଣ ସ୍ଥିତ ଉଦାସ ଯମୁନା ଉପ୍ରା ବିଦ୍ୟାଳୟ ପରିଦର୍ଶନ ପରେ ଉକ୍ତ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷାଦାନ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ନିମ୍ନମାନର ପାଠପଢାକୁ ନେଇ ପିଲାମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ମାତ୍ର ପିଲାମାନେ କେହି ହେଲେ ଜଣେ ଠିକ୍ ଉତ୍ତର ଦେଇପାରି ନଥିଲେ। ଏଥିରେ ବିରକ୍ତି ଭାବ ପ୍ରକାଶ କରି ଉକ୍ତ ବିଦ୍ୟାଳୟ ସହକାରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥଲେ। ଶିକ୍ଷାଧିକାରୀଙ୍କ ଏତାଦୃଶ କାର୍ଯ୍ୟାନୁଷ୍ଠାନକୁ ଦେଖି କର୍ତ୍ତବ୍ୟରେ ଅବହେଳା କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଶିକ୍ଷା ମଣ୍ଡଳ ଅଧିକାରୀଙ୍କ ଦୁଇବର୍ଷ ହେବ ବ୍ଲକର ଶିକ୍ଷା ମଣ୍ଡଳୀରେ ଯୋଗ ଦେଇଥିବା ବେଳେ ପ୍ରଥମ ଥର ଏଭଳି କାର୍ଯ୍ୟାନୁଷ୍ଠାନକୁ ରାଜନୈତିକ ଉଦ୍ଦେଶ୍ୟକୁ ନେଇ କରାଯାଇଛି ବୋଲି ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ୩ ଚୋରଙ୍କୁ କୋର୍ଟ ଚାଲାଣ

କଣିହାଁ (ଭାସ୍କର ନ୍ୟୁଜ୍) : ଅନୁଗୋଳ ଜିଲ୍ଲା କଣିହାଁ ଥାନା ଓ ଏନ୍‌ଟିପିସି ଥାନାର ବିଭିନ୍ନ ଚୋରିରେ ସଂପୃକ୍ତ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ଉଭୟ ପୁଲିସ। କଣିହାଁ ପୁଲିସ ୨୦୨୪ ମସିହାରେ ଏକ ବାଇକ ଚୋରିରେ ସଂପୃକ୍ତ କଣିହାଁ ଥାନା ନାଲମ ଗ୍ରାମର ମାନସ ନାଏକ ଓ ହନୁମାନପୁର ଗ୍ରାମର ସୁଶାନ୍ତ ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେହିପରି ଏନଟିପିସି ଥାନା ପୁଲିସ ଏନଟିପିସି ପ୍ଲାଣ୍ଟ ଭିତରୁ କେବୁଲ ତାର ଚୋରିରେ ସଂପୃକ୍ତ ଉତ୍ତରପ୍ରଦେଶ ର ବାସିନ୍ଦା ବର୍ତ୍ତମାନ ଏନଟିପିସି ଥାନା ରଙ୍ଗବେଡାରେ ରହୁଥିବା ଜୟ କୁମାର ଜଇସ୍ୱାଲଙ୍କୁ ଗିରଫ କରିଛି। ଶୁକ୍ରବାର ସମସ୍ତ ଅଭିଯୁକ୍ତଙ୍କୁ ତାଳଚେର କୋର୍ଟ ଚାଲାଣ କରାଯାଇଥିବା ପୁଲିସ ସୂତ୍ରରୁ ପ୍ରକାଶ।

# ଚଉଷଠି ଯୋଗିନୀ ମହୋତ୍ସବରେ ଯୋଗଦେଲେ ରାଜସ୍ୱ ମନ୍ତ୍ରୀ

## ରାଣୀପୁର ଝରିଆଲର ବିକାଶ ଉପରେ ଗୁରୁତ୍ୱାରୋପ



ବଙ୍ଗୋମୁଣ୍ଡା/ମୁରିବାହାଲ (ଭାସ୍କର ନ୍ୟୁଜ୍) : ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକର ବହୁ ପୁରାତନ ଐତିହାସିକ ଯୋଗିନୀ ପୀଠ ରାଣୀପୁର ଝରିଆଲରେ ମହାଶିବରାତ୍ରି ମେଳା ସହ ଚଉଷଠି ଯୋଗିନୀ ମହୋତ୍ସବ ମହା ଆଡ଼ମ୍ବର ସହକାରେ ପାଳିତ ହେଉଅଛି। ତୃତୀୟ ଦିବସରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ରାଣୀପୁର ଝରିଆଲ ପହଞ୍ଚି ସୋମେଶ୍ୱର ବାବାଙ୍କୁ ଦର୍ଶନ କରିଥିଲେ। ମହୋତ୍ସବର ତୃତୀୟ ଦିବସରେ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ସଙ୍ଗୀତା କୁମାରୀ ସିଂଦେଓ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଶିବାଜୀ ମହାନ୍ତି, ବଙ୍ଗୋମୁଣ୍ଡା ବ୍ଲକ ଅଧକ୍ଷା ରଞ୍ଜୁବାଳା ବେହେରା, ମନ୍ଦିର ଟ୍ରଷ୍ଟ ସଭାପତି ମାଣିକ ଚନ୍ଦ ଜୈନ, ଆବାହକ ଅନିଲ ତ୍ରିପାଠୀ, ଝରିଆଲ ସରପଞ୍ଚ ଭରଦ୍ୱାଜ ଗହୀର ମଞ୍ଚାସୀନ ଥିଲେ। ଆବାହକ ଅନିଲ ତ୍ରିପାଠୀ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରି ରାଣୀପୁର ଝରିଆଲର ଐତିହ୍ୟ ଏବଂ ଅବହେଳିତ ଅବସ୍ଥାରେ ରହିଥିବା ବେଳେ ଏହାର ସୁରକ୍ଷା, ସଂରକ୍ଷଣ, ବିକାଶ ପାଇଁ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସ୍ଥାନୀୟ ସାଂସଦ, ବିଧାୟକଙ୍କ ଉଦ୍ୟମରେ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ରାଣୀପୁର ଝରିଆଲ ସ୍ୱତନ୍ତ୍ର ସ୍ଥାନ ପାଇଛି । ଅତୀତରେ ଏହି ପୀଠ ଯେଉଁ ଭଳି ଗୁରୁତ୍ୱ ପାଇବା କଥା ପାଇଲା ନାହିଁ ଆଗାମୀ ଦିନରେ ଜାତୀୟ ସ୍ତରର ପୀଠ ସହ ଏହାର ବିକାଶ ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ଏହାର ରୂପରେଖ ପ୍ରସ୍ତୁତ ପାଇଁ କମିଟି ଓ ବିଧାୟକଙ୍କୁ ପରାମର୍ଶ ଦେବା ସହ ଏହାର ସଫଳ ରୂପାୟନ ପାଇଁ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିବା ସହ ଐତିହ୍ୟ ସମ୍ପନ୍ନ ୧୪୦୦ ବର୍ଷରୁ ଅଧିକ ପୁରାତନ ଚଉଷଠି ଯୋଗିନୀ ପୀଠର ସୁରକ୍ଷା, ସଂରକ୍ଷଣ ଓ ବିକାଶ ପାଇଁ ଆୟୋଜିତ ୨୦୧୧ ମସିହାରେ ଆୟୋଜିତ ରାଣୀପୁର ଝରିଆଲ ମହୋତ୍ସବରେ ସାମିଲ ହୋଇଥିବା ନେଇ ରାଜସ୍ୱ ମନ୍ତ୍ରୀ ସ୍ମୃତିଚାରଣ କରିଥିଲେ । କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ଉନ୍ନତି ପାଇଁ ସବୁବେଳେ ପ୍ରଚେଷ୍ଟା ଜାରି ରଖିବି ବୋଲି ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ମତପ୍ରକାଶ କରିଥିଲେ। ଡବଲ ଇଞ୍ଜିନ ସରକାରରେ ରାଣୀପୁର ଝରିଆଲର ବିକାଶ ନିଶ୍ଚିତ ବୋଲି ବିଧାୟକ ଲକ୍ଷ୍ମଣ ବାଗ ମତ ପ୍ରକାଶ କରିଥିଲେ । ଚଉଷଠି ଯୋଗିନୀ ପୀଠର ଐତିହ୍ୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଆନ୍ତର୍ଜାତୀୟ ସ୍ତରର ମହୋତ୍ସବ ପାଇଁ ପରିକଳ୍ପନା କରାଯାଇଥିବା ସମ୍ପର୍କରେ ଅବଗତ କରିବା ସହ ଏହାର ବିକାଶ ହେଲେ ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ ଧାରା ସମୃଦ୍ଧ ହେବ ବୋଲି ଶିବାଜୀ ମହାନ୍ତି ମତ ରଖିଥିଲେ । ଅତିଥିଙ୍କୁ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ବଙ୍ଗୋମୁଣ୍ଡା ମାଟିର ସୁଯୋଗ୍ୟ କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ରେଣୁରଞ୍ଜନ ବାଗ ଓ ସାଥୀଙ୍କ ଗୀତର ତାଳେ ତାଳେ ହଜାର ହଜାର ଦର୍ଶକ ଝୁମିଥିଲେ । ଜିଲ୍ଲା ତଥା ଜିଲ୍ଲା ବାହାରର ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଲୋକେ ଉପଭୋଗ କରିଥିଲେ । ସୁଶୀଳ ପୋଦ୍ଦାର, ଶୁଭଶ୍ରୀ ଯୋଶୀ, ବିରେନ୍ଦ୍ର ପାଣ୍ଡେ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ।

## କାମ କରୁନି ପଲିଥିନ ନିଷେଧ ଆଇନ

# ପରିବେଶ ସନ୍ତୁଳନ ବିଗୁଡୁଛି, ପ୍ରଶାସନ ସାଜିଛି ନିରବଦ୍ରଷ୍ଟା

ନିଆଳି (ଭାସ୍କର ନ୍ୟୁଜ୍) : ପରିବେଶର ସୁରକ୍ଷା ଲାଗି ରାଜ୍ୟ ସରକାର ସମ୍ପୂର୍ଣ୍ଣ ନିଷେଧ କରିବା ସତ୍ତ୍ୱେ ନିଆଳି ବଜାର ତଥା ଏହାର ଅଖପାଖ ଅଞ୍ଚଳରେ ପଲିଥିନର ବହୁଳ ବ୍ୟବହାର ଦିନକୁ ଦିନ ବୃଦ୍ଧି ହେଉଥିବା ଲକ୍ଷ୍ୟ କରାଯାଉଛି। ପଲିଥିନର ବହୁଳ ବ୍ୟବହାର ଯୋଗୁ ପରିବେଶ ଦୂଷିତ ହେବା ସହିତ ମାଟିର ଉର୍ବରତା ମଧ୍ୟ ନଷ୍ଟ ହେବାରେ ଲାଗିଛି। ଏହା ସହ ନିଆଳି ବଜାରକୁ ଲାଗି ଯାଇଥିବା କେନାଲ, ପ୍ରାଚୀ ଓ ହାଟ ଗାଡ଼ିଆ ପୋତି ହେବାର ମୁଖ୍ୟ କାରଣ ସାଜିଛି। ଏହି ପଲିଥିନ ନିଆଳିର ଗଳି କନ୍ଦୀରେ ଖାଦ୍ୟ ଅନ୍ୱେଷଣରେ ବୁଲୁଥିବା ପଶୁମାନେ ଖାଦ୍ୟ ସାମଗ୍ରୀରେ ଲାଗିଥିବା ଖାଦ୍ୟ ଖାଇ ନାନା ପେଟ ରୋଗର ଆକ୍ରାନ୍ତ ହେଉଛନ୍ତି। ନିଆଳି ଅଞ୍ଚଳରେ ପଲିଥିନର ବହୁଳ ବ୍ୟବହାର ଦିନକୁ ଦିନ ଏତେ ମାତ୍ରାରେ ବଢ଼ି ଚାଲିଛି ଯେ ସାଧାରଣ ଲୋକଙ୍କ



ଦୈନନ୍ଦିନ ଜୀବନରେ ଏହା ଏକ ଅଂଶ ହୋଇଯାଇଛି। ନିଆଳି ବଜାରରେ ଏକ ହଜାରରୁ ଊର୍ଦ୍ଧ୍ୱ ଦୋକାନ ରହିଥିବାବେଳେ ପ୍ରତ୍ୟେକ ଦୋକାନୀ ପଲିଥିନ ବ୍ୟବହାର କରିବାରେ ଅଭ୍ୟସ୍ତ। ପଲିଥିନ ଦୋକାନ ଗୁଡ଼ିକ ଉପରେ ଚଢ଼ାଉ କି ଜୋରିମାନା ଆଦାୟ କରାଯାଉ ନଥିବାରୁ ବେପାରୀମାନେ ପଲିଥିନ ଖୁଲମଖୁଲା ବିକ୍ରି କରିବାକୁ ପଛାଉ ନାହାନ୍ତି। ଯାହାଫଳରେ ପଲିଥିନର ବହୁଳ ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ସରକାର ପଲିଥିନର ବ୍ୟବହାର ଓ ବିକ୍ରି ଉପରେ ନିଷେଧାଦେଶ ଜାରି କରିଥିଲେ ବି ତାହା ନିଆଳି ଅଞ୍ଚଳରେ ପ୍ରହସନରେ ପରିଣତ ହୋଇଛି। ଦାୟିତ୍ୱରେ ଥିବା ସରକାରୀ ଅଧିକାରୀଙ୍କ ଆନ୍ତରିକତା ଓ ଇଚ୍ଛାଶକ୍ତିର ଅଭାବ ସାଙ୍ଗକୁ ଉଦାସୀନ ମନୋବୃତ୍ତି ଯୋଗୁ ବାଟବଣା ହୋଇଯାଇଛି ବୋଲି ଚର୍ଚ୍ଚା ହେଉଛି। ଘଟଣାକୁ ନେଇ ସଚେତନ ନାଗରିକ, ପରିବେଶବିତ୍‌ଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ନିଆଳି ଅଞ୍ଚଳରେ ପଲିଥିନର ବହୁଳ ବ୍ୟବହାର ଓ କାରବାରକୁ ରୋକିବା ଦିଗରେ ପଦକ୍ଷେପ ନେବାକୁ ଦୃଢ଼ ଦାବି ହେଉଛି।

## ପ୍ରୟାଗି-କୃଷ୍ଣପ୍ରସାଦ ରାସ୍ତା ପ୍ରଶସ୍ତିକରଣ ପାଇଁ ଶିଳାନ୍ୟାସ କଲେ ବିଧାୟିକା

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଗଞ୍ଜାମ ଜିଲ୍ଲା ସୀମାନ୍ତ ପ୍ରୟାଗି ଠାରୁ କୃଷ୍ଣପ୍ରଶାଦ ସବୁଦିନିଆ ରାସ୍ତାର ପ୍ରଶସ୍ତିକରଣ ପାଇଁ ଶିଳାନ୍ୟାସ କରିଛନ୍ତି ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର। ଗଞ୍ଜାମ ଜିଲ୍ଲା ଠାରୁ ସଦର ମହକୁମା ପୁରୀକୁ ଯାତାୟତ ନିମନ୍ତେ ଦୀର୍ଘ ୨୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ରାସ୍ତାଟି ମାତ୍ର ୫ମିଟର ୧/୨ଓସାର ଥିବାବେଳେ ବର୍ତ୍ତମାନ ରାସ୍ତାଟି ପ୍ରାୟ ସ୍ଥାନରେ ସଂକୀର୍ଣ୍ଣ ହେବାକୁ ଗଲାଣି ଯାଦ୍ୱାରା ପ୍ରତିଦିନ ଏହି ରାସ୍ତାରେ ହଜାର ହଜାର ଗାଡି ଯାତାୟତ ପାଇଁ ବିଶେଷ ଅସୁବିଧା ହେବା ସହ କୃଷ୍ଣପ୍ରଶାଦ ଠାରୁ ପ୍ରୟାଗି ୨୩କିଲୋମିଟରକୁ ଏକ ଘଣ୍ଟାରୁ ଅଧିକ ସମୟ ଲାଗୁଛି ଏବଂ ଅଧିକାଂଶ ସମୟରେ ଦୁର୍ଘଟଣାରେ ବହୁ ମୂଲ୍ୟବାନ ଜୀବନ ନଷ୍ଟ ହେଉଛି। ଏହିସବୁ ସମସ୍ୟାର ସମାଧାନ ନିମନ୍ତେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର କୃଷ୍ଣପ୍ରଶାଦ ଠାରେ ରାସ୍ତା ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ଶିଳାନାସ କରିଛନ୍ତି। ଯାଦ୍ୱାରା କି ଏହି ରାସ୍ତାର ଓସାର ୫ମିଟର ୧/୨ରୁ ୭ମିଟର ହେଲେ ନିଶ୍ଚିତ ଭାବେ ଯାତାୟତ ପାଇଁ ସୁଗମ ହୋଇପାରିବ। ଏହି ଶିଳାନ୍ୟାସ ଉତ୍ସବରେ ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଯନ୍ତ୍ରୀ କୃଷ୍ଣପ୍ରସାଦ ସଞ୍ଜୟ କୁମାର ଗିରି ଅଞ୍ଚଳର ବହୁ ବୁଦ୍ଧିଜୀବୀ ସରପଞ୍ଚ ସମିତି ଉପସ୍ଥିତ ଥିବାବେଳେ ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହ ସାମନ୍ତ ପ୍ରମୋଦ ବିଶ୍ୱାଳ ସାଂସଦ ପ୍ରତିନିଧି ହରିହର ଦାସ ଉତ୍ତମ ତରେଇ ସମେତ ବ୍ଲକର ସମସ୍ତ ବାସିନ୍ଦା ବିଧାୟିକାଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଜିଙ୍ଗଲବେଲ କିଡ଼ସ୍ ପ୍ଲେ ସ୍କୁଲର ବାର୍ଷିକୋତ୍ସବ

କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ସହରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଜିଙ୍ଗଲବେଲ କିଡ଼ସ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ରୂପେ କେନ୍ଦୁଝର ମ୍ୟୁନିସିପାଲିଟିର ଅଧକ୍ଷା ନିକୁ ସାହୁ ଯୋଗଦେଇ କୁନିକୁନି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ପିଲାମାନଙ୍କର ଅନ୍ତରନିହିତ ପ୍ରତିଭା ଆହୁରି ବିକଶିତ ହେବା ସହ ଏହି ଶିକ୍ଷାନୁଷ୍ଠାନଟି ଆହୁରି ଆଗକୁ କିପରି ବଢ଼ିବ ସେଥିନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ନେହେରୁ ଯୁବକେନ୍ଦ୍ରର ଯୁବସଂଯୋଜିକା ବସୁନ୍ଧରା ସାହୁ ନିଜ ବକ୍ତବ୍ୟରେ କହିଥିଲେ ଏତେ ଅଳ୍ପ ବୟସରୁ ଛୁଆଙ୍କୁ ବିଭିନ୍ନ ସମ୍ବନ୍ଧରେ ଶିକ୍ଷା ଦେବା ସହ ତାଙ୍କର ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାକୁ ନେଇ ଏ ପ୍ରଚେଷ୍ଟା ଜାରି ରହିଥିବାରୁ ଏହି ଶିକ୍ଷାନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ଶିକ୍ଷାନୁଷ୍ଠାନର ଅଧକ୍ଷା ସରବାଣୀ ମହାପାତ୍ର ନିଜ ବକ୍ତବ୍ୟରେ କହିଥିଲେ ଏ ଶିକ୍ଷାନୁଷ୍ଠାନକୁ ଆଗକୁ ନେବା ପାଇଁ ବହୁ ପ୍ରତିକୂଳ ପରିସ୍ଥିତି ସାମ୍ନା କରିବା ସହ ବହୁ ପରିଶ୍ରମ କରିଛି ମୋର ଲକ୍ଷ୍ୟ ରହିଛି ଏ ଶିକ୍ଷାନୁଷ୍ଠାନକୁ ଆହୁରି ଉପରକୁ ନେବା ପାଇଁ ସେଥିପାଇଁ ଆପଣ ମାନଙ୍କର ସହଯୋଗ ଏବଂ ପ୍ରଭୁଙ୍କର ଆଶୀର୍ବାଦ ନିହାତି ଜରୁରୀ ଆଟେ। ଅନୁଷ୍ଠାନର କୁନିକୁନି ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ଏବଂ ପୁରସ୍କୃତ କରାଯାଇଥିଲା। ସଭାକାର୍ଯ୍ୟକୁ ବୁଦ୍ଧିଜୀବୀ ସତ୍ୟଜିତ ମିଶ୍ର ସଂଯୋଜନା କରିଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଚିରଶ୍ରୀ ସାଗରୀକା ସଂଯୋଜନା କରିଥିଲେ ଏବଂ ଶିକ୍ଷାନୁଷ୍ଠାନର ବାର୍ଷିକ ବିବରଣୀ ପଠନ କରିଥିଲେ। ପରିଶେଷରେ ଶିକ୍ଷାନୁଷ୍ଠାନର ଅଧକ୍ଷା ସରବାଣୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ପିଲାମାନଙ୍କର ଅଭିଭାବକ ଅଭିଭାବିକା ସହରର ବହୁ ବୁଦ୍ଧିଜୀବୀ ବରିଷ୍ଠ ନାଗରିକ ଗୁରୁମାମାନେ ଉପସ୍ଥିତ ଥିଲେ।

# ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କଣିହାଁ (ଭାସ୍କର ନ୍ୟୁଜ୍) : କଣିହାଁ ଗୋଷ୍ଠୀ ଶିକ୍ଷାଧିକାରୀ ନରୋତ୍ତମ ପ୍ରଧାନ ଶୁକ୍ରବାର ଦିନ ନିଜ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। କଣିହାଁ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ କଣିହାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇ ବିଦାୟୀ ବିଇଓ ଶ୍ରୀଯୁକ୍ତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ଲିଙ୍ଗରାଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମଙ୍ଗୁଳୁ ଚରଣ ପ୍ରଧାନ, ସୁଜନ କୁମାର ସାହୁ, ସନ୍ତୋଷ କୁମାର ପ୍ରଧାନ ଓ ମୁଖ୍ୟ କିରାଣୀ ବିବେକାନନ୍ଦ ହୋତା ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଥିଲେ। ଶିକ୍ଷକ ମଙ୍ଗୁଳୁ ଚରଣ ସାହୁ, କିଶୋର ଚନ୍ଦ୍ର ସାହୁ, ଶ୍ରୀଧର ଦାସ, ଦୁର୍ଯ୍ୟୋଧନ ମହାନ୍ତି, ଗୋପୀନାଥ ନାଏକ, ଅମରେନ୍ଦ୍ର ମହାପାତ୍ର, ସିଆରସିସି ପାଣ୍ଡବ ନାଏକ, ଗଗନ ଚନ୍ଦ୍ର ନାଏକ, ରଞ୍ଜିତା ଦାସ , ମାନସ ରଞ୍ଜନ ସାହୁ, ପ୍ରମୁଖ ବିଦାୟୀ ବିଇଓଙ୍କ ସଂପର୍କରେ ବକ୍ତବ୍ୟ ଦେବା ସହିତ ତାଙ୍କର ଅବସର ଜୀବନ ନିରୋଗ, ସୁଖ, ଶାନ୍ତି, ସମୃଦ୍ଧିମୟ ହେଉ ବୋଲି କାମନା କରିଥିଲେ। ଶିକ୍ଷକ ମୁନା ନାଏକ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ସଂଘ ପକ୍ଷରୁ ବିଦାୟୀ ବିଇଓଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନୀତ କରିବା ସହିତ ଉପହାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ସିଆରସିସି ସମେତ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ପୁଷ୍ଟି ଯୋଜନା ଉପରେ କିଶୋରି ମେଳା

ପୁରୁଷୋତ୍ତମପୁର (ଭାସ୍କର ନ୍ୟୁଜ୍) : ମହିଳା ଓ ଶିଶୁ ବିକାଶ ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପୁରୁଷୋତ୍ତମପୁର ବ୍ଲକ ତରଫରୁ ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା ମେଳା ଅନୁଷ୍ଠିତ ହୋଇଯାଉଛି । ବ୍ଲକ ନିକଟସ୍ଥ ମିଶନ ଶକ୍ତି ଗୃହ ପରିସରରେ ଅନୁଷ୍ଠିତ ମେଳା ପୁରୁଷୋତ୍ତମପୁର ଏନ୍‌ଏସି ଓ ବଡ଼ ଖରିଡା ପଞ୍ଚାୟତକୁ ନେଇ ହୋଇଥିଲା । ଏଥିରେ ଉଭୟ ସହର ଓ ପଞ୍ଚାୟତର କିଶୋରୀ ବାଳିକାମାନଙ୍କୁ



ନେଇ ହୋଇଥିବା ମେଳାରେ ସିଡିପିଓ ଲଳିତା ମଲ୍ଲିକ, ଏନ୍‌ଏସି ନଗରପାଳ କୃଷ୍ଣଚନ୍ଦ୍ର ପଣ୍ଡା, ବଡଖରିଡ଼ା ପଞ୍ଚାୟତର ସରପଞ୍ଚ ରମେଶ ଦଳେଇ, ଏନ୍‌ଏସି କାଉନସିଲର ତଥା ସାମ୍ବାଦିକ ଭାସ୍କର ବେହେରା, ଏନ୍‌ଏସି ସ୍ୱାସ୍ଥ୍ୟକର୍ମୀ ରମେଶ୍ୱରି ପାଣିଗ୍ରାହୀ, ବଡଖରିଡ଼ା ସ୍ୱାସ୍ଥ୍ୟକର୍ମୀ ସୁନୀତା କୁମାରୀ ପଣ୍ଡା, ସୁପର ଭାଇଜର ମମତା ମହାନ୍ତି ଯୋଗ ଦେଇ କିଶୋରୀ ବାଳିକା ମାନଙ୍କୁ ସମ୍ବୋଧନ କରି ଉତ୍ସାହିତ କରିଥିଲେ। ବୟସ ଅନୁସାରେ ଶାରୀରିକ ପରିବର୍ତ୍ତନ ସହ ଦୃତ ମାନସିକ ପରିବର୍ତ୍ତନ ଯେଉଁ ସମୟରେ ଘଟିଥାଏ ଓ କିଛି ଜାଣିବାର ଆଗ୍ରହ ବୃଦ୍ଧିପାଏ ସେହି ସମୟ ହେଉଛି କିଶୋର ସମୟ। ଏହି ସମୟ ଭିତରେ ପୁଷ୍ଟିକର ଖାଦ୍ୟ ଖାଇ ନିଜକୁ ପରିଷ୍କାର ପରିଚ୍ଛନ୍ନ, ସଂସ୍କାର ଓ ଶୃଙ୍ଖଳିତ କରି ଚାଲିଲେ ସମାଜରେ ନିଜକୁ ପ୍ରତିଷ୍ଠିତ କରାଇ ପାରିବେ ବୋଲି ମଞ୍ଚାସିନ ଅତିଥିମାନେ ମତବ୍ୟକ୍ତ କରି ଉତ୍ସାହିତ କରିଥିଲେ। କିଶୋରୀ ବାଳିକାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝଲସି ଉଠିଥିଲା। ଶେଷରେ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିରେ ସମସ୍ତ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ସହଯୋଗ କରିଥିଲେ।

## ଗୋଇମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ 'ଟିକିଫୁଲ'

ମୁରିବାହାଲ (ଭାସ୍କର ନ୍ୟୁଜ୍) : ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଦିନ ବାର୍ଷିକ ଉତ୍ସବ (ଟିକିଫୁଲ) ପାଳନ ହୋଇଯାଇଛି। ପ୍ରଧାନଶିକ୍ଷକ ପଞ୍ଚୁ ଦୀପଙ୍କ ସଭାପତିତ୍ୱରେ ଏବଂ ବିଦ୍ୟାଳୟ କମିଟି ସଭାପତି ଅଶୋକ ନାରାୟଣ ଭୋଇଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏବିଇଓ କୈଳାସ ଚନ୍ଦ୍ର ଭୋଇ, ମୁଖ୍ୟବକ୍ତା ବିଶିଷ୍ଟ ଶିକ୍ଷାବିତ ତଥା ସାମାଜିକ କର୍ମୀ ସୁରଥ ବେହେରା, ସମ୍ମାନିତ ବକ୍ତା ସିଆରସିସି ପ୍ରମୋଦ କର୍ମୀ, ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ଦୀପକ ଦାସ ଯାଦବ, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ସମ୍ପାଦକ ହୁଲେଶ୍ୱର ହଂସ, ଅବସରପ୍ରାପ୍ତ ସୈନିକ ଚିତ୍ତରଞ୍ଜନ ସାହୁ, କୋଶଳୀ କବି ଭକ୍ତବନ୍ଧୁ ସାହୁ, ଅକ୍ଷୟ ସାହୁ ପ୍ରମୁଖ ଯୋଗଦେଇଥିଲେ । ବାଗଦେବୀ ସରସ୍ୱତୀଙ୍କ ଫଟୋଚିତ୍ରରେ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯିବା ପରେ ଅତିଥିମାନଙ୍କୁ ଉପଢୌକନ ଓ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷା ହିଁ ସମାଜ ଗଠନର ମୂଳମନ୍ତ୍ର। ପ୍ରାଥମିକ ଶିକ୍ଷା ଛାତ୍ରଛାତ୍ରୀଙ୍କ ମୂଳଦୁଆ। ପ୍ରାଥମିକ ଶିକ୍ଷା ସୁଦୃଢ଼ ହେଲେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହୋଇଥାଏ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । ବାର୍ଷିକ କ୍ରୀଡା ଏବଂ ବାର୍ଷିକ ଉତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗିଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଟିକେରାମ ଭୋଇ, ପ୍ରଶାନ୍ତ ମହାନ୍ତି, ଶିକ୍ଷୟିତ୍ରୀ ଝରଣା ଦାସ, କମିଟି ସଦସ୍ୟ ଅମିତ ରଣା, ସ୍ୱେଚ୍ଛାସେବୀ ବେଳାରସେନ ଭୋଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାଳୟ କମିଟି ସଭାପତି ଅଶୋକ ନାରାୟଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବର ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଗୋଇମୁଣ୍ଡ ସରପଞ୍ଚ କାଳିଆ ସରାଫ, ନାଏବ ସରପଞ୍ଚ ଡାଲିମ୍ବ ଭୋଇ, ୱାର୍ଡ ସଭ୍ୟ ଗୋରେଖ ଭୋଇ, ପୂର୍ବତନ ସଭାପତି ସନ୍ତୋଷ କୁମାର ସାହୁ, ତ୍ରିନାଥ ସାହୁ, ଧନମତୀ ଭୋଇ, ପୂର୍ବତନ ନାଏବ ସରପଞ୍ଚ ସୁବର୍ଣ୍ଣ ବାଗ, ରମାକାନ୍ତ ସାହୁ, ଅନ୍ତରାମ ସାହୁ, କମିଟି ଉମେଶ ଚନ୍ଦ୍ର ସାହୁ, ହେମବତୀ ବାଗ, ସଞ୍ଜୁଳା ସାହୁ, ଆଶା କର୍ମୀ ଟିବଲି ମୁଗ୍ରୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ପଞ୍ଚୁ ଦୀପ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ କମିଟି ସଦସ୍ୟ, ଅଭିଭାବକ, ଗ୍ରାମବାସୀ ଉପସ୍ଥିତ ଥିଲେ।

## ଶ୍ରୀ କୁଞ୍ଜବିହାରୀ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ଏରସମା (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ଗଡ଼କୁଜଙ୍ଗ ପଞ୍ଚାୟତର ଗଡକୁଜଙ୍ଗର ପ୍ରସିଦ୍ଧ ଶ୍ରୀ କୁଞ୍ଜବିହାରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରର ୧୭ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିସରରେ ୪ଦିନ ବ୍ୟାପୀ ଆୟୋଜିତ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା, ଅଗ୍ନି ସ୍ଥାପନ, କାଶି ବିଶ୍ୱନାଥ ମହାଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ସହିତ, ସନ୍ଧ୍ୟାରେ ଯଜ୍ଞ ପୂର୍ଣ୍ଣାହୁତି ଅନୁଷ୍ଠିତ ହୋଇଛି। ପୂର୍ଣ୍ଣାହୁତି ପର୍ବରେ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା। ଏହି ଅବସରରେ ବିଭିନ୍ନ ଅଞ୍ଚଳର ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ମନ୍ଦିର ପରିସରରେ ଭଜନ ସନ୍ଧ୍ୟା ପରିବେଷଣ ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ଶ୍ରୀ ଶ୍ରୀ କୁଞ୍ଜବିହାରୀ ଟ୍ରଷ୍ଟ ବୋର୍ଡ ମ୍ୟାନେଜିଂ ଟ୍ରଷ୍ଟି ରାଜେନ୍ଦ୍ର କୁମାର ବେହେରା, ସମ୍ପାଦକ ପିତାମ୍ବର ରାଉତ, ବିଷ୍ଣୁ ପ୍ରଧାନ, ଯଦୁନାଥ ଖଟୁଆ, ବିଜୟ ଚାନ୍ଦ ନାୟକ, ଶ୍ରୀଧର ବେହେରା, ନଳିନୀ ରଞ୍ଜନ ବେହେରା, ସଞ୍ଜୟ ମହାପାତ୍ର ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଆଞ୍ଚଳିକ କମିଟି ପକ୍ଷରୁ ବିଡ଼ିଓଙ୍କୁ ଦାବିପତ୍ର


କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଆଞ୍ଚଳିକ କମିଟି ତରଫରୁ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ଆଞ୍ଚଳିକ ସମ୍ପାଦକ ଉମାକାନ୍ତ ଜେନା, ଜିଲ୍ଲା କାର୍ଯ୍ୟକାରୀ ସଭ୍ୟ ଜଗବନ୍ଧୁ ସେନାପତି, ସନ୍ତୋଷ ଦାସ, ଅଜୟ ବରାଳ, ପ୍ରଭାକାର ତରେଇଙ୍କ ସମେତ ଶତାଧିକ କର୍ମୀ। ଦୀର୍ଘଦିନ ହେଲା କୃଷ୍ଣପ୍ରସାଦ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟୟ ହୋଇଛି । ଏପରିକି ବ୍ଲକ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ବିଆର୍‌ସି, ପିଅନ, କିରାଣୀ ପଦ ଖାଲି ପଡ଼ିଥିବାରୁ ନାହିଁ ନାହିଁରେ ଚାଲିଛି ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ। ଏଗୁଡିକୁ ଦୃଷ୍ଟିରେ ରଖି ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ଯଥାଶୀଘ୍ର ଏସବୁ ପଦବୀ ପୂରଣ କରାନଯାଏ ତେବେ ଆଗକୁ ନିଶ୍ଚିତ ଜନଆନ୍ଦୋଳନ ତୀବ୍ରତର ହେବ ବୋଲି ଜିଲ୍ଲା ସଦସ୍ୟ ଜଗବନ୍ଧୁ ସେନାପତି କହିଛନ୍ତି।

# ରାଶିଫଳ


ରବିବାର, ୦୨ ମାର୍ଚ୍ଚ ୨୦୨୫



**ମେଷ:** କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ପରିବାର ସହିତ ଦିନଟି ଖୁସିରେ ବିତାଇବେ। ମୂଲ୍ୟବାନ ସାମଗ୍ରୀ ପାଖରେ ରଖନ୍ତୁ। ବ୍ୟବସାୟ ଭଲ ହେବ। ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଦୁଷ୍ଟମାନଙ୍କ ଠାରୁ ସତର୍କତା ଆବଶ୍ୟକ। କ୍ରନିକ ରୋଗ ଦେଖାଦେଇପାରେ।




**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ। ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି। ଏହା ବହୁତ ଲାଭଦାୟକ ହୋଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ପ୍ରଗତିର ରାସ୍ତା ଖୋଲିଯିବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ।



**ମିଥୁନ:** ଅଟକି ରହିଥିବା ଟଙ୍କା ମିଳିବାର ସମ୍ଭାବନା ଅଛି। ବ୍ୟବସାୟ ଯାତ୍ରା ସଫଳ ହେବ। ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ।




**କର୍କଟ:** ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ। ବ୍ୟବସାୟ ଅନୁକୂଳ ଲାଭ ଦେବ। ତୁମେ ତୁମର ଜୀବନସାଥୀଙ୍କ ଠାରୁ ସମର୍ଥନ ପାଇବ। ଚାକିରିରେ କାମକୁ ପ୍ରଶଂସା କରାଯିବ। ଦିନଟି ଭଲ ରହିବ। କାରବାରକୁ ଶୀଘ୍ର କର ନାହିଁ। ଭାଗ୍ୟ ଅନୁକୂଳ ହେବ।



**ସିଂହ:** ଆପଣ ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ। କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ। ବୟସ୍କଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ। ବ୍ୟବସାୟ ବୃଦ୍ଧି ପାଇବ। ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ। ବିନିଯୋଗ ଅନୁକୂଳ ହେବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ। ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ। ଆତ୍ମ ସମ୍ମାନ ରହିବ । କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ଶତ୍ରୁମାନେ ସକ୍ରିୟ ରହିବେ।



**ତୁଳା:** ଉପହାର ଗ୍ରହଣ କରାଯାଇପାରେ। ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ। ବ୍ୟବସାୟ ଯାତ୍ରା ସଫଳ ହେବ ଆପଣ ଜଣେ ବୟସ୍କ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ। ବ୍ୟବସାୟ ଅନୁକୂଳ ଲାଭ ଦେବ।




**ବିଛା:** କିଛି ବଡ ଅସୁବିଧା ଆସିପାରେ। ତାହା ଅଧିକ ଦ୍ରୁତ ଗତିରେ ଆସିବ। ଦୁଃଖଦ ଖବର ଗ୍ରହଣ କରାଯାଇପାରେ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର। ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ। ଆୟ ହେବ। ବ୍ୟବସାୟ ଭଲ ହେବ। ଚାକିରିରେ କାର୍ଯ୍ୟଭାର ରହିବ। କ୍ରନିକ ରୋଗ ଦେଖାଦେଇପାରେ।



**ଧନୁ:** ଛାତ୍ର ସଫଳତା ହାସଲ କରିବେ। ପିକନିକ୍ ଉପଭୋଗ କରିବେ। ଚାକିରିରେ ଆପଣ କିଛି ନୂଆ କରିବାକୁ ସକ୍ଷମ ହେବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ କରାଯାଇପାରିବ। ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ। ସହଭାଗୀମାନେ ସମର୍ଥନ ପାଇବେ। ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ। ସୁଖ ମିଳିବ।




**ମକର:** ଆଘାତ ଏବଂ ଦୁର୍ଘଟଣା ହେତୁ କ୍ଷତି ହୋଇପାରେ। ଦ୍ୱନ୍ଦ୍ୱ ଆସିପାରେ । ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ। ତତ୍ପରତା ନାହିଁ। ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ। କୌଣସି ଅପରିଚିତ ବ୍ୟକ୍ତିଙ୍କ ଉପରେ ଅନ୍ଧବିଶ୍ୱାସ ରଖନ୍ତୁ ନାହିଁ। ବ୍ୟବସାୟ ଲାଭଦାୟକ ହେବ। ଅଳସୁଆ ଅନୁଭବ କରିବେ।



**କୁମ୍ଭ:** ପୂଜା ପାଇଁ ଆଗ୍ରହୀ ହେବେ। ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ। ଅଂଶୀଦାରମାନଙ୍କଠାରୁ ସହଯୋଗ ହେବ। ବିନିଯୋଗ ଲାଭଦାୟକ ହେବ। ଘର ବାହାରେ ସୁଖ ମିଳିବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ।



**ମୀନ:** ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ। ସିଷ୍ଟମ୍ ଉନ୍ନତି କରିବ। ଦୀର୍ଘଦିନ ଧରି ବିଚାରାଧୀନ ଥିବା କାର୍ଯ୍ୟ ସମାପ୍ତ କରିବାର ଏକ ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ। ଆୟ ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ। ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟ ଲାଭଦାୟକ ହେବ। ବିନିଯୋଗ ଭଲ ହେବ। ତତ୍ପରତା ନାହିଁ।



ଶ୍ରୀପତି ଗୁରୁ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ବଲାଙ୍ଗିର(ଭାସ୍କର ନ୍ୟୁଜ୍): ବଲାଙ୍ଗିର ବ୍ଲକ ଚୁଡାପାଲି ପଂଚାୟତକୁ ବ୍ଲକ ମାନ୍ୟତା ଦାବିରେ ଚୁଡାପାଲି ବ୍ଲକ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରତିନିଧି ଦଳ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ପାଟଣାଗଡସ୍ଥିତ ବାସଭବନରେ ସାକ୍ଷାତ କରି ବ୍ଲକ ପୁର୍ନଗଠନରେ ଚୁଡାପାଲି ଗ୍ରାମ ପଂଚାୟତକୁ ସାମିଲ କରିବା ଓ ବ୍ଲକ ଗଠନର ଆବଶ୍ୟକ ଭିତ୍ତିଭୂମି ସମ୍ପର୍କରେ ଆଲୋଚନା କରି ଏକ ଦାବିପତ୍ର ଦିଆଯାଇଥିଲା। ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ବଲାଙ୍ଗିର ସର୍କିଟ ହାଉସ ଠାରେ ସାକ୍ଷାତ କରି ଚୁଡାପାଲିକୁ ବ୍ଲକ ଗଠନର ଦାବିପତ୍ର ପ୍ରଦାନ କରିଥିଲେ । ଏହି ଦାବିପତ୍ର ରେଜିଷ୍ଟ୍ରି ମାଧ୍ୟମରେ ପଂଚାୟତରାଜ ମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର, ସେକ୍ରେଟେରୀ ପଞ୍ଚାୟତିରାଜ ଓ ଜିଲ୍ଲାପାଳ ବଲାଙ୍ଗୀର କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରାଯାଇଥିଲା । ବ୍ଲକ ଗଠନର କ୍ରିୟାନୁଷ୍ଠାନର ପ୍ରତିନିଧି ଦଳ ଗୌନ୍ତିଆ ଲୋକନାଥ କୁମୁରା, ଲଛମନ ମହାକୁର, ନରେଶ ଅଗ୍ରୱାଲ, ଅକ୍ଷୟ ଘିଭେଲା, ସୁଶିଲ ବେହେରା, ଅନିଲ ଅଗ୍ରୱାଲ, ଲବ ବାରିକ, ଚେତରାମ ବେହେରା, ରାମେଶ୍ୱର କାନ୍ତି ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ ।

## ମନ୍ଦିର ତୋଳି ଉଦାହରଣ ସୃଷ୍ଟି କଲେ ମନୀଷା



### ସ୍ୱାମୀ ଓ ପୁଅକୁ କରୁଛନ୍ତି ପୂଜା

ନୂଆପଡ଼ା (ଭାସ୍କର ନ୍ୟୁଜ୍): ପ୍ରେମର ସ୍ମାରକୀଭାବେ ଦିନେ ଶାହଜାହାନ ପତ୍ନୀ ମମତାଜଙ୍କ ସ୍ମୃତିରେ ଗଢ଼ିଥିଲେ ତାଜମହଲ। ଯାହା ଏବେବି ସେହି ଅମର ପ୍ରେମର ଗାଥା କହେ। କିନ୍ତୁ ଏଠାରେ ଯେଉଁ ବ୍ୟକ୍ତିବିଶେଷଙ୍କ କଥା ଆମେ କହୁଛୁ ସେମାନେ ବି ପ୍ରେମ କ୍ଷେତ୍ରରେ କିଛି ପଛରେ ନାହାନ୍ତି। ନିଜ ଭଲପାଇବାକୁ ଅମର କରିବାକୁ ଆଉ ସେହି ସ୍ମୃତିକୁ ମନରେ ସାଇତି ରଖିବାକୁ ମନିଷା ଏମିତି କିଛି କାମ କରିଛନ୍ତି; ଯାହାକି ଅନ୍ୟମାନଙ୍କୁ ଚକିତ କରିଛି। ଏ ମନ୍ଦିରକୁ ଟିକେ ଦେଖନ୍ତୁ ମନ୍ଦିରରେ ପ୍ରତିଦିନ ପୂଜା ହୁଏ । କିନ୍ତୁ ମନ୍ଦିରରେ କୌଣସି ଦେବାଦେବୀ ପୂଜା ପାଆନ୍ତି ନାହିଁ, ପୂଜା ପାଆନ୍ତି ପରଲୋକଗତ ଜଣେ ଯବାନ ଓ ତାଙ୍କ ପୁଅ । ମୃତ ଯବାନଙ୍କ ବିଧବା ପତ୍ନୀ ନିଜ ସ୍ୱାମୀ ଓ ପୁଅଙ୍କ ସ୍ମୃତି ରକ୍ଷା ପାଇଁ ତିଆରି କରିଛନ୍ତି ଏକ ମନ୍ଦିର । କେବଳ ମନ୍ଦିର ତିଆରି କରିନାହାନ୍ତି ଏହି ମହିଳା ଜଣକ ମନ୍ଦିରର ପୂଜାରିଣୀ ପାଲଟି ଯାଇଛନ୍ତି। ପ୍ରତିଦିନ ମନ୍ଦିରରେ ପୂଜା କରୁଛନ୍ତି । ନୂଆପଡା ଜିଲ୍ଲା କୋମନା ବ୍ଲକ ମିଛାପାଲି ଗାଁର ଏହି ମହିଳା ମନ୍ଦିର ତୋଳି ସ୍ୱାମୀ ଓ ପୁଅଙ୍କୁ ପୂଜା କରିବା ତାଙ୍କ ଭଲ ପାଇବାର ଏକ ନିଆରା ଉଦାହରଣ ସୃଷ୍ଟି କରିଛି । ଏହି ମହିଳାଙ୍କ ନାଁ ହେଲା ମନୀଷା ନାଏକ । ସେ ପ୍ରତିଦିନ ସ୍ୱାମୀ କମଳ ସିଂହ ପାଟକିନାରାଙ୍କ ପ୍ରତିମୂର୍ତ୍ତିରେ ଲାଗିଥିବା ଧୂଳିକୁ ପୋଛିଥାନ୍ତି । ପୁଣି ପାଣି ଢ଼ାଳି ତାଙ୍କୁ ଗାଧୋଇ ଦିଅନ୍ତି ଓ ଓଦା ଦେହକୁ ଗାମୁଛାରେ ପୋଛି ବି ଦେଇଥାନ୍ତି। ନିଜ ପୁଅର ପ୍ରତିମୂର୍ତ୍ତିକୁ ବି ପୋଛିଥାନ୍ତି । ପରେ ସ୍ୱାମୀ ଓ ପୁଅକୁ ପୂଜା କରି ଆଶୀର୍ବାଦ ବି ନେଇଛନ୍ତି । ଫୁଲ, ଚାଉଳ, ସିନ୍ଦୂର ଲଗାଇ ପରିବାର ସଦସ୍ୟ ବି ପୂଜା କରୁଛନ୍ତି । ଏହା ଦେଖି ମିଛାପାଲି ଗାଁର ଲୋକେ ବି ପୂଜା କରୁଛନ୍ତି । ୨ ବର୍ଷ ହେବ ଏମିତି ପ୍ରତିଦିନ ମନ୍ଦିରରେ ପୂଜା ପାଉଛନ୍ତି ମନୀଷାଙ୍କ ସ୍ୱାମୀ କମଳ ସିଂହ ଓ ପୁଅ ଦୀପକ । ପ୍ରତିଦିନ ନିତ୍ୟକର୍ମ ସେବା ଠାରୁ ରାତ୍ରିଭୋଜନ ପର୍ଯ୍ୟନ୍ତ ସେବା କରୁଛନ୍ତି ବିଧବା ପତ୍ନୀ ମନୀଷା ନାଏକ। ଏଥିରୁ ସେ ପାଉଛନ୍ତି ଆନନ୍ଦ। ତାଙ୍କୁ ଶାନ୍ତି ବି ମିଳୁଛି ବୋଲି କହିଛନ୍ତି ମନୀଷା । ମନୀଷା ବଖାଣିଛନ୍ତି ସେ ଦିନର ଦୁଃଖଭରା କାହାଣୀ । ମାଓ ଦମନ ପାଇଁ ନୂଆପଡା ଜିଲ୍ଲାର ବରକୋଟ ସିଆରପିଏଫ କ୍ୟାମ୍ପକୁ ବଦଳି ହୋଇ ଆସିଥିଲେ ଓଏପିଏଫ ଯବାନ କମଳ ସିଂହ ପାଟକିନାରା ପ୍ରତିଦିନ ପରି ଘର ମିଛାପାଲି ଗାଁରୁ କାର୍ଯ୍ୟସ୍ଥଳକୁ ଯାଉଥିଲେ। ସେ ଦିନ ଥିଲା ଫେବ୍ରୁଆରୀ ମାସ ୧୬ ତାରିଖ, ୨୦୨୩ ମସିହା ଓ ନିଜ ୭ ବର୍ଷର ପୁଅ ଅସୁସ୍ଥ ଥିବାରୁ କମଳଙ୍କ ଭାଇ ନୂଆପଡା ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ନିଜ ଡ୍ୟୁଟି ଯିବା ବାଟରେ କୁଷଦହନା ଗାଁ ନିକଟରେ ଅସୁସ୍ଥ ପୁଅ ଦୀପକ ଦେଖା ହେଲା । ପୁଅକୁ ଧରି ସେ ରାସ୍ତାକଡ଼ରେ ଥିଲେ । ହଠାତ୍ ଏକ ଟ୍ରକ୍ ଆସି ପିଟିଦେଲା। ଘଟଣାସ୍ଥଳରେ ସଡ଼କ ଦୁର୍ଘଟଣାରେ ବାପା ଓ ପୁଅଙ୍କ ମୃତ୍ୟୁ ଘଟିଥିଲା ସ୍ୱାମୀ କମଳ ସିଂହ ଓ ପୁଅ ଦୀପକଙ୍କ ସ୍ମୃତି ରକ୍ଷା ପାଇଁ ପତ୍ନୀ ମନୀଷା ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ତିଆରି କଲେ ଏକ ମନ୍ଦିର । ଆଉ ଦେବାଦେବୀଙ୍କ ମୂର୍ତ୍ତୀ ସ୍ଥାନରେ ସ୍ଥାପନ କଲେ ନିଜ ସ୍ୱାମୀ ଓ ପୁଅଙ୍କ ପ୍ରତିମୂର୍ତ୍ତୀ ଓ ଜଣେ ପତ୍ନୀ ନିଜ ମୃତ ସ୍ୱାମୀ ଓ ମୃତ ପୁଅଙ୍କ ପାଇଁ ଏକ ମନ୍ଦିର ନିର୍ମାଣ କରିବା ଏକ ନିଆରା ଘଟଣା । ମନ୍ଦିର ନିର୍ମାଣ କରି ନିଜେ ଖରା, ବର୍ଷା ଓ ଶୀତରେ ନିୟମିତ ପୂଜା କରିବା ମଧ୍ୟ ଏକ ବିରଳ ଘଟଣା । ଏଥିରେ ମନୀଷାଙ୍କୁ ତାଙ୍କ ବୃଦ୍ଧ ଶ୍ୱଶୁର ଶ୍ୟାମସୁନ୍ଦର ପାଟକିନାରା ମଧ୍ୟ ସହାୟତା କରୁଛନ୍ତି । ଶେଷରେ କେବଳ ଏତିକି କୁହାଯାଇପାରେ ଯେ, ସ୍ୱାମୀ-ସ୍ତ୍ରୀର ସମ୍ପର୍କ କେବଳ ଗୋଟିଏ ଜନ୍ମର ନୁହଁ, ଏହା ଜନ୍ମ ଜନ୍ମାନ୍ତରର। ବିଶ୍ୱାସ, ଭଲପାଇବାରେ ଗଢ଼ିଉଠିଥିବା ଏହି ପବିତ୍ର ସମ୍ପର୍କକୁ ମୃତ୍ୟୁ ସିନା ଦୁହିଁଙ୍କ ଶରୀରକୁ ଅଲଗା କରିଦିଏ କିନ୍ତୁ ମନରୁ ପୋଛିପାରେନା ଏହାର ନିବିଡ଼ତାକୁ।

## ଜଳକଷ୍ଟ ଭୋଗୁଛନ୍ତି କନିଙ୍ଗୀ ଗ୍ରାମବାସୀ

- ୫ବର୍ଷରୁ ଊର୍ଦ୍ଧ୍ୱ ହେବ ସୋଲାର ପ୍ରକଳ୍ପ ଅଚଳ
- ଅଭିଯୋଗ ପରେ ବି ନୀରବ ବିଭାଗୀୟ କର୍ତ୍ତୃପକ୍ଷ



କୋରୁକୋଣ୍ଡା(ଭାସ୍କର ନ୍ୟୁଜ) : ଖରାଦିନ ଆରମ୍ଭରୁ ମାଲକାନଗିରି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଦେଖାଦେଇଛି ଜଳ ସଙ୍କଟ। ଦୀର୍ଘବର୍ଷ ହେଲା ବିଭିନ୍ନ ସ୍ଥାନରେ ଅଚଳ ହୋଇପଡ଼ିଛି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ । ଗାଁରେ ଥିବା ମୋଟ ୪ଟି ନଳକୂପ ମଧ୍ୟରୁ ୨ଟି ଅଚଳ ହୋଇଥିବାବେଳେ ଅନ୍ୟ ଦୁଇଟି ଉପରେ ସମ୍ପୂର୍ଣ୍ଣ ଗ୍ରାମବାସୀ ନିର୍ଭର କରୁଛନ୍ତି । ତେବେ ଏହି ନଳକୂପରୁ ଆବଶ୍ୟକ ପରିମାଣର ପାଣି ବାହାରୁ ନଥିବାରୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ଅଧିନସ୍ଥ କନୀଙ୍ଗୀ ଗାଁରେ । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ପ୍ରାୟ ୫ ବର୍ଷରୁ ଊର୍ଦ୍ଧ୍ୱ ହେବ ଗାଁରେ ଅଚଳ ହୋଇ ପଡ଼ିଛି ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ । ଗାଁର ଆଖପାଖରେ ପୋଖରୀ, ନଦୀ କିମ୍ବା ନାଳ ନାହିଁ । ଗାଁରେ ବସବାସ କରୁଥିବା ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ପରିବାର ଏବଂ ଗାଇ ଗୋରୁ ଓ ଗୃହପାଳିତ ପ୍ରାଣୀ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ଏହାର ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷ, ବ୍ଲକ ପ୍ରଶାସନଠାରୁ ଆରମ୍ଭକରି ଗ୍ରାମ୍ୟ ଜଳ ଓ ପରିମଳ ବିଭଗୀୟ ଯନ୍ତ୍ରୀ ଏବଂ ନିର୍ବାଚିତ ଜନ ପ୍ରତିନିଧିଙ୍କ ନିକଟରେ ବହୁବାର ଅଭିଯୋଗ କରିଥିଲେ ବି କେହି କର୍ଣ୍ଣପାତ କରୁନଥିବା ଗ୍ରାମର ସଭାପତି ରତନ ଗୁଡ଼ିଆ, ୱାର୍ଡମେମ୍ବର ବିନ ଗୁଡ଼ିଆ, ସୁବାସ ଖରା, ସମରା ଗୁଡ଼ିଆ, ରବି ଗୁଡ଼ିଆ, କିଶୋର ଗୁଡ଼ିଆ, ସୁରେଶ ଖରା, ଧନ ଗୁଡ଼ିଆ, ସୁରେନ୍ଦ୍ର ଗୁଡ଼ିଆ, ଭୀମ ଗୁଡ଼ିଆଙ୍କ ସମେତ ସମସ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଏ ସମ୍ପର୍କରେ ନାକାମାମୁଡି ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ଗୁରୁଙ୍କୁ ପଚାରିବାରୁ ସେ କହିଛନ୍ତି, ଉକ୍ତ ପ୍ରକଳ୍ପଟିକୁ ପୂର୍ବରୁ ଥରେ ସଜଡ଼ା ଯାଇଥିଲା । ବର୍ତ୍ତମାନ ମରାମତି ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ କହିବି ବୋଲି କହିଥିଲେ। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ବିଶ୍ୱାଳଙ୍କୁ ବାରମ୍ବାର ମତାମତ ପାଇଁ ଫୋନ କରିଥିଲେ ମଧ୍ୟ ସେ ଉଠାଇନଥିଲେ। ଏ ସମ୍ପର୍କରେ କୋରୁକୋଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଉକ୍ତ ପ୍ରକଳ୍ପଟିକୁ ତୁରନ୍ତ ମରାମତି କରିବାକୁ ମୁଁ ଉକ୍ତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ କହୁଛି।

## ଶିକ୍ଷାଧିକାରୀଙ୍କ ଅବସର

କନ୍ଧମାଳ(ଭାସ୍କର ନ୍ୟୁଜ) : କନ୍ଧମାଳ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପ୍ରମୋଦ କୁମାର ଷଡଙ୍ଗୀ ଓଇଏସ୍-୧ ସରକାରୀ କାର୍ଯ୍ୟ ରୁ ଅବସର ଗ୍ରହଣ କରିବା ପରେ ଜିଲ୍ଲା ମିଳିତ ପ୍ରାଥମିକ ଶିକ୍ଷକ ସଂଘ କନ୍ଧମାଳ ତରଫରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲ୍ଲା ସଂଘର ସଭାପତି ସନ୍ତୋଷ କୁମାର ଦିଗାଲ, ଉପଦେଷ୍ଟା ରାଧାନାଥ ସାହୁ, ଉପସଭାପତି ବିରାଜିନି ମହାପାତ୍ର, ଫୁଲବାଣୀ ବ୍ଲକ୍ ସଭାପତି ଶ୍ରୀ ଦିନେଶ କୁମାର ବେହେରା, ଜିଲ୍ଲା ଏନ୍‌ପିଏସ୍ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ସରୋଜ କୁମାର ସେଠୀ,ବରିଷ୍ଠ ଶିକ୍ଷକ କୁବେର ମହାନ୍ତି, ବସନ୍ତ ତ୍ରିପାଠୀ, ଜନାର୍ଦ୍ଦନ ମିଶ୍ର, ପ୍ରଦୀପ ମହାନ୍ତି, ରବୀନ୍ଦ୍ର ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ।

## ନିଯୁକ୍ତି ମେଳା ପ୍ରସ୍ତୁତି ବୈଠକ



ଝାରସୁଗୁଡା(ଭାସ୍କର ନ୍ୟୁଜ୍): ଆସନ୍ତା ମାର୍ଚ୍ଚ ୨୦ତାରିଖ ରେ ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବା ନେଇ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି । ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ନିଯୋଜନ ଓ ଦକ୍ଷତା ବିକାଶ ଅଧିକାରୀ ସଙ୍ଗୀତା ମେହେର ଓ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ବ୍ୟବସାୟିକ ପ୍ରତିଷ୍ଠାନର ପ୍ରତିନିଧି ଉପସ୍ଥିତ ଥିଲେ। ଶିକ୍ଷାନୁଷ୍ଠାନ ତଥା ବ୍ୟବସାୟିକ ପ୍ରତିଷ୍ଠାନ ଗୁଡ଼ିକ ଅଧିକରୁ ଅଧିକ ସଂଖ୍ୟାରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ ଦିଗରେ ଆନ୍ତରିକତା ପ୍ରଦର୍ଶନ ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ନିଯୁକ୍ତି ମେଳା ପୂର୍ବରୁ ନିଯୁକ୍ତି ପ୍ରଦାନକାରୀ ସଂସ୍ଥାଗୁଡିକ ଜିଲ୍ଲା ନିଯୋଜନ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ନିକଟବର୍ତ୍ତୀ ଅଂଚଳମାନଙ୍କରେ ନିଯୁକ୍ତି ସମ୍ପର୍କିତ ସଚେତନତା ସୃଷ୍ଟି ପାଇଁ ବୈଠକ କରି ସ୍ଥାନୀୟ ଯୁବକ ଯୁବତୀମାନଙ୍କୁ ବୁଝେଇବା ସହିତ ଉତ୍ସାହିତ କରିବାକୁ କହିଥିଲେ। ପ୍ରତିନିଧିମାନେ ନିଜ ସଂସ୍ଥା ପାଇଁ କେଉଁ କେଉଁ ପଦ ପାଇଁ କେତେ ସଂଖ୍ୟକ କର୍ମଚାରୀ ଆବଶ୍ୟକ ତାହା ନିୟୋଜନ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ଉମରକୋଟ(ଭାସ୍କର ନ୍ୟୁଜ) : ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନରେ ଥିବା ବାତିବେଡା ସ୍ଥିତ ଆଶ୍ରମ ବିଦ୍ୟାଳୟର ପରିଚାଳକ ମହେନ୍ଦ୍ର ପ୍ରସାଦ ମାଳି ଅବସର ନେଇଛନ୍ତି। ତାଙ୍କ ଅବସରରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ବିଦ୍ୟାଳୟରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଭାବୁକ ହୋଇପଡ଼ିଥିଲେ। ତାଙ୍କୁ ପୁଷ୍ପମାଲ୍ୟ ଓ ମାନପତ୍ର ଅର୍ପଣ କରି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ବିଦ୍ୟାଳୟ ପରିସରରେ କରାଯାଇଥିଲା। ଏହି ବିଦାୟ ସମ୍ବର୍ଦ୍ଧନାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫାର୍ମାସିସ ନାଗ ସଭାପତିତ୍ୱ କରିଥିବା ବେଳେ ସହକାରୀ ଶିକ୍ଷକ ସ୍ମୃତିରଞ୍ଜନ ରାଉତ,ଆଶିଷ କୁମାର ନାୟକ,ସୁଧୀର କୁମାର ସେଠ, ଦିନେଶ ମେହେର, ଅନିତା ବେହେରା, ଅତିଥି ଶିକ୍ଷକ ଭାବେ ଜ୍ୟୋତ୍ସ୍ନାମୟୀ ସାହୁ, ଦେବଦତ୍ତ ତୁରୁକ, ସମସ୍ତ ସେବାୟତ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



## ଅଞ୍ଚଳ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ବରଗଡ(ଭାସ୍କର ନ୍ୟୁଜ) : ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବାର୍ଷିକ ଉତ୍ସବ ଅଧକ୍ଷ ଲଳିତ ମୋହନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାରର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଗୋପୀନାଥ ବାଗ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଜୀବନ ଓ ସାହିତ୍ୟ ସମ୍ପର୍କୀତ ଉଦବୋଧନ ଦେଇଥିଲେ । ସଭା ପ୍ରାରମ୍ଭରେ ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଅଧକ୍ଷ ଲଳିତ ମୋହନ ପଣ୍ଡା ସ୍ୱାଗତ ଭାଷଣ, ସରୋଜ କୁମାର ନାୟକ ଅତିଥି ପରିଚୟ ଓ ସଂଯୋଜନା କରିଥିବା ବେଳେ , ରୀନା ଧର୍ମବିନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ସୁରେଶ୍ୱରୀ ପାଣ୍ଡେ ପରିଚାଳନା କରିଥିବା ବେଳେ ପୂର୍ଣ୍ଣିମା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧାପକ ଖଗେଶ୍ୱର ଦାଶ,ସନ୍ତୋଷ ମିଶ୍ର, ପ୍ରମୋଦ ପାଣିଗ୍ରାହୀ, ନବକୃଷ୍ଣ ମିଶ୍ର, ଡ ମମତା ଗୁରୁଙ୍କ ସହ ସମସ୍ତ ଅଧାପକ ଅଧାପିକା, କର୍ମଚାରୀ, ଛାତ୍ର ଛାତ୍ରୀ ସହଯୋଗ କରିଥିଲେ ।

## ଧାନ ବିକ୍ରି କରିପାରୁନଥିବା ଚାଷୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବୌଦ୍ଧ(ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଶୁଣ୍ଢିପଦର ପ୍ରାଥମିକ କୃଷି ସମବାୟ ସମିତିର ଚାଷୀମାନେ ଟାର୍ଗେଟ ଅଭାବରୁ ଧାନ ବିକ୍ରୀ କରିପାରୁନଥିବା ଅଭିଯୋଗ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଶୁଣ୍ଢିପଦର ସମିତି ଅନ୍ତର୍ଗତ ୧୩ ଜଣ ଚାଷୀଙ୍କ ଧାନ ଟୋକନ ଆସନ୍ତାକାଲି ୩୦ ଦିନ ପୂରଣ ହେଉଥିବା ବେଳେ ବର୍ତ୍ତମାନ ମଣ୍ଡିରେ ୫୩ ଜଣଙ୍କ ଧାନ ଦୀର୍ଘ ଦିନରୁ ପଡିରହିଛି । ଟାର୍ଗେଟ ନଥିବା ହେତୁ ମିଲରମାନେ ମଣ୍ଡିକୁ ଆସୁନଥିବାରୁ ଚାଷୀମାନେ ଖରା ଓ ଶୀତ କାକରରେ ମଣ୍ଡିରେ ଧାନଜଗି ପଡି ରହିଛନ୍ତି । ଏ ସମ୍ପର୍କରେ ଚାଷୀଙ୍କ ଅଭିଯୋଗ ପାଇ ଉପଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀ ମଣ୍ଡିରେ ପହଞ୍ଚି ଆଶ୍ୱାସନା ଦେଇଥିବା ସତ୍ତ୍ୱେ ଧାନ ଉଠି ନପାରିବାରୁ ଚାଷୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ପ୍ରକାଶ କରିଛନ୍ତି ।



## ଶିକ୍ଷଣ ସାମଗ୍ରୀ କର୍ମଶାଳା ଆୟୋଜନ



ମାଲକାନଗିରି (ଭାସ୍କର ନ୍ୟୁଜ) : ମାଲକାନଗିରି ବ୍ଲକ ଅନ୍ତର୍ଗତ ଗୌଡ଼ଗୁଡା କ୍ଲଷ୍ଟର ନିଲିମାରି ଆଶ୍ରମ ବିଦ୍ୟାଳୟରେ ଏକ ଶିକ୍ଷଣ ସାମଗ୍ରୀ କର୍ମଶାଳାର ଆୟୋଜନ କରାଯାଇଛି । ସି.ଆର.ସି.ସି ରଂଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହି କର୍ମଶାଳା ଆୟୋଜିତ କରାଯାଇଥିଲା। ସେହି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିରା ମାଢ଼ି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସ୍ୱଳ୍ପ ମୂଲ୍ୟରେ ଟି.ଏଲ.ଏମ ର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ମନୋରଞ୍ଜନ ସେଠୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଏହା ବ୍ୟତୀତ ଏହି ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ଅନେକ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ୍ୟ ଆସି ଏହି କର୍ମଶାଳାରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରି ଯୋଗଦାନ କରିଥିଲେ ।ଏମାନେ ହେଲେ ତପସ୍ୱିନୀ ମହାପାତ୍ର, ତାପସୀ ଲସ୍କର, ମୀରା ମଣ୍ଡଳ, ଅଞ୍ଜଳି ଢ଼ାଲି, ସନ୍ଧ୍ୟା ରାଉତ,ଜୟଶ୍ରୀ ସୁଅର,ସବିତା ପାଣିଗ୍ରାହୀ, ଚନ୍ଦ୍ରିକା ବିଶ୍ୱାସ, ଗୀତାଞ୍ଜଳି ବିଶ୍ୱାସ। ଶେଷରେ ବିନ୍ଦ୍ରଭା ରାଉତ ଏହି କର୍ମଶାଳା ସଭାର ଧନ୍ୟବାଦ ଭାଷଣ ଦେଇ ସଭା ସମାପ୍ତି କରିଥିଲେ।

## କପା ବଗିଚା କ୍ୟାମ୍ପରେ ଜଳିଗଲା ଟ୍ରାକ୍ଟର-ବାଇକ



ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ ବିଜାପଦର ଗ୍ରାମ ନିକଟରେ ଥିବା କପା ବଗିଚା କ୍ୟାମ୍ପରେ ନିଆଁ ଲାଗି ସବୁ ଭସ୍ମୀଭୂତ ହୋଇଯାଇଛି। ନିକଟରେ ଥିବା ଏକ ଟ୍ରାକ୍ଟର, ଗୋଟିଏ ବାଇକ, ଗୋଟିଏ କପା ଅମଳ ମେସିନ୍ ସହ ଅନ୍ୟାନ୍ୟ ସାମଗ୍ରୀ ମଧ୍ୟ ପୋଡ଼ିଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବିଜାପଦର ଗ୍ରାମ ନିକଟରେ ଥିବା ରାମ ରାଓ ନାମକ ଜଣେ ଆନ୍ଧ୍ର କପା ଚାଷୀଙ୍କ କ୍ୟାମ୍ପରେ କୌଣସି କାରଣରୁ ନିଆଁ ଲାଗି ଚାହୁଁ ଚାହୁଁ ବ୍ୟାପି ଯାଇଥିଲା । ନିକଟରେ ଥିବା ସୋନାଲିକା ଟ୍ରାକ୍ଟର ଓ ଅନ୍ୟ ଏକ ବାଇକ ମଧ୍ୟ ପୋଡି ଯାଇଥିଲା। ଖବର ପାଇ ବୌଦ୍ଧ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

## ପୂର୍ବତନ ପ୍ରଧାନ ଶିକ୍ଷକଙ୍କୁ ୪ ବର୍ଷ କାରାଦଣ୍ଡ

ବୌଦ୍ଧ (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କାଣ୍ଡରା ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲ ପୂର୍ବତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତପନ କୁମାର କହଁରଙ୍କୁ ଫୁଲବାଣୀ ଭିଜିଲାନ୍ସ ଅଦାଲତ ୪ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ସୂଚନା ପ୍ରକାରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ କୁଟିବାରୀ ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ସହାୟକ ଶିକ୍ଷକ ଥିବା ଶ୍ରୀ କହଁର ୨୦୧୯ ମସିହାରେ କାଣ୍ଡରା ପ୍ରୋଜେକ୍ଟ ପ୍ରାଇମେରୀ ସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଥିବା ସମୟରେ ନୂତନ ଶ୍ରେଣୀ କୋଠରୀ ନିର୍ମାଣ ପାଇଁ ଆସିଥିବା ସରକାରୀ ଅର୍ଥ ତୋଷାରପାତ କରିଥିବା ଅଭିଯୋଗରେ ବୌଦ୍ଧ ଭିଜିଲାନ୍ସ ବିଭାଗ ତରଫରୁ ଫୁଲବାଣୀ ଭିଜିଲାନ୍ସ କୋର୍ଟରେ ମାମଲା ରୁଜୁ ହୋଇଥିଲା। ମାମଲାର ବିଚାର କରି ଭିଜିଲାନ୍ସ ଅଦାଲତ ଶ୍ରୀ କହଁରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୪ ବର୍ଷ ସଶ୍ରମ କାରାଦଣ୍ଡ ସହିତ ୧୦ ହଜାର ଟଙ୍କା ଜରିମାନା ଦଣ୍ଡ ଶୁଣାଇଛନ୍ତି। ଶିକ୍ଷକ ଶ୍ରୀ କହଁରଙ୍କୁ ଜେଲ ପଠାଇ ଦିଆଯାଇଥିବାବେଳେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଭିଜିଲାନ୍ସ ତରଫରୁ ଆବଶ୍ୟକୀୟ ପତ୍ର ବିନିମୟ କରାଯିବ ବୋଲି ଜଣାପଡିଛି।

## ନୂତନ ମିଶନ ଶକ୍ତି କାଫେ ଗୃହ ଉଦ୍‌ଘାଟିତ



ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ) : ଗଜପତି ଜିଲ୍ଲା କାଶୀନଗର ବ୍ଲକ କାର୍ଯ୍ୟାଳୟର ନିକଟସ୍ଥ ବ୍ଲକ କର୍ମଚାରୀମାନଙ୍କ ନୂତନ ବାସଭବନ ଏବଂ ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ନୂତନ ମିଶନ ଶକ୍ତି କାଫେ ଗୃହର ଉଦଘାଟନ କରିଛନ୍ତି ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ। ଏହି ଶୁଭ ଉଦଘାଟନରେ ବିଧାୟକ ସମେତ ଜିଲ୍ଲା ପରିଷଦ ଅଧକ୍ଷ ଜି. ତିରୁପତି ରାଓ,ବ୍ଲକ ଅଧକ୍ଷା ବାଲାସାଇ ଆମ୍ମା, ଉପାଧକ୍ଷା ଏସ.କଲ୍ୟାଣୀ, ଜିଲ୍ଲାପରିଷଦ ଆର. ରାଜଲକ୍ଷ୍ମୀ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ମ୍ବୁରୁଧର ମଲ୍ଲିକ, ବ୍ଲକ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ, କେ. ସୀତାପୁର ସରପଞ୍ଚ କେ. ତେଜା ଏବଂ ବିଜୁ ଜନତା ଦଳର କର୍ମୀ ପ୍ରେମୀ ପ୍ରମୁଖ ଉପସ୍ଥିତ ଥିଲେ । ପରେ କାଶୀନଗର ବ୍ଲକ ବୈଠକ ଗୃହରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ମୁଖ୍ୟ ଅତିଥିଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ ଯୋଗଦେଇଥିଲେ। ଏହି ବୈଠକରେ ବ୍ଲକର ସବୁ ବିଭାଗର ସମସ୍ୟା ଓ ତାର ସମାଧାନ ଉପରେ ଆଲୋଚନା କରାଯାଇଥିଲା ।

■ ବୃଦ୍ଧାଙ୍କୁ ଗର୍ଭବତୀ ଦର୍ଶାଇ ମମତା ଯୋଜନା ଅର୍ଥ ହଡ଼ପ୍ ଘଟଣା

## ଏମ୍‌ଭି-୨୩ ଅଙ୍ଗନବାଡ଼ି କେନ୍ଦ୍ରରେ ସିଡ଼ିପିଓଙ୍କ ତଦନ୍ତ



କୋରୁକୋଣ୍ଡା (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକର ସିଡିପିଓ ରେଖା ଶୋଭା ସୁନ୍ଦର ଗତକାଲି କୋରୁକୋଣ୍ଡା ବ୍ଲକ ଅଧିନସ୍ତ ଡୁଡାମେଟା ପଞ୍ଚାୟତର ଏମଭି -୨୩ ଗାଁରେ ଥିବା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଛନ୍ତି । ସିଡିପିଓଙ୍କ ସମେତ ଉକ୍ତ ସେକ୍ଟର ଦାୟିତ୍ୱରେ ଥିବା ସୁପରଭାଇଜର ବାସନ୍ତୀ ଲତା ଦେଇ, ତୁମସାପାଲ୍ଲୀ ଏସଏ ସବିତା ମାଡ଼କାମୀ ମଧ୍ୟ ଗସ୍ତ କରିଥିଲେ । କିଛିଦିନ ପୂର୍ବେ ମମତା ଯୋଜନାରେ ହୋଇଥିବା ଅର୍ଥ ହଡପ ଘଟଣାର ସତ୍ୟତା ଜାଣିବାକୁ ତଦନ୍ତ କରିଥିଲେ। ଉକ୍ତ ଗ୍ରାମର ଯେଉଁ ୧୫ ଜଣ ମା' ମାନଙ୍କର ଆକାଉଣ୍ଟକୁ ମମତା ଯୋଜନାରେ ପ୍ରଥମ କିସ୍ତିର ୬ ହଜାର ଲେଖାଏଁ ଟଙ୍କା ଜମା ହୋଇଥିଲା ସେହି ୧୫ ଜଣ ମା'ମାନେ କିଏ କିଏ ସେମାନଙ୍କୁ ଜାଣିବା ପାଇଁ ସେମାନଙ୍କୁ ଉକ୍ତ କେନ୍ଦ୍ରର ଅଙ୍ଗନବାଡି କର୍ମୀଙ୍କ ଜରିଆରେ କେନ୍ଦ୍ରକୁ ଡକାଯାଇଥିଲା । ମୋଟ ୧୫ ଜଣଙ୍କ ମଧ୍ୟରୁ କେବଳ ୮ ଜଣ ମହିଳା ଆସିଥିଲେ । ତେବେ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ରେକର୍ଡରେ ତଥା ଅଫିସ ଡକ୍ୟୁମେଣ୍ଟରେ ଉକ୍ତ ମା' ମାନଙ୍କର ବୟସ ଏଣ୍ଟ୍ରି କରିଥିବା ବେଳେ ପ୍ରକୃତରେ ସେମାନଙ୍କର ବୟସ କେତେ ରହିଛି ତାହା ଜାଣିବା ପାଇଁ ସେମାନଙ୍କୁ ଆଧାରକାର୍ଡ ମଗା ଯାଇଥିଲା । କିନ୍ତୁ ସେମାନେ ସାଙ୍ଗରେ ଆଧାର କାର୍ଡ ଆଣି ନଥିବାରୁ ତାହା ଯାଞ୍ଚ ହୋଇପାରିନାହିଁ। ଯଦି ମମତା ଯୋଜନାରେ ଏହି ୧୫ ଜଣ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା ହୋଇଥିଲା ତେବେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ମମତା ଯୋଜନାର ଟଙ୍କା କିପରି ଭାବେ ଉଠାଇ ନେଲେ ବୋଲି ସିଡିପିଓ ସମସ୍ତଙ୍କୁ ପଚାରିଥିଲେ । କିନ୍ତୁ ଉକ୍ତ ଗ୍ରାମର କିଛି ବୟସ୍କ ବ୍ୟକ୍ତି ସେଠାରେ ପହଁଞ୍ଚି କହିଥିଲେ ଯେ, ଏନେଇ ଗାଁରେ ମିଟିଙ୍ଗ ହେବା ପରେ କହିବୁ ବୋଲି ସେମାନେ କହିଥିବା ସିଡ଼ିପିଓ କହିଛନ୍ତି। ଏହି ମାମଲା ବର୍ତ୍ତମାନ ଥାନାରେ। ପୋଲିସ ଏହାର ତଦନ୍ତ ଚଳାଇଛି। ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଘଟଣାର ପ୍ରାଥମିକ ତଦନ୍ତ ପରେ ଘଟଣାରେ ସମ୍ପୃକ୍ତ ଥିବା ପୋଗ୍ରାମ ଆସିଷ୍ଟାଣ୍ଟ ମନୋଜ ବାରୋଇଙ୍କୁ ଚାକିରିରୁ ବହିଷ୍କୃତ କରିବା ସହ ସିଡିପିଓ, ସୁପରଭାଇଜର ଓ ଅଙ୍ଗନୱାଡି କର୍ମୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ତଦନ୍ତ ସରିବା ପରେ ପ୍ରକୃତ ଘଟଣା ଜଣା ପଡ଼ିବ ବୋଲି ପୂର୍ବରୁ ଉପ ଜିଲ୍ଲାପାଳ ଶ୍ରୀ ଭୋଇ କହିଥିଲେ।


॥ ଅନାସ୍ଥା ପ୍ରସଙ୍ଗ ॥

## ନଗରପାଳ ଯାଜ୍ଞସେନୀ ଓରାମଙ୍କ ପିଟିସନ୍‌କୁ ହାଇକୋର୍ଟରେ ଖାରଜ



ବ୍ରଜରାଜନଗର(ଭାସ୍କର ନ୍ୟୁଜ) : ବ୍ରଜରାଜନଗର ପୌରାଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗ ଉପରେ ମାନ୍ୟବର ହାଇକୋର୍ଟ ନଗରପାଳ ଯାଜ୍ଞସେନୀ ଓରାମଙ୍କ ପିଟିସନକୁ ଖାରଜ କରି ଦେଇଥିବା ସୂଚନା ମିଳିଛି। ଫଳରେ ବ୍ରଜରାଜନଗର ନଗରପାଳ ଗାଦିଚ୍ୟୁତ ହେବା ଏକରକମ ସ୍ପଷ୍ଟ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ସୂଚନାଯୋଗ୍ୟ ଯେ, ଗତ ଜାନୁଆରୀ ୧୫ ତାରିଖ ବ୍ରଜରାଜନଗର ନଗରପାଳ ଯାଜ୍ଞସେନୀ ଓରାମଙ୍କ ବିରୁଦ୍ଧରେ ହୋଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ମତଦାନ ହୋଇଥିବା ବେଳେ ଅନ୍ୟପଟେ ମାନ୍ୟବର ହାଇକୋର୍ଟଙ୍କ ପରବର୍ତ୍ତୀ ଶୁଣାଣୀ ୫ ଫେବ୍ରୁଆରୀ ପର୍ଯ୍ୟନ୍ତ ଏହାର ଫଳାଫଳ ସ୍ଥଗିତ ରଖିଥିଲେ । ସେହିପରି ମାନ୍ୟବର ହାଇକୋର୍ଟଙ୍କ ଫେବ୍ରୁଆରୀ ୫ ତାରିଖ ଦିନ ବ୍ରଜରାଜନଗର ନଗରପାଳ ଯାଜ୍ଞସେନୀ ଓରାମଙ୍କ ନିବେଦନ ଉପରେ ବିଚାର କରି ଗତ ଫେବ୍ରୁଆରୀ ୧୦ ତାରିଖ ଦିନ ଶୁଣାଣି ଲାଗି ନିର୍ଦ୍ଦେଶ ଦେଇଥିଲେ । ହେଲେ ଗତ ଫେବ୍ରୁଆରୀ ୧୦ ତାରିଖରେ ଶୁଣାଣି ହୋଇପାରି ନଥିବାରୁ ଗତ ଫେବ୍ରୁଆରୀ ୧୧ ତାରିଖରେ ଶୁଣାଣି ଶେଷ ହୋଇଥିଲା ଓ ରାୟ ସଂରକ୍ଷିତ ଥିଲା। ଅପରପକ୍ଷରେ ମାନ୍ୟବର ହାଇକୋର୍ଟ ଫେବୃଆରୀ ୨୮ ତାରିଖ ରାୟ ଶୁଣାଇବେ ନେଇ ତାରିଖ ଧାର୍ଯ୍ୟ ପରେ ନଗରପାଳ ଯାଜ୍ଞସେନୀ ଓରାମଙ୍କ ପିଟିସନକୁ ଖାରଜ କରି ଦେଇଛନ୍ତି।

## ୨ ନକ୍ସଲ ମିଲିସିଆ ପ୍ଲାଟୁନ୍ ସଦସ୍ୟଙ୍କ ଆତ୍ମସମର୍ପଣ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟର ବିଜାପୁର ଜିଲ୍ଲାରେ "ନିଆଦ ନେଲା ନାର" ଯୋଜନା ମାଧ୍ୟମରେ ସୁରକ୍ଷା ବାହିନୀର ନିୟମିତ ସର୍ଚ୍ଚ ଅପରେସନ ଏବଂ ଆଭ୍ୟନ୍ତରୀଣ ଅଞ୍ଚଳରେ ଲଗାତାର ସ୍ଥାପନ ହେଉଥିବା ନୂତନ ସୁରକ୍ଷା ଶିବିରର ଚାପ ପଡିବା ଫଳରେ ଭୈରମଗଡ଼ ଏରିଆ କମିଟି ଏବଂ ଜାଗରଗୁଣ୍ଡା ଏରିଆ କମିଟିର ସକ୍ରିୟ ଦୁଇ ନକ୍ସଲ, ସୁଖରାମ ସୋଢି ଓରଫ ସୁକାଡୁ(୨୭), ସଂଗଠନରେ କେଶକୁତୁଲ ଜଟଉ ମିଲିସିଆ ପ୍ଲାଟୁନ ସଦସ୍ୟ, ୨୦୧୫ ରୁ ସକ୍ରିୟ ଏବଂ ନାରୁ ଇର୍ପା ଓରଫ ନାରାୟଣ(୩୬) ବର୍ଷ ଆତ୍ମସମର୍ପଣ କରିଛନ୍ତି। ସଂଗଠନରେ ମିଲିସିଆ ପ୍ଲାଟୁନ ସଦସ୍ୟ, ୨୦୨୧ରୁ ସକ୍ରିୟ ରହିଥିବା ବେଳେ ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ଅଫ୍ ପୋଲିସ, ସିଆର୍‌ପିଏଫ୍ ବିଜାପୁର ଦେବେନ୍ଦ୍ର ସିଂହ ନେଗି, ପୋଲିସ ଅଧୀକ୍ଷକ, ବିଜାପୁର ଡକ୍ଟର ଜିତେନ୍ଦ୍ର କୁମାର ଯାଦବ, କମାଣ୍ଡାଣ୍ଟ ୧୯୯ ଆନନ୍ଦ କୁମାର, କମାଣ୍ଡାଣ୍ଟ ୨୧୦ କୋବ୍ରା ଅଶୋକ କୁମାର, ଅତିରିକ୍ତ ପୋଲିସ ଅଧିକ୍ଷକ ନକ୍ସଲ ଅପରେସନ୍ ମୟଙ୍କ ଗୁର୍ଜର, ଅତିରିକ୍ତ ପୋଲିସ ଅଧିକ୍ଷକ ଉଲାଣ୍ଡନ ୟର୍କ, ଡେପୁଟି ପୋଲିସ ନକ୍ସଲ ଅପରେସନ୍ ସୁଦୀପ ସରକାର, ଡେପୁଟି ପୋଲିସ ଅଧୀକ୍ଷକ ଡିଆରଜି ବିନୀତ ସାହୁଙ୍କ ସମ୍ମୁଖରେ ଏହି ଦୁଇ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ଉଭୟ ନକ୍ସଲ ୨୦୧୫ ମସିହାରେ ବାଲ୍ ସଙ୍ଗମ୍ ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ ଏବଂ ୨୦୧୬ ମସିହାରୁ ସଂଗଠନରେ ମିଲିସିଆ ପ୍ଲାଟୁନ୍ ସଦସ୍ୟ ଭାବରେ ସକ୍ରିୟ ଥିଲେ। ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତି ଅଧୀନରେ ଆତ୍ମସମର୍ପଣ କରିଥିବା ନକ୍ସଲଙ୍କୁ ୨୫ ହଜାର ଲେଖାଏଁ ନଗଦ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି ।ବିଜାପୁର ଜିଲ୍ଲାରେ ଚଳିତ ବର୍ଷ ମଧ୍ୟରେ ଏପର୍ଯ୍ୟନ୍ତ ମୋଟ ୪୨ ଜଣ ନକ୍ସଲ ଆତ୍ମସମର୍ପଣ କରିଥିବା ଜଣାପଡିଛି।



ଭଞ୍ଜନଗର(ଭାସ୍କର ନ୍ୟୁଜ) : କୌଣସି କାଗଜପତ୍ର ନଥାଇ ବେଆଇନ ଭାବେ ପଥର କୋଇଲା ଚାଲଣ କରୁଥିବା ଅଭିଯୋଗରେ ଭଞ୍ଜନଗର ପୁଲିସ କୋଇଲା ବୋଝେଇ ଏକ ଟ୍ରକ୍ ଓ ଟ୍ରାକ୍ଟର କୁ ଜବତ କରିବା ସହ ଏଥିରେ ସଂପୃକ୍ତ ଅଭିଯୋଗରେ ୫ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ଥାନା ଅଧିକାରୀ ଙ୍କ ସୂଚନା ପ୍ରକାରେ ଜି.ଉଦୟଗିରି ର ଅଜିତ କୁମାର ସାହୁ, ପାଟୁଳିସାହି ର କାହ୍ନୁ ବେହେରା, ଭଞ୍ଜନଗର ଲଣ୍ଡେଇସାହି ର ସୁରେଶ କୁମାର ସ୍ୱାଇଁ, ବେଡିଗୁଡା ଗ୍ରାମର ବନବାସୀ ସ୍ୱାଇଁ ଓ ରାଜକୁଣ୍ଡପଲ୍ଲୀ ର ବୁଲୁ ନାଇକ ଏକ ଟ୍ରକ୍ (ଓଡି ୦୭ ଏଚ୍ ୪୫୧୩) ଓ ଏକ ଟ୍ରାକ୍ଟର (ଓଡି ୩୨ ଏଚ୍ ୦୧୮୮) ରେ ୧୬ କୁଇଁଣ୍ଟାଲ ପଥର କୋଇଲା ବେଆଇନ ଭାବେ ଚାଲଣ କରୁଥିବା ବେଳେ ପୁଲିସ ସନ୍ଦେହରେ ଏହି ୨ ଟି ଗାଡ଼ିକୁ ଅଟକାଇ ତାର କାଗଜପତ୍ର ଯାଞ୍ଚ ପାଇଁ ମାଗିଥିଲା। ହେଲେ ସଂପୃକ୍ତ ଅଭିଯୁକ୍ତମାନଙ୍କ ପାଖରେ ଏହି କୋଇଲା ଚାଲଣ ନେଇ କିଛି ବି କାଗଜପତ୍ର ନଥିବା ଜାଣିବା ପରେ ପଥର କୋଇଲା ବୋଝେଇ ୨ ଟ୍ରକ୍ ଓ ଟ୍ରାକ୍ଟର କୁ ଜବତ କରିବା ସହ ସମସ୍ତ ଉପରୋକ୍ତ ୫ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଜେନାଙ୍କ ସୂତ୍ରରୁ ଜଣାପଡିଛି।

## ବଦ୍ରିନାଥ ହିମ ସ୍ଖଳନ ଟ୍ରାଜେଡି
# ୪ ଶ୍ରମିକ ମୃତ, ୫ ନିଖୋଜ



ଡେରାଡୁନ: ଭାରତ-ଚୀନ୍ ସୀମାରେ ଅବସ୍ଥିତ ଉତ୍ତରାଖଣ୍ଡର ଚମୋଲିର ମାନାରେ ଗତ ଶୁକ୍ରବାର ହୋଇଥିବା ଭୟଙ୍କର ହିମସ୍ଖଳନରେ ଫସି ରହିଥିବା ଶ୍ରମିକମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪୬ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତେବେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିବାରୁ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ଟ୍ରାଜେଡିରେ ୪ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ୫ଜଣ ଏବେ ବି ନିଖୋଜ ରହିଛନ୍ତି। ସେମାନଙ୍କୁ ଖୋଜିବା ପାଇଁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାର ହୋଇଥିବା ୪୬ ଶ୍ରମିକ ମଧ୍ୟରୁ ୨୬ଜଣଙ୍କୁ ଆର୍ମି ହସ୍ପିଟାଲରେ ଏବଂ ଅନ୍ୟ ୨୦ଜଣ ଆଇଟିବିପି କ୍ୟାମ୍ପରେ ରହିଛନ୍ତି। ହିମସ୍ଖଳନକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ସ୍ଥାନୀୟ ବିମାନବନ୍ଦରକୁ ଆଲର୍ଟ ମୋଡରେ ରଖାଯାଇଛି। ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମବାହିନୀ ଓ ଅନ୍ୟାନ୍ୟ ଟିମ୍‌କୁ ନିୟୋଜିତ କରାଯାଇଛି। ଏନଡିଆରଏଫର ୪ଟି ଟିମ୍ ମଧ୍ୟ ମୁତୟନ ହୋଇଛନ୍ତି। ସ୍ଥାନୀୟ ଏସଡିଏମ୍ ସନ୍ତୋଷ କୁମାର ପାଣ୍ଡେ ରିଲିଫ କାର୍ଯ୍ୟର ତଦାରଖ କରୁଛନ୍ତି। ଭାରତୀୟ ସେନା, ରାଜ୍ୟ ବିପର୍ଯ୍ୟୟ ମୁକାବିଲାବାହିନୀ, ଆଇଟିବିପିର ଟିମ୍ ଲଗାତାର ରିଲିଫ ଓ ଉଦ୍ଧାର କାର୍ଯ୍ୟ ଚାଲୁ ରଖିଛନ୍ତି। ତେବେ ପ୍ରତିକୂଳ ପାଗ ଯୋଗୁ ଉଦ୍ଧାର କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ଆଗକୁ ପ୍ରବଳ ବର୍ଷା ଓ ତୁଷାରପାତ ହେବାର ସମ୍ଭାବନା ରହିଥିବା ନେଇ ଆଇଏମଡି ସୂଚନା ଦେବା ପରେ ଉଦ୍ଧାର କାର୍ଯ୍ୟ ଚାଲେଞ୍ଜ ସୃଷ୍ଟି କରିବ ବୋଲି କୁହାଯାଉଛି। ଏସବୁ ସତ୍ତ୍ୱେ ବି ଉଦ୍ଧାରକାରୀ ଟିମ୍ କାର୍ଯ୍ୟ ଚାଲୁ ରଖିଛନ୍ତି।

## ଟ୍ରମ୍ପଙ୍କ ସହ ବିତର୍କ ପରେ ହିରୋ ବନିଲେ ଜେଲେନସ୍କି
# ୟୁରୋପୀୟ ରାଷ୍ଟ୍ର ଦେଲେ ସମର୍ଥନ



ନୂଆଦିଲ୍ଲୀ: ୟୁକ୍ରେନ ରାଷ୍ଟ୍ରପତି ଭୋଲଦିମିର ଜେଲେନସ୍କି ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ବିତର୍କ। ବାକ୍ ଯୁଦ୍ଧ ପରେ ମୁହାଁମୁହିଁ ହେଲେ ଦୁଇ ବିଶ୍ୱନେତା। ହ୍ୱାଇଟ୍ ହାଉସ୍ ଓଭାଲ କାର୍ଯ୍ୟାଳୟରେ ଟ୍ରମ୍ପ ଓ ଜେଲେନସ୍କିଙ୍କ ସାକ୍ଷାତ ସମୟରେ ଏଭଳି କିଛି ବିତର୍କ ଦେଖିବାକୁ ମିଳିଥିଲା। ଏହାର କାରଣ ହେଉଛି ୟୁକ୍ରେନ-ରୁଷ ମଧ୍ୟରେ ସଂଘର୍ଷ ସଂପର୍କରେ ଆମେରିକା ଓ ୟୁରୋପୀୟ ରାଷ୍ଟ୍ର ମଧ୍ୟରେ ବଢୁଥିବା ମତଭେଦ। ୟୁକ୍ରେନର ୟୁରୋପୀୟ ପାର୍ଟନର ଓ ବିଶ୍ୱର ଅଲଗା କେତେକ ରାଷ୍ଟ୍ର ନେତାମାନେ ଜେଲେନସ୍କିଙ୍କୁ ସମର୍ଥନ ଜଣାଇଛନ୍ତି। ଅନ୍ୟପକ୍ଷରେ ହ୍ୱାଇଟ୍ ହାଉସ ଟ୍ରମ୍ପଙ୍କୁ ସମର୍ଥନ ଜଣାଇଛି। ଏହି ଘଟଣା ପରେ ୟୁରୋପର ବହୁ ପ୍ରମୁଖ ଦେଶ ଜେଲେନସ୍କିଙ୍କ ସପକ୍ଷରେ ମୁହଁ ଖୋଲିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ କହିଛନ୍ତି ଯେ ରୁଷ ହେଉଛି ଜଣେ ଆକ୍ରମଣକାରୀ। ୟୁକ୍ରେନ ପୀଡ଼ିତ । ୩ବର୍ଷ ପୂର୍ବେ ଆମେ ୟୁକ୍ରେନକୁ ସାହାଯ୍ୟ ଓ ରୁଷ ଉପରେ କଟକଣା ଲଗାଇବା ଠିକ୍ ଥିଲା। ଆମେ ଅର୍ଥାତ ଆମେରିକା, ୟୁରୋପ, କାନାଡ଼ା, ଜାପାନ ଓ ଅନ୍ୟସବୁ ଦେଶ ଆରମ୍ଭରୁ ୟୁକ୍ରେନ ପାଇଁ ଲଢୁଛନ୍ତି। ସେମାନେ ନିଜର ଗରିମା, ସ୍ୱତନ୍ତ୍ରତା, ନିଜର ସନ୍ତାପ ଏବଂ ୟୁରୋପର ସୁରକ୍ଷା ପାଇଁ ଲଢେଇ କରୁଛନ୍ତି। ସେ ଆହୁରି କହିଛନ୍ତି ଯେ ଟ୍ରମ୍ପଙ୍କ ଦୁଇପକ୍ଷକୁ ସମାନ ଦୃଷ୍ଟିକୋଣକୁ ଆମେ ନିନ୍ଦା କରୁଛୁ। ସେହିଭଳି ଜର୍ମାନର ଆଗାମୀ ଚାନସେଲର ଫେଡିରିକ୍ ମର୍ଜ କହିଛନ୍ତି ଯେ ଜେଲେନସ୍କି ଆମର ଅତି ପ୍ରିୟ ଓ ତାଙ୍କ ଖରାପ ସମୟରେ ଆମେ ତାଙ୍କ ସହ ରହିଛୁ। ସେହିପରି ପୋଲାଣ୍ଡ ପ୍ରଧାନମନ୍ତ୍ରୀ ଡୋନାଲଡୋ ଟସ୍କ କହିଛନ୍ତି, ଆମେ ୟୁକ୍ରେନର ମିତ୍ର। ସେହିଭଳି ସ୍ୱୀଡେନ, ଲିଥୁଆନିଆ, ଚେକ୍ ଗଣରାଜ୍ୟ, ସ୍ପେନ, ନରୱେ, ନେଦରଲାଣ୍ଡ, କାନାଡ଼ା, ବେଲଜିୟମ, ଫିନଲାଣ୍ଡ, ୟୁକେ, ୟୁରୋପୀୟ ସଂଘ ଜେଲେନସ୍କିଙ୍କ ପ୍ରତି ସମର୍ଥନ ଜଣାଇଛନ୍ତି। ଟ୍ରମ୍ପଙ୍କ ସହ ବିତର୍କ ସମୟରେ ରୁଷ ସହ ଅସ୍ତ୍ରବିରତି ପ୍ରସ୍ତାବକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ଟ୍ରମ୍ପ କହିଥିଲେ ଯେ ତୁମେ ତୃତୀୟ ବିଶ୍ୱଯୁଦ୍ଧର ଜୁଆ ଖେଳୁଛ। ଏହାର ପରିଣାମ ଭୟଙ୍କର ହେବ। ଟ୍ରମ୍ପ ଯୁଦ୍ଧବିରତି ପ୍ରସ୍ତାବ ଦେଇଥିବାବେଳେ ଜେଲେନସ୍କି ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା
# ୬ରେ ମିଳିବ ସୁଭଦ୍ରା ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ମାର୍ଚ୍ଚ ୬ରେ ମିଳିବ ସୁଭଦ୍ରାର ପ୍ରଥମ କିସ୍ତିର ୫ମ ପର୍ଯ୍ୟାୟ ଟଙ୍କା । ଏହି ପର୍ଯ୍ୟାୟରେ ମୋଟ ୧ଲକ୍ଷ ୭୦ ହଜାର ମହିଳା ସହାୟତା ରାଶି ପାଇବେ। ହିତାଧିକାରୀଙ୍କ ଖାତାକୁ ଯିବ ୫ ହଜାର ଟଙ୍କା ଲେଖାଏଁ। ଏ ନେଇ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମାର୍ଚ୍ଚ ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସରେ ହିତାଧିକାରୀଙ୍କୁ ସୁଭଦ୍ରାର ଦ୍ୱିତୀୟ କିସ୍ତି ପ୍ରଦାନ କରାଯିବ। ଏହାଦ୍ୱାରା ୧ କୋଟିରୁ ଅଧିକ ହିତାଧିକାରୀ ଉପକୃତ ହେବେ।

# ଝାରସୁଗୁଡ଼ାରୁ ମୁମ୍ବାଇ ବିମାନସେବା ଆରମ୍ଭ

ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ପଶ୍ଚିମଓଡିଶାବାସୀଙ୍କ ପାଇଁ ଖୁସି ଖବର। ଶନିବାରଠାରୁ ଝାରସୁଗୁଡ଼ାରୁ ମୁମ୍ବାଇକୁ ବିମାନସେବା ଆରମ୍ଭ ହୋଇଛି। ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ ବନ୍ଦରରୁ ୯୧ଜଣ ଯାତ୍ରୀଙ୍କୁ ନେଇ ଇଣ୍ଡିଗୋ ଏୟାରବସ୍ ମୁମ୍ବାଇ ଅଭିମୁଖେ ଯାତ୍ରା କରିଛି। ଏହି ବିମାନ ସପ୍ତାହର ସବୁଦିନେ ଚଳାଚଳ କରିବ। ଝାରସୁଗୁଡ଼ା ବିମାନବନ୍ଦରରୁ ତୃତୀୟ ରୁଟ୍ ଭାବେ ରାୟପୁରକୁ ଗତମାସ ୨ ତାରିଖରେ ବିମାନସେବା ଆରମ୍ଭ କରିଥିଲା ଷ୍ଟାର ଏୟାର। ବିମାନବନ୍ଦରର ନିର୍ଦ୍ଦେଶକ ସନ୍ଦୀପ ତିୱାରୀ ଏହାର ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ରାୟପୁରକୁ ୪୯ଜଣ ଯାତ୍ରୀ ଯାତ୍ରା କରିଥିଲେ। ଝାରସୁଗୁଡ଼ା-ରାୟପୁର- ଝାରସୁଗୁଡ଼ା ରୁଟ୍‌ରେ ଏହି ବିମାନସେବା ସପ୍ତାହକୁ ୩ ଦିନ ସୋମବାର, ବୁଧବାର ଓ ରବିବାର ଚଳାଚଳ କରୁଛି। ଏଣେ ଝାରସୁଗୁଡ଼ାରୁ ଲକ୍ଷ୍ନୌ ଅଭିମୁଖେ ଷ୍ଟାର ଏୟାର ମଧ୍ୟ ନିଜର ସେବା ଆରମ୍ଭ କରିଛି। ଏହା ପୂର୍ବରୁ ଝାରସୁଗୁଡ଼ାରୁ ହାଇଦ୍ରାବାଦ ରୁଟ୍‌ରେ ଏହି ସଂସ୍ଥା ବିମାନସେବା ଆରମ୍ଭ କରିଥିଲା। ତେବେ ଝାରସୁଗୁଡ଼ାରୁ ମୁମ୍ବାଇ ବିମାନସେବା ହେବା ଫଳରେ ପଶ୍ଚିମଓଡ଼ିଶାର ବହୁ ଯାତ୍ରୀ ଉପକୃତ ହୋଇପାରିବେ। ଆଗାମୀ ଦିନରେ ଅନ୍ୟ ରାଜ୍ୟକୁ ବିମାନସେବା ଯୋଗାଇ ଦିଆଯିବ ବୋଲି ବିମାନବନ୍ଦର ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ଚୋରା ଦେଶୀମଦ ଭର୍ତ୍ତି ପିକ୍‌ଅପ୍ ଜବତ

ବେତନଟୀ (ଭାସ୍କର ନ୍ୟୁଜ) ବେତନଟୀ ଅବକାରୀ ପୁଲିସ ଶୁକ୍ରବାର ରାତିରେ ପେଟ୍ରୋଲିଙ୍ଗ ଟିମ୍ ୧୮ନଂ ଜାତୀୟରାଜପଥ ବଙ୍ଗଳାଛକ ଠାରେ ଚଢାଉକରି ଚୋରା ଦେଶିମଦ ଭର୍ତ୍ତି ପିକଅପ ଜବତ କରିଛି କ୍ଷ ଘଟଣା ରୁ ପ୍ରକାଶ ବଡ଼ସାହି ରୁ ବାଲେଶ୍ୱର ଅଭିମୁଖେ ଚୋରାମଦ ଚାଲାଣ ହେଉଥିବା ଖବର ପାଇ ବେତନଟୀ ଅବକାରୀ ବିଭାଗର ଇନ୍ସପେକ୍ଟର ପ୍ରକାଶ ସାହୁ ସଦଳବଳେ ଚଢ଼ାଉକରିଥିଲେ କ୍ଷ ଚଢାଉ ସମୟରେ ଓଆର -୦୧କିୟୁ - ୭୨୫୨ ନମ୍ବର ବିଶିଷ୍ଟ ପିକଅପ ଭିତରୁ ୧୧୪୦ ଚୋରା



ଦେଶିମଦ ଭର୍ତ୍ତି ମୋଟର ଟ୍ୟୁବ ଜବତ କରାଯାଇଛି । ଘଟଣା ସ୍ଥଳରୁ ଚାଳକ ଓ ହେଲପର ଙ୍କୁ ସ୍ଥାନୀୟ ଲୋକ ଧରିବା ପାଇଁ ଚେଷ୍ଟା କରିଥିଲେ ମଧ ସେମାନେ ସେଠାରୁ ଚମ୍ପଟ ମାରିଥିଲି ।

# ଏନ୍‌କାଉଣ୍ଟରରେ ଦୁଇ ମାଓବାଦୀ ନିପାତ

ମାଲକାନଗିରି (ଭାସ୍କର ନ୍ୟୁଜ): ମାଓ ଦମନ ଅଭିଯାନ ସମୟରେ ସୁରକ୍ଷାକର୍ମୀ ଏବଂ ମାଓବାଦୀ ମଧ୍ୟରେ ଏନକାଉଣ୍ଟରରେ ଦୁଇ ମାଓବାଦୀ ନିହତ ହୋଇଛନ୍ତି। ନିହତ ମାଓବାଦୀ ମଧ୍ୟରେ ଜଣେ ମହିଳା ହୋଇଥିବା ବେଳେ ଅନ୍ୟ ଜଣେ ପୁରୁଷ ମାଓବାଦୀ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ ଛତିଶଗଡର ସୁକମା ଜିଲ୍ଲା କିଷ୍ଟରାମ ଥାନା ଅଞ୍ଚଳରେ ମାଓ ଗତିବିଧି ଖବର ମିଳିବା ପରେ ଡିଆରଜି ଏବଂ କୋବ୍ରା ବାହିନୀର ଏକ ଦଳ ମିଳିତ ଭାବେ ତଲାସୀ ଅଭିଯାନ କରୁଥିଲେ । ଏହି ସମୟରେ ଉଭୟ ମାଓବାଦୀ ଏବଂ ସୁରକ୍ଷାକର୍ମୀ ଦଳ ମୁହାଁମୁହିଁ ହୋଇଥିଲା । ଉଭୟ ମଧ୍ୟରେ ଦୀର୍ଘ ସମୟ ଧରି ଗୁଳିବିନିମୟ ହେବା ପରେ ଘଟଣା ସ୍ଥଳରେ ତଲାସୀ କରିବା ସମୟରେ ଜଣେ ମହିଳା ଏବଂ ଅନ୍ୟ ଜଣେ ପୁରୁଷ ମାଓବାଦୀଙ୍କ ଶବ ଜବତ କରିଥିଲେ। ଏନକାଉଣ୍ଟରରେ ମୃତ ମହିଳା ମାଓବାଦୀ ଲିଙ୍ଗେ ହୋଇଥିବା ବେଳେ ପୁରୁଷ ମାଓବାଦୀ ହଡ଼ମା ମାଓ ସଂଗଠନର ଜଣେ ବୋମା ଏକ୍ସପୋର୍ଟ ହୋଇଥିବା ଜଣାପଡିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରାଜ୍ୟ ବିକାଶରେ...

ନୃତ୍ୟ ବିଶ୍ୱ ପ୍ରସିଦ୍ଧ । ଅନେକ ଆଦିବାସୀ ନୃତ୍ୟ କଳା ଓ ସଂଗୀତ ମଧ ଓଡିଶା ମାଟିକୁ ସମୃଦ୍ଧ କରିଛି । ସେ କହିଥିଲେ ଯେ ଆଜି ଆମ ରାଜ୍ୟ ଓଡିଶା ଏକ ନୂତନ ବିକାଶର ପଥର ଯାତ୍ରୀ ହୋଇଛି। ଆଜି ଆପଣଙ୍କ ସରକାର ଆପଣଙ୍କ ବିକାଶ ପାଇଁ ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି, ଯେପରିକି ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, ମାଧୋ ସିଂ ଛାତ୍ରବୃତ୍ତି ଯୋଜନା, ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ନୂତନ ଶିକ୍ଷାନୀତି ପରି ଯୋଜନା। ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ଜଗନ୍ନାଥ ଦର୍ଶନ ସେବା, ମଡେଲ ମଣ୍ଡି ପରି ନୂତନ ଯୋଜନାର ପରିକଳ୍ପନା କରାଯାଇଛି। ଆଜି ଆମ ସରକାର କ୍ଷମତାକୁ ଆସିବାର ପ୍ରାୟ ୯ ମାସ ହୋଇ ସାରିଛି। ଏହି ସ୍ୱଳ୍ପ ଦିନରେ ଆମ ସରକାର ପ୍ରକୃତରେ ଲୋକଙ୍କ ସରକାରର ମାନ୍ୟତା ଲାଭ କରିଛି। ଆଜି ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ ଓ ନିର୍ବାଚିତ ଲୋକପ୍ରତିନିଧି ସିଧାସଳଖ ଭାବରେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ସମାଧାନ ପାଇଁ ପ୍ରୟାସ କରୁଛନ୍ତି। ଆମେ ରାଜ୍ୟ ରାଜଧାନୀ ଭୁବନେଶ୍ୱରରେ ଜନ ଶୁଣାଣି କରୁଛୁ। ଭବିଷ୍ୟତରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏଭଳି ଶୁଣାଣି କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ। ସେ ପୁଣି କହିଥିଲେଯେ ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡିଶା ଗଠନ ପାଇଁ ଆମର ଜୋର ?ଦାର ଉଦ୍ୟମ ଆରମ୍ଭ ହୋଇଛି । ଦେଶ ଓ ରାଜ୍ୟର ଏହି ମହାନ୍ ଲକ୍ଷ୍ୟ ପୂରଣରେ ମୟୂରଭଞ୍ଜର ମଧ ବିଶେଷ ଭୂମିକା ରହିବ । ସେହି ସ୍ୱପ୍ନକୁ ବାସ୍ତବତାର ରୂପ ଦେବାପାଇଁ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ' ଧାରାରେ ସାଥି ହୋଇ ବିଶ୍ୱାସର ସେତୁ ବନ୍ଧ ତିଆରି କରିବା। ସମସ୍ତଙ୍କ ପ୍ରୟାସରେ ସମୃଦ୍ଧ ଓଡିଶା ଗଠନ ହେବ। ବିକଶିତ ଭାରତ ଗଠନ ହେବ । ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି, ଶିଳ୍ପ, ପୁଞ୍ଜିନିବେଶ ଓ ରୋଜଗାର ଉପରେ ଗୁରୁତ୍ୱ ଦେଲେ ହିଁ ବିକଶିତ ଓଡ଼ିଶାର ସ୍ୱପ୍ନ ସମ୍ଭବ ହୋଇପାରିବ। ଓଡ଼ିଶାର ସାଧାରଣ ଲୋକଙ୍କ ଜୀବନ ଧାରଣର ମାନରେ ଗୁଣାତ୍ମକ ପରିବର୍ତ୍ତନ ଆମ ସମସ୍ତଙ୍କର ଧ୍ୟେୟ ହେବା ଉଚିତ୍ । ଏହି କାର୍ଯ୍ୟକ୍ରମ ସମୟରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀ ରବି ନାରାୟଣ ନାଏକ ଓ ଉପସ୍ଥିତ ସମସ୍ତ ସାଂସଦ, ବିଧାୟକ, ଅଧିକାରୀ ଏବଂ ଜନସାଧାରଣ ମୟୂରଭଞ୍ଜ ମାଟିର ସନ୍ତାନ ତଥା କିମ୍ବଦନ୍ତୀ ଓଡ଼ିଆ ସିନେ ଅଭିନେତା ସ୍ୱର୍ଗତଃ ଉତ୍ତମ ମହାନ୍ତିଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମହାନ୍ତିଙ୍କ ବିୟୋଗକୁ ରାଜ୍ୟର ତଥା ସିନେ ଜଗତର ଅପୂରଣୀୟ କ୍ଷତି ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଦଳା ଅଂଚଳର ହୀରା ସିଂ ଓ ଗଣେଶ୍ୱର ସିଂ ଙ୍କୁ ସରକାରଙ୍କର ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ପକ୍ଷରୁ ଏକ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିଥିଲେ। ମାନ୍ୟବର ମନ୍ତ୍ରୀ, ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ, ଶ୍ରୀ ରବି ନାରାୟଣ ନାଏକ କହିଥିଲେ ଯେ ଆମ ସରକାରଙ୍କ ଉଦ୍ଦେଶ୍ୟ, ବିକାଶ ପ୍ରତ୍ୟେକ ଗାଁକୁ ଯିବ ଏବଂ ପ୍ରତ୍ୟେକ ଗାଁର ପ୍ରତ୍ୟେକ ଗରିବ ଘରେ ବିକାଶର ଜ୍ୟୋତି ଜଳିବ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ମାଧ୍ୟମରେ ପ୍ରତିଟି ଘରକୁ ପକ୍କା ଘର ଓ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ଲୋକପ୍ରିୟ ସରକାର ଆଜି ଏହି ଅଳ୍ପ ଦିନରେ ପ୍ରତ୍ୟେକ ଗରିବ ମୁହଁରର ହସ ଫୁଟାଇ ପାରିଛନ୍ତି ଏବଂ ଆଗକୁ ମଧ ଏହି ଧାରା ଜାରୀ ରହିବ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ, ମମତା ମହାନ୍ତ, ବିଧାୟକ, ବାରିପଦା ପ୍ରକାଶ ସୋରେନ, ବିଧାୟକ , ବଡ଼ସାହି ସନାତନ ବିଜୁଳି, ବିଧାୟକ, ସାରସକଣା ଭାଦବ ହାଁସଦା, ବିଧାୟୀକା, ବଙ୍ଗିରିପୋଷି କୁମାରୀ ସଞ୍ଜଲୀ ମୁର୍ମୁ, ବିଧାୟକ, ପାଟଣା, ଅଖିଳ ଚନ୍ଦ୍ର ନାୟକ, ଏବଂ ବିଧାୟକ ତେଲକୋଇ ଡଃ ଫକୀର ମୋହନ ନାଏକ ଉଦବୋଧନ ଦେଇ ମୟୂରଭଞ୍ଜର ବିକାଶରେ ମୁଖ୍ୟମନ୍ତ୍ରୀଙ୍କ ଅବଦାନକୁ ଅଶେଷ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉଦଳା ବିଧାୟକ ଭାସ୍କର ମଢେଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟ ଧନ୍ୟବାଦ ଅର୍ପଣ କରିଥିଲେ।


**AFFIDAVIT**

By virtue of an affidavit sworn before in the court of the Executive Magistrate, Tentulikhunti, dated 28.02.2025, I, Rangalata Swain (new name), Address- At/Po-Balabhadrapur, PS-Bhadrak (R), Via-Arnapal, Dist- Bhadrak, Odisha, Pin-756116, declare that I have changed my name from Rangalata Rout (Old Name) to Rangalata Swain (New Name). Henceforth, I shall be known as Rangalata Swain for all purposes.

Sd/- Rangalata Swain

**AFFIDAVIT**

I Mrinlini Nayak, W/o- Biswajit Nayak Residing Plot No-746/14,Near, Jayadev College, Naharakanta, Balianta, Bhubaneswar,Dist Khordha, Odisha-752101, Declare by this affidavit No-170 Dtd.27.02.2025 that now onwards I shall be known as **Mrinalini Nayak** for all future purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, Dated. 17.02.2025, I Mamina Sahoo, resident of Near LIC Office, TLC Road, Khordha, Post-Khordha Sadar, Dist-Khordha, declares that I have changed my name from Manina Sahoo to Mamina Sahoo. Henceforth I shall be known as Mamina Sahoo for all purposes.

Sd/- Mamina Sahoo

**AFFIDAVIT**

By virtue of an affidavit sworn before the Executive magistrate Tentulikhunti, Dtd : 27/02/2025. I, P SETUWANT KUMAR, S/o. P BHASKAR RAO, aged 30 Years, residing at Charamula Village, Ps. Tentulikhunti At/Po. CHARAMULA, Ps. Tentulikhunti, Dist. Nabarangpur declare that I have changed my name from S K PATURU to P SETUWANT KUMAR as per Affidavit No. 14AA 635136. My name has been wrongely entered as S K PATURU in my Aadhaar card bearing Aadhaar No. 3126 9481 6467 issued by UIDAI of India. S K PATURU and P SETUWANT KUMAR being same and one person. I swear this affidavit order to file it before the competnt authority of UIDAI for clarification and correction of my name in Aadhar card.

**कार्यालय नगर परिषद्,बिश्रामपुर (पलामू)**
**Email Id – nagarpanchayatbishrampur2010@gmail.com**

**Corrigendum-I**

कार्यालय नगर परिषद्, बिश्रामपुर अंतर्गत प्रकाशित PR.346736 District (24-25)_D में निविदा सं० UDD/NPB/23/2024-25 (2nd Call) में दिनांक से संबंधित निम्न रूप से आंशिक संशोधन किया जाता है–

| | | |
|---|---|---|
| 5 | Last Date/Time Of Online Submission Of Bids | 08.03.2025 at 02:00 PM |
| 6 | Date Of Bid Opening | 10.03.2025 at 12:00 AM |

शेष कंडिकाएँ यथावत रहेंगी।

प्रशासक,
नगर परिषद् बिश्रामपुर

PR 347526 District(24-25).D

**कार्यालय जिला परिषद, हजारीबाग**

**शुद्धि पत्र**

एतद् द्वारा सूचित किया जाता है कि पूर्व में विज्ञापित निविदा आमंत्रण सूचना संख्या :–35/2024–25 (PR 346226) (District) 24-25*D के सहपठित ज्ञापांक 281 दिनांक 08.02.2025 द्वारा निकाले गये निविदा को अपरिहार्य कारणवश निम्नवत तिथि आगे बढ़ाई जाती है। शेष शर्तें यथावत् रहेंगे।

1. ई–निविदा प्राप्ति की तिथि एवं समय 17.03.2025 अपराहन् 5:00 बजे तक।
2. निविदा खोलने का स्थान– जिला परिषद, हजारीबाग।
3. निविदा खोलने की तिथि एवं समय 19.03.2025 पूर्वाहन् 10:00 बजे।
4. निविदा आमंत्रित करने वाले पदाधिकारी का नाम एवं पता – जिला अभियंता, जिला परिषद, हजारीबाग।
5. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
6. ई–निविदा प्रकोष्ठ का दूरभाष सं0–06546 261406 ई–मेल – districtboardhazaribag@gmail.com
7. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता बंद कर दिया जाता है तो उसकी सारी जवाबदेही आपकी होगी।
8. निविदा की शर्तें कार्यालय के सूचना पट्ट या www.jharkhandtenders.gov.in पर देखा जा सकता है।

जिला अभियंता,
जिला परिषद, हजारीबाग

PR 347542 District(24-25).D

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, पश्चिमी सिंहभूम, चाईबासा**

**अति अल्पकालीन ई-निविदा आमंत्रण सूचना**

ई– निविदा सूचना संख्या – RDD/SD/CHAIBASA/18/2024-25(2nd Call) (MMGSY)

1. कार्य की विस्तृत विवरणी :

| क्र० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | पश्चिमी सिंहभूम जिला के मनोहरपुर प्रखण्ड गांगदा पंचायत के ग्राम घाटकुड़ी से गंगदा रोड में जाम्बी ईकीर नदी पर उच्चस्तरीय पुल निर्माण। | 23031800.00 | 461000.00 | 10000.00 | 15 माह |
| 2 | पश्चिमी सिंहभूम (चाईबासा) जिला के सदर प्रखण्ड अन्तर्गत गाईसुटी पंचायत के ग्राम कांकी से गिंडीमुडी जाने वाली रास्ते में रोरो नदी पर पुल निर्माण। | 43078800.00 | 862000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 06.03.2025
3. ई–निविदा प्राप्ति की तिथि एवं समय–दिनांक 06.03.2025 से दिनांक 15.03.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेश प्रमण्डल, पश्चिमी सिंहभूम, चाईबासा।
5. ई–निविदा खोलने की तिथि एवं समय –.17.03.2025 अपराह्न 5:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
7. ई–निविदा प्रकोष्ठ का दूरभाष सं० – 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति /दावा मान्य नहीं होगा।
11. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
पश्चिमी सिंहभूम, चाईबासा

PR 347478 West Singhbhum (24-25)_D

**O-1560**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER,**
**CENTRAL RURAL WORKS CIRCLE, BHUBANESWAR**

**Corrigendum**

No. 772 /Date.24.02.2025

**1st Corrigendum to Bid Identification No.Tender-Online-C.C.03 of 2025 Dated 05.02.2025 invited vide this office Lr. No.424 dated 05.02.205**

The date of availability of tender, date of opening of Technical Bid & Financial Bid invited vide this office N.I.T. No.Tender-Online-C.C.-03 of 2025 Dt-05.02.2025 issued vide this office Lr.No.424 Dt-05.02.2025 is here by rescheduled as below due to some unavoidable circumstances.

| Procurement Officer | Bid Identification No. | Availability of Tender on-line for bidding | Date & Time of opening of tender | |
|---|---|---|---|---|
| | | Up to | Technical Bid | Financial Bid |
| Chief Construction Engineer, Central Rural Works Circle, Bhubaneswar | Tender-Online-C.C.-03 of 2025 | 17.03.2025 up to 5.00 P.M. | 18.03.2025 at 11.00 A.M. | To be intimated later on |

All other conditions remain unaltered.

Sd/-Chief Construction Engineer
Central Rural Works Circle, Bhubaneswar

OIPR 25194/11/0028/2425

**O-1561**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, JAJPUR**

**e-PROCUREMENT NOTICE NO. Tender Online 14 JJPT of 2024-25**

1. Name of work : Road Works.
2. Total No of Work : 1 No. Road Work.
3. Estimated Cost (Approx.) : Rs. 12.70 Lakhs
4. Period of Completion : 15 days
5. Class of contractors : "D & C" Class

Other details as follows:

a) Procurement officer Rural Works Division, Jajpur : Executive Engineer,
b) Availability of tender online & submission of bid :03.03.2025 at 10.00 AM to 10.03.2025 upto 12.00 PM
c) Last date & time of seeking of tender clarification : 07.03.2025 up to 1.00 PM
d) Opening of Technical Bid : 10.03.2025 at 04.00 P.M.

Further details can be seen from the Govt. website www.tendersodisha.gov.in

Sd/-Executive Engineer
R.W. Division, Jajpur

OIPR 25047/11/0031/2425

**ବିଜ୍ଞାପିତ ଅଞ୍ଚଳ ପରିଷଦ ରମ୍ଭା, ଗଞ୍ଜାମ**

C-1783

ସଂଖ୍ୟା: 437 ତାରିଖ: 01.03.2025

**ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବିଜ୍ଞାପିତ ଅଞ୍ଚଳ ପରିଷଦ, ରମ୍ଭାର ମାର୍କେଟ କମ୍ପ୍ଲେକ୍ସରେ ନୂତନ ଭାବେ ନିର୍ମିତ ହୋଇଥିବା ଦୋକାନ ଘରଗୁଡିକ ଇଚ୍ଛୁକ ବ୍ୟବସାୟୀମାନଙ୍କୁ ମାସିକ ଭଡା ସୂତ୍ରରେ ଆବଣ୍ଟନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି । ଉକ୍ତ ଦୋକାନ ଗୃହ ଆବଣ୍ଟନ ସମ୍ପର୍କିତ ବିସ୍ତୃତ ନିୟମାବଳୀ ଓ ସର୍ତ୍ତାବଳୀ ସହିତ ଦରଖାସ୍ତ ଫର୍ମ ପରିଷଦ କାର୍ଯ୍ୟାଳୟରେ ଉପଲବ୍ଧ ହେବ। ଇଚ୍ଛୁକ ବ୍ୟକ୍ତିବିଶେଷ ତା- ୦୩.୦୩.୨୦୨୫ ରିଖ ଠାରୁ ତା- ୧୩.୦୩.୨୦୨୫ ରିଖ ମଧରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ କ୍ରୟ ସହିତ ଆବଶ୍ୟକୀୟ ତଥ୍ୟ ଓ କାଗଜାତ ସହ ଆବେଦନ କରିପାରିବେ ଏବଂ ସମସ୍ତ ଆବେଦନ ପତ୍ର ତା- ୧୭.୦୩.୨୦୨୫ ରିଖ ପୂର୍ବାହ୍ନ ୧୧ ଘଟିକା ସମୟରେ ନିମ୍ନ ସ୍ୱାକ୍ଷର ଅଧିକାରୀଙ୍କ କାର୍ଯ୍ୟାଳୟରେ ଖୋଲାଯିବ ।

ଦୋକାନ ଗୃହ ଆବଣ୍ଟନ ସମ୍ପର୍କରେ ପରିଷଦ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ସର୍ବମାନ୍ୟ ହେବ ଓ ପରିଷଦ କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଉକ୍ତ ଦୋକାନ ଘର ଆବଣ୍ଟନ ପ୍ରକ୍ରିୟାକୁ ରଦ୍ଦ କରିପାରିବେ ।

ସ୍ୱା/-କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ରମ୍ଭା

OIPR 13114/11/0027/2425

**ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି**
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
**Odisha Rural Development & Marketing Society**
*creating competence and values in rural Odisha*
Panchayati Raj & Drinking Water Department, Government of Odisha

ORMAS
SIRD & PR Campus
Unit-VIII, Bhubaneswar
Odisha-751012, India
Tel:0674-2565870/71
Email:ormashq@gmail.com
Website:www.ormas.org

RFP No: 655
File:ORMAS-SD-MISC-0007-2023
Date: 28.02.2025

CAD-2714

**REQUEST FOR PROPOSAL**

**Selection of Agency for Setting up Project Management Unit (PMU) in ORMAS for implementation of various schemes or projects**

Odisha Rural Development & Marketing Society (ORMAS), Panchayati Raj & DW Department, Govt. of Odisha invites sealed proposals from eligible bidders to carry out "Selection of Agency for Setting up Project Management Unit (PMU) in ORMAS for implementation of various schemes or projects". Bidders fulfilling the prescribed eligibility criteria of the RFP can access and download the complete RFP Document and other details from www.ormas.org / panchayat.odisha.gov.in./ www.tendersodisha.gov.in. The major events under the bid process are:

| Sr. No. | List of Key Events | Critical Dates |
|---|---|---|
| 1 | Date of Issue of RFP | 28.02.2025 |
| 2 | Last Date for Submission of Proposal | 21.03.2025, by 2 PM |
| 3 | Date of Opening of Technical proposal | 21.03.2025, 3 PM |
| 4 | Date of Technical Presentation | 24.03.2025, 11.30 AM |
| 5 | Date of Opening of Financial Proposal | 24.03.2025, 3.30 PM |

The bidders must apply their proposal through e-tender process www.tendersodisha.gov.in latest by **21.03.2025 by 3 PM**. In case of any Addendum/ Clarification/ Corrigendum/ Extension regarding this tender, the same will be published in e tender portal. The proposals received beyond the last date and time will be rejected without assigning any reason. The authority reserves all the rights to reject any / all proposals at any stage without assigning any reason thereof.

**Address for Submission of Proposal:**
**The Chief Executive Officer**
**ORMAS, SIRD & PR Campus**
**Unit-VIII, Bhubaneswar,**
**PIN-751012, Odisha**

Sd/-
Chief Executive Officer

OIPR 19004/11/0011/2425




ନୂଆଦିଲ୍ଲୀ: ଭାରତ ବିଶ୍ୱର ଏପରି ଏକ ଦେଶ ଯେଉଁଠାରେ ଛାଡପତ୍ରର ସଂଖ୍ୟା ସବୁଠାରୁ କମ। ଯଦି ଆମେ ପରିସଂଖ୍ୟାନ ଆଧାରରେ କଥା ହେବା, ତେବେ ୧୦୦ ବିବାହ ମଧ୍ୟରୁ କେବଳ ଗୋଟିଏ ବିବାହ ଛାଡପତ୍ରରେ ଶେଷ ହୁଏ। କିନ୍ତୁ ଯଦି ଆମେ ବିଗତ କିଛି ସମୟକୁ ଦେଖିବା, ତେବେ ଏହି ମାମଲାରେ ବୃଦ୍ଧି ଘଟିଛି। ସୋସିଆଲ ମିଡିଆରେ ଅନେକ ପ୍ରକାରର ଛାଡପତ୍ର ମାମଲା ମଧ୍ୟ ସାମ୍ନାକୁ ଆସିଛି। ଯେଉଁଥିରେ ବିଭିନ୍ନ କାରଣରୁ ଲୋକମାନେ ପରସ୍ପରଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଏକ ଆଇନଗତ ପ୍ରକ୍ରିୟା ଅଛି। ଯାହାକୁ ସମାପ୍ତ କରିବାକୁ ପଡିବ। ଛାଡପତ୍ର ପରେ କୋର୍ଟ ସ୍ୱାମୀଙ୍କୁ ସ୍ତ୍ରୀଙ୍କୁ ଭରଣପୋଷଣ ଭତ୍ତା ଦେବାକୁ ନିର୍ଦ୍ଦେଶ ଦିଅନ୍ତି। ସ୍ତ୍ରୀକୁ କେତେ ଭରଣପୋଷଣ ଦିଆଯିବ ? ଅନେକ ଦିଗକୁ ବିଚାର କରିବା ପରେ କୋର୍ଟ ଏସବୁ ବିଷୟରେ ନିଷ୍ପତ୍ତି ନିଅନ୍ତି। ଅନେକ ଲୋକଙ୍କ ମନରେ ଏହି ପ୍ରଶ୍ନ ମଧ୍ୟ ଆସେ ଯେ ଛାଡପତ୍ର ପରେ ଜଣେ ମହିଳା ତାଙ୍କ ଶ୍ୱଶୁରଙ୍କଠାରୁ ଭରଣପୋଷଣ ମାଗିପାରିବେ କି ? ଜାଣି ତାଜୁବ ହେବେ ଯେ ଭାରତରେ ଏପରି ନିୟମ ରହିଛି କିନ୍ତୁ ଏହା ବିଶେଷ ପରିସ୍ଥିତିରେ ହୋଇଥାଏ। ଯଦି ଜଣେ ମହିଳା ତାଙ୍କ ସ୍ୱାମୀଙ୍କୁ ଛାଡପତ୍ର ଦେଇଛନ୍ତି ଓ ଛାଡପତ୍ର ପରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୁଏ, ମହିଳା ଜଣକ ନିଜର ଖର୍ଚ୍ଚ ବହନ କରିବାକୁ ସକ୍ଷମ ନୁହଁନ୍ତି। ତେଣୁ ଏପରି କ୍ଷେତ୍ରରେ, ସେ ତାଙ୍କ ସ୍ୱାମୀଙ୍କ ସମ୍ପତ୍ତିରୁ କିମ୍ବା ତାଙ୍କ ପରିବାରର ବିଭିନ୍ନ ସଦସ୍ୟଙ୍କଠାରୁ ଭରଣପୋଷଣ ମାଗିପାରିବେ। ଏହା ହିନ୍ଦୁ ଉତ୍ତରାଧିକାର ଆଇନ, ୧୯୬୫ ଅନୁଯାୟୀ କରାଯାଇପାରିବ।

# ବଜେଟ୍ ପରବର୍ତ୍ତୀ ୱେବିନାରକୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନଫରେନ୍ସିଂ ଜରିଆରେ କୃଷି ଓ ଗ୍ରାମୀଣ ସମୃଦ୍ଧି ଉପରେ ବଜେଟ ପରବର୍ତ୍ତୀ ୱେବିନାରକୁ ସମ୍ବୋଧିତ କରିଛନ୍ତି । ବଜେଟ୍ ପରବର୍ତ୍ତୀ ୱେବିନାରରେ ଅଂଶଗ୍ରହଣର ବିଶେଷତ୍ୱ ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଏବଂ ଆଲୋକପାତ କରିଥିଲେ ଯେ ଚଳିତ ବର୍ଷର ବଜେଟ୍ ହେଉଛି ସରକାରଙ୍କ ତୃତୀୟ କାର୍ଯ୍ୟକାଳର ପ୍ରଥମ ପୂର୍ଣ୍ଣାଙ୍ଗ ବଜେଟ୍, ଯାହା ନୀତିର ନିରନ୍ତରତା ଏବଂ ବିକଶିତ ଭାରତ ପାଇଁ ଦୃଷ୍ଟିକୋଣର ନୂତନ ସମ୍ପ୍ରସାରଣକୁ ପ୍ରତିଫଳିତ କରୁଛି । ବଜେଟ ପୂର୍ବରୁ ସମସ୍ତ ଅଂଶୀଦାରଙ୍କଠାରୁ ମିଳିଥିବା ମୂଲ୍ୟବାନ ସୂଚନା ଏବଂ ପରାମର୍ଶକୁ ସେ ସ୍ୱୀକାର କରିଥିଲେ, ଯାହା ଅତ୍ୟନ୍ତ ଉପଯୋଗୀ ହୋଇଛି । ଏହି ବଜେଟକୁ ଅଧିକ ପ୍ରଭାବଶାଳୀ କରିବାରେ ଅଂଶୀଦାରଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏକ ବିକଶିତ ଭାରତର ଲକ୍ଷ୍ୟ ଆଡକୁ ଆଗକୁ ବଢ଼ିବା ପାଇଁ ଆମର ସଂକଳ୍ପ ଅତ୍ୟନ୍ତ ସ୍ପଷ୍ଟ ଏବଂ ଆମେ ମିଳିମିଶି ଏକ ଭାରତ ଗଠନ କରୁଛୁ ଯେଉଁଠାରେ କୃଷକମାନେ ସମୃଦ୍ଧ ଏବଂ ସଶକ୍ତ ହେବେ । କୌଣସି ଚାଷୀ ଯେପରି ପଛରେ ନ ପଡ଼ିବେ ଏବଂ ପ୍ରତ୍ୟେକ କୃଷକ ଉନ୍ନତି ହାସଲ କରିବେ ସେଥିପାଇଁ ଆମର ପ୍ରୟାସ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ କୃଷିକୁ ବିକାଶର ପ୍ରଥମ ଇଞ୍ଜିନ୍ ଭାବରେ ବିବେଚନା କରାଯାଏ, ଯାହା କୃଷକମାନଙ୍କୁ ଏକ ସମ୍ମାନଜନକ ସ୍ଥାନ ପ୍ରଦାନ କରେ । ସେ କହିଥିଲେ, ଦୁଇଟି ପ୍ରମୁଖ ଲକ୍ଷ୍ୟ ଦିଗରେ ଭାରତ ଏକାଠି କାମ କରୁଛି- କୃଷି କ୍ଷେତ୍ରର ବିକାଶ ଏବଂ ଗାଁର ସମୃଦ୍ଧି । ପ୍ରଧାନମନ୍ତ୍ରୀ କହିଥିଲେ, ଆମ ସରକାର ଗ୍ରାମୀଣ ଅର୍ଥନୀତିକୁ ସମୃଦ୍ଧ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ, ପିଏମ ଆବାସ ଯୋଜନା - ଗ୍ରାମୀଣ ଅଧୀନରେ ଲକ୍ଷ ଲକ୍ଷ ଗରିବ ଲୋକଙ୍କୁ ଘର ଯୋଗାଇ ଦିଆଯାଉଛି ଏବଂ ମାଲିକାନା ଯୋଜନା ସମ୍ପତ୍ତି ମାଲିକମାନଙ୍କୁ 'ରେକର୍ଡ ଅଫ୍ ରାଇଟ୍ସ' ଦେଉଛି । ଏହି ୱେବିନାର ବଜେଟ୍ ଯୋଜନାର ଦ୍ରୁତ କାର୍ଯ୍ୟକାରିତା ସୁନିଶ୍ଚିତ କରିବାରେ ସହାୟକ ହେବ ବୋଲି ସେ ବିଶ୍ୱାସ ବ୍ୟକ୍ତ କରିଥିଲେ। ବଜେଟ୍ ଲକ୍ଷ୍ୟ ହାସଲ ପାଇଁ ସମସ୍ତ ଅଂଶୀଦାରଏକାଠି ହୋଇ କାର୍ଯ୍ୟ କରିବାକୁ ସେ ଅନୁରୋଧ କରିଥିଲେ।

# ମଣିପୁର ସ୍ଥିତିକୁ ନେଇ ଉଚ୍ଚସ୍ତରୀୟ ବୈଠକ କଲେ ଶାହା



ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶନିବାର ମଣିପୁରର ପରିସ୍ଥିତି ଉପରେ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା, ଯେଉଁଥିରେ ସେ ରାଜ୍ୟର ସମସ୍ତ ରାସ୍ତାରେ ଟ୍ରାଫିକ ଚଳାଚଳ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମଣିପୁର ରାଜ୍ୟପାଳ, କେନ୍ଦ୍ର ଗୃହ ସଚିବ, ଉପ-ସେନା ମୁଖ୍ୟ, ପୂର୍ବ ସେନା କମାଣ୍ଡର, ଗୁଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ, ସୀମା ସୁରକ୍ଷା ବଳ, କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ ଏବଂ ଆସାମ ରାଇଫଲ୍ସର ମହାନିର୍ଦ୍ଦେଶକ, ମଣିପୁରର ସୁରକ୍ଷା ପରାମର୍ଶଦାତା ଏବଂ ଗୃହ ମନ୍ତ୍ରଣାଳୟ, ସେନା ଏବଂ ମଣିପୁର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ସମୟରେ ଶାହା ମଣିପୁରର ସୁରକ୍ଷା ପରିସ୍ଥିତି ସମୀକ୍ଷା କରିଥିଲେ ଏବଂ ସେଠାକାର ପରିସ୍ଥିତି ବିଷୟରେ ସୁରକ୍ଷା ବାହିନୀଙ୍କଠାରୁ ଅପଡେଟ ମଧ୍ୟ ନେଇଥିଲେ। ବୈଠକ ସମୟରେ ଅମିତ ଶାହା କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ମଣିପୁରରେ ସ୍ଥାୟୀ ଶାନ୍ତି ଫେରାଇ ଆଣିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଭାରତ ସରକାର ଏ ଦିଗରେ ସମସ୍ତ ପ୍ରକାରର ପ୍ରୟାସ କରୁଛନ୍ତି ଏବଂ ସମସ୍ତ ପ୍ରକାରର ସାହାଯ୍ୟ ମଧ୍ୟ ଯୋଗାଇ ଦେଉଛନ୍ତି। ସୂଚନାଯୋଗ୍ୟ, ଫେବୃଆରୀ ୧୩ ତାରିଖରେ ରାଜ୍ୟ ରାଜ୍ୟପାଳଙ୍କ ଠାରୁ ରିପୋର୍ଟ ପାଇବା ପରେ ମଣିପୁରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଛି। ଶାହ ଏହି ନିର୍ଦ୍ଦେଶ ଦେଇଥିଲେ ମଣିପୁରର ସମସ୍ତ ରାସ୍ତାରେ ଲୋକଙ୍କ ଗତିବିଧି ୮ ମାର୍ଚ୍ଚରୁ ବାଧାମୁକ୍ତ ହେବା ନିଶ୍ଚିତ କରାଯିବା ଉଚିତ। ଯଦି କେହି ଏଥିରେ ବାଧା ସୃଷ୍ଟି କରନ୍ତି, ତେବେ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ମଣିପୁରର ଅନ୍ତର୍ଜାତୀୟ ସୀମାରେ ପୂର୍ବ-ନିର୍ଦ୍ଧାରିତ ପ୍ରବେଶ ସ୍ଥାନର ଉଭୟ ପାର୍ଶ୍ୱରେ ବାଡ଼ କାର୍ଯ୍ୟ ଶୀଘ୍ର ସମାପ୍ତ ହେବା ଉଚିତ।

## ପ୍ରଥମ ମହିଳା ପାଇଲଟ ଭାବେ ଜଗୁଆର ଉଡାଇବେ ଅନୁଷ୍କା



ନୂଆଦିଲ୍ଲୀ: ଭାରତୀୟ ବାୟୁସେନା ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ି ହେବାକୁ ଯାଉଛି। ଫ୍ଲାଇଂ ଅଫିସର ଅନୁଷ୍କା ସିଂହ ଜଗୁଆର ଫାଇଟର ଜେଟ ସ୍କ୍ୱାଡ୍ରନରେ ସ୍ଥାୟୀ ଚାକିରି ପାଇଥିବା ପ୍ରଥମ ମହିଳା ପାଇଲଟ ଭାବେ ଗୌରବ ଅର୍ଜନ କରିଛନ୍ତି। ଯୁଦ୍ଧ ବିମାନ ଉଡ଼ାଇବାକୁ ନେଇ ଅନୁଷ୍କା ସିଂହ ଚର୍ଚ୍ଚାର ପରିସରରେ ରହିଛନ୍ତି। କାରଣ ଏହା ଅନୁଷ୍କାଙ୍କ ବ୍ୟକ୍ତିଗତ ସଫଳତା ହେବା ସହିତ ଭାରତୀୟ ବାୟୁସେନାରେ ମହିଳାଙ୍କ ଯୋଗଦାନର ଏହା ବଡ଼ ସଙ୍କେତ ଅଟେ। ଯେଉଁ ମହିଳାମାନେ ଆକାଶକୁ ଛୁଇଁବାର ସ୍ୱପ୍ନ ଦେଖୁଛନ୍ତି ସେମାନଙ୍କ ପାଇଁ ଅନୁଷ୍କା ସିଂହ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଅନୁଷ୍କାଙ୍କ ପରିବାର ସର୍ବଦା ଦେଶର ସେବାରେ ଯୋଡ଼ି ହୋଇ ରହିଛନ୍ତି। ଅନୁଷ୍କାଙ୍କ ବାପା ଓ ଜେଜେବାପା ଭାରତୀୟ ସେନାରେ ନିଜର ଯୋଗଦାନ ଦେଇ ସାରିଛନ୍ତି। ଏହି କାରଣରୁ ଅନୁଷ୍କାଙ୍କ ମନ ଭିତରେ ପିଲାଟି ଦିନରୁ ଦେଶର ସେବା ପାଇଁ ଦୁର୍ବଳତା ରହି ଆସିଥିଲା। ଅନୁଷ୍କା ସିଂହ ଉତ୍ତରପ୍ରଦେଶର ବାସିନ୍ଦା ଥିବା ବେଳେ ୨୦୦୭ରୁ ସେ ମଙ୍ଗଲୁରରେ ରହି ଆସୁଛନ୍ତି। ତେବେ କିଛି ମହିଳା ପାଇଲଟ ପ୍ରଶିକ୍ଷଣ ସମୟରେ ଜଗୁଆର ଯୁଦ୍ଧ ବିମାନ ଉଡ଼ାଇଛନ୍ତି। କିନ୍ତୁ ଫ୍ଲାଇଂ ଅଫିସର ଅନୁଷ୍କା ପ୍ରଥମ ମହିଳା ଯାହାଙ୍କୁ ସ୍ଥାୟୀ ଭାବେ ଏହି ସ୍କ୍ୱାଡ୍ରନରେ ସାମିଲ କରାଯାଇଛି। ଏହି ଯୁଦ୍ଧ ବିମାନ ଲକ୍ଷ୍ୟଭେଦ କରିବାରେ ଆଗୁଆ ରହିଛି।

### ନବନିର୍ବାଚିତ ପୌରପାଳ ଏବଂ ପାରିଷଦଙ୍କୁ ଉପମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# ସହରକୁ ସ୍ୱଚ୍ଛ ଓ ସୁନ୍ଦର ବନାଇବାକୁ ସଂକଳ୍ପ ନିଅ



ରାୟପୁର: ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ତଥା ନଗର ପ୍ରଶାସନ ଏବଂ ବିକାଶ ମନ୍ତ୍ରୀ ଅରୁଣ ସାଏ ଶନିବାର ଜଗଦଲପୁରଠାରେ ନଗର ଓ ନିଗମର ନବନିର୍ବାଚିତ ପୌରପାଳ ଏବଂ ପାରିଷଦଙ୍କ ଶପଥ ଗ୍ରହଣ ସମାରୋହରେ ସାମିଲ୍ ହୋଇଥିଲେ । ଏହି ଅବସରରେ ଜଙ୍ଗଲ ମନ୍ତ୍ରୀ କେଦାର କାଶ୍ୟପ, ସାଂସଦ ମହେଶ କାଶ୍ୟପ, ବିଧାୟକ କିରଣ ଦେବ, ବିନାୟକ ଗୋଏଲ, ନୀଳକଣ୍ଠ ଟିକମ୍, ଚେତରାମ ଅଟ୍ଟାମି ପ୍ରମୁଖ ମଧ୍ୟ ସାମିଲ ହୋଇଥିଲେ । ବସ୍ତରର ଜିଲ୍ଲାପାଳ ହରିଶ ଏସ୍, ଜଗଦଲପୁର ଦନ୍ତେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ସମାରୋହରେ ଯୋଗଦେଇ ଶପଥ ପାଠ କରାଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ କହିଥିଲେ ଯେ, ଛତିଶଗଡ଼ର ଜନତା ଆପଣଙ୍କୁ ବିଶ୍ୱାସର ନିର୍ବାଚିତ କରିଛନ୍ତି । ତେଣୁ ସେମାନଙ୍କ ଆଶା ଓ ଆକାଂକ୍ଷା ପୂରଣ କରିବା ଆପଣମାନଙ୍କ ପ୍ରଥମ କର୍ତ୍ତବ୍ୟ । ପ୍ରତ୍ୟେକ ସହର ସହ ଜଗଦଲପୁର ସହରକୁ ସ୍ୱଚ୍ଛ, ସୁନ୍ଦର ଏବଂ ସୁବିଧାପୂର୍ଣ୍ଣ କରିବାକୁ ସେ ଆହ୍ୱାନ ଦେଇଥିଲେ । ଜଙ୍ଗଲ ମନ୍ତ୍ରୀ ଶ୍ରୀ କାଶ୍ୟପ ଯୋଗଦେଇ କହିଥିଲେ ଯେ, ରାଜ୍ୟ ସରକାର ନଗରଗୁଡ଼ିକର ବିକାଶ ପାଇଁ ୭୫ଶହ କୋଟିରୁ ଅଧିକ ଅର୍ଥ ବ୍ୟୟ କରିଛନ୍ତି । ବିଶେଷକରି ଜଗଦଲପୁର ସହର ପାଇଁ ୮୨ କୋଟି ଟଙ୍କାର ବିକାଶ କାର୍ଯ୍ୟ କରାଯାଇଛି । ଆଗାମୀ ଦିନରେ ଜଗଦଲପୁରକୁ ୫୦ ବର୍ଷ ଆଗକୁ ରଖି କାର୍ଯ୍ୟ କରାଯାଉଥିବା ସେ କହିଥିଲେ ।

# ବୃଦ୍ଧି ପାଉଛି ଲିଭ୍ ଇନ୍ ରିଲେସନସିପ୍ ମାମଲା

ନୂଆଦିଲ୍ଲୀ: ଭାରତରେ ଲିଭ୍ ଇନ୍ ରିଲେସନସିପ୍ ମାମଲା ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯଦିଓ କେତେ ସଂଖ୍ୟକ ଯୋଡି ଭାରତରେ ଲିଭ୍ ଇନ୍ ରିଲେସନସିପରେ ଏବେ ଅଛନ୍ତି, ତାହା ଜଣାପଡିନାହିଁ କିନ୍ତୁ ଏ ନେଇ ମାମଲା ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ପଞ୍ଜାବ ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ରାଜ ଲାଲି ଗିଲ ଲିଭ୍ ଇନ୍ ରିଲେସନସିପ୍ ମାମଲା ବଢୁଥିବାରୁ ଚିନ୍ତା ପ୍ରକଟ କରିଛନ୍ତି। ଏହା ସମାଜ ପାଇଁ ଏକ ଚିନ୍ତାଜନକ ଧାରା ବୋଲି ସେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ କେବଳ ଯୁବକ ଓ ଯୁବତୀ ନୁହଁନ୍ତି ବରଂ କିଛି ବିବାହିତ ବ୍ୟକ୍ତି ମଧ୍ୟ ଏଭଳି ସମ୍ପର୍କରେ ଲିପ୍ତ ଅଛନ୍ତି, ଯାହା ସାମାଜିକ ଢାଞ୍ଚାକୁ ଦୁର୍ବଳ କରୁଛି। ଶ୍ରୀମତୀ ଗିଲ୍ ଏହି ପ୍ରସଙ୍ଗକୁ ରୋକିବା ଉପରେ ଗୁରୁତ୍ୱାରୋପ କରିବା ସହ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଆଇନଗତ ସଂଶୋଧନ ସୁପାରିଶ କରିବାକୁ ଘୋଷଣା କରିଥିଲେ। ପଟିଆଲାରେ ଏକ ଲୋକ ଅଦାଲତରେ ଅଧ୍ୟକ୍ଷତା କରିବା ପରେ ଗଣମାଧ୍ୟମକୁ ସମ୍ବୋଧିତ କରି ସେ ପରିବାର ମଧ୍ୟରେ ବଢୁଥିବା ଅସହିଷ୍ଣୁତାକୁ ନେଇ ମଧ୍ୟ ଚିନ୍ତା ପ୍ରକଟ କରିଛନ୍ତି। ବୃଦ୍ଧାଶ୍ରମ ସଂଖ୍ୟା ବୃଦ୍ଧି ସମାଜ ପାଇଁ ଆଉ ଏକ ଉଦ୍‌ବେଗଜନକ ଧାରା ବୋଲି ସେ କହିଛନ୍ତି।

# ପାସପୋର୍ଟ ନିୟମରେ ପରିବର୍ତ୍ତନ

ନୂଆଦିଲ୍ଲୀ: ପାସପୋର୍ଟ ଏକ ଏଭଳି ଡକ୍ୟୁମେଣ୍ଟ ଯେଉଁଥିରୁ କୌଣସି ବ୍ୟକ୍ତିଙ୍କ ପରିଚୟ ଓ ଜାତୀୟତା ସ୍ପଷ୍ଟ ହୋଇଥାଏ। ବିଦେଶଯାତ୍ରା ନିମନ୍ତେ ଏହା ସବୁଠୁ ଜରୁରି କାଗଜପତ୍ର। ଏହା ଦ୍ୱାରା ଆପଣ ଅନ୍ୟ ଦେଶ ବୁଲିବାକୁ, ପଢିବାକୁ ଅଥବା ବାଣିଜ୍ୟ ବ୍ୟବସାୟ କରିବାକୁ ଯାଇପାରନ୍ତି। ଭାରତ ସରକାରଙ୍କ ପକ୍ଷରୁ ପାସପୋର୍ଟ ନିୟମରେ କିଛିଟା ପରିବର୍ତ୍ତନ କରାଯାଇଛି। ତେବେ ସରକାର ପାସପୋର୍ଟ ନିୟମରେ କଣ ପରିବର୍ତ୍ତନ କରିଛନ୍ତି ଆସନ୍ତୁ ଜାଣିବା। କେନ୍ଦ୍ର ସରକାରଙ୍କ ପକ୍ଷରୁ ପାସପୋର୍ଟ ନିୟମ ସଂଶୋଧନ କରାଯାଇଛି। ଏହି ସଂଶୋଧନ ଅନୁସାରେ ୧ ଅକ୍ଟୋବର ୨୦୨୩ ବା ଏହା ପରେ ଜନ୍ମ ନେଇଥିବା ପାସପୋର୍ଟ ଆବେଦନକାରୀଙ୍କ ନିମନ୍ତେ ଉପଯୁକ୍ତ ଅଧିକାରୀଙ୍କ ପକ୍ଷରୁ ଜାରି ପ୍ରମାଣପତ୍ର ହିଁ ଜନ୍ମ ତାରିଖର ଏକମାତ୍ର ପ୍ରମାଣ ହେବ। ଚଳିତ ସପ୍ତାହରେ ପାସପୋର୍ଟ ନିୟମ ୧୯୮୦ରେ ସଂଶୋଧନକୁ ପ୍ରଭାବୀ କରିବା ପାଇଁ ଏକ ଅଧିକାରୀକ ନୋଟ୍ ଜାରି କରାଯାଇଛି। ନୂଆ ପାସପୋର୍ଟ ନିୟମ ଅଫିସିଆଲ ଗେଜେଟରେ ସଂଶୋଧନ ପ୍ରକାଶିତ ହେବା ପରେ ଲାଗୁ ହୋଇଯିବ। ନୂଆ ନିୟମ ଅନୁସାରେ ଜନ୍ମ ଓ ମୃତ୍ୟୁ ରେଜିଷ୍ଟ୍ରାର ଅଥବା ନଗର ନିଗମ ଜନ୍ମ ଓ ମୃତ୍ୟୁ ପଞ୍ଜିକରଣ ଅଧିନିୟମ ୧୯୬୯ ଅନୁସାରେ ଅଥବା ଅନ୍ୟ କୌଣସି ପ୍ରାଧିକର୍ତ୍ତାଙ୍କ ଦ୍ୱାରା ଜାରି ଜନ୍ମ ପ୍ରମାଣପତ୍ର କୁ ୧ ଅକ୍ଟୋବର ୨୦୨୩ ବା ଏହା ପରେ ଜନ୍ମ ହୋଇଥିବା ବ୍ୟକ୍ତିଙ୍କ ନିମନ୍ତେ ଜନ୍ମ ତାରିଖ ପ୍ରମାଣପତ୍ର ରୂପେ ସ୍ୱୀକାର କରାଯିବ। ଅନ୍ୟ ଆବେଦକମାନେ ଜନ୍ମ ତାରିଖ ପ୍ରମାଣପତ୍ର ରୂପେ ବିକଳ୍ପ ଡକ୍ୟୁମେଣ୍ଟ ରୂପେ ଡ୍ରାଇଭିଂ ଲାଇସେନ୍ସ ଅଥବା ବିଦ୍ୟାଳୟ ଛାଡିବାର ପ୍ରମାଣପତ୍ରକୁ ପ୍ରସ୍ତୁତ କରିପାରିବେ। ଭାରତୀୟ ପାସପୋର୍ଟ ଭାରତ ସରକାରଙ୍କ ଦ୍ୱାରା ଜାରି ଏକ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ। ଏହା ଦ୍ୱାରା ବିଦେଶ ଯାତ୍ରା କରୁଥିବା ଭାରତୀୟ ସେମାନଙ୍କ ନାଗରିକତା ପ୍ରମାଣିତ କରିଥାନ୍ତି। ଭାରତୀୟ ପାସପୋର୍ଟ ୩ ପ୍ରକାରର ହୋଇଥାଏ। ଏଥିରୁ ଗୋଟିଏ ନିୟମିତ ହୋଇଥିବା ବେଳେ ଅନ୍ୟଟି ଅଧିକାରିକ ଓ ତୃତୀୟଟି ଡିପ୍ଲୋମ୍ୟାଟିକ୍ ହୋଇଥାଏ। ଏଥିରେ ସାଧାରଣ ନାଗରିକଙ୍କୁ ନିୟମିତ ପାସପୋର୍ଟ ଜାରି କରାଯାଉଥିବା ବେଳେ ସରକାରୀ ଅଧିକାରୀ ଓ କୂଟନୀତିଜ୍ଞଙ୍କ ନିମନ୍ତେ ଅଧିକାରୀକ ପାସପୋର୍ଟ ଜାରି ହୁଏ। ଡିପ୍ଲୋମ୍ୟାଟିକ୍ ପାସପୋର୍ଟକୁ ଭିଭିଆଇପି ପାସପୋର୍ଟ ବି କୁହାଯାଏ। ଏହା କୂଟନୀତିଜ୍ଞ ଓ ଉଚ୍ଚ ସରକାରୀ ଅଧିକାରୀଙ୍କୁ ଦିଆଯାଇଥାଏ। ଏକ ନିୟମିତ ପାସପୋର୍ଟରେ ବୈଧତା ଅନୁନ୍ୟ ୧୦ବର୍ଷ ପର୍ଯ୍ୟନ୍ତ ଥାଏ।




# ବାଣିଜ୍ୟ



ଗାଜିୟାବାଦ: ହିଣ୍ଡନ ବିମାନବନ୍ଦରରୁ ଗୋଆ ଏବଂ କୋଲକାତା ନିମନ୍ତେ ବିମାନ ସେବା ଶନିବାର ଆରମ୍ଭ ହୋଇଛି । କେନ୍ଦ୍ରିୟ ନାଗରିକ ବିମାନ ଚଳାଚଳ ମନ୍ତ୍ରୀ କିଂଜରାପୁ ରାମମୋହନ ନାୟଡୁ ହିଣ୍ଡନ ବିମାନବନ୍ଦର ସିଭିଲ୍ ଟର୍ମିନାଲରେ ଗୋଆ ଯିବାକୁ ଥିବା ଫ୍ଲାଇଟ୍ କୁ ସବୁଜ ପତାକା ଦେଖାଇବା ପରେ ବିମାନଟି ଯାତ୍ରା ଆରମ୍ଭ କରିଥିଲା । ଏହି ପ୍ରଥମ ଫ୍ଲାଇଟ୍ ଗାଜିୟାବାଦର ସାଂସଦ ଅତୁଲ ଗର୍ଗ, ବିଧାୟକ ଅଜିତ ପାଲ ତ୍ୟାଗୀ ଏବଂ ସଞ୍ଜୀବ ଶର୍ମାଙ୍କ ସମେତ ୭୦ ଲୋକ ଗୋଆ ଅଭିମୁଖେ ଯାତ୍ରା କରିଛନ୍ତି । ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ନାୟଡୁ ନିଜ ସମ୍ବୋଧନରେ କହିଛନ୍ତି ଯେ, ହିଣ୍ଡନରୁ ଅନ୍ୟ ସହରଗୁଡିକ ନିମନ୍ତେ ଭଲ କନେକ୍ଟିଭିଟି ଦିଆଯିବ । ଉତ୍ତର ପ୍ରଦେଶର ପ୍ରୟାଗରାଜ, ଲକ୍ଷ୍ନୌ, ଅଯୋଧ୍ୟା ଏବଂ ବାରାଣାସୀ ନିମନ୍ତେ ମଧ୍ୟ ଉଡ଼ାଣ ସେବା ଆରମ୍ଭ କରାଯିବ । ହିଣ୍ଡନରୁ ୧୮୦ ସିଟର ବିମାନ ଜାହାଜ ଯିବ । ଏଠାରୁ ଗୋଆ ଏବଂ କୋଲକାତା ନିମନ୍ତେ ବିମାନ ସେବା ଆଜି ଠାରୁ ଆରମ୍ଭ ହୋଇଛି । ରବିବାର ଠାରୁ ବେଙ୍ଗାଲୁରୁ ନିମନ୍ତେ ମଧ୍ୟ ବିମାନ ସେବା ଆରମ୍ଭ ହେବ । ମାର୍ଚ୍ଚ ୨୨ ତାରିଖ ଠାରୁ ହିଣ୍ଡନ ବିମାନବନ୍ଦରରୁ ଜମ୍ମୁ ଏବଂ ଚେନ୍ନାଇ ନିମନ୍ତେ ମଧ୍ୟ ବିମାନ ସେବା ଆରମ୍ଭ ହେବ । ମାର୍ଚ୍ଚ ୨୨ ତାରିଖ ଠାରୁ ହିଁ ବେଙ୍ଗାଲୁରୁ ନିମନ୍ତେ ଦିନରେ ଦୁଇ ଫ୍ଲାଇଟ୍ ସେବା ଆରମ୍ଭ ହେବ ।

# ଆରଏସ୍‌ପି-ଓଡ୍ରାଫ ଟିମ୍ ଦ୍ୱାରା ରାସାୟନିକ ବିପର୍ଯ୍ୟୟ ଉପରେ ଯୁଗ୍ମ ରାଜ୍ୟସ୍ତରୀୟ ପ୍ରସ୍ତୁତି ଅଭ୍ୟାସ୍



ରାଉରକେଲା(ଭାସ୍କର ନ୍ୟୁଜ): ରାଜ୍ୟର ୧୬ଟି ଜିଲ୍ଲାରେ ୨୩ଟି ମନୋନୀତ ଶିଳ୍ପ ସଂସ୍ଥାନରେ ଏକ ରାଜ୍ୟସ୍ତରୀୟ ରାସାୟନିକ ବିପର୍ଯ୍ୟୟ ପ୍ରସ୍ତୁତି ଅଭ୍ୟାସର ଆୟୋଜନ କରାଯାଇଥିଲା। ରାସାୟନିକ ବିପର୍ଯ୍ୟୟରୁ ସୃଷ୍ଟି ଯେକୌଣସି ପରିସ୍ଥିତିର ସଫଳ ମୁକାବିଲା ନିମନ୍ତେ ଏହାର ପ୍ରସ୍ତୁତିକୁ ଅଧିକ ସୁଦୃଢ କରିବା ଲକ୍ଷ୍ୟରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସହଯୋଗରେ ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି)ର କୋକ୍ ଓଭେନ୍ ବ୍ୟାଟେରୀ ୬ ପରିସରରେ ଗ୍ୟାସ୍ ଲିକେଜ୍ ଉପରେ ଏକ ପ୍ରସ୍ତୁତି ଅଭ୍ୟାସ ସଫଳତାର ସହ ଅନୁଷ୍ଠିତ ହୋଇଥିଲା। ବୈଧାନିକ ଆବଶ୍ୟକତାର ଏକ ଅଂଶ ସ୍ୱରୂପ ଆରଏସପିର ଅନସାଇଟ୍ ଏବଂ ଅଫସାଇଟ୍ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଏବଂ ଏହାସହ ଜଡିତ କର୍ମଚାରୀଙ୍କ ସୁରକ୍ଷିତ କାର୍ଯ୍ୟଧାରାକୁ ଦୃଷ୍ଟିରେ ରଖି ଏହି ଏକ୍ସରସାଇଜ୍ ଆୟୋଜନ କରାଯାଇଥିଲା। ଆରଏସପିର କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସୁନ୍ଦରଗଡ ଏଡିଏମ ରବି ନାରାୟଣ ସାହୁ, ସୁନ୍ଦରଗଡ ଉପଜିଲ୍ଲାପାଳ ଅଶ୍ୱିନୀ କୁମାର ପଣ୍ଡା, ଇନସିଡେଣ୍ଟ କମାଣ୍ଡାଣ୍ଟ ଓ ରାଉରକେଲା ତହସିଲଦାର ସୁଶ୍ରୀ ନିବେଦିତା ପ୍ରଧାନ, ଏଫ ଏଣ୍ଡବିର ଉପନିର୍ଦ୍ଦେଶକ ବିଭୁ ପ୍ରସାଦ, ସହାୟକ ନିର୍ଦ୍ଦେଶକ, ଶୁଭେନ୍ଦୁ କୁମାର ରାଉତ, ଆରଓ, ଏସପିସିବି, ଡକ୍ଟର ଏ.କେ.ମଲ୍ଲିକ ଏବଂ ତାଙ୍କ ଟିମ, ସିଆଇଏସଏଫର ସିନିୟର କମାଣ୍ଡାଣ୍ଟ ଅଶୋକ ଜାଲଓ୍ୱାନିଆ ଏବଂ ତାଙ୍କ ଟିମ, ଡିଆଇସିର ସେଫ୍ଟି ଅଫିସର ବିକାଶ ପାତ୍ର, ସିଓ ଏଣ୍ଡ ସିସିଡିର ସିଜିଏମ, ରାକେଶ ଜୋଶୀ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ ସୁଶ୍ରୀ ଆଶା କାର୍ଥା, ସୁରକ୍ଷା ବିଭାଗର ଜିଏମ ଅବକାସ ବେହେରା ଏବଂ ସିଆଇଏସଏଫ ଏବଂ ଓଡ୍ରାଫ ଟିମ ରାଜ୍ୟ ଅଗ୍ନିଶମ ସେବା, ଏଫଏମ ଏବଂ ଟିଏମ ବିଭାଗ, ମେଡିକାଲ, ପୋଲିସ ଦଳ ଏବଂ ଶିଳ୍ପ ବିଭାଗର ସଦସ୍ୟଙ୍କ ଉପସ୍ଥିତିରେ ସମ୍ପାଦିତ ହୋଇଥିଲା। ଏହି ଅଭ୍ୟାସର ସମୀକ୍ଷା ଏବଂ ମତାମତ ଅଧିବେଶନରେ ରାଜ୍ୟ କର୍ତ୍ତୃପକ୍ଷ ଏବଂ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏହାର ଉଚ୍ଚ ପ୍ରଶଂସା କରିଥିଲେ। ବକ୍ତବ୍ୟରେ ଶ୍ରୀ ପଲାଇ ଏପରି ଅଭ୍ୟାସ ଆୟୋଜନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଯାହା ଜରୁରୀକାଳୀନ ଅବଧି ଚିହ୍ନଟ କରିବାରେ, ପ୍ରତିକ୍ରିୟା ଯୋଜନାକୁ ବୈଧ କରିବା ଏବଂ ଉନ୍ନତି କ୍ଷେତ୍ର ଚିହ୍ନଟରେ ସାହାଯ୍ୟ କରିବ । ଉଲ୍ଲେଖ ଯୋଗ୍ୟ ଯେ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ଉଚ୍ଚସ୍ତରୀୟ ପ୍ରସ୍ତୁତି ବଜାୟ ରଖିବା ଲକ୍ଷ୍ୟରେ ସମୟ ସମୟରେ ଆରଏସପିର ରଣନୈତିକ ୟୁନିଟ୍‌ରେ ଏପରି ମକ୍ ସେଫ୍ଟି ଡ୍ରିଲ୍ ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଅବକାଶ ବେହେରା ସଂଯୋଜନା କରିଥିବା ବେଳେ ସୁଶ୍ରୀ ଆଶା କାର୍ଥା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତୀୟ ରେଳ ସ୍ୱାସ୍ଥ୍ୟସେବା ସଂଘର ୪୧ତମ ବାର୍ଷିକ ସମ୍ମିଳନୀ



କୋଲକାତା: ଭାରତୀୟ ରେଳ ସ୍ୱାସ୍ଥ୍ୟ ସେବା ସଂଘ/ଏସଇଆର, ୬ଷ୍ଠ ରାପିକନ୍ ଏବଂ ପ୍ରଥମ ରାଲମକନ୍‌ର ୪୧ତମ ବାର୍ଷିକ ସମ୍ମିଳନୀ ୨୭ ଫେବୃୟାରିରୁ ୦୧ ମାର୍ଚ୍ଚ ପର୍ଯ୍ୟନ୍ତ କୋଲକାତାର ଗାର୍ଡେନ୍ ରିଚ୍ ସ୍ଥିତ ଦକ୍ଷିଣ ପୂର୍ବ ରେଳପଥ କେନ୍ଦ୍ରୀୟ ହସ୍ପିଟାଲରେ ଅନୁଷ୍ଠିତ ହୋଇଥିଲା। ୨୮ ଫେବୃଆରୀରେ ରେଳପଥ ସ୍ୱାସ୍ଥ୍ୟ ସେବା, ରେଳପଥ ବୋର୍ଡର ମହାନିର୍ଦ୍ଦେଶକ ଡକ୍ଟର ମାନ ସିଂହ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଅନିଲ କୁମାର ମିଶ୍ର, ଦକ୍ଷିଣ ପୂର୍ବ ରେଳପଥର ପ୍ରମୁଖ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ ଡକ୍ଟର ଅଞ୍ଜନା ମାଲହୋତ୍ରା, ଅନ୍ୟାନ୍ୟ ସମ୍ମାନିତ ଅତିଥି ଏବଂ ଭାରତୀୟ ରେଳପଥର ବିଭିନ୍ନ ଜୋନର ବିଶିଷ୍ଟ ଡାକ୍ତର ଉପସ୍ଥିତ ଥିଲେ। ମହାନିର୍ଦ୍ଦେଶକ ଏହି ଅବସରରେ କହିଥିଲେ ଯେ ଏହି ପ୍ରକାରର ସମ୍ମିଳନୀ ଜ୍ଞାନକୁ ବୃଦ୍ଧି ଏବଂ ସମୃଦ୍ଧ କରିଥାଏ ଏବଂ ଜୁନିଅର ଡାକ୍ତରମାନଙ୍କୁ ଦକ୍ଷତା ହାସଲ କରିବାରେ ସାହାଯ୍ୟ କରିଥାଏ। ସେ ଲାଇଭ୍ ଅପରେଟିଭ୍ କର୍ମଶାଳାକୁ ପ୍ରଶଂସା କରିଥିଲେ ଯାହା ଏକ ବଡ଼ ସଫଳତା ଥିଲା। ଦକ୍ଷିଣ ପୂର୍ବ ରେଳପଥର ମହାପ୍ରବନ୍ଧକ ଏହି ସମ୍ମିଳନୀ ଆୟୋଜନ ପାଇଁ ଆସୋସିଏସନକୁ ଅଭିନନ୍ଦନ ଜଣାଇଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ଏହି ସମ୍ମିଳନୀ ନିଃସନ୍ଦେହରେ ଡାକ୍ତରମାନଙ୍କ ବୃତ୍ତିଗତ ଅଭିବୃଦ୍ଧିରେ ଯୋଗଦାନ ଦେବ। ସମଗ୍ର ଭାରତରୁ ସମ୍ମାନିତ ବକ୍ତାମାନେ ସମ୍ମିଳନୀରେ ସେମାନଙ୍କର ମୂଲ୍ୟବାନ ଚିନ୍ତାଧାରା ବାଣ୍ଟିଥିଲେ। ୨୭ ଫେବୃଆରିରେ ଲାଇଭ୍ ଇଏନଟି ସର୍ଜରୀ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ୨୮ ଫେବୃଆରୀରେ ଇଏନଟି ସେମିନାରରେ, ପ୍ରଖ୍ୟାତ ଇଏନଟି ଏବଂ ମୁଣ୍ଡ ଏବଂ ବେକ ସର୍ଜନମାନେ ସେମାନଙ୍କର ମୂଲ୍ୟବାନ ଜ୍ଞାନ ଏବଂ ଅଭିଜ୍ଞତା ବାଣ୍ଟିଥିଲେ। ସେହିପରି ୧ ମାର୍ଚ୍ଚରେ ଦେଶର ବିଭିନ୍ନସ୍ଥାନରୁ ପ୍ରଖ୍ୟାତ ରୋଗ ବିଶେଷଜ୍ଞଙ୍କ ଆଲୋଚନା ସହିତ ଏକ ପାଥୋଲୋଜି ସେମିନାର ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ବ୍ୟକ୍ତିମାନଙ୍କ ଦ୍ୱାରା 'ରେପେଷ୍ଟାକନ୍ ସ୍ମାରକୀ' ଉପରେ ଏକ ସ୍ମାରକୀ ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜୋନାଲ ରେଳପଥର ପ୍ରତିନିଧି ଏବଂ ପଶ୍ଚିମବଙ୍ଗ ଚାପ୍ଟରର ଇଏନଟି ଏବଂ ପାଥୋଲୋଜି ସଂଘର ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ବୃଦ୍ଧି ପାଇଁ ହକଦର୍ଶକ ସହ ସହଯୋଗିତା

ଭୁବନେଶ୍ୱର: ଡିବିଏସ୍ ଫାଉଣ୍ଡେସନ ହକଦର୍ଶକ ଏମ୍ପାୱାରମେଂଟ ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ୍ (ଏଚ୍‌ଇଏସପିଏଲ୍) ସହ ଭାଗିଦାରୀରେ ଗ୍ରାମୀଣ ଭାରତ ଉପରେ ଧ୍ୟାନ ଦେଇ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଆଗେଇ ନେବାରେ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ କରାଯାଇଥିବା ଏକ ନୂତନ କାର୍ଯ୍ୟକ୍ରମ ଘୋଷଣା କରିଛି। ନିମ୍ନ ଆୟକାରୀ ଏବଂ ଅବହେଳିତ ବ୍ୟକ୍ତିଙ୍କ ଜୀବନ ଏବଂ ଜୀବିକାରେ ଉନ୍ନତି ଆଣିବା ପାଇଁ ଆଗାମୀ ଦଶନ୍ଧି ମଧ୍ୟରେ ୧ ବିଲିୟନ ଏସଜିଡି ଆବଣ୍ଟନ କରିବାକୁ ୨୦୨୩ରେ ଘୋଷଣା କରାଯାଇଥିବା ଡିବିଏସ ବ୍ୟାଙ୍କର ବୃହତ ପ୍ରତିଶ୍ରୁତିର ଏକ ଅଂଶ ହେଉଛି ଏହି କାର୍ଯ୍ୟକ୍ରମ । ସମଗ୍ର ଦେଶରେ ସମୁଦାୟ ୫,୦୦,୦୦୦ ହିତାଧିକାରୀଙ୍କୁ ଉପକୃତ କରିବାକୁ ଲକ୍ଷ୍ୟ ରଖିଥିବା ଏହି କାର୍ଯ୍ୟକ୍ରମ ପାଇଁ ଡିବିଏସ୍ ଫାଉଣ୍ଡେସନ୍ ୫.୧ ନିୟୁତ ଏସଜିଡି ଯୋଗାଇଦେବ। ଭାରତର ଗ୍ରାମୀଣ ଜନସଂଖ୍ୟା ପ୍ରାୟତଃ ଆର୍ଥିକ ସେବା ଏବଂ ସାମାଜିକ କଲ୍ୟାଣ ଅଧିକାର ବିଷୟରେ ସୂଚନାର ଅଭାବ ଏବଂ ଉପଲବ୍ଧତା ପରି ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। ଡିବିଏସ୍ ପାଣ୍ଠିପ୍ରାପ୍ତ ଏହି କାର୍ଯ୍ୟକ୍ରମ ଏହି ଜନସଂଖ୍ୟାକୁ ଆର୍ଥିକ ଧାରଣା ଏବଂ ଉତ୍ପାଦଗୁଡ଼ିକୁ ବୁଝିବାରେ ସାହାଯ୍ୟ କରିବା ପାଇଁ ସମ୍ବଳ ପ୍ରଦାନ କରିବା ସହିତ ସାମାଜିକ କଲ୍ୟାଣକାରୀ ଯୋଜନାଗୁଡ଼ିକୁ କିପରି ଉପଲବ୍ଧ କରାଯିବ ସେ ବିଷୟରେ ଉପକରଣ ଏବଂ ସହାୟତା ପ୍ରଦାନ କରି ଏହି ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନକୁ ସମାଧାନ କରୁଛି। ତାହାକୁ ହକଦର୍ଶକର ଏଜେଂଟ ଦଳ ସହଯୋଗକରୁଛନ୍ତି । ତାମିଲନାଡୁ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ଛତିଶଗଡ଼ ଓ ଓଡ଼ିଶା ରାଜ୍ୟର ଗ୍ରାମାଂଚଳରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେବ। ଡିବିଏସ୍ ବ୍ୟାଙ୍କ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ତଥା ଗ୍ରୁପ୍ ଷ୍ଟ୍ରାଟେଜିକ୍ ମାର୍କେଟିଂ ଆଣ୍ଡ କମ୍ୟୁନିକେସନ୍ ମୁଖ୍ୟ ଅଜମତ ହବିବୁଲ୍ଲା କହିଛନ୍ତି ଯେ, ଏକ ଦଶନ୍ଧିରୁ ଅଧିକ ସମୟ ପୂର୍ବରୁ ଡିବିଏସ୍ ଫାଉଣ୍ଡେସନ୍ ଜୀବନ ଓ ଜୀବିକାର ଉନ୍ନତି ଉପରେ ଗୁରୁତ୍ୱ ଦେଇ ଆସୁଛି ଏବଂ ୨୦୧୮ରୁ ଆମେ ଏକ ବିଜନେସ୍ ଫର୍ ଇମ୍ପାକ୍ଟ ଭାବରେ ନୀତିରେ ହକଦର୍ଶକ ସହ ଏକ ନୂତନ ପଦକ୍ଷେପ ଆରମ୍ଭ କରିବାକୁ ସକ୍ଷମ ହେବା ବିଶେଷ ଭାବରେ ଅର୍ଥପୂର୍ଣ୍ଣ। ହକଦର୍ଶକର ସହ ପ୍ରତିଷ୍ଠାତା ତଥା ସିଇଓ ଅନିକେତ ଡୋଗର କହିଛନ୍ତି ଯେ, 'ଆମେ ଦ୍ରୁତ ଗତିରେ ଗତି କରୁଥିବା ଦୁନିଆରେ ବଢୁଥିବା ବେଳେ ଯେଉଁମାନଙ୍କୁ ଅଧିକ ସହାୟତାର ଆବଶ୍ୟକତା ପଡ଼ିବ ସେମାନଙ୍କୁ ସମର୍ଥନ କରିବା ଜରୁରୀ ଏବଂ କେହି ଯେପରି ପଛରେ ନ ପଡ଼ିବେ ତାହା ସୁନିଶ୍ଚିତ କରିବା ଜରୁରୀ।

# କମର୍ସିଆଲ ଏଲ୍‌ପିଜି ସିଲିଣ୍ଡର ଛଅ ଟଙ୍କା ମହଙ୍ଗା

ନୂଆଦିଲ୍ଲୀ: ହୋଲି ପୁର୍ବରୁ ମହଙ୍ଗାର ଝଟକା ଲାଗିଛି। ସାର୍ବଜନିକ କ୍ଷେତ୍ର ତେଲ ଏବଂ ମାର୍କେଟିଂ କମ୍ପାନୀଗୁଡିକ ୧୯ କିଲୋଗ୍ରାମ କମର୍ସିଆଲ ଗ୍ୟାସ ସିଲିଣ୍ଡରର ମୁଲ୍ୟରେ ୬ଟଙ୍କା ବୃଦ୍ଧି କରିଛନ୍ତି। ତେବେ ୧୪କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡର ଗ୍ୟାସ ଗ୍ୟାସର ମୁଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ। ନୂତନ ଦର ଆଜି ଠାରୁ ଲାଗୁ ହୋଇଛି। ଇଣ୍ଡିଆନ ଅଏଲର ୱେବସାଇଟ ଅନୁଯାୟୀ ନୁଆଦିଲ୍ଲୀରେ ୧୯ କିଲୋଗ୍ରାମ ବ୍ୟବସାୟିକ ଏଲପିଜି ସିଲଣ୍ଡରର ଦାମ ୬ଟଙ୍କା ବୃଦ୍ଧି ହୋଇ ୧୮୦୩ ଟଙ୍କା ହୋଇଛି, ଯାହା ପୁର୍ବରୁ ୧୭୯୭ ଟଙ୍କାରେ ମିଳୁଥିଲା।କୋଲକାତାରେ ଏହାର ମୁଲ୍ୟ ୬ଟଙ୍କା ବୃଦ୍ଧି ହୋଇ ୧୯୧୩ଟଙ୍କା ହୋଇଛି ,ଯାହା ପୁର୍ବରୁ ୧୯୦୭ଟଙ୍କାରେ ବିକ୍ରି



ହେଉଥିଲା।ମୁମ୍ବାଇରେ ଏହାର ମୁଲ୍ୟ ୫.୫୦ ଟଙ୍କା ବୃଦ୍ଧି ହୋଇ ୧୭୫୫ ଟଙ୍କା ହୋଇଛି, ଯାହା ୧୭୪୯ ଟଙ୍କାରେ ମିଳୁଥିଲା।ଏହା ବ୍ୟତୀତ ଚେନ୍ନାଇରେ ଏହି ସିଲିଣ୍ଡର ୧୯୬୫ ଟଙ୍କାରେ ବିକ୍ରି ହେଉଛି।

# ଏଆଇ ଜିଡିପିକୁ ଗତି ପ୍ରଦାନ କରିବ: ଆକାଶ ଅମ୍ବାନୀ




ମୁମ୍ବାଇ: ରିଲାଏନ୍ସ ଜିଓ ଇନଫୋକମ୍ ଲିମିଟେଡ୍ (ଆରଜେଆଇଏଲ୍) ଚେୟାରମ୍ୟାନ୍ ଆକାଶ ଅମ୍ବାନୀ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)କୁ ଏହି ପିଢ଼ିର ସବୁଠାରୁ ବଡ ପରିବର୍ତ୍ତନ ବୋଲି ବର୍ଣ୍ଣନା କରିଛନ୍ତି। ଜିଓ ୱାର୍ଲ୍ଡ ସେଣ୍ଟରରେ 'ମୁମ୍ବାଇ ଟେକ୍ ସପ୍ତାହ ୨୦୨୫' ଅବସରରେ ଆକାଶ ଅମ୍ବାନୀ ଏହା କହିଛନ୍ତି। ସେ କହିଛନ୍ତି ଯେ ଏଆଇ ଭାରତର ଅର୍ଥନୈତିକ ଅଭିବୃଦ୍ଧିର ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ୍ ଭାବରେ ପ୍ରମାଣିତ ହେବ, ଯାହା ଆଗାମୀ କିଛି ବର୍ଷରେ ଦେଶକୁ ୧୦ ପ୍ରତିଶତ କିମ୍ବା ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାର ହାସଲ କରିବାରେ ସକ୍ଷମ କରିବ। ଡ୍ରିମ୍ ଇଲେଭେନ ସିଇଓ ହର୍ଷ ଜୈନଙ୍କ ସହ ଫାୟାରସାଇଡ ବାର୍ତ୍ତାଳାପରେ ଭାଗନେଇ ଆକାଶ ଅମ୍ବାନୀ ଭବିଷ୍ୟତ ପାଇଁ ଏଆଇକୁ ମହତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ଆକାଶ ଅମ୍ବାନୀ କହିଛନ୍ତି ଯେ ତାଙ୍କ କମ୍ପାନୀ ଏଆଇ କ୍ଷେତ୍ରରେ ମାର୍ଗଦର୍ଶନ କରିବା ପାଇଁ ୧୦୦୦ରୁ ଅଧିକ ଡାଟା ବୈଜ୍ଞାନିକ, ଅନୁସନ୍ଧାନକାରୀ ଏବଂ ଇଞ୍ଜିନିୟରଙ୍କ ଏକ ଟିମ୍ ଗଠନ କରିଛି। କମ୍ପାନୀ ଜାମନଗରରେ ଏକ ଗିଗାୱାଟ କ୍ଷମତା ଡାଟା ସେଣ୍ଟର ମଧ୍ୟ ନିର୍ମାଣ କରୁଛି ଯାହା ଦେଶର ଏଆଇକୁ ଆଗକୁ ବଢ଼ିବାରେ ସହାୟକ ହେବ ବୋଲି ସେ ପ୍ରକାଶ କରିଛନ୍ତି। ଏହା ବ୍ୟତୀତ କମ୍ପାନୀ ଗ୍ରାଫିକ୍ ପ୍ରସେସିଂ ୟୁନିଟ୍ (ଜିପିୟୁ) ପାଇଁ ମଧ୍ୟ ମଧ୍ୟ ବିଚାର କରୁଥିବା ସେ କହିଛନ୍ତି। ଜିଓ ଚେୟାରମ୍ୟାନ୍ କହିଛନ୍ତି ଯେ ଭାରତରେ ଏଆଇକୁ ଆଗକୁ ନେବାକୁ ହେଲେ ଏହାକୁ ତିନୋଟି ମୌଳିକ କ୍ଷେତ୍ର - ଏଆଇ ଭିତ୍ତିଭୂମି, ଅନୁସନ୍ଧାନ ଓ ବିକାଶ ଏବଂ କୁଶଳୀ ପ୍ରତିଭା ଉପରେ ଧ୍ୟାନ ଦେବାକୁ ପଡିବ। ଭାରତରେ ଡିଜିଟାଲ୍ ଏବଂ ଏଆଇ ଭିତ୍ତିଭୂମି ବିକାଶରେ କ୍ରମାଗତ ନିବେଶର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ସେସବୁ ଦିନ ଚାଲିଗଲାଣି ଯେବେ ଆମେ ଟେକ୍ନୋଲୋଜି ବିଷୟରେ ପଛୁଆ ରହିଥିବା ଦୃଷ୍ଟିରୁ ଭାବୁଥିଲୁ। ମୁଁ ଭାବୁଛି ଆମେ ବିଶ୍ୱରେ ଏହା ପ୍ରମାଣିତ କରିଛୁ ଯେ ଭାରତ ସେହି ଅଗ୍ରଣୀ ଦେଶଗୁଡିକ ମଧ୍ୟରୁ ଅନ୍ୟତମ, ଯାହା ଶୀଘ୍ର ଟେକ୍ନୋଲୋଜିକୁ ଗ୍ରହଣ କରିପାରିବ ଏବଂ ଦେଶର ହିତ ପାଇଁ ଟେକ୍ନୋଲୋଜିର ଉପଯୋଗ କରିପାରିବ।



ମୁମ୍ବାଇ: ଚାମ୍ପିଅନ୍ସ ଟ୍ରଫି ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏପର୍ଯ୍ୟନ୍ତ ତିନୋଟି ଦଳ ସେମିଫାଇନାଲରେ ପହଞ୍ଚିସାରିଛନ୍ତି। ଭାରତ, ନ୍ୟୁଜିଲାଣ୍ଡ ଏବଂ ଅଷ୍ଟ୍ରେଲିଆ ଦଳ ସେମିଫାଇନାଲରେ ପହଞ୍ଚିବାରେ ସଫଳ ହୋଇଛନ୍ତି। ଆଜି ଚତୁର୍ଥ ଦଳ କିଏ ହେବ, ତାହା ଜଣାପଡ଼ିବ। ତେବେ ଦକ୍ଷିଣ ଆଫ୍ରିକା ଦଳ ସେମିଫାଇନାଲରେ ପହଞ୍ଚିବା ପାଇଁ ଚତୁର୍ଥ ଦଳ ହେବ ବୋଲି ଆଶା କରାଯାଉଛି। ଏମଧ୍ୟରେ ପୁଣିଥରେ ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ମାଇକେଲ କ୍ଲାର୍କ ୨୦୨୫ ଚାମ୍ପିଅନ୍ସ ଟ୍ରଫିର ବିଜେତା ବିଷୟରେ ଭବିଷ୍ୟବାଣୀ କରିଛନ୍ତି। ମାଇକେଲ କ୍ଲାର୍କ ବିୟଣ୍ଡ୨୩ କ୍ରିକେଟ୍ ପୋଡକାଷ୍ଟରେ ସାକ୍ଷାତକାର ଦେବା ସମୟରେ ଏହି ଭବିଷ୍ୟବାଣୀ କରିଥିଲେ। ପୂର୍ବତନ ଅଷ୍ଟ୍ରେଲୀୟ ଅଧିନାୟକ ନିଶ୍ଚିତ ଯେ ଏଥର ଭାରତୀୟ ଦଳ ଚାମ୍ପିଅନ୍ସ ଟ୍ରଫି ଟାଇଟଲ ଜିତିବ। ସାକ୍ଷାତକାରରେ ସେ କହିଥିଲେ ଯେ, ମୁଁ ଭାବୁଛି ଅଷ୍ଟ୍ରେଲିଆ ଫାଇନାଲରେ (ଚାମ୍ପିଅନ୍ସ ଟ୍ରଫି) ରହିବ ଏବଂ ଭାରତ ବିପକ୍ଷରେ ଖେଳିବ। ମୁଁ ଚାହୁଁଛି ଅଷ୍ଟ୍ରେଲିଆ ଜିତୁ। କିନ୍ତୁ ମୁଁ ପ୍ରକୃତରେ ଭାବୁଛି ଭାରତ ଚାମ୍ପିଅନ୍ସ ଟ୍ରଫି ଜିତିବ। ସେମାନେ ବର୍ତ୍ତମାନ ବିଶ୍ୱର ସର୍ବୋତ୍ତମ ଏବଂ ନମ୍ବର ୧ ଦିନିକିଆ ଦଳ। ମୁଁ ଭାବୁଛି ଫାଇନାଲରେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ ଏବଂ ଭାରତ ଗୋଟିଏ ରନରେ ଜିତିବ।

### ନ୍ୟୁଜିଲାଣ୍ଡ ମ୍ୟାଚ୍ ପୂର୍ବରୁ ଭାରତ ପାଇଁ ସୁଖବର

## ରୋହିତ ଶର୍ମାଙ୍କ ସହ ମହମ୍ମଦ ଶାମି ଫିଟ୍ ଘୋଷିତ



ନୂଆଦିଲ୍ଲୀ: ଆସନ୍ତାକାଲି ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ପୂର୍ବରୁ ଟିମ୍ ଇଣ୍ଡିଆ ପାଇଁ ଖୁସି ଖବର। ଅଧିନାୟକ ରୋହିତ ଶର୍ମା ଓ ଦ୍ରୁତ ବୋଲର ମହମ୍ମଦ ଶାମି ସଂପୂର୍ଣ୍ଣ ଫିଟ୍ ହୋଇଛନ୍ତି। ଉଭୟ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ଖେଳିବାକୁ ପ୍ରସ୍ତୁତ। ଭାରତ ଓ ନ୍ୟୁଜିଲାଣ୍ଡ ଚାମ୍ପିଅନ୍ସ ଟ୍ରଫି ୨୦୨୫ର ସେମି ଫାଇନାଲରେ ପହଞ୍ଚି ସାରିଛନ୍ତି।ଏବେ ଦୁଇ ଦଳର ନଜର ଏହି ମ୍ୟାଚ୍ ଜିତି ପଏଣ୍ଟ ଟେବୁଲ୍‌ର ଶୀର୍ଷରେ ପହଞ୍ଚିବା ଉପରେ ରହିଛି। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଅଧିନାୟକ ରୋହିତ ଶର୍ମା ଓ ଶାମି ଦୀର୍ଘ ସମୟ ପଡ଼ିଆ ବାହାରେ ଥିଲେ। ଫଳରେ ଦୁଇ ଖେଳାଳିଙ୍କ ଫିଟନେସ୍‌କୁ ନେଇ ପ୍ରଶ୍ନ ଉଠିଥିଲା। ଏପରିକି ମ୍ୟାଚ୍ ପରେ ଦୁଇ ଖେଳାଳି ନେଟ୍ ସେସନରେ ବି ଯୋଗ ଦେଇ ନ ଥିଲେ। ୱିକେଟ୍ କିପର ବ୍ୟାଟର କେଏଲ ରାହୁଲ ଆଜି ସାମ୍ବାଦିକଙ୍କୁ ସହ ଆଲୋଚନା ବେଳେ କହିଛନ୍ତି, ଦଳରେ ଖେଳାଳିଙ୍କ ଆହତ ସମସ୍ୟା ନାହିଁ। ସମସ୍ତ ଖେଳାଳି ଜିମ୍ ଯାଉଛନ୍ତି ଏବଂ ଟ୍ରେନିଂ କରୁଛନ୍ତି। ଆମ ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ପାଇଁ ପୂରା ପ୍ରସ୍ତୁତ। ସୂଚନାଯୋଗ୍ୟ, ୩୪ ବର୍ଷୀୟ ମହମ୍ମଦ ଶାମି ବର୍ଷେରୁ ଅଧିକ ସମୟ ପରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେ ଇଂଲଣ୍ଡ ବିପକ୍ଷ ଦ୍ୱିପାକ୍ଷିକ ସିରିଜ୍‌ରେ ଫର୍ମରେ ନ ଥିଲେ। ମାତ୍ର ବାଂଲାଦେଶ ବିପକ୍ଷ ଚାମ୍ପିଅନ୍ସ ଟ୍ରଫିରେ ୫ ୱିକେଟ୍ ନେଇ ଲୟକୁ ଫେରିଥିଲେ। କିନ୍ତୁ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ନିରାଶଜନକ ପ୍ରଦର୍ଶନ କରିଥିଲେ। ତାଙ୍କୁ ଗୋଟିଏ ବି ୱିକେଟ୍ ମିଳି ନ ଥିଲା। ସେହିପରି ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ରୋହିତ ଶର୍ମା କିଛି ସମୟ ପଡ଼ିଆ ବାହାରେ ଥିଲେ। ଏହି ସମୟରେ ଶୁଭମନ ଗିଲ୍ ଅଧିନାୟକତ୍ୱ ଦାୟିତ୍ୱ ତୁଲାଇଥିଲେ। କିନ୍ତୁ ଏହି ମ୍ୟାଚ୍‌ରେ ରୋହିତ ଶର୍ମା ବ୍ୟାଟିଂ କରିଥିଲେ। ମ୍ୟାଚ୍ ପରେ ଦଳର ଦୁଇ ଖେଳାଳିଙ୍କ ଫିଟନେସ୍‌କୁ ନେଇ ଦଳ ପ୍ରବନ୍ଧକ କିଛି ସମୟ ଆଶଙ୍କାରେ ଥିଲେ।

## ନ୍ୟୁଜିଲାଣ୍ଡ ବିପକ୍ଷରେ ନେତୃତ୍ୱ ନେଇପାରନ୍ତି ଗିଲ୍



ଦୁବାଇ: ରବିବାର ଖେଳାଯିବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଚାମ୍ପିଅନ୍ସ ଟ୍ରଫିର ଶେଷ ଲିଗ୍ ମ୍ୟାଚ୍‌ରେ ଉପଅଧିନାୟକ ଶୁବମନ ଗିଲ୍ ଭାରତୀୟ କ୍ରିକେଟ୍ ଦଳର ନେତୃତ୍ୱ ନେଇପାରନ୍ତି। ନିୟମିତ ଅଧିନାୟକ ରୋହିତ ଶର୍ମା ଆହତ ହୋଇଥିବାରୁ ଗିଲ୍‌ଙ୍କୁ ଏଭଳି ପ୍ରତୀକ୍ଷିତ ସୁଯୋଗ ମିଳିବାର ସମ୍ଭାବନା ରହିଛି। ତେବେ ଏଥିନେଇ ବିସିସିଆଇ କିମ୍ବା ଭାରତୀୟ ଦଳ ପକ୍ଷରୁ ଆନୁଷ୍ଠାନିକ ଭାବେ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସୀମାରେଖା ଆଡ଼କୁ ଦ୍ରୁତ ଗତିରେ ଯାଉଥିବା ଏକ ବଲ୍‌କୁ ପିଛା କରୁଥିଲା ବେଳେ ରୋହିତଙ୍କ ମାଂସପେଶୀ ଟାଣି ହୋଇଯାଇଥିଲା। ରୋହିତ ପଡ଼ିଆରେ ଅନୁପସ୍ଥିତ ଥିଲା ବେଳେ ଗିଲ୍ ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ସେମିଫାଇନାଲ୍ ପ୍ରବେଶ ଦୃଷ୍ଟିରୁ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ର କୌଣସି ପ୍ରଭାବ ନଥିବାରୁ ଏବଂ ରୋହିତ ଶତ ପ୍ରତିଶତ ଫିଟ୍ ହୋଇ ନଥିବାରୁ ଗିଲ୍‌ଙ୍କୁ ଏହି ମ୍ୟାଚ୍‌ର ପୂରା ଦାୟିତ୍ୱ ଦେବାକୁ ଦଳୀୟ ମ୍ୟାନେଜମେଣ୍ଟ ଚିନ୍ତା କରୁଛି।

### ଦେଦର୍ହ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

## ପ୍ରଥମ ମ୍ୟାଚରେ ବନମାଲ ଦଳ ଚାମ୍ପିଅନ୍



ଖପ୍ରାଖୋଲ(ଭାସ୍କର ନ୍ୟୁଜ): ଖପ୍ରାଖୋଲ ବ୍ଲକ୍ ପଡ଼ିଆବାହାଲ ପଞ୍ଚାୟତ ଦେଦର୍ହ ଗାଁ ସହିଦ ବାଜି ରାଉତ ସ୍ପୋର୍ଟିଂ ତରଫରୁ ଦେଦର୍ହ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ସ୍ଥାନୀୟ ସରପଞ୍ଚ ଦେବରାଜ ପ୍ରଧାନ, ସମ୍ମାନୀତ ଅତିଥି ରୂପେ ଭାଜପା ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ, ସାମାଜିକ କର୍ମୀ ଡ. ଅଭୟ ତ୍ରିପାଠୀ, ଫକୀର ପ୍ରଧାନ ପ୍ରମୁଖ ଯୋଗଦେଇ ନାଲିଫିତା କାଟି ନଡ଼ିଆ ଭାଙ୍ଗି ଖେଳ ଉଦଘାଟନ କରିଥିଲେ। ପ୍ରଥମ ମ୍ୟାଚ ରେଙ୍ଗାଲି ଓ ବନମାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବନମାଲ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮୯ ରନ୍ ସଂଗ୍ରହ କରିଥିଲେ। ଏହାର ଜବାବରେ ରେଙ୍ଗାଲି ଦଳ ସମସ୍ତ ଉଇକେଟ ହରାଇ ନିର୍ଦ୍ଧାରିତ ୧୦ ଓଭରରେ କେବଳ ୮୪ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ। ଯାହାଫଳରେ ପ୍ରଥମ୍ ମ୍ୟାଚରେ ବନମାଲ ଦଳ ବିଜୟୀ ହୋଇଥିଲେ।ଖେଳକୁ ମନୋଜ ପଧାନ ଓ ସୁବ୍ରତ ବନଛୋର୍ ପରିଚାଳନା କରିଥିବା ବେଳେ ଗୋବିନ୍ଦ ମେହେର ସ୍କୋରର ଓ ତୁଲାରାମ ନାଗ ଖେଳର ଧାରା ବିବରଣି ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟଟି ପାଞ୍ଚଦିନ ଧରି ଅନୁଷ୍ଠିତ ହେବ।

## କିଳିମାଞ୍ଜାରୋ ଚଢ଼ିଲେ ଓଡ଼ିଆ ଦମ୍ପତି




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ତାଞ୍ଜାନିଆରେ ଥିବା ଆଫ୍ରିକା ମହାଦେଶର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ କିଲିମାଞ୍ଜାରୋକୁ ସଫଳତାର ସହ ଆରୋହଣ କରିଛନ୍ତି ଓଡ଼ିଶାର ସୌଭାଗ୍ୟ କୁମାର ରଥ ଓ ଡ. ସାଗରିକା ରଥ। ୧୯୩୪୧ ଫୁଟ ଉଚ୍ଚତା ବିଶିଷ୍ଟ ଏହି ଗିରିଶୃଙ୍ଗ ଚଢ଼ିବାରେ ଉଭୟ ପ୍ରଥମ ଓଡ଼ିଆ ପତି-ପତ୍ନୀ ହେବାର ଗୌରବ ଅର୍ଜନ କରିଛନ୍ତି। ସାଗରିକା ବ୍ୟକ୍ତିଗତ ପ୍ରଥମ ପ୍ରାଣୀ ଚିକିତ୍ସକ ଏବଂ ପ୍ରଥମ ସରକାରୀ କର୍ମଚାରୀ ଭାବେ କିଲିମାଞ୍ଜାରୋ ଶିଖରରେ ପାଦ ଥାପିଛନ୍ତି। ସେହିଭଳି ସୌଭାଗ୍ୟ ନିଜ ଦୁଃସାହସିକ କ୍ରୀଡ଼ା କ୍ୟାରିୟରରେ ସଫଳତାର ଆଉ ଏକ ଫର୍ଦ୍ଦ ଯୋଡ଼ିଛନ୍ତି। ସାଗରିକା ଓ ସୌଭାଗ୍ୟ ଗତ ୨୦ରେ ଭୁବନେଶ୍ୱରରୁ ଏହି ଦୁଃସାହସିକ ଅଭିଯାନରେ ବାହାରିଥିଲେ। ସୌଭାଗ୍ୟ ମଧ୍ୟ ସଫଳତାର ସହ ତାଞ୍ଜାନିଆର ମୋସୀରେ କିଲିମାଞ୍ଜାରୋ ଅନ୍ତର୍ଜାତୀୟ ମାରାଥନ୍ ଶେଷ କରିଥିଲେ। ଏହା ପରେ ଉଭୟ ରଙ୍ଗୋଇ ଗେଟ୍‌ଠାରୁ ଅଭିଯାନ ଆରମ୍ଭ କରି କିବୋ ହଟ୍‌ଠାରେ ଥିବା ବେସ୍ କ୍ୟାମ୍ପଠାରୁ ୫୬୮୧ ମିଟର ଉଚ୍ଚରେ ଥିବା ଗିଲମାନ୍ ପଏଣ୍ଟରେ ପହଞ୍ଚିଥିଲେ। ତାପମାତ୍ରା ଶୂନଠାରୁ ୧୫ ଡିଗ୍ରୀ ତଳେ ରହିବା ଏବଂ ଅଚାନକ ବରଫ ଝଡ଼ର ସମ୍ମୁଖୀନ ହେବା ସତ୍ତ୍ୱେ ରାତି ୧୨ଟା ପରଠାରୁ ନିଜ ଅଭିଯାନକୁ ଆହୁରି ତୀବ୍ର କରି ଶୁକ୍ରବାର ସ୍ଥାନୀୟ ସମୟ ସକାଳ ୭ଟା ଏବଂ ଭାରତୀୟ ସମୟ ୯ଟା ୩୦ରେ କିଲିମାଞ୍ଜାରୋ ଶିଖରରେ ପହଞ୍ଚିଥିଲେ। ପାରମ୍ପରିକ ଓଡ଼ିଆ ପୋଷାକ ପିନ୍ଧି ସେଠାରେ କିଛି ସମୟ କଟାଇବା ସହ ବନ୍ଦେ ଉତ୍କଳ ଜନନୀ ମଧ୍ୟ ଗାନ କରିଥିଲେ। ସୌଭାଗ୍ୟ ଓ ସାଗରିକାଙ୍କର ପାହାଡ଼ ଚଢ଼ା ତଥା ଦୁଃସାହସିକ ଅଭିଯାନର ଦୀର୍ଘ ଅଭିଜ୍ଞତା ରହିଛି। ସୌଭାଗ୍ୟ ଦୁଇ ଥର ଅତ୍ୟନ୍ତ କଷ୍ଟକର ଆଇରନ୍ ମ୍ୟାନ୍ ମୁକୁଟକୁ ସଫଳତାର ସହ ଶେଷ କରିଛନ୍ତି। ସେ ମଧ୍ୟ ସଫଳତାର ସହ ୟୁରୋପ ମହାଦେଶର ସର୍ବୋଚ୍ଚ ଗିରିଶୃଙ୍ଗ ମାଉଣ୍ଟ ଏଲବ୍ରସ୍ ଆରୋହଣ କରି ସାରିଛନ୍ତି। ସାଗରିକା ଜଣେ ପ୍ରାଣୀ ଚିକିତ୍ସକ ଭାବେ ସମ୍ବଲପୁର ଜିଲ୍ଲା ରେଙ୍ଗାଲୀ ବ୍ଲକ୍‌ରେ ଅବସ୍ଥାପିତ ଥିଲା ବେଳେ ସୌଭାଗ୍ୟ ସମ୍ବଲପୁର ଆକାଶବାଣୀରେ ଟ୍ରାନ୍ସମିସନ୍ ଏକଜିକ୍ୟୁଟିଭ୍ ବା ପ୍ରସାରଣ ନିଷ୍ପାଦକ ଭାବେ କାର୍ଯ୍ୟରତ ଅଛନ୍ତି।

## ନେଟ୍ ବୋଲର ଯଶକିରନଙ୍କୁ ସ୍ୱତନ୍ତ୍ର ଉପହାର ଦେଲେ ଶ୍ରେୟସ

ଦୁବାଇ: ଚଳିତ ଚାମ୍ପିୟନ୍ସ ଟ୍ରଫି ଲାଗି ଆଇସିସି ନେଟ ବୋଲରଙ୍କ ମଧ୍ୟରେ ସ୍ଥାନ ପାଇଥିବା ଯଶକିରନ ସିଂଙ୍କ ଲାଗି ଶନିବାର ଏକ ସ୍ୱତନ୍ତ୍ର ଦିନ ଥିଲା। ଯଶକିରନଙ୍କୁ ଭାରତୀୟ ଦଳର ଟପ ଅର୍ଡର ବ୍ୟାଟର ଶ୍ରେୟସ ଆୟାର ଏକ ହଳ ଜୋତା ଉପହାରରେ ଦେଇଛନ୍ତି। ଏ ସମ୍ପର୍କରେ ପେସାରେ ଚାର୍ଟାଡ ଆକାଉଣ୍ଟାଣ୍ଟ ଥିବା ଯଶକିରନ କହିଛନ୍ତି ଯେ, ମୁଁ ଫିଲ୍ଡିଂ କରୁଥିବା ବେଳେ ଶ୍ରେୟସ ଭାଇ ମୋ ନିକଟକୁ ଆସିଥିଲେ। ମୋତେ ପଚାରିଥିଲେ, ତୁମ ପାଦ ସାଇଜ କେତେ। ମୁଁ ଉତ୍ତରରେ ୧୦ ବୋଲି କହିଥିଲେ। ତା' ପରେ ସେ କହିଥିଲେ ଯେ, ମୋ ପାଖରେ ତୁମ ପାଇଁ କିଛି ଅଛି। ସେ ମୋତେ ଏକ ଜୋତା ଦେଇଥିଲେ। ଏହା ମୋ ପାଇଁ ବହୁତ କିଛି। ମୁଁ ଆଇସିସି ନେଟ ବୋଲିଂ ଦଳର ଅଂଶ। ଆଜି ମୋ ଜୀବନର ସ୍ୱତନ୍ତ୍ର ଦିନ। ଶ୍ରେୟସଙ୍କଠାରୁ ଜୋତା ପାଇବା ମୋ ପାଇଁ ବହୁତ ବଡ଼ କଥା। ଏହି ଟୁର୍ନାମେଣ୍ଟରେ ମୁଁ ଭାରତୀୟ ଦଳ ପାଇଁ ଫିଲ୍ଡିଂ କରିଛି। କିନ୍ତୁ ସେମାନଙ୍କୁ ବୋଲିଂ କରିବାକୁ ଏବେ ବି ଅପେକ୍ଷା କରିଛି।

## ପୁରୀରେ ୧ରୁ ୧୦ ଯାଏ ଜାତୀୟ ର୍‍ୟାଙ୍କିଙ୍ଗ୍ ତୀରନ୍ଦାଜ ଟୁର୍ଣ୍ଣାମେଣ୍ଟ




ପୁରୀ(ଭାସ୍କର ନ୍ୟୁଜ) : ତୃତୀୟ ଏନଟିପିସି ଜାତୀୟ ର୍‍ୟାଙ୍କିଙ୍ଗ ତୀରନ୍ଦାଜ ଟୁର୍ଣ୍ଣାମେଣ୍ଟ ପୁରୀର ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ମାର୍ଚ୍ଚ ୧ରୁ ୧୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ ବୋଲି ଓଡିଶା ତୀରନ୍ଦାଜ ସଂଘର ସମ୍ପାଦକ ସମ୍ପୂର୍ଣ୍ଣାନନ୍ଦ ଦାସ ସୂଚନା ଦେଇଛନ୍ତି। ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ସୂଚନା ଦେଇ ଭାରତୀୟ ତୀରନ୍ଦାଜ ଆସୋସିଏସନ, ଏନଟିପିସି, କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ, ଓଡିଶା ସରକାର ଏବଂ ରାଜ୍ୟ ତୀରନ୍ଦାଜ ଆସୋସିଏସନ ଆନୁକୂଲ୍ୟରେ ଏହା ଆୟୋଜିତ ହେବାକୁ ଯାଉଛି ବୋଲି କହିଥିଲେ । ସିନିୟର, ଜୁନିୟର ଓ ସବ ଜୁନିୟର ବିଭାଗରେ ଏହି ପ୍ରତିଯୋଗିତା ଆୟୋଜିତ ହେବ । ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଦେଶର ପ୍ରତିଷ୍ଠିତ ତୀରନ୍ଦାଜ ମାନେ ଅଂଶଗ୍ରହଣ କରିବେ । ସେମାନଙ୍କ ମଧ୍ୟରେ ତରୁଣଦୀପ ରାଏ ଅତନୁ ଦାସ, ବି.ଧୀରଜ, ଦୀପିକା କୁମାରୀ, ଭଜନ କୌର, ଅମନ ସାଇନି ଓ ଅଭିଷେକ ବର୍ମା ରହିଛନ୍ତି । ସୂଚନାଯୋଗ୍ୟ ଯେ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଫାଇନାଲ ସହ ୪ ଗୋଟି ଏନଆରଏଟିଏସ ଆୟୋଜିତ ହୋଇଥାଏ । ପ୍ରତିଷ୍ଠିତ ତୀରନ୍ଦାଜ ମାନେ ଏହା ମାଧ୍ୟମରେ ନିଜ ର୍‍ୟାଙ୍କିଙ୍ଗ ସୁଧାରିଥାନ୍ତି । ପ୍ରତ୍ୟେକ ବର୍ଗରେ ଦେଶର ଶୀର୍ଷ ୧୬ ର୍‍ୟାଙ୍କିଙ୍ଗ ତୀରନ୍ଦାଜ ଅଂଶଗ୍ରହଣ କରିଥାନ୍ତି । କ୍ୱାଲିଫିକେଶନ କୋଟା ମାଧ୍ୟମରେ ୧୯୨ ପ୍ରତିଯୋଗୀ ପୁରୀର ଏହି ଟୁର୍ଣ୍ଣାମେଣ୍ଟରେ ସାମିଲ ହେବାକୁ ଥିବା ବେଳେ ସର୍ବମୋଟ ୩୭୬ ତୀରନ୍ଦାଜ ସାମିଲ ହେବେ। ଏହା ମଧ୍ୟରୁ ଓଡିଶାର ୩୦ଜଣ ଏଥିରେ ସାମିଲ ହେବେ । ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା ପାରା ଆର୍ଚ୍ଚେର ପାୟଲ ନାଗ ଅଂଶଗ୍ରହଣ କରିବେ । ପୁରୀର ପ୍ରଜ୍ଞାନ ଦଳେଇ ଏବଂ ଗୋପାଳ କୃଷ୍ଣ ବ୍ରହ୍ମା ଏଥିରେ ଅଂଶଗ୍ରହଣ କରିବେ । କିସ୍‌ର ରାଜେଶ ହାଂସଦା ଟେକ୍ନିକାଲ ଜଜ ଦାୟିତ୍ୱ ତୁଲାଇବେ । ପୁରସ୍କାର ରାଶି ବାବଦକୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ନୋଡାଲ ଅଫିସର ଭାବେ ପରିଚାଳନା ଏବଂ କ୍ରୀଡା ସଂସଦର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ଓ ରାମଚନ୍ଦ୍ର ଦାସମହାପାତ୍ର ସହଯୋଗ କରିବେ।ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜାତୀୟ କ୍ରୀଡାବିତ ଗୋପାଳ କୃଷ୍ଣ ବ୍ରହ୍ମା, ପୁରୀ ଜିଲ୍ଲା ସମ୍ପାଦକ ଜିତେନ୍ଦ୍ର ନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଜାତୀୟ ମାଷ୍ଟର୍ସ ଆଥିଲେଟିକ୍ସ ପ୍ରତିଯୋଗିତା

## ଓଡିଶା ଘୋଷକ ଅମୀୟ ଚାନ୍ଦ ମନୋନିତ



ଢେଙ୍କାନାଳ(ଭାସ୍କର ନ୍ୟୁଜ): କର୍ଣ୍ଣାଟକର ବାଙ୍ଗାଲୋର କାନ୍ତିର୍ଭା ଷ୍ଟାଡିୟମ୍‌ଠାରେ ଚଳିତ ମାସ ୪ରୁ ୮ ତାରିଖ ପାଂଚ ୫ଦିନ ଧରି ହେବାକୁ ଥିବା ୪୫ତମ ମାଷ୍ଟର୍ସ ଆଥଲେଟିକ୍ସ ପ୍ରତିଯୋଗିତା ପାଇଁ ଓଡିଶାର ଖ୍ୟାତି ସଂପନ୍ନ ଆନ୍ତର୍ଜାତୀୟ କ୍ରୀଡାଘୋଷକ ଡଃ ଅମୀୟ କୁମାର ଚାନ୍ଦ ମେନାନିତ ହୋଇଛନ୍ତି । ଏହି ପ୍ରତିଯୋଗିତାରେ ସମଗ୍ର ଦେଶରୁ ୪ ହଜାରରୁ ଉର୍ଦ୍ଧ୍ୱପୁରୁଷ ଓ ମହିଳା ଆଥଲେଟିକ୍ସ ମାନେ ବିଭିନ୍ନ ବର୍ଷ ବଗର୍ର ଜାତୀୟ ଓ ଆନ୍ତର୍ଜାତୀୟ ପୂର୍ବତନ ଅଲମ୍ପିଆନ୍ ଆଥଲେଟିକ୍ସ ମାନେ ଅଂଶଗ୍ରହଣ କରିବେ । ପ୍ରକାଶଥାଉକି, ଏଥି ପୂର୍ବରୁ ଶ୍ରୀ ଚାନ୍ଦ ୨୦୦୬ ମସିହାରେ ବାଙ୍ଗାଲୋରଠାରେ ଆୟୋଜିତ ହୋଇଥିବା ୧୪ତମ ଏସିଆନ୍ ମାଷ୍ଟର୍ସ ଆଥେଲଟିକ୍ସ ପ୍ରତିଯୋଗିତାରେ ସଫଳ ଘୋଷକ ଭାବେ ପ୍ରଶଂସିତ ହୋଇଥିଲେ । ସେଥିପାଇଁ ଶ୍ରୀ ଚାନ୍ଦଙ୍କୁ ୨୦୧୩ ମସିହାରେ ଶ୍ରୀଲଙ୍କାର କଲୋମ୍ବୋ ଠାରେ ଆନ୍ତର୍ଜାତୀୟ ମାଷ୍ଟର୍ସ ଅଥେଲଟିକ୍ସ ପାଇଁ ଭାରତରୁ ଶ୍ରୀ ଚାନ୍ଦଙ୍କୁ ମନୋନୀତ କରାଯାଇଥିଲା । ସେଥିରେ ଶ୍ରୀ ଚାନ୍ଦ [illegible] ଇଂଟରନ୍ୟାସନାଲ୍ ଏକସ୍କେଲନ୍ସି ଆୱାର୍ଡରେ ସମ୍ମାନିତ ହୋଇ ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଥିଲେ ।

## ଟଙ୍କା ଫେରାଇବ ପାକିସ୍ତାନ କ୍ରିକେଟ୍ ବୋର୍ଡ




ଇସଲାମାବାଦ: ଆଇଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାକିସ୍ତାନ ଆୟୋଜକତାରେ ଖେଳାଯାଉଛି। ଏହି ଟୁର୍ନାମେଣ୍ଟରେ ପାକିସ୍ତାନ ଦଳ ଗ୍ରୁପ୍ ପର୍ଯ୍ୟାୟରୁ ହିଁ ବାଦ ପଡ଼ିଥିଲା। ଏହି ସମୟରେ ପାକିସ୍ତାନ କ୍ରିକେଟ ବୋର୍ଡ ଏକ ବଡ଼ ନିଷ୍ପତ୍ତି ନେଇଛି। ବୋର୍ଡ ଏହାର ପ୍ରଶଂସକମାନଙ୍କୁ କିଛି ମ୍ୟାଚ୍‌ର ଟିକେଟର ଟଙ୍କା ଫେରସ୍ତ କରିବାକୁ ଯାଉଛି। କାରଣ ଟୁର୍ନାମେଣ୍ଟର କିଛି ମ୍ୟାଚ୍ ବର୍ଷାରେ ଧୋଇ ଯାଇଥିଲା। ଏହି ଦୁଇଟି ମ୍ୟାଚ୍‌ରେ ଟସ ମଧ୍ୟ ହୋଇପାରି ନ ଥିଲା। ଏପରି ପରିସ୍ଥିତିରେ ପିସିବି ଏହି ମ୍ୟାଚ୍‌ଗୁଡ଼ିକର ଟିକେଟର ଟଙ୍କା ଫେରସ୍ତ କରିବାକୁ ନିଷ୍ପତ୍ତି ନେଇଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏକ ପ୍ରେସ ବିଜ୍ଞପ୍ତି ଜାରି କରି ଟଙ୍କା ଫେରସ୍ତ ଘୋଷଣା କରିଛି। ତେବେ ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ବର୍ଷା ଯୋଗୁ ଏପର୍ଯ୍ୟନ୍ତ ୩ଟି ମ୍ୟାଚ୍ ବାତିଲ ହୋଇଛି। କିନ୍ତୁ ଏଥିମଧ୍ୟରୁ ଦୁଇଟି ମ୍ୟାଚ୍ ଗୋଟିଏ ବି ବଲ ପକା ନ ଯାଇ ବାତିଲ କରାଯାଇଥିଲା। ପାକିସ୍ତାନ କ୍ରିକେଟ ବୋର୍ଡ ଏହି ଦୁଇଟି ମ୍ୟାଚ୍‌ର ଟିକେଟ ପାଇଁ ଟଙ୍କା ଫେରସ୍ତ କରିବାକୁ ନିଷ୍ପତ୍ତି ନେଇଛି। ଏହି ମ୍ୟାଚ୍ ମଧ୍ୟରୁ ଗୋଟିଏ ୨୫ ଫେବୃଆରୀରେ ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା ଏବଂ ଅନ୍ୟଟି ୨୭ ଫେବୃଆରୀରେ ବାଂଲାଦେଶ ବନାମ ପାକିସ୍ତାନ ମ୍ୟାଚ୍ ଥିଲା। ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ପିସିବି ଟିକେଟ ଫେରସ୍ତ ନୀତି ଅନୁଯାୟୀ, ଟିକେଟ ଧାରକଙ୍କୁ ପୂର୍ଣ୍ଣ ଫେରସ୍ତ ଦିଆଯିବ। ଟିକେଟ ଧାରୀମାନେ ସୋମବାର, ୧୦ ମାର୍ଚ୍ଚ, ୨୦୨୫ରୁ ଶୁକ୍ରବାର, ୧୪ ମାର୍ଚ୍ଚ, ୨୦୨୫ ମଧ୍ୟରେ କିଛି ଚୟନିତ ଟିସିଏସ୍ ଆଉଟ୍‌ଲେଟ୍‌ରେ ସେମାନଙ୍କର ଟଙ୍କା ଫେରସ୍ତ ପାଇଁ ଆବେଦନ କରିପାରିବେ। ଏହି ସମୟ ମଧ୍ୟରେ ଟିକେଟ ଧାରକମାନଙ୍କ ମୂଳ ଟିକେଟ ଦେଖାଯିବ, ଯାହା ଭଲ ଅବସ୍ଥାରେ ଥିବ। ଏହା ବ୍ୟତୀତ ଟିକେଟ ଧାରକମାନଙ୍କୁ ଫେରସ୍ତ ଦାବି କରିବା ପାଇଁ ବ୍ୟକ୍ତିଗତ ଭାବରେ ଟିସିଏସ ଆଉଟଲେଟକୁ ଯିବାକୁ ପଡିବ। କିନ୍ତୁ ଯେଉଁମାନେ ଆତିଥ୍ୟ ଟିକେଟ ରଖିଛନ୍ତି ସେମାନେ ଫେରସ୍ତ ପାଇବେ ନାହିଁ। ଆପଣଙ୍କୁ କହିରଖୁଛୁ ଯେ, ପାକିସ୍ତାନ ୧୦ଟି ଟିସିଏସ୍ ଆଉଟଲେଟ ଘୋଷଣା କରିଛି, ଯେଉଁଠାରେ ପ୍ରଶଂସକମାନେ ସେମାନଙ୍କର ଟଙ୍କା ଫେରସ୍ତ ପାଇପାରିବେ। ଟୁର୍ନାମେଣ୍ଟର ବାକି ମ୍ୟାଚ ବିଷୟରେ କହିବାକୁ ଗଲେ, ୪ଟି ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏଥିରେ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲ୍ୟାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ସାମିଲ ରହିଛି। ପାକିସ୍ତାନରେ ଗୋଟିଏ ସେମିଫାଇନାଲ ମ୍ୟାଚ୍ ଏବଂ ଭାରତର ସେମିଫାଇନାଲ ମ୍ୟାଚ୍ ଦୁବାଇରେ ଅନୁଷ୍ଠିତ ହେବ। ଯଦି ଭାରତୀୟ ଦଳ ଫାଇନାଲରେ ପହଞ୍ଚିଯାଏ ତେବେ ଏହି ମ୍ୟାଚ୍ ମଧ୍ୟ ଦୁବାଇରେ ଅନୁଷ୍ଠିତ ହେବ। ନଚେତ ଟାଇଟଲ ମ୍ୟାଚ ପାକିସ୍ତାନରେ ହିଁ ଖେଳାଯିବ।

## ବିରାଟ କୋହଲିଙ୍କ ଟାର୍ଗେଟ୍‌ରେ ୭ ମହାରେକର୍ଡ




ନୂଆଦିଲ୍ଲୀ: ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ଟିମ୍ ଇଣ୍ଡିଆ ଚମତ୍କାର ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଦଳ ନ୍ୟୁଜିଲାଣ୍ଡ ବିପକ୍ଷରେ ଅନ୍ତିମ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍ ଖେଳିବ। ଟୁର୍ନାମେଣ୍ଟ ଦୃଷ୍ଟିରୁ ଏହି ମ୍ୟାଚ୍‌ର କୌଣସି ବିଶେଷ ଗୁରୁତ୍ୱ ନାହିଁ। କିନ୍ତୁ ଏହି ମ୍ୟାଚ ବିରାଟ କୋହଲିଙ୍କ କ୍ୟାରିୟରର ୩୦୦ତମ ୱନଡେ ହେବାକୁ ଯାଉଥିବାରୁ ବେଶ ଗୁରୁତ୍ୱପୂର୍ଣ୍ଣ ରହିବ। ସେ ଏପରି ଉପଲବ୍ଧି ହାସଲ କରିବାରେ କେବଳ ୭ମ ଭାରତୀୟ ଖେଳାଳି ହେବେ। ଏହି ସଫଳତା ହାସଲ କରି କୋହଲି ସଚିନ ତେନ୍ଦୁଲକର, ଶିଖର ଧାୱନ ଏବଂ କ୍ରିସ ଗେଲଙ୍କ ଭଳି କିମ୍ବଦନ୍ତୀଙ୍କୁ ପଛରେ ପକାଇ ଇତିହାସ ସୃଷ୍ଟି କରିପାରନ୍ତି। ତେବେ ଗୋଟିଏ କି ଦୁଇଟି ନୁହେଁ କୋହଲି ୭ ମହାରେକର୍ଡ କରିବାକୁ ଚେଷ୍ଟା କରିବେ। ନ୍ୟୁଜିଲାଣ୍ଡ ବିପକ୍ଷରେ କୋହଲି ଶିଖର ଧାୱନଙ୍କ ରେକର୍ଡ ଭାଙ୍ଗିପାରନ୍ତି। ଚାମ୍ପିଅନ୍ସ ଟ୍ରଫି ଇତିହାସରେ ଧାୱନ ଭାରତ ପକ୍ଷରୁ ସର୍ବାଧିକ ରନ୍ କରିଛନ୍ତି। ସେ ଏହି ଟୁର୍ନାମେଣ୍ଟର ୧୦ଟି ମ୍ୟାଚ୍ ଖେଳି ୭୦୧ ରନ କରିଛନ୍ତି। ସେହିଭଳି କୋହଲି ଚାମ୍ପିଅନ୍ସ ଟ୍ରଫିର ୧୫ଟି ମ୍ୟାଚ୍ ଖେଳି ୬୫୧ ରନ୍ କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ୫୧ ରନ କରିବା ମାତ୍ରେ ସେ ଧାୱନଙ୍କୁ ପଛରେ ପକାଇ ଭାରତ ପାଇଁ ସର୍ବାଧିକ ରନ ସ୍କୋରର ହୋଇଯିବେ। ଯଦି ଆମେ ଚାମ୍ପିଅନ୍ସ ଟ୍ରଫିରେ ସାମଗ୍ରିକ ରେକର୍ଡ ବିଷୟରେ କଥା ହେବା, ତେବେ ସର୍ବାଧିକ ରନ ସ୍କୋର କରିବାରେ କ୍ରିସ ଗେଲ ନମ୍ବର ୧ ଅଟନ୍ତି। ଏହି ଟୁର୍ନାମେଣ୍ଟରେ ସେ ୧୭ଟି ମ୍ୟାଚ୍ ଖେଳି ୭୯୧ ରନ କରିଛନ୍ତି। ଏହି ରେକର୍ଡ ଭାଙ୍ଗିବାକୁ ହେଲେ ବିରାଟ କୋହଲିଙ୍କୁ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୧୪୧ ରନ କରିବାକୁ ପଡିବ। କୋହଲିଙ୍କ ପାଖରେ ତାଙ୍କର ୩୦୦ତମ ଓଡ଼ିଆଇରେ ଭାରତର ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇବାର ସୁଯୋଗ ମଧ୍ୟ ରହିବ। ନ୍ୟୁଜିଲାଣ୍ଡ ବିପକ୍ଷରେ ସର୍ବାଧିକ ରନ୍ କରିବାର ରେକର୍ଡ ସଚିନଙ୍କ ନାମରେ ଅଛି। ସେ ୪୨ଟି ଦିନିକିଆ ମ୍ୟାଚ୍ ଖେଳି ୧୭୫୦ ରନ୍ କରିଛନ୍ତି। ଅନ୍ୟପକ୍ଷରେ କୋହଲି ଏପର୍ଯ୍ୟନ୍ତ କିୱି ଦଳ ବିପକ୍ଷରେ ୩୧ ମ୍ୟାଚ୍ ଖେଳି ୧୬୪୫ ରନ କରିଛନ୍ତି ଏବଂ ୧୦୬ ରନ କରିବା ମାତ୍ରେ ସେ ସଚିନଙ୍କ ଏହି ରେକର୍ଡ ଭାଙ୍ଗିବେ। ଯଦି କୋହଲି ୧୦୬ ରନ କରି ସଚିନଙ୍କୁ ପଛରେ ପକାଇ ଦିଅନ୍ତି, ତେବେ ସେ ବୀରେନ୍ଦ୍ର ସେହ୍ୱାଗଙ୍କ ଏକ ରେକର୍ଡ ମଧ୍ୟ ଭାଙ୍ଗିବେ। ସେହ୍ୱାଗ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଏକଦିବସୀୟରେ ସର୍ବାଧିକ ଶତକ ହାସଲ କରିବାର ରେକର୍ଡ ରଖିଛନ୍ତି। ସେ ୨୩ ମ୍ୟାଚ୍‌ରୁ ୬ଟି ଶତକ ମାରିଥିଲେ, ଯେତେବେଳେ କୋହଲି ତାଙ୍କ ସହିତ ସମକକ୍ଷ ହୋଇସାରିଛନ୍ତି। ଏହାର ଅର୍ଥ ହେଉଛି ସେ ଥରେ ଶତକ ମାରିବା ପରେ, ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ସର୍ବାଧିକ ଶତକ ମାରିଥିବା ବ୍ୟାଟ୍ସମ୍ୟାନ ହୋଇଯିବେ। ଚାମ୍ପିଅନ୍ସ ଟ୍ରଫିରେ କୋହଲିଙ୍କ ପାଖରେ ଧାୱନଙ୍କ ସହିତ ପୂର୍ବତନ ଭାରତୀୟ ଅଧିନାୟକ ତଥା ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଏବଂ ପୂର୍ବତନ ଭାରତୀୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କ ଅତି କମରେ ଗୋଟିଏ ରେକର୍ଡ ଭାଙ୍ଗିବାର ସୁଯୋଗ ରହିବ। ପ୍ରକୃତରେ, ଏହି ତିନିଜଣ ହିଁ ଚାମ୍ପିଅନ୍ସ ଟ୍ରଫିରେ ସର୍ବାଧିକ ୫୦+ ସ୍କୋର କରିଥିବା ଖେଳାଳି। ଧାୱନ, ଗାଙ୍ଗୁଲି ଏବଂ ଦ୍ରାବିଡ ପ୍ରତ୍ୟେକେ ୬ ଥର ଏହି କୃତିତ୍ୱ ହାସଲ କରିଛନ୍ତି। କୋହଲି ଏହି ମାମଲାରେ ସମସ୍ତଙ୍କ ସହିତ ସମକକ୍ଷ ହୋଇସାରିଛନ୍ତି। ଏବେ ସେ ତାଙ୍କର ୩୦୦ତମ ଓଡ଼ିଆଇରେ ୫୦ ରନ ଅତିକ୍ରମ କରିବା ମାତ୍ରେ, ସେ ଏହି ତିନି କିମ୍ବଦନ୍ତୀଙ୍କୁ ପଛରେ ପକାଇଦେବେ। ବିରାଟ କୋହଲି ଗତ ମ୍ୟାଚ୍‌ରେ ୧୦୦ ରନ୍‌ର ଇନିଂସ ଖେଳି ଦିନିକିଆରେ ୧୪୦୦୦ ରନ ଅତିକ୍ରମ କରିଥିଲେ। ଏପର୍ଯ୍ୟନ୍ତ ସେ ୨୯୯ ମ୍ୟାଚ୍ ଖେଳି ୧୪୦୮୫ ରନ କରିଛନ୍ତି। ଏବେ ଯଦି କୋହଲି କିୱି ଦଳ ବିପକ୍ଷରେ ୧୫୦ ରନ କରିବାରେ ସଫଳ ହୁଅନ୍ତି, ତେବେ ସେ କୁମାର ସାଙ୍ଗାକାରାଙ୍କୁ ପଛରେ ପକାଇ ଏହି ଫର୍ମାଟରେ ଦ୍ୱିତୀୟ ସର୍ବାଧିକ ରନ ସ୍କୋରର ହେବେ। ତେବେ ସାଙ୍ଗାକାରା ୪୦୪ ମ୍ୟାଚ୍ ଖେଳି ୧୪୨୩୪ ରନ କରିଛନ୍ତି। ଏହା ବ୍ୟତୀତ ବିରାଟ କୋହଲିଙ୍କ ପାଖରେ ତାଙ୍କର ୩୦୦ତମ ଓଡ଼ିଆଇରେ ଏକ ସଫଳତା ହାସଲ କରିବାର ସୁଯୋଗ ରହିବ। ସେ ଏପର୍ଯ୍ୟନ୍ତ ଓଡ଼ିଆଇରେ ୧୫୮ ଟି କ୍ୟାଚ୍ ନେଇସାରିଛନ୍ତି। ଯଦି ସେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ୩ଟି କ୍ୟାଚ୍ ନିଅନ୍ତି, ତେବେ ସେ ରିକି ପଣ୍ଟିଂଙ୍କୁ ପଛରେ ପକାଇଦେବେ। ସେ ଏକଦିବସୀୟ ମ୍ୟାଚ୍‌ରେ ସର୍ବାଧିକ କ୍ୟାଚ୍ ନେବାରେ ଦ୍ୱିତୀୟ ଖେଳାଳି ହେବେ। ପଣ୍ଟିଂ ଏହି ଫର୍ମାଟରେ ୧୬୦ଟି କ୍ୟାଚ୍ ନେଇଛନ୍ତି।



## ବସନ୍ତ ଆସିଛି

ଅଶୋକ କୁମାର ପାଣିଗ୍ରାହୀ

ଏତେ ଦିନ ପରେ ବସନ୍ତ ଆସିଛି
ମଳୟ ସମୀର ଧରି
ସ୍ୱାଗତ କରୁଛି ପ୍ରକୃତି ରାଣୀ
ହାତେ ଫୁଲମାଳ ଧରି ।

ମଧୁର କୁହୁ ତାନେ କରେ କୋଇଲି
ଆମ୍ବ ଗଛ ଡାଳେ ଲୁଚି ଲୁଚି
ଫୁଲେଇ ଫଗୁଣ ଜହ୍ନ ଜ୍ୟୋଛନାରେ
ପ୍ରୀତିର ଗୀତ ଗାଉଛି
କଳା କୋଇଲି ଡେଣା ଝାଡ଼ି ଦେଇ
ଡାଳେ ଡାଳେ ଉଡି ଯାଏ,
ଖେଳାଏ ଚମକ ଶୁଣାଏ ତାର ଗୀତ
ମନକୁ ଉଡାଇ ନିଏ ।

ହଳଦୀ ବସନ୍ତ ଲୁଚକାଳି ଖେଳେ
ଆମ୍ବ ବଉଳର ମହ ମହବାସ
ସେ ଦୃଶ୍ୟରୁ ସ୍ୱର୍ଗୀୟ ଆନନ୍ଦ ମିଳେ ।

*ଶିକ୍ଷକ*
*ବଉଳ ପାଳ, ତିହିଡି, ଭଦ୍ରକ*



# ଗୋଧୂଳି



ରଞ୍ଜନ କୁମାର ଦାସ

ସନିଆଁ ଧାନ କାଟିବାରେ ପୁଣି ମନ ଲଗେଇଲା । ହଳଦିଆ ଚାଦରଟିଏ ସତେ ଯିମିତି କିଏ ଘୋଡାଇ ଦେଇଛି ବସୁମତୀ ମାଆ ଉପରେ। ସତରେ ସୁନାର ଫସଲ ଝଟକୁଛି ସବୁରି କ୍ଷେତରେ। ମାଟି-ମାଆର ଦାନ ଏଇ ମାଟିର ମଣିଷ ପାଇଁ । ସନିଆଁ ପୁଣି ଦୁଇ ହାତ ଯୋଡି ମୁଣ୍ଡରେ ଲଗାଇଲା । ତା'ର ମାଆ କହୁଥିଲା 'ଇଏ ଲକ୍ଷ୍ମୀ ଠାକରାଣୀ । ପଡିଦାତ୍ରୀ। ତାଙ୍କରି ଦୟାରୁ କ୍ଷେତରେ ସୁନାର ଫସଲ ଫଳେ ।'

ଶୀତ ପଡି ଆସିଲାଣି । ବଡି ସକାଳୁ ତା' ସ୍ତ୍ରୀ –ସୁଲୀ ହାତରୁ ପିଠା ଖଣ୍ଡିଏ ଖାଇ ସନିଆଁ ଆସିଥିଲା ତା ବିଲରୁ ଧାନ କାଟିବା ପାଇଁ । ପାଚିଲା ଧାନ ଲହଡି ମାରୁଥିଲା କ୍ଷେତସାରା। ମାର୍ଗଶିର ମାସର ଶୀତୁଆ ସକାଳରେ ହାଲୁକା ହାଲୁକା କୁହୁଡିର ବିଚିତ୍ର ଆସ୍ତରଣ ଭିତରେ ସତରେ ବିଚିତ୍ର ଲାଗୁଥିଲା 'ବିଚିତ୍ର ବର୍ଣ୍ଣା' ଏଇ ଆମ ମାଟି ମାଆର ମନଭୂଲା ରୂପ ।

ସନିଆଁ ଏଇ ଗାଁ' ର ପୁଅ। ବାପା ଚାଲିଗଲା ପରେ ସେ ବି ଭାବିଥିଲା ମାଟି ସାଙ୍ଗରେ ମାଟି ହୋଇ ତା' ଜୀବନ ବିତେଇଦବ। କିନ୍ତୁ ଭଉଣୀ ବାହାଘର ପାଇଁ ସାହୁକାର ଠୁ ଧାର ଆଣିଥିବା ଟଙ୍କା ସୁଝି ନପାରି ମାଟିର ମୋହ ତୁଟାଇ ସେ ଚାଲିଗଲା ସୂରତ। ଲୁଗାକଳରେ ଦିନରାତି ଏକକରି କାମରେ ମାତିଲା। ସାହୁକାରର ଟଙ୍କା ଅବଶ୍ୟ ସୁଝି ଯାଇଥିଲା । ହେଲେ ପାଞ୍ଚବର୍ଷ ଭିତରେ ବୁଢୀମା' ଆରପାରିକୁ ଟିକଟ କାଟିଥିଲା । ନିଃସଙ୍ଗ ହୋଇଯାଇଥିଲା ବାପ-ମାଆ ଛେଉଣ୍ଡ ସନିଆଁ । ପାଞ୍ଚବର୍ଷ ଭିତରେ ଗାଁ' ରେ ଥିବା ତା'ର ମାଟିଘର ମାଟିରେ ମିଶି ଯାଇଥିଲା । ତା' ର ବାହାଘର ଠିକ ହୋଇ ସାରିଥିବା ପାଖ ଗାଁ' ର ସେଇ ଗୋରୀ ଝିଅଟି ଅଲଗା ଯାଗାରେ ବାହା ହୋଇଚାଲିଯାଇଥିଲା । ସେଥିପାଇଁ ମନ ଦୁଃଖରେ ଠିକ୍ କରିଥିଲା ଆଉ କେବେବି ଫେରିବ ନାହିଁ ନିଜର ଭିଟାମାଟିକୁ । ବରଂ ସେଇ ସୁରତର ବିଦେଶ ମାଟିରେ ଅବଶିଷ୍ଟ ଜୀବନ ବିତାଇଦେବ। କିମିତି ଅଦଭୂତ ଅଭିମାନ ଆସିଥିଲା ଜୀବନ ଉପରେ ତା' ମନରେ । ତା' ପରଠୁ ଗୋଟିଏ ଯନ୍ତ୍ରପରି ସେ ଖାଲି କାମ କରି ଚାଲିଥିଲା। ଦିନସାରା ଖାଲି କାମ ଆଉ କାମ । ରାତିରେ ଶ୍ରମିକମାନଙ୍କ ପାଇଁ ମିଳିଥିବା ଘରର ଖଟିଆରେ ଶୋଇପଡି ସମୟ କଟାଉଥିଲା ସନିଆଁ । ତା' କାମରେ ଖୁସି ହୋଇ ତା' ମାଲିକ ତାକୁ ସାଧାରଣ ଶ୍ରମିକରୁ ସୁପରଭାଇଜର କାମ ଦେଇଥିଲେ । ସନିଆଁର ସାଙ୍ଗସାଥୀ ତାକୁ ସେଇଠି ବାହାସାହା ହୋଇ ରହିଯିବା ପାଇଁ ପରାମର୍ଶ ଦେଉଥିଲେ। ସନିଆଁ କିନ୍ତୁ ଅଧିକାଂଶ ଦିନ ରାତିରେ ଅଦଭୂତ ସପନଟିଏ ଦେଖୁଥିଲା । ସତେ ଯିମିତି ତାକୁ କିଏ ଡାକୁଛି – 'ଆ ! ଫେରିଆ ସନିଆଁ ! ଫେରିଆ। 'ଅଧରାତିର ନିଦ ଭାଙ୍ଗିଯାଏ ସନିଆଁ'ର । ସେ ଆଉ ଶୋଇପାରେନା।

ପୁରୁଣା କଥା ତା' ମନକୁ ଆସେ। ମନେ ପଡେ ତା' ବାପା ଆଉ ତା' ମାଆଙ୍କ କଥା । ସାନ ଚାଳଘରଟିଏ । ମାଟିର ଅଗଣା । ପଛପଟେ ଘରକୁ ଲାଗିକରି ବାଡି ଖଣ୍ଡିଏ । ତା' ବାପା ନିଜ ଜମିରେ ଲାଗିଥାଏ ସବୁବେଳେ। ଧାନ, ମୁଗ, ବିରି, ମାଣ୍ଡିଆ ସବୁ ଫଳେ ତାଙ୍କ ଜମିରେ । ବର୍ଷପାକ ସେମାନେ ସେଇଥିରେ ଚଳିଯାଆନ୍ତି । ଅଭାବ ପଡେନାହିଁ । ବାଡିରୁ ନାନା ରକମର ପରିବା ମିଳେ । ବାପା ଓ ମାଆ ମିଶିକରି ସେଠି କାମ କରନ୍ତି । ପରିବା ଅଧିକ ଫଳିଲେ ବାପା ତାକୁ ନେଇ ହାଟରେ ବିକେ। ଘର ପାଇଁ ସଉଦା, ଲୁଗାପଟା ସବୁ କିଣିଆଣେ । ତା' ପାଇଁ ଆଉ ତା' ସାନ ଭଉଣୀ ପାଇଁ ଖେଳଣା ଆଣେ । ଲଡୁ ଆଉ ନଡିଆ କୋରା ଆଣେ । ସନିଆଁ ଆଉ ତା ସାନ ଭଉଣୀ ମିଶି ଅଗଣାରେ ଖେଳନ୍ତି । ପ୍ରଜାପ୍ରତି ପଛରେ ଧାଇଁ ବୁଲନ୍ତି ।

ଗାଈର ବାଛୁରୀଟିଏ ହେଲେ ଦୁହେଁ ତାକୁ ଗେଲ କରନ୍ତି । ସନିଆଁ ଖାଉଥିବା ପିଠାରୁ ଖଣ୍ଡିଏ ସେଇ କୁନି ବାଛୁରୀଟିକୁ ଖୋଇଦିଏ । ଆଃ ! ସେ ଦିନ ସବୁ କେତେ ହସଖୁସିରେ ବିତୁଥିଲା ସତରେ। ସନିଆଁ ଆଖି ଓଦା ହୋଇଯାଏ ସେଇ ବିତିଲା ଦିନ କଥା ସବୁ ଭାବି ଭାବି । ଆଉ ଶୋଇ ପାରେନା। ସବୁ ଠିକଠାକ୍ ଚାଲିଥିବା ବେଳେ ହଠାତ୍ ଦିନେ ତା' ବାପାର ଦେହ ଖରାପ ହେଲା । ଜମା ଦୁଇ ତିନି ଦିନ ବିଛଣାରେ ପଡି ପଡି ବାପା ଚାଲିଗଲା ଆରପାରିକୁ । ତା' ବୋଉ,ସାନ ଭଉଣୀ ଓ ସିଏ ସମସ୍ତେ ମିଶି ଅନେକ କାନ୍ଦିଲେ ସିନା; ବାପା ଆଉ ଫେରିଲା ନାହିଁ । ସନିଆଁର ପାଠପଢା ବନ୍ଦ ହୋଇଗଲା । ସେ ଆଉ ସ୍କୁଲ ଗଲାନାହିଁ । ତା' ବୋଉ କହୁଥିଲା – ବାପା କୁଆଡେ ଆକାଶରେ ତାରା ହୋଇଯାଇଛି । ସନିଆଁ ସବୁ ରାତିରେ ଆକଶକୁ ଚାହେଁ । ମିଟିମିଟି କରୁଥିବା ସେଇ ସବୁ ତାରାଗଣଙ୍କୁ ଦେଖେ ସିନା ତା' ବାପାକୁ ଆଉ ଖୋଜି ପାଏ ନାହିଁ । ସେଇ କଥା ସବୁ ଭାବୁଭାବୁ ତା' ଆଖିରୁ ପୁଣି ଧାରଧାର ଲୁହ ବାହାରି ତା' ଗାଲ ଆଉ ଓଠ ଓଦା କରିଦିଏ । ଲୁଣିଆ ଲାଗେ । ସମୟ ଗଡୁଥାଏ । ସନିଆଁ ଧିରେ ଧିରେ ବଡହୁଏ । ତା' ପରେ ସନିଆଁ ପୁଣି ଲାଗିଯାଏ ତା' ବିଲ କାମରେ । ଯା ଭିତରେ ସାନ ଭଉଣୀର ବାହାଘର ଠିକ୍ ହୁଏ । ସାହୁକାରଠୁ ଟଙ୍କା ଧାର କରି ସନିଆଁ ସାନ ଭଉଣୀର ବାହାଘର ସାରିଦିଏ । ମରୁଡି ପାଇଁ ବିଲର ଅମଳ କମିଯାଏ ଆଉ ଧାର କରିଥିବା ଟଙ୍କା ସୁଝିବା ପାଇଁ ସନିଆଁ ଚାଲି ଆସେ ସୁରତ । ଲୁଗାକଳରେ କାମରେ ଲାଗିଯାଏ । କାମ ଭିତରେ ହଜିଯାଏ ସିନା ; ରାତିଅଧରେ ମଝିରେ ମଝିରେ ସିମିତି ସପନ ଦେଖେ । ଚମକି ଉଠେ । କିଏ ତାକୁ ଡାକେ ? କିଏ ତାକୁ ଫେରି ଆସିବାପାଇଁ କହେ ? ତା' ଭିଟାମାଟି ? ତା' ଗାଁ ? ନାଁ ତା'ର ନିଜର ମନ ? । ସନିଆଁ ବୁଝିପାରେନା ।

ସମସ୍ତଙ୍କୁ ଚମକାଇଦେଇ ଦିନେ ସନିଆଁ ଠିକ କଲା ସେ ଫେରିଆସିବ ତା ଭିଟାମାଟିକୁ । ତା ପରର ଘଟଣା ଅତି ସାଧାରଣ । ସନିଆଁ ଫେରି ଆସିଲା ତା ଗାଁ'କୁ । ସଞ୍ଚୟ କରିଥିବା ଟଙ୍କାରୁ କିଛି ଖର୍ଚ୍ଚକରି ଆଗେ ଦୁଇ ବଖରା ଘର ତିଆରି କଲା । ତା' ପରଠୁ ପୁଣି ମାଟିହୋଇ ଲାଗିଗଲା ମାଟି-ମାଆର ସେବାରେ । ନିଜ ଜମିରେ ସୁନାର ଫସଲ ଫଳାଇଲା । ବନ୍ଧୁବାନ୍ଧବ ମିଶି ତାକୁ ହାତକୁ ଦି'ହାତ କରିଦେଲେ । ସୁଲୀ ତା' ଘରକୁ ଆସିଲା ପରେ ସତରେ ବଦଳିଗଲା ସନିଆଁର ଜୀବନଧାରା । ତା' ମାଆ ପରି ସୁଲୀ ତାକୁ ତାର ସବୁ କାମରେ ତାକୁ ସାହାଯ୍ୟ କଲା । ସନିଆଁ ପୁଣି ନୂଆ ଜୀବନରେ ଅଭ୍ୟସ୍ତ ହୋଇ ଉଠିଲା। ଥରେ ଠିକ୍ କଲା ସୁଲୀକୁ ନେଇ ପୁରୀ ଦେଖାଇ ଆଣିବ । ତା' ବାପା ଥିଲାବେଳେ ଥରେ ସମସ୍ତେ ମିଶି ଯାଇଥିଲେ ପୁରୀ ।

ବାପା କହୁଥିଲା – ସାରା ସଂସାରର ମାଲିକ କୁଆଡେ କାଳିଆ – ସାଆନ୍ତ । ଶ୍ରୀଜଗନ୍ନାଥ । ସାନ ସନିଆଁର ସେ ସବୁ ବୁଝିବାର ବୟସ ହୋଇ ନଥିଲା । ତା' ବାପା କିନ୍ତୁ ଲମ୍ବହୋଇ ମୁଣ୍ଡିଆ ମାରିଥିଲା ଠାକୁରଙ୍କୁ । ଆଉ ତା' ବାପା ଆଖିରୁ ଧାର ଧାର ଲୁହ ବାହାରୁଥିଲା । ସନିଆଁ ବି ମୁଣ୍ଡିଆ ମାରିଥିଲା । ହାତ ଯୋଡିଥିଲା ।

ବାହାଘରର ବର୍ଷକ ପରେ ସୁଲୀକୁ ସାଙ୍ଗରେ ଧରି ସନିଆଁ ଆସିଲା ପୁରୀକୁ । ସୁଲୀକୁ ସାଙ୍ଗରେ ଧରି । କାଳିଆ ଠାକୁରଙ୍କୁ ମନ ପୁରାଇ ଦେଖିଲା । ତା' ଆଖିରୁ ବି ଲୁହର ଧାର ବାହାରୁଥିଲା । ଅଭଡା ଖାଇଲାବେଳେ ସୁଲୀ କହିଲା – 'ମୁଁ କାଳିଆ ସାଆନ୍ତଙ୍କୁ ପିଲାଟିଏ ମାଗିଲି, ଆଉ ତୁମେ କ'ଣ ମାଗିଲ ?'।

ସନିଆଁ ଆଖିରୁ ସିମିତି ଲୁହ ବାହାରୁଥିଲା । କୋହଭରା କଣ୍ଠରେ ସିଏ କହିଲା – 'ସୁଲୀଲୋ ! ମଣିଷ ଯେତିକି ସମୟ ନିଏ ନିଜ ଭବିଷ୍ୟତର ସପନ ଦେଖିବାକୁ ; ତା' ଠୁ ଯଥେଷ୍ଟ କମ ସମୟ ଲାଗେ ସେ ସପନସବୁ ଧୂଳିରେ ମିଶିବା ପାଇଁ। ମୁଁ କିଛି ବି ମାଗିଲି ନାହିଁ । ଆମ ଉପରେ ଖାଲି ଟିକେ ଦୟା ରଖିବା ପାଇଁ ନେହୁରା ହେଲି। ସବୁ ସେଇ କାଳିଆ ସାଆନ୍ତଙ୍କ ଇଚ୍ଛା । ତାଙ୍କ ଇଚ୍ଛା ପୂର୍ଣ୍ଣ ହେଉ । 'ସନିଆଁ ପିଲାଙ୍କ ପରି କାନ୍ଦୁଥିଲା ଆଉ ଦୁଇ ହାତ ଯୋଡି ବାରମ୍ବାର ମୁଣ୍ଡରେ ଲଗାଉଥିଲା ।

*ବଡ଼ଗଡ଼ ବ୍ରିଟ୍ କଲୋନୀ,*
*ଭୁବନେଶ୍ୱର*

# ପାଗଳ କିଏ ?

ହେମେନ୍ଦ୍ର ନାରାୟଣ ସେନାପତି

ଅପରାହ୍ନ ୪ଟା । କଟକ କଚେରୀ ଛକ ଲୋକାରଣ୍ୟ ହୋଇଉଠିଲାଣି । କଲିଜିଏଟ୍ ସ୍କୁଲ୍‌ର ପିଲାମାନେ ହସ ହସ ମୁଖରେ ଫାଟକ ବାହାରକୁ ପାଦ କାଢ଼ିଲେଣି । ସ୍କୁଲର ହତାକୁ ଲାଗିକରି ରହିଛି କ୍ରିମିନାଲ୍ କୋର୍ଟ, ବାର ଆସୋସିଏସନ୍ । ଜଣେ ଟ୍ରାଫିକ୍ ପୁଲିସ୍ ଭିଡ଼କୁ ନିୟନ୍ତ୍ରଣ କରିବା ଲାଗି ହ୍ୟୁସିଲ୍ ମାରିବାରେ ନିଜକୁ ବ୍ୟସ୍ତ କରିସାରିଲାଣି । ଏତିକି ବେଳେ ଟ୍ରାଫିକ୍ ପୋଲିସ୍ ଜଣକ ଚିତ୍କାର କରିଉଠିଲା– "ହଇହୋ ବାବୁ ! ନ ଦେଖିଲା ପରି ଆଗକୁ ମାଡ଼ିଯାଉଛ

କିଆଁ ? ସ୍କୁଲ୍ ପିଲାଏ ଆଗ ବାଟ କାଟି ଚାଲିଯାଆନ୍ତୁ, ତା'ପରେ ଗଲେ କ'ଣ କାମ ଚଳିବନି ? ପିଲାମାନଙ୍କ ସାଙ୍ଗରେ ତମେ ବି ପିଲା ହୋଇଯାଉଛ ବୋଧେ ?" ଲୋକଟି ସରମରେ ମୁଣ୍ଡ ତଳକୁ କରିନେଲା ।

ପନ୍ଦର-କୋଡ଼ିଏ ମିନିଟ୍‌ରେ ଝାଳବୁହା କସରତ ପରେ ଟ୍ରାଫିକ୍ ପୋଲିସ୍ ଜଣକ ହ୍ୟୁସିଲ୍ ମାରିବା କାର୍ଯ୍ୟରୁ ବିରତି ନେଲେ । ଗାଡ଼ି ଚଳାଚଳ ସ୍ୱାଭାବିକ ହେଲା । ଏସବୁ ଘଟଣାକୁ ପଲକ ପଡୁନଥିବା ଆଖିରେ ପ୍ରଶାନ୍ତ ଦେଖୁଥିଲା । ପିଲାମାନଙ୍କର ଚପଳାମି, ପିଠି ପଛରେ ବସ୍ତାନି ଏବଂ ମନ ଖୋଲା ହସରେ ନିଜକୁ ପ୍ରତିବିମ୍ବିତ କରୁଥିଲା ସେ । ସେ ବି ଦିନେ ପିଠି ବସ୍ତାନି ବୋହି, ଦାଗ ଲଗା ଜାମା ସହ, ଅସଜଡ଼ା କେଶ ସହ ବାପା ଦେଇଥିବା ହିରୋ ସାଇକେଲ୍ ଚଢ଼ି ଘରକୁ ଫେରୁଥିଲା ।

ପ୍ରଶାନ୍ତ ତା' ଭାବନାକୁ ସେଇଠି ବିରାମ ଦେଲା । ହାତ ଘଡ଼ିକୁ ଚାହିଁ ଦେଖିଲା ବେଳକୁ ଅପରାହ୍ନ ୫ଟା ହେବାକୁ ଅଳ୍ପ ସମୟ ବାକି ଅଛି । ଚମକି ପଡ଼ି ଆକାଶକୁ ଚାହିଁଲା ବେଳକୁ ସୂରୁଜ ନାଲି ସୁରୁଜ ବୁଣି ମେଲାଣି ଘେନିସାରିଲାଣି ଓ ସମୟର ଅଙ୍କକଷା ସୂତ୍ରଟି ବୁଝିବା ଭାରି କଷ୍ଟ; କେତେବେଳେ ଲାଗୁଛି ଏ ସମୟ କଚ୍ଛପ ଗତିରେ ଆଗକୁ ବଢୁଛି ତ ଆଉ କେତେବେଳେ ଲାଗୁଛି କ୍ଷିପ୍ରଗାମୀ ଅଶ୍ୱର ବେଗକୁ ଟପି ଯାଉଛି । ଜମି ବିବାଦ ଖଜଣା ପଇଠ କରିବା ଲାଗି ସେ ଛୁଟି ନେଇ ୩ ଦିନ ପାଇଁ କଟକ ଆସିଥିଲା । ସରକାରୀ କାର୍ଯ୍ୟାଳୟରେ ସବୁ କାମ ବିଳମ୍ବରେ ହେବା ଏକ ଚିରାଚରିତ ଘଟଣା । ସେଠାରେ ତିଳସ୍ୱରୂପ କାର୍ଯ୍ୟକୁ ତାଳ କରିବାରେ ସରକାରୀ କର୍ମଚାରୀମାନେ ପଛଘୁଞ୍ଚା ଦେଇନଥାନ୍ତି । ସେଥିଲାଗି ପ୍ରଶାନ୍ତ ଏ ଟେବୁଲ୍‌ରୁ ସେ ଟେବୁଲ୍‌କୁ ଧାଁ ଧପଡ଼ କରି ନୟାନ୍ତ ହୋଇସାରିବା ପରେ ତା'ର କାଗଜପତ୍ର କାମଟିକୁ ଶେଷ କରିରିଥିଲା । କାମ ଶେଷ କରିସାରିବାରେ ସେ ସିଧାସଳଖ ଘରମୁହାଁ ପାଦ ପକାଇଥାନ୍ତା, ହେଲେ ବାପା ବୋଉ ଦିହେଁ କହିଥିଲେ, ଯେ ଫେରିଲା ବେଳକୁ କଲେକ୍ଟର ଅଫିସ ସାମ୍ନାରେ ଥିବା ରାଜୁ ଠେଲାଗାଡ଼ିଠାରୁ ମିକ୍ସଚର ଆଣିବୁ । ଏତେଦିନରେ ସୁଦୂର ଦିଲ୍ଲୀରୁ କଟକ ଆସିଛି ସେ; ବାପା ବୋଉ କଥାକୁ କେମିତି ବା ଏଡ଼ାଇ ପାରିଥାନ୍ତା ! ସେଥିଲାଗି ତହସିଲ୍ ଅଫିସ୍‌ରୁ ବାହାରି ଲାଲ୍‌ବାଗ ଥାନା ଅତିକ୍ରମ କରି କଚେରୀ ଛକ ଦେଇ କଲିଜିଏଟ୍ ସ୍କୁଲ୍‌ର ମୁଖ୍ୟ ଫାଟକ ପାଖରେ ଛିଡ଼ା ହୋଇଯାଇଥିଲା ।

ସେଠାରେ ଛିଡ଼ା ହୋଇ ପିଲାମାନଙ୍କୁ ଦେଖୁ ଦେଖୁ ବେଳ ବି ଗଡ଼ିଗଲା । ସେଥିପାଇଁ ବଡ଼ ବଡ଼ ପାହୁଣ୍ଡ ପକାଇ ଏକମୁହାଁ ହୋଇ କଲେକ୍ଟର ଅଫିସ୍ ପାଖକୁ ଚାଲୁଛି । ଶୀତ ଦିନ । ଦିନ ଛୋଟ, ରାତି ବଡ଼; ସେଥିଲାଗି କଲିଜିଏଟ୍ ସ୍କୁଲର୍ ପାଚେରୀକୁ ଲାଗି କରି ରହିଥିବା ଉଠା ଦୋକାନୀମାନେ ଆଲୁଅ ଜାଳିଲେଣି । ଦୂରରୁ ରାଜୁ ଠେଲାଗାଡ଼ି ଦୃଶ୍ୟମାନ ହେଲାଣି । ପିଲାଦିନେ ବାପାଙ୍କ ହାତ ଧରି ସେ ବୁହବାର ଏଠାକୁ ଆସିଛି; ସେତେବେଳେ ଶାଳପତ୍ରରେ, ରାଜୁ ମଉସା ତା' ହାତକୁ ମିକ୍ସଚର୍ ପୁଡ଼ିଆଟିକୁ ବଢ଼ାଇ ଦେଉଥିଲେ । ଦୁଇବର୍ଷ ତଳେ ଏକ ଅଜଣା ବ୍ୟାଧିରେ ରାଜୁ ମଉସା ଗଙ୍ଗା ଲାଭ କଲେ । ସେବେଠାରୁ ତାଙ୍କର ଗୋଟିଏ ପୁଅ କୁଳ ବେଉସାକୁ ଆଦରି ନେଇଛି ।

ଜଗୁ କହିଲା, ପ୍ରଶାନ୍ତ ଭାଇ ଠିକ୍ ଚିହ୍ନିପାରିଚ । ସେ ପାଗଳ ।

ଏକଥାଗୁଡ଼ାକ ବୋଧେ ସେ ପାଗଳର କାନରେ ପଡ଼ିଗଲା, ଅରଣା ମଇଁଷି ପରି ମାଡ଼ି ଆସିଲା ସେ । ସେମାନଙ୍କ ମୁହଁକୁ ଆଖି ତରାଟି ଚାହିଁଲା, ତତ୍ପରେ ଏକ ବଚିତ୍ର ଢଙ୍ଗରେ ହସିବାକୁ ଲାଗିଲା । ଅବାଧ ଶିଶୁଟି ବେଳେବେଳେ ହସୁହସୁ ଚମକି ପଡ଼ିଲେ ଯେପରି ଚୁପ୍ ହୋଇଯାଏ, ସେପରି ଏ ପାଗଳଟିର ଉଚ୍ଚହାସ୍ୟ ମୌନତାରେ ପରିଣତ ହୋଇଗଲା । ଗମ୍ଭୀର ଆଖିରେ ପଚାରିଲା–

"ମୁଁ ପାଗଳ ! କ'ଣ କହିଲ, ମୁଁ ପାଗଳ? ମୁଁ ପାଗଳ ତେବେ ତୁମେମାନେ କ'ଣ ?

ଏତକି କହି ସେ ପାଗଳଟି ପୁନର୍ବାର ଉଚ୍ଚସ୍ୱରରେ ହସିବାକୁ ଲାଗିଲା । ପିଲାଟିର ଏତାଦୃଶ ଆଚରଣ ପ୍ରଶାନ୍ତ ପ୍ରତ୍ୟକ୍ଷ କରି ସ୍ତମ୍ଭୀଭୂତ ହୋଇଗଲା । ଏତିକିବେଳେ ଜଗୁ ପ୍ରଶାନ୍ତର ମୁଖମଣ୍ଡଳରେ ଉଦ୍‌ଭାସିତ ହେଉଥିବା ବିସ୍ମୟତାକୁ ଠଉରେଇ ପାରି କହିଲା– "ସେ ପାଗଳଟାକୁ କିଆଁ ଚାହୁଁଛ ?" ଶୀତ ଦିନଟା । ସେପେଟେ ଭାଉଜ ତୁମ ବାଟ ଚାହିଁ ବସିଥିବେ । ଏଇ ନିଅ ତୁମର ପୁଡ଼ିଆ ।"

ତହିଁ ଆରଦିନ ।

ପ୍ରଶାନ୍ତ ତା'ର ସ୍କୁଲ ବେଳର କେତେକ ସାଙ୍ଗମାନଙ୍କୁ ନେଇ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଅଫିସ୍ ସମ୍ମୁଖରେ ଚା' ଖଟିରେ ବିସିଛି । ପାଖରେ ଅନକଗୁଡ଼ିଏ କାଠର ଟେବୁଲ ଆଉ ଚଉକି ପଡ଼ିଛି । କଟକିଆଙ୍କର ଗୋଟେ ଭିନ୍ନ ଦସ୍ତୁର ! ସାଙ୍ଗମାନେ ଯେତେ ଦୂରରେ ଥାଆନ୍ତୁ ନା କାହିଁକି, ଯେତେବେଳେ ବନ୍ଧୁମିଳନଟା ହୁଏ ଏ ଚା ଖଟିମାନଙ୍କରେ । ଚା'ରେ ନଡୁଆ ବିସ୍କୁଟ୍‌କୁ ଡୁବାଇ ଡୁବାଇ ପ୍ରଶାନ୍ତ ଖାଉଥାଏ, ତତ୍‌ସହିତ ସାଙ୍ଗମାନଙ୍କ ସହ ବାର୍ତ୍ତାଳାପ କାର୍ଯ୍ୟକ୍ରମ ଚାଲୁ ରଖିଥାଏ । ଏତିକିବେଳେ ପ୍ରଶାନ୍ତର କର୍ଣ୍ଣପ...ହରେ ଗୁଞ୍ଜରିତ ହେଲା ଏକ ପରିଚିତ ସ୍ୱର– ପ୍ରଶାନ୍ତ ନାନା ଆଶା ଆଶଙ୍କାକୁ ମନ ମଧ୍ୟରେ ତୋଳି ଧରି ଚଳନ୍ତି ପାଦରେ ସେ ପାଗଳ ନିକଟକୁ ଗଲା ଏବଂ କୌତୂହଳ ସହକାରେ ପଚାରିଲା– "ବାବୁ ! ତୁମର ପରିଚୟ କ'ଣ ? ଆଉ ଏଠାରେ ପାଗଳଙ୍କ ପରି କିଆଁ ଘୁରି ବୁଲୁଛ ?!" ସେ ପାଗଳଟି ପୁନର୍ବାର ହସିବାକୁ ଲାଗିଲା । ପ୍ରଶାନ୍ତ ସେତେବେଳକୁ ହୃଦ୍‌ବୋଧ କଲାଣି ଯେ, ସେ ଗୋଟିଏ ପାଗଳ ସହ ବାର୍ତ୍ତାଳାପ କରିବା ବୃଥା ପ୍ରୟାସ କରି ସମୟର ଅପଚୟ କରୁଛି । ସେ ସେଠାରୁ ମୁହଁ ଫେରାଇ ଆଣି ଚାଲିଯିବାକୁ ବସିଥିବା ବେଳେ ପାଗଳଟି ତାକୁ କହିଲା– "ଭାଇ ତୁମେ ଆମ କୁଳବୃଦ୍ଧ ମଧୁସୂଦନ ଦାସଙ୍କୁ ଜାଣ ? ସେ ଏକଦା 'ସନ୍ତାନର ଉକ୍ତି'ରେ କ'ଣ କହିଥିଲେ ?

"ତୁ ପରା ବୋଲାଉ ଉତ୍କଳ ସନ୍ତାନ
ତେବେ କିମ୍ପା ତୁହି ଭୀରୁ ? ତୋହର ଜନନୀ
ରୋଦନ କରିଲେ
କହିବାକୁ କିମ୍ପା ଡରୁ ?"

ପୁନର୍ବାର ଏକ ଉଚ୍ଚହାସ୍ୟ...... । ପାଗଳ ମୁଖରୁ ଏ ପ୍ରକାରର ଉଦ୍‌ବୋଧନମୂଳକ ପଂକ୍ତିମାନ ସ୍ଫୁରିତ ହେବା ଦେଖି ତଟସ୍ଥ ହୋଇଗଲା । ଏତିକି ବେଳେ ୭୦ କି ୭୫ ବର୍ଷର ବୁଢ଼ାଟି ଆସି ପାଗଳ ନିକଟରେ ପହଞ୍ଚିଲା । ପୁଅ ବୋଲି ସମ୍ବୋଧନ କରି, ତା' ବାହୁକୁ ଧରି ନେଇଯିବାକୁ ଚେଷ୍ଟା କରୁଥାଏ । ପ୍ରଶାନ୍ତ ସେ ବୃଦ୍ଧ ଲୋକଟିକୁ ଦେଖି ନିଶ୍ଚିତ ହୋଇଗଲେ ଯେ, ସେ ନିଶ୍ଚୟ ଏ ପାଗଳଟିର ଆପଣା; ନଚେତ୍ ଏ ପାଗଳଟିକୁ ନେବା ଲାଗି ପ୍ରଚେଷ୍ଟା କାହିଁକି କରୁଛି ? ଏ ପାଗଳ ସମ୍ପର୍କିତ ଜିଜ୍ଞାସାକୁ ଦୂରୀଭୂତ କରିବା ଲାଗି ସେ ଧୀରେ ଧୀରେ ସମୟ ଗଡ଼ି ଚାଲେ, ହେଲେ ମୋ ପୁଅ ଛାତ୍ର ସମସ୍ୟାଗୁଡ଼ିକର ସମାଧାନ ଲାଗି ଆନ୍ଦୋଳନ କଲା । କେତେବେଳେ କଟକ କଲେକ୍ଟରଙ୍କ ସମ୍ମୁଖରେ ଅନଶନ, ଆଉ କେତେବେଳେ ସଚିବାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ । ଏପରି ରୀତିମତ ଚାଲିବାରୁ ମୋ ପୁଅ ଶାସକ ଦଳର ପ୍ରମୁଖ ଶତ୍ରୁ ବୋଲି ବିବେଚନା କରାଗଲା । ସେମାନେ ଧୀରେ ଧୀରେ ମୋ ପୁଅକୁ ଅକ୍ତିଆର କରିବା ଲାଗି ନାନା ପ୍ରଲୋଭନ ଦେଖାଇଲେ । ହେଲେ ମୋ'ପୁଅ ସେ ସବୁକୁ ଆଡ଼େଇ ଦେଇ ନିଜ କର୍ମ ପଥରୁ ବଚ୍ୟୁତି ନ ହେବା ଲାଗି ସଂକଳ୍ପବଦ୍ଧ ଥିଲା ।

ଏହି ଭୀଷ୍ମ ପ୍ରତିଜ୍ଞା କାଳ ରୂପ ଧାରଣ କରି ତା ସମ୍ମୁଖରେ ଉଭା ହେଲା । ଶାସକ ଦଳର ଶିବିରରେ ନେତାମାନଙ୍କ ମଧ୍ୟରେ ଚାଲିଲା କୁମନ୍ତ୍ରଣା, ଆର ମ୍ଭ ହେଲା ଷଡ଼ଯନ୍ତ୍ରର ପ୍ରକ୍ରିୟା..... ।

ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ସେମାନଙ୍କର ଦଳର ଲୋକମାନେ ବୋମାମାଡ଼ କଲେ । ସେଦିନ ରାତିରେ ଦୂରଦର୍ଶନ ଏକ ଖବର ପ୍ରସାରିତ ହେଲା । ପୋଲିସ୍ ବିଭାଗ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି । ସେମାନଙ୍କର ଦମ୍ଭୋକ୍ତି ଥିଲା ଯେ, ସେମାନେ ଖୁବ୍ ଶୀଘ୍ର ଓ ଘଟଣାର କାରଣ ଲୋକଲୋଚନକୁ ଆଣିବେ ଏବଂ ଅପରାଧୀକୁ ଅଳ୍ପ ଦିନର ବ୍ୟବଧାନ ମଧ୍ୟରେ କାରାଗାରରେ ଚାରିକାନ୍ଥ ଦେଖାଇବେ । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି, ସେମାନେ କହିବା ଅଳ୍ପ କେଇଦିନର ବ୍ୟବଧାନଟି ଅଳ୍ପ କେଇ ଘଣ୍ଟାରେ ପରିବର୍ତ୍ତିତ ହୋଇଗଲା । ଘଟଣା ଘଟିବାର ୩ ଘଣ୍ଟା ପରେ, ପୋଲିସ୍ ବିଭାଗ ବୋମାମାଡ଼ କରିଥିବା ଦୁଇ ଆତତାୟୀଙ୍କୁ ଗିରଫ କଲା । ଆମେ ସପରିବାର ଘରେ ବସି ପୋଲିସ୍‌ମାନଙ୍କୁ ସାବାସି ଦେଲୁ ।

ତା'ପରଦିନ ସକାଳ ବି ହୋଇନଥାଏ । ଅନ୍ଧାର ଅପସରି ଯିବାର ବେଳ ଆସିନଥାଏ । ଏତିକି ବେଳେ ଆମ ଘରର ମୁଖ୍ୟ ଫାଟକ ସମ୍ମୁଖରେ ଦୁଇଟି ପୁଲିସ୍ ଜିପ୍ ଆସି ପହଞ୍ଚିଲା । କେତେକଙ୍କ ହାତରେ ଥିଲା ରାଇଫଲ୍, ଆଉ କେତେକଙ୍କ ହାତରେ ଥିଲା ଲାଠି । ସକାଳୁ ସକାଳୁ ଘର ସମ୍ମୁଖରେ ଖାକି ପୋଷାକଧାରୀଙ୍କୁ ଦେଖି ମୁଁ ଆତଙ୍କିତ ହୋଇଗଲି । ଘଟଣା କ'ଣ ବୁଝିବା ଲାଗି ତଳକୁ ଯାଇ, ଫାଟକ ଖୋଲି ସେମାନଙ୍କ ପାଖକୁ ଗଲା ବେଳକୁ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ଗାଡ଼ି ଆସି ପହଞ୍ଚିଗଲା । ସେ ଗାଡ଼ିରୁ ବାହାରି ଆସି ସଙ୍ଗେ ସଙ୍ଗେ ମୋତେ ମୋ ପୁଅର ଆରେଷ୍ଟ ୱାରେଣ୍ଟଟିକୁ ଦେଲେ । ଆରେଷ୍ଟ୍ ୱାରେଣ୍ଟ୍‌ଟିକୁ ଦେଖି ମୋ ପାଦ ତଳୁ ମାଟି ଖସିଗଲା । ଏହାପରେ ସେ ଅଶୋକ ସ୍ତମ୍ଭ ଚିହ୍ନଧାରୀ ପୋଲିସ୍ ଅଧିକାରୀ ଜଣକ କହିଲେ– "ଗତକାଲି ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ହୋଇଥିବା ବୋମାମାଡ଼ ଅପରାଧରେ ଆମେ ଦୁଇଗୋଟି ଅପରାଧୀଙ୍କୁ ଆରେଷ୍ଟ କରିପାରିଥିଲୁ । ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତମାରାଥନ୍ ଜେରା କରିବା ପରେ, ସେମାନେ ଦେଇଥିବା ବୟାନ ଅନୁଯାୟୀ ଆପଣଙ୍କ ପୁଅ ହିଁ ଏ ଘଟଣାର ମୁଖ୍ୟ ଅଭିଯୁକ୍ତ ବୋଲି ପ୍ରମାଣିତ ହୋଇଛି । ଏ ସମସ୍ତ ଘଟଣା ତାଙ୍କରି ପ୍ରରୋଚନାରେ ହିଁ ହୋଇଛି ।"

*ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ*
*ଦୂରଭାଷ- ୯୪୩୯୦୪୪୧୦୮*

## ବିଚିତ୍ର ସଂସାର

ତ୍ରିପୁର ମୋହିନୀ ଶତପଥୀ

ସ୍ୱପ୍ନତୁମେ,
ଆସୁଛ ଆଗନ୍ତୁକ ସାଜି
ବିରାଜୁଛ ଚକ୍ଷୁରେ
ପ୍ରତିମୂର୍ତ୍ତି ଭାବେ
ନିମିଷକେ ବାସ୍ତବ ଅଶ୍ରୁରେ
ଲୀନ ହୋଇ ଝରିଆସ
ଚିବୁକର ପଥେ । ।

ପ୍ରକୃତିସ୍ଥ ହୋଇପଡେ ଚିରାଫଟା ହୃଦୟଟା
ଫାଙ୍କ ଦେଇ ଝରିପଡେ ବିଗତ ସ୍ମୃତିର ବୀଭତ୍ସ ଲହୁ
ନିରବତା ମଧ୍ୟ ଶୁଣେ ଚିତ୍କାର ବୁକୁ ଫଟା
ଅସହ୍ୟ ଯନ୍ତ୍ରଣାରେ ଛଟପଟ ହୁଏ
ଅମାନିଆ ଲୁହ
ପିଉଥାଏ ଶୋଷିଲା ତକିଆ । ।

ଶୁଭେ ଉଠି ଶଙ୍ଖ ଧ୍ୱନି
ଘଣ୍ଟିର ଶବ୍ଦ ଆଉ ମନ୍ତ୍ର ଉଚ୍ଚାରଣ
ପକ୍ଷୀର କାକଳିରେ ଭାଙ୍ଗେ
ସୁରୁଜର ସେ ଅଚିନ୍ତା ନିଦ
କଅଁଳ ଖରାରେ ଝିଲମିଲ୍ କୋଠରୀ
ଶିଶିର କାକର ତୋଳିବାକୁ
ଡାକେ ହାତ ଠାରି । ।

ଦର୍ପଣରେ ନିଜକୁ ମୁଁ ସଜାଡିଦିଏ
ଏ କ'ଣ,
ଦେହ ମୁହେଁ ଲାଗିଛି ପଙ୍କ କାଦୁଅର ଦାଗ
ଯିବା ପାଇଁ ପାଦେ ପଡିଯାଏ ମନର ଶିକୁଳି
ହଠାତ ସାଜିଯାଏ ଏକ ଅଥର୍ବ ମଣିଷ
ସମାଜକୁ ସାମନା ପାଇଁ
ନାହିଁ ଶକ୍ତି କି ସାହସ । ।

ଭାବେ ପୁଣି,
ସାଜିଯିବି ଯଦି ମୁଁ ସଂସାରୀ ଯୋଗୀ
ପିଇଯିବି ସବୁ ବିଷ ନୀଳକଣ୍ଠ ସାଜି
ଜଟାରେ ଧରିଥିବି ଗଙ୍ଗା ପଉନର ବୋଝ
ଜଳାଧାରେ ଲିଭିବା ପାଇଁ
ପଙ୍କ କାଦୁଅର ଦାଗ
କର୍ଣ୍ଣେ ଶୁଣି ସଦା କଣ୍ଠେ ଛନ୍ଦା
ବିଷଧରର ସୁସୁ ଫୁଙ୍କାର
ଯୋଗନିଦ୍ରାରେ ନିଜକୁ ହଜାଇ
ଦିବ୍ୟ ଦୃଷ୍ଟେ ଦେଖୁଥିବି
ବିଚିତ୍ର ସଂସାର । ।

*ଝାରପଡା, ଭୁବନେଶ୍ୱର*
*ମୋ- ୭୦୦୮୩ ୯୫୮୯୯*

## ଗୋଟେ ଗୋଲାପ ଦେବ ଗୋ' ଥୋଇ

ଅକ୍ଷୟ କୁମାର ରାଉତ

ଯେବେ ମନେପଡ଼ ତୁମେ ଗୋ'ଯେବେ
ଉଜାଣି ବହିଛି ନଈ
ପାଣି ପଣତରେ ଥାଏ ଗୋ'ଅଧା
ଉଜୁଡା ଅତୀତ ଛାଇ ।

କରିଛି ଯେତେ ମୁଁ ମନା ଗୋ' କାହିଁ
ନିଦରେ ଆସୁଛ ମୋର
ସେତେକରି ତୁମେ ନିତି ଗୋ'ମୋର
ସପନକୁ ଖାଲି ଜାଳ ।

ତମେ ଗଲାପରେ ସାଥି ଗୋ' ମୋର
ଜଳିଅଛି ଉପବନ
ଏଇ ପଥଦେଇ କେବେ ଗୋ' ଆଉ
ଫେରିନାହିଁ କୁହୁତାନ ।

ଜୀବନର ଏଇ ଘର ମୋ'ଏବେ
ଅଶୋଭିତ ଅଛପର
କେତେ ନିରିଜନ ତା'ରେ ଗୋ'ଖାଲି
ତମବିନା ଭରପୁର ।

ଏହିପରି ବୋଧେ ପ୍ରେମ ଗୋ' ଯାର
ଜଳିବାରେ ଥାଏ ସୁଖ
ତେଣୁକରି ତୁମେ ଥାଅ ଗୋ' ଛୁଇଁ
ପାହାଡ଼ର ଆରପାଖ ।
ଯେବେ ଏ ପ୍ରେମିକ ଦିନେ ଗୋ'ଚିର
ନିଦରେ ଯିବଗୋ' ଶୋଇ
ଲୁହଟୋପେ ପଛେ ନ'ଢ଼ାଳହେଲେ
ସମାଧି ଉପରେ ମୋରଗୋଟେ
ଗୋଲାପ ଦେବ ଗୋ' ଥୋଇ ।।

*ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର*
*ମୋ- ୯୯୩୭୬୯୧୪୭୫*

## ଆଧୁନିକ ମନ୍ଥରା

ସୁଜାତା ରାଣୀ ଶତପଥୀ

ଚାଲୁଣି ହୋଇଛି ଆଧୁନିକ ମନ୍ଥରା
ଛୁଞ୍ଚିକୁ ତିଆରି ଖୋଲେ ଗୁଣ ପସରା । (୧)
ନିଜର ବିନ୍ଧକୁ ନ ଦେଖି ପାରଇ
ପର ଦୋଷ ଦେଖି କ୍ରିୟାଶୀଳ ହୁଅଇ । (୨)

ବଡ ଘର ତା'ର ବହୁ ଗୁମର କଥା
ଊଣା ସମସ୍ୟାକୁ ଦେଖି ଘୂରଇ ମଥା । (୩)
ତୃତୀୟ ଲୋକକୁ ଆପେ ପ୍ରବର୍ତ୍ତକ୍ଷଇ
ଚାହେଁ ଛୁଞ୍ଚିକୁ ହୀନସ୍ତା କରିବା ପାଇଁ । (୪)

ତୃତୀୟ ଲୋକର ଦେଖି ଜ୍ଞାନ ଦୁର୍ବଳ
ବିବେକ ହୀନେ ମନସ୍ତ କରେ ସବଳ । (୫)
ସବଳ ଜ୍ଞାନରେ ଥିଲେ ତୃତୀୟ ବ୍ୟକ୍ତିତ୍ୱ
ଚାପଡ଼ା ଦିଅନ୍ତା ତା'ର କହି ସତୀତ୍ୱ । (୬)

ନିଜ ଇଜତକୁ ପାଖେ ନ ରଖି ପାରି
ଛୁଞ୍ଚି ପାଖେ ଦେଖାଉଛି ଗୁଣ ସଂସାରୀ । (୭)
ଛୁଞ୍ଚି ସହିଗଲା ଦୁଃଖେ ଅନେକ ଦିନ
ଅସହ୍ୟରୁ ଆରମ୍ଭ କଲା ଅଭିଯାନ । (୮)

କହିଲା ଜାଲି ଲୋ ତୋର ଘୋଡା ଶରୀର
ତା ପରେ ଦେଖିବୁ ଏକ ଛିଦ୍ର ମୋହର । (୯)
ଅଦୃଶ୍ୟ ସଦୃଶ୍ୟ ମୋର ସମସ୍ୟା ଘଣ୍ଟି
ଖାଲିରେ ଶୁଖାଉ ତୋର କାହିଁକି ତଣ୍ଟି । (୧୦)

ସୂତା ଖିଅ ପାଇଁ ନାହିଁ ଭଲରେ ଫାଙ୍କ
ମୋ ପାଇଁ ଗଢୁଛୁ ତୁହି କାହିଁକି ପଙ୍କ । (୧୧)
ତୋ ଦେହେ ଯାଉଛି ଦେଖି ସବୁ ଜିନିଷ
ଆଚ୍ଛାଦିତ କରି ଆଦ୍ୟ ଲୁଚାଲୋ ଦୋଷ । (୧୨)

ତା ପରେ ଦେଖିବୁ ମୋର ଗୋଟିଏ ଛିଦ୍ର
ତାହା ନ ଦେଖିବୁ ଆପେ ହୋଇଲେ ଭଦ୍ର । (୧୩)
ଅଭଦ୍ର ମୁଖେ ରହିଲେ ଉପଦେଶ ଭାଷା
ସର୍ବତ୍ର ହୋଇବ ଜାଣି ଜାଣି ଲୋକହସା । (୧୪)

*ଶିକ୍ଷୟିତ୍ରୀ, ଦିଗପହଣ୍ଡି*
*ଦିଗପହଣ୍ଡି*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଓଡ଼ିଶା ଭାସ୍କର
ରାଜ୍ୟ ଖବର



ବାରିପଦା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମୁର୍ଗାବାଡି ସ୍ଥିତ ଆରତୀ ବିଦ୍ୟା ମନ୍ଦିର ପ୍ରାଥମିକ ବିଦ୍ୟାଳୟ ପରିସରରେ ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ସେକ୍ସନ ଅଫିସର ପତିତପାବନ ମହାପାତ୍ରଙ୍କ ଅବସରପ୍ରାପ୍ତି ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ଭାଗବତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ନଳିନୀକାନ୍ତ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତପସ୍ୱିନୀ ଦାଶ, ଡ଼ ସ୍ନେହଲତା ବେହେରା ଓ ବ୍ରଜମୋହନ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ମହାପାତ୍ରଙ୍କ କାର୍ଯ୍ୟଦକ୍ଷତା ଉପରେ ଗୁଣଗାନ କରିଥିଲେ। ସମସ୍ତ ସିଆରସିସି, ଶିକ୍ଷକଶିକ୍ଷୟିତ୍ରୀ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ମହାପାତ୍ରଙ୍କ ସମୟାନୁବର୍ତ୍ତିତା, କାର୍ଯ୍ୟଦକ୍ଷତା ଓ ଉତ୍ତମ ବ୍ୟବହାର ତାଙ୍କୁ ଜଣେ ସଚ୍ଚୋଟ ଅଫିସର ଭାବେ ତାଙ୍କର କାର୍ଯ୍ୟଶୈଳୀ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇ ରହିବ ବୋଲି ପ୍ରକାଶ କରିଥିଲେ। ଶେଷରେ କାର୍ଯ୍ୟାଳୟ, ଜିଲ୍ଲା ତଥା ବ୍ଲକ ସଂଘ, ସିଆରସିସି ଓ ଶିକ୍ଷକଶିକ୍ଷୟିତ୍ରୀ ତାଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିବା ପରେ ଏକ ଶୋଭାଯାତ୍ରାରେ ତାଙ୍କୁ ନିଜ ବାସଭବନ ପର୍ଯ୍ୟନ୍ତ ଯାଇ ବିଦାୟ ଦେଇଥିଲେ।



## ଚନ୍ଦାହାଣ୍ଡି ବନ୍ଦ ଡାକରା



ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଗତକାଲି ନବରଙ୍ଗପୁର ବିଜେପି ସାଂସଦ ବଳଭଦ୍ର ମାଝୀଙ୍କ ପ୍ରତିନିଧି ତଥା ସାଂସଦଙ୍କ ନିଜ ଭାଇ ବସନ୍ତ ମାଝୀ ଏବଂ ଝରିଗାଁ ବିଧାୟକ ବିଜେପି ନରସିଂହ ଭତ୍ରାଙ୍କ ପ୍ରତିନିଧି ପ୍ରତାପ ବାଘଙ୍କ ମଧ୍ୟରେ ହାତାହାତି ଓ ମାରପିଟର ଘଟଣା ପରେ ଶନିବାର ଚନ୍ଦାହାଣ୍ଡି ନାଗରିକ ମଞ୍ଚ ଓ ଗାଣ୍ଡା ଦଳିତ ସମାଜ ପକ୍ଷରୁ ଚନ୍ଦାହାଣ୍ଡି ବନ୍ଦ ଡାକରା ଦିଆଯାଇଛି। ଶନିବାର ସକାଳୁ ପିକେଟିଂ କରି ଦୋକାନବଜାର ବନ୍ଦ କରିବା ସହ ସାଂସଦ ବଳଭଦ୍ର ମାଝୀ ଏବଂ ତାଙ୍କ ପ୍ରତିନିଧି ବସନ୍ତ ମାଝୀଙ୍କ କୁଶପୁତ୍ତଳିକା ଦାହ କରିବା ସହ ସହରରେ ଲାଗିଥିବା ହୋର୍ଡିଂରୁ ସାଂସଦ ବଳଭଦ୍ର ମାଝୀ ଏବଂ ପ୍ରତିନିଧି ବସନ୍ତ ମାଝୀଙ୍କ ଫୋଟୋ କାଟିଦେଇଥିବା ଦେଖିବାକୁ ମିଳିଥିଲା। ବଳଭଦ୍ର ମାଝୀଙ୍କ ଏହା ଦାଦାଗିରି କହିବା ସହ ଏମିତି କାର୍ଯ୍ୟରୁ ନିବୃତ୍ତ ରହିବାକୁ ଦାବି କରିଛନ୍ତି ଚନ୍ଦାହାଣ୍ଡି ନାଗରିକ ମଞ୍ଚ। ପ୍ରତାପ ବାଗ ଜଣେ ଦଳିତ ଶ୍ରେଣୀରୁ ଆସିଥିବା ଯୋଗୁଁ ଚନ୍ଦାହାଣ୍ଡି ଦଳିତ ସମାଜ ପକ୍ଷରୁ ବିରୋଧ କରି ୨୪ଘଣ୍ଟା ମଧ୍ୟରେ ଦାଷୀଙ୍କୁ ଗିରଫ କରାଯାଉ ବୋଲି ଥାନାରେ ଏକ ଏତଲା ଦେଇଛନ୍ତି। ଏହିଠାରେ ସୂଚନା ଯୋଗ୍ୟ ଯେ ଗତ କାଲି ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ ସମିତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ସରିବା ପରେ ବିଧାୟକଙ୍କ ପ୍ରତିନିଧି ପ୍ରତାପ ବାଘ ବ୍ଲକରୁ ଫେରିବା ସମୟରେ ସାଂସଦଙ୍କ ଭାଇ ତଥା ତାଙ୍କ ବ୍ଲକ ପ୍ରତିନିଧି ବସନ୍ତ ମାଝୀ ଏବଂ ସମର୍ଥନ ମାନେ ପ୍ରତାପଙ୍କୁ ମାଡ଼ ମାରିଥିବା ସହ ଗୋଣ୍ଡଗଳ ହୋଇଥିଲା। ତେବେ ଏହି ସମ୍ପର୍କରେ ଉଭୟ ପକ୍ଷରୁ କାହାର ପ୍ରତିକ୍ରିୟା ମିଳିନାହିଁ।

## ହାତୀ ଉପଦ୍ରବ ନିରୋଧୀ ଉପକରଣ ବଣ୍ଟନ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ତେଲକୋଇ ବନାଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ବହୁ ଧନଜୀବନ ନଷ୍ଟ ହେଉଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଓ ଶ୍ରମ ବିଭାଗ ମିଳିତ ସହଯୋଗରେ ହାତୀ ଉପଦ୍ରବ ନିରୋଧି ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଓ ଶ୍ରମ ବିଭାଗର ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଦ୍ୱାରା ହାତୀ ଉପଦ୍ରବ ନିରୋଧି ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ବିଧାୟକ ଡାକ୍ତର ଫକୀର ମୋହନ ନାୟକ, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ପି ରାମାସ୍ୱାମୀ ଅନ୍ତର୍ଭୁକ୍ତ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବନବିଭାଗ ପକ୍ଷରୁ ୧୩ ଜଣଙ୍କୁ ମୃତ୍ୟୁକାଳୀନ ତେଲକୋଇ ବନାଞ୍ଚଳ ଅଧୀନରେ ହାତୀଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ୨୦୦ ପରିବାରଙ୍କୁ ଶସ୍ୟ ପାତ୍ର ରଖିବା ପାଇଁ ଷ୍ଟିଲ



ନିର୍ମିତ (ବାକ୍ସ), ୨୦୦ଜଣଙ୍କୁ ଟର୍ଚ୍ଚ ଲାଇଟ, ୨୭ଟି ସୋଲାର ଲାଇଟ, ଦୋକଲାପାଳ ବନ ସୁରକ୍ଷା ସମିତିକୁ ଏକ ଧାନ ଅଳନ ଥ୍ରେସର ମେସିନ୍ ଓ ୧୦ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀଙ୍କୁ ୫୦ହଜାର ଅର୍ଥ ରାଶି ଋଣ ସହାୟତା ଅତିଥିମାନେ ବଣ୍ଟନ କରିଥିଲେ। ସେହିପରି ଜିଲ୍ଲା ଶ୍ରମବିଭାଗ ପକ୍ଷରୁ ୧୩ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା, ବାହାଘର ପାଇଁ ୩୫ଜଣଙ୍କୁ ସହାୟତା ଓ ୧୦୦ ଜଣଙ୍କୁ ଲେବର କାର୍ଡ଼ ଅତିଥିମାନେ ପ୍ରଦାନ କରିଥିଲେ। ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ, ଜିଲ୍ଲା ଶ୍ରମ କମିଶନର ସୂର୍ଯ୍ୟ ନାରାୟଣ ମାଳି, ଶ୍ରମ ବିଭାଗର ଆକାଶ ବିଶୋଇ, ଭରତ କୁମାର ଦାସ, ଜିଲ୍ଲା ପରିଷଦ ସଭ୍ୟ କେଦାର ପ୍ରଧାନ, ଛଇଳକାଣ୍ଟା ନାୟକ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସାମିଲ ରହିଥିଲେ। ଏହି କାର୍ଯ୍ୟକ୍ରମରେ ତେଲକୋଇ ରେଞ୍ଜର ଶିବାଜୀ ମୋହନ ରାଓ, ବନପାଳ ମଳୟ କୁମାର ଜେନା, ପ୍ରମୋଦ ବେହେରା, ପୁଷ୍ପଲତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ତାଳପଦା ୟୁଜିଏମଇ ସ୍କୁଲର ବାର୍ଷିକ ଉତ୍ସବ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ତାଳପଦା ସରକାରୀ ୟୁଜିଏମଇ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ଶତପଥୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଜୟଶ୍ରୀ ବେହେରା, ମୁଖ୍ୟବକ୍ତା ଭାବେ ସମିତିସଭ୍ୟ ତଥା ଆଇନଜୀବୀ ଚିନ୍ମୟୀ ଦାସ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ହରିକୃଷ୍ଣ ପାଣିଗ୍ରାହୀ, ସମାଜସେବୀ ବାଳିକଲ୍ୟାଣ ମହାପାତ୍ର, ପୂର୍ବତନ ପ୍ରଧାନଶିକ୍ଷକ ଶ୍ରୀକାନ୍ତ ପତି ପ୍ରମୁଖ ଯୋଗ ଦେଇ ସ୍କୁଲର ବାର୍ଷିକ ଉତ୍ସବ ପିଲାମାନଙ୍କର ଅନ୍ତରର ସୃଜନ୍ତୁ ମନେ ପକାଇଥାଏ ବୋଲି କହିଥିଲେ। ଶେଷରେ ଶିକ୍ଷକ ତାପସ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଆଶିଷ କୁମାର ସାହୁ, ରଶ୍ମିରେଖା ମହାପାତ୍ର, ସରସ୍ୱତୀ ସେଠୀ, ଏସଏମ ଯୋଗିକ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ପରିଚାଳନା କମିଟିର ରାମାରାଣୀ ସ୍ୱାଇଁ, ଗୀତାଞ୍ଜଳି ବେହେରା, ସୁବାସିନୀ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାପାତ୍ର, ମାନସୀ ଜେନା, ସଞ୍ଜୟ ରାଉତ, ପ୍ରକାଶ ଦାସ, ପଦ୍ମଲୋଚନ ଦାସ, ଶଙ୍କର୍ଷଣ ଜେନା, ପିଙ୍କି ଦାସ ନିରଞ୍ଜନ ସାହୁ, ଓ୍ୱାର୍ଡସଭ୍ୟ ବୈତନ୍ୟ ବେହେରା, ପାଚିକା ଲକ୍ଷ୍ମୀ ଜେନା ଓ ସରସ୍ୱତୀ ଜେନା ଉପସ୍ଥିତ ରହି ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



## ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ମହାବିଦ୍ୟାଳୟରେ ପ୍ରାୟ ୩୪ ବର୍ଷ ନିରନ୍ତର ଅଧ୍ୟାପନା କାର୍ଯ୍ୟ ପରେ ଚାକିରିରୁ ଅବସର ନେଇ ଥିବା ଏହି ଅଞ୍ଚଳର ସୁନାମଧନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନ ବ୍ରଜରାଜନଗର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର ରଞ୍ଜନ ନାୟକଙ୍କୁ ମହାବିଦ୍ୟାଳୟ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଦାୟିତ୍ୱ ନେଉଥିବା ବରିଷ୍ଠ ପ୍ରାଧ୍ୟାପକ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ, ଏକାଉଣ୍ଟ୍ ବର୍ଷର ବିକାଶ ନାୟକ, ବାଣିଜ୍ୟ ବିଭାଗ ମୁଖ୍ୟ ବିକ୍ରମ ପ୍ରଧାନ, ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀକର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସମୀର ରଞ୍ଜନ ନାୟକଙ୍କ ଏହି ମହାବିଦ୍ୟାଳୟରେ ଅଧ୍ୟାପନା ସେବାକୁ ପ୍ରଶଂସା କରିବା ସହ ଗତ ଏକବର୍ଷ ୮ ମାସର ତାଙ୍କ ଅଧ୍ୟକ୍ଷ କାର୍ଯ୍ୟକାଳକୁ ମହାବିଦ୍ୟାଳୟ ପ୍ରଗତିରେ ଏକ ସୁବର୍ଣ୍ଣ ଯୁଗ ବୋଲି ବର୍ଣ୍ଣନା କରିଥିଲେ। ସଭାରେ ବହୁ ଅଧ୍ୟାପକଅଧ୍ୟାପିକା ତଥା କର୍ମଚାରୀ ବିଦାୟୀ ଅଧ୍ୟକ୍ଷ ନାୟକଙ୍କ ସମ୍ପର୍କରେ ନିଜନିଜ ବକ୍ତବ୍ୟ ରଖି ତାଙ୍କ ଜୀବନର ମହତ୍ ଗୁଣର ଭୂୟସୀ ପ୍ରଶଂସା କରି ଜଣେ କର୍ତ୍ତବ୍ୟନିଷ୍ଠ ଓ ଛାତ୍ର ପ୍ରେମୀ ଅଧ୍ୟାପକଙ୍କ ଅବସର ମହାବିଦ୍ୟାଳୟ ପାଇଁ ଏକ ଶୂନ୍ୟସ୍ଥାନ ବୋଲି କହିଥିଲେ। ସଭାକୁ ବରିଷ୍ଠ ଅଧ୍ୟାପିକା ପଦ୍ମାବତୀ ମହାପାତ୍ର ସଂଯୋଜନା କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀଙ୍କ ତରଫରୁ ବିଦାୟୀ ଅଧ୍ୟକ୍ଷଙ୍କୁ ଉପଢୌକନ, ପ୍ରଶଂସା ପତ୍ର ତଥା ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ବିଦାୟ ସ୍ମୃତି ପାଇଁ କଲେଜ ପରମ୍ପରା ଅନୁଯାୟୀ ବିଭିନ୍ନ ଉପହାର ମଧ୍ୟ ପ୍ରଦାନ କରାଯାଇଥିଲା। ସଭାରେ ବିଦାୟୀ ଅଧ୍ୟକ୍ଷ ନାୟକଙ୍କ ଧର୍ମପତ୍ନୀ ସରିତା ନାୟକ ତଥା ପୁଅ ଆଶିଷ ନାୟକ ମଧ୍ୟ ଉପସ୍ଥିତ ରହିଥିଲେ।

## ଦ୍ୱାଦଶତମ ଗ୍ରାମେଶ୍ୱର ମହୋତ୍ସବ

ଡେରାବିଶ, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ବ୍ଲକ୍ ଯମଧର ପଞ୍ଚାୟତ ଅନ୍ତର୍ଗତ ଜଷ୍ଟିଲୋ ସ୍ଥିତ ଗ୍ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପବିତ୍ର ଜାଗର ଅବସରରେ ଦ୍ୱାଦଶତମ ଗ୍ରାମେଶ୍ୱର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଅବସରପ୍ରାପ୍ତ ରାଜସ୍ୱ ଅଧିକାର ତଥା ମହୋତ୍ସବ କମିଟିର ସଭାପତି ରବିନ୍ଦ୍ର ବାରିକ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ କୃଷି ବୈଜ୍ଞାନିକ ଡ. ତାପସ ରଞ୍ଜନ ସାହୁ ଯୋଗଦେଇ ବିଜ୍ଞାନକୁ ଜୀବନର ସବୁ କ୍ଷେତ୍ରରେ ସଦୁପଯୋଗ କରିବାର କଳା କୌଶଳ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବରେ ବାଙ୍କି ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ତଥା ପରୀକ୍ଷା ନିୟନ୍ତ୍ରକ ପଣ୍ଡିତ ଡ. ମୂରଲିଧର ରଥ ଯୋଗଦେଇ ଗୁରୁଜନ ଓ ଶିକ୍ଷକମାନେ ପିଲାମାନଙ୍କର ମନସ୍ତତ୍ୱକୁ ଭଲ ଭାବରେ ପଢ଼ି ତାଙ୍କ ଆଗ୍ରହକୁ ଗୁରୁତ୍ୱ ଦେଇ ଶିକ୍ଷାଦାନ କରିବା ଉଚିତ୍ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଆରକ୍ଷୀ ଅଧିକ୍ଷକ ନାରାୟଣ ବାରିକ, ଯମଧର ସରପଞ୍ଚ ରାଜକିଶୋର ଖୁଣ୍ଟିଆ, ବିନୋଦ ବିହାରୀ ସାହୁ ସମ୍ମାନିତ ଅତିଥିଭାବରେ ଯୋଗଦେଇଥିଲେ। କମିଟି ସମ୍ପାଦକ ମନୋଜ କୁମାର ବାରିକ ସମ୍ପାଦକୀୟ ତଥା ବାର୍ଷିକ ବିବରଣୀ ପାଠ କରିଥିଲେ। ମଦନ ମୋହନ



ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଭବାନୀଶଙ୍କର ବାରିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜଷ୍ଟିଲୋର ଫ୍ୟୁଚର ଲର୍ଣ୍ଣିଂ ଏକାଡେମୀର ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଶଣ କରିଥିଲା ବେଳେ ମଧୁସ୍ମିତା ବେଜ୍ ଓଡ଼ିଶୀ ନୃତ୍ୟ ପରିବେଶଣ କରିଥିଲେ। ଏହି ଅବସରରେ ଅତିଥିମାନେ ସ୍ଥାନୀୟ ଅଞ୍ଚଳର ଗଜେନ୍ଦ୍ର କୁମାର ମହାନ୍ତି, ଆକୁଳାନନ୍ଦ ଲେଙ୍କା, ଶୁଭଶ୍ରୀ ବାରିକ, ହେମନ୍ତ କୁମାର ପତି, ଭବାନୀ ଶଙ୍କର ବାରିକ ପ୍ରମୁଖଙ୍କୁ ସମାଜସେବା ପାଇଁ ଗ୍ରାମେଶ୍ୱର ସମାଜସେବା ସମ୍ମାନରେ ସମ୍ମାନିତ କରିଥିଲେ। ସେହିପରି ଶିକ୍ଷାକ୍ଷେତ୍ରରେ ବିଶେଷ ପାରଦର୍ଶିତା ପାଇଁ ଶୁଭେନ୍ଦୁ କୁମାର ବେହେରା, ଶିକ୍ଷୟିତ୍ରୀ ଶିଳା ସାହୁ, ଶିକ୍ଷକ ମନମୋହନ ସାହୁଙ୍କୁ ଗ୍ରାମେଶ୍ୱର ଶିକ୍ଷା ସମ୍ମାନ ଏବଂ ଗାୟକ ଗଗନ ବିହାରୀ ସିଂ, ଜ୍ୟୋତିଷ ବିଶାରଦ ଜଗନ୍ନାଥ ନାୟକ, କ୍ଷୁଦ୍ରଚାଷୀ ଗୌରାଙ୍ଗ ପ୍ରଧାନ, ସଂଗ୍ରାମୀ ମହିଳା ବନିତା ଲତା ସାହୁ, ରୋଜାଲିନ ବାରିକ, ମମତାମୟୀ ପ୍ରିୟଦର୍ଶିନୀଙ୍କୁ ଓ ସ୍ୱେଚ୍ଛାସେବୀ ସୌମ୍ୟରଞ୍ଜନ ସାହୁଙ୍କୁ ସମାଜରେ ବିଭିନ୍ନ କ୍ଷେତ୍ରରେ କାମ କରି ଆସୁଥିବାରୁ ତାଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପ୍ରତାପ ଚନ୍ଦ୍ର ସାହୁ ଓ ବୈରାଗୀ ଚରଣ ସାହୁଙ୍କ ସୌଜନ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀ ବଡ଼ଗାଁ ୟୁଜି ଗ୍ରୁପ ଡ୍ୟାନ୍ସ (ନୃତ୍ୟ), ରତ୍ନାକର ହାଇସ୍କୁଲ (ଗୀତ), ଟିଏସ୍ ଗୁରୁକୂଳର ନିତିଶ କୁମାର ଷଡ଼ଙ୍ଗୀ, ସୌମ୍ୟଶ୍ରୀ ସାହୁ, ମଡର୍ଣ୍ଣ ପବ୍ଲିକ ସ୍କୁଲର ସୌମାଶ୍ରୀ ପରିଡ଼ା ପ୍ରମୁଖଙ୍କ ପୁରସ୍କୃତ କରିଥିଲେ। ଏମଏସ୍ ପାଠଶାଳା ତରଫରୁ 'ରଖିଲେ ଶିବ ମାରିବ କିଏ' ନାଟକ ମଞ୍ଚସ୍ଥ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ତନୁଜ କୁମାର ସାହୁ, ଅକ୍ଷୟ କୁମାର ବାରିକ, ନାରାୟଣ ସ୍ୱାଇଁ, ମହେଶ୍ୱର ପତି ପ୍ରମୁଖ ପରିଚାଳନା କରିଥିଲେ।

## ଆତ୍ମସୁରକ୍ଷା ପ୍ରଶୀକ୍ଷଣ ଶିବିର ଉଦ୍‌ଘାଟିତ

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ସାବିତ୍ରୀ ମହିଳା ମହାବିଦ୍ୟାଳୟର +୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ପାଇଁ ଶନିବାର ଆତ୍ମରକ୍ଷା ପ୍ରଶୀକ୍ଷଣ ଶିବିରର ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଡ. ସୁଶାନ୍ତ କୁମାର ମଲ୍ଲିକ ସଭାପତିତ୍ୱ କରି ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣ ନେଇ ନିଜ ସୁରକ୍ଷା ନିଜେ ନେବା ପାଇଁ ପରାମର୍ଶ ଦେଇଥିଲେ। ଭଞ୍ଜନଗର ଏସ.ଆଇ ସସ୍ମିତା ମୁଦୁ ମୁଖ୍ୟଅତିଥି ରୂପେ ଛାତ୍ରୀମାନଙ୍କୁ ଆତ୍ମରକ୍ଷାର କୌଶଳ ବିଷୟରେ ସୂଚନା ଦେଇଥିଲେ। ଏହି ସଭାରେ ଲୋପାମୁଦ୍ରା ପଣ୍ଡା ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ଉପରେ କହି ପ୍ରେରଣା ଦେଇଥିଲେ। ମହାବିଦ୍ୟାଳୟର ଇଂଲିଶ ବିଭାଗ ଅଧ୍ୟାପିକା ଏହି ଆତ୍ମରକ୍ଷା କ୍ଲବ୍‌ର ସଂଯୋଜିକା ଛାତ୍ରୀମାନଙ୍କୁ ନୈତିକତା ଓ ଆତ୍ମରକ୍ଷା ଉପରେ ସମ୍ବୋଧନ କରି ଆଗକୁ ବଢିବା ପାଇଁ ଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ। ତାଲିମ୍ ଛାତ୍ରୀ ଭାରତୀ ଗୌଡ଼ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ଉପରେ ୮ଦିନ ଧରି ପ୍ରଶିକ୍ଷଣ ଦେବାର କାର୍ଯ୍ୟକ୍ରମ ରହିଛି ଏଥିରେ ମହାବିଦ୍ୟାଳୟର ଆଧପକ ସନ୍ତୋଷ ମହାନ୍ତି, ଅମୂଲ୍ୟ ଶତପଥୀ, ପଙ୍କଜ, ସୁରଜ ସାମଲ ଓ ଅଧ୍ୟାପିକା ଶ୍ରେୟା ପ୍ରଧାନ, ପୁଷ୍ପ ପଟ୍ଟନାୟକ ସଞ୍ଜୁକ୍ତ ପଟ୍ଟନାୟକ ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଶିକ୍ଷାବିତ ଅମୂଲ୍ୟ ବଳଙ୍କୁ ଶ୍ରଦ୍ଧାଞ୍ଜଳି

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସାହାପୁର ପଞ୍ଚାୟତ ଅଧୀନ କଣ୍ଡର ଗଡ଼ିଆ ଗ୍ରାମର ଶିକ୍ଷାବିତ୍ ସ୍ୱର୍ଗତ ଅମୂଲ୍ୟ ବଳଙ୍କୁ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇ



ଶିକ୍ଷାବିତ୍ ଅମୂଲ୍ୟ ବଳଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ତାଙ୍କୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଚନ୍ଦ୍ରମୋହନ ନାୟକ, ଡ. ଖଗେଶ୍ୱର ନାୟକ, ଅବସରପ୍ରାପ୍ତ ଅଧ୍ୟକ୍ଷ ରତ୍ନାକର ବିଶ୍ୱାଳ, ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ, ପି. ହୃଷିକେଶ, ସନ୍ନ୍ୟାସୀ ବ୍ରହ୍ମ, ସନ୍ତୋଷ କୁମାର ଦାସ, ଉଗ୍ରେସନ ବଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବଳ ଜଣେ ଆଦର୍ଶ ଶିକ୍ଷକ ଥିଲେ ବୋଲି କହିଥିଲେ। ସ୍ୱର୍ଗତ ବଳଙ୍କ ସୁପୁତ୍ର ସୁବୋଧ କୁମାର ବଳ (ଚିନୁ) ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ରକ୍ତଦାନ ଶିବିର ଅନୁଷ୍ଠିତ, ୪୦ ୟୁନିଟ୍ ରକ୍ତ ସଂଗ୍ରହ

କୁକୁଡାଖଣ୍ଡି, (ଭାସ୍କର ନ୍ୟୁଜ୍): କୁକୁଡାଖଣ୍ଡି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଯୁବ ସାମ୍ବାଦିକ ଇପିଲି ପୂର୍ଣ୍ଣଚନ୍ଦ୍ରଙ୍କ ୨୦ ତମ ଜନ୍ମଦିବସ ଉପଲକ୍ଷେ ରକ୍ତଦାନ ଶିବିର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସମାଜସେବୀ ତଥା ମଡେଲର ଏସ୍ ଅଜିତ୍ ପାତ୍ର ଓ ପୂର୍ବତନ ସମିତି ସଭ୍ୟ ପି. ଶିବପ୍ରସାଦ ଦୋରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଯୋଗଦେଇ ରକ୍ତଦାନ ଶିବିର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କୁକୁଡ଼ାଖଣ୍ଡି ତହସିଲଦାର ସପନ କୁମାର ସାହୁ, ଦିଗପହଣ୍ଡି ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କାଉନସିଲର ଦୀପକ ମିଶ୍ର, ଦିଗପହଣ୍ଡି ଯୁବରାଜ ଶ୍ରୀଧର ଦେଓ, କୁକୁଡାଖଣ୍ଡି କଲେଜ ଅଧ୍ୟକ୍ଷ ବିଭୁ ପ୍ରସାଦ ପାତ୍ର, ୟୁଜିବି ବ୍ୟାଙ୍କ ଶାଖା ପରିଚାଳିକା ମନୀଷା ଜେନା, ପ୍ରଧାନ ଶିକ୍ଷୟତ୍ରୀ ମଧୁସ୍ମିତା ପାଢ଼ୀ ସହ ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦଳେଇ, ସମାଜସେବୀ କେ.କୁନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଥିଲେ। ବ୍ରହ୍ମପୁର ରକ୍ତଭଣ୍ଡାର କର୍ମଚାରୀ ଉପସ୍ଥିତ ରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କାର୍ଯ୍ୟକ୍ରମରେ ସମାଜସେବୀ ପି. ଶିବପ୍ରସାଦ ଦୋରା, ପୂର୍ବତନ ସରପଞ୍ଚ ପ୍ରତିନିଧି ଅଦଳ ଭରତ, ଜିତେନ୍ଦ୍ର ମହାରଣା,ଏ. ରୋଶନ, ସରକାରୀ ପଲିଟେକନିକ୍ କଲେଜର ଅଧ୍ୟାପକ ଏ. ଗୁପ୍ତେଶ୍ୱର ପାତ୍ର, ସିଭିଲ୍ ବିଭାଗ ର ମୁଖ୍ୟ ଅଧ୍ୟାପକ ସନ୍ଦୀପ ମାରାଣ୍ଡି, ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ, ବ୍ଲକ୍ କାର୍ଯ୍ୟରତ ସାମ୍ବାଦିକ ହିମାଂଶୁ ଶେଖର ପାଢ଼ୀ, ସିଏଚ ମନୋଜ କୁମାର ପାତ୍ର, ନାଗେଶ୍ୱର ପାତ୍ର, ରାଜେଶ ସାହୁ, ଇପିଲି ରଞ୍ଜନ, ପି. କୃଷ୍ଣମୂର୍ତ୍ତି, ଜି. ରବିନ୍, ବିବୁନନ୍ଦନ ପଣ୍ଡା, ପିଣ୍ଟୁ ବେହେରା, ଅଦଳ ଜଗନ୍ନାଥ, ରାଜେଶ ସେଠୀ, ଆଶୁତୋଷ ଦଳେଇ, ପ୍ରୀୟାଂସୁ ବେହେରା, ଦୀପକ ଦାସ, ଏନ୍ ପ୍ରଦୀପ, ହରି ମହାରଣା, ସୁନୀଲ ସେଠୀ ସହ ବହୁ ଯୁବକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ସହଯୋଗ କରିଥିଲେ।

## ଷ୍ଟୋର୍ ରୁମ୍ ଭିତରୁ ଝୁଲନ୍ତା ମୃତଦେହ ଉଦ୍ଧାର

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ଶୁଳିଆପଦା ବ୍ଲକ୍ ମହାବିଲା ପଞ୍ଚାୟତ ଅଧିନ ପଣ୍ଡୁଶୋଳ ଗ୍ରାମର ସୁବାଷ ହାଁସଦାଙ୍କ ଘର ଷ୍ଟୋର ରୁମ ଭିତରୁ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସୂଚନା ମୁତାବକ ସୁବାଷଙ୍କ ପରିବାର ଲୋକ ସକାଳୁ ତାଙ୍କ ଷ୍ଟୋର ରୁମ୍ ଭିତରେ ଅଚିହ୍ନା ଝୁଲନ୍ତା ମୃତଦେହ ଦେଖି ଡରିଯାଇ ଶୁଳିଆପଦା ଥାନାରେ ଜଣାଇଥିଲେ। ଖବର ପାଇ ଶୁଳିଆପଦା ଥାନା ଏଏସଆଇ ନରେନ୍ଦ୍ର ନାଥ ସେଠୀଘଟଣା ସ୍ଥଳରେ ପହଞ୍ଚି ଶବକୁ ତଳକୁ ଓହ୍ଲାଇ ଚିହ୍ନଟକରି ଜାଣିବାକୁ ପାଇଥିଲେ କି ମୃତକ ଜଣକ ପଡ଼ୋଶୀ ବିଳାସ ଗ୍ରାମର ସ୍ୱର୍ଗତ ସୁରେନ୍ଦ୍ର ମାହାନାଙ୍କ ପୁଅ କାଳିଶଙ୍କର ମାହାନା(୪୨) ଓରଫ (କାଳିଆ)। ଚିହ୍ନଟ ପରେ ବଡଭାଇ ଗୌରାଙ୍ଗ ମାହାନାଙ୍କ ଅଭିଯୋଗ ମୁତାବକ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ୍ କରିବା ସହିତ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛି। ସୂଚନା ମୁତାବକ କାଳିଶଙ୍କର ରାତିରେ ଖାଇସାରି ଘରେ ଶୋଇଥିଲେ। ତେବେ ସ୍ତ୍ରୀ ରାତି ୩ଟାରେ ଉଠି ଦେଖନ୍ତି ତ ସେ ବିଛଣାରେ ନଥିଲେ। ସ୍ୱାମୀ ଶୌଚ ପାଇଁ କେନାଲକୁ ଯାଇଥିବେ ଭାବି ସ୍ତ୍ରୀ' ପୁଣିଶୋଇ ପଡ଼ିଲେ। କାଳିଶଙ୍କରର ପରିବାର ଏହି ଘଟଣାକୁ ହତ୍ୟା ବୋଲି କହୁଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲାପରେ ରିପୋର୍ଟ ଅନୁଯାୟୀ ତଦନ୍ତ ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।

## ଶାଶୁ-ବୋହୂଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ କୋର୍ଟ ଚାଲାଣ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ଦେଓପଦା (ମେଘା)ରେ ଗତ ମଙ୍ଗଳବାର ସନ୍ଧ୍ୟାରେ ଶାଶୁବୋହୂଙ୍କୁ ଆକ୍ରମଣ ଘଟଣାର ମୁଖ୍ୟ ଅଭିଯୁକ୍ତ ଯଡ଼ା ଓରଫ ହେମନ୍ତ ସାହୁ (୨୫)କୁ ଶନିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ପ୍ରଥମେ ଅଟକ ଥିବା ୪ ଜଣଙ୍କ ମଧ୍ୟରୁ ଯଡା ଓ ତା' ଭାଇ ବ୍ୟତୀତ ଅନ୍ୟ ୨ ଜଣକୁ ପୁଲିସ ଛାଡିଦେଇଥିଲା। ଯଡା ସହ ଅଟକ ଥିବା ତା' ଭାଇକୁ ପୁଲିସ ଛାଡିଦେବା ସହ କେବଳ ଯଡାକୁ କୋର୍ଟ ଚାଲାଣ କରିଛି। ମାତ୍ର ହତ୍ୟାକାଣ୍ଡ ପଛର କାରଣ ଏବେବି ରହସ୍ୟାବୃତ୍ତ ହୋଇ ରହିଛି। ପୁଲିସ ଏ ସମ୍ପର୍କରେ କୌଣସି ସୂଚନା ଦେଇପାରି ନାହିଁ। ମୁଖ୍ୟ ଅଭିଯୁକ୍ତ ଯଡା ବାସ୍ତବରେ ମୁକ ହୋଇଥିବାରୁ ଘଟଣାର କାରଣ ଓ ସହଯୋଗୀ ସମ୍ପର୍କରେ ତା' ନିକଟରୁ ସବିଶେଷ ଜାଣିବାକୁ ପୁଲିସ ୨ ଜଣ ମୁକ ବଧିର ଶିକ୍ଷକ(ବିଶେଷଜ୍ଞ)ଙ୍କ ସହାୟତା ନେଇଥିଲା। ପୁଲିସ ଅଭିଯୁକ୍ତ ଯଡାକୁ ଘଟଣା ସ୍ଥଳକୁ ନେଇ ବିଶେଷଜ୍ଞଙ୍କ ସହାୟତାରେ ଅପରାଧ ଘଟାଇବା ସମ୍ପର୍କରେ ତଥ୍ୟ ଉନ୍ମୋଚନ କରିବା ପ୍ରୟସା କେତେକାଂଶରେ ସଫଳ ହୋଇଥିଲା। ଦେଓପଦାରୁ ମଞ୍ଜୁରୀ ରୋଡକୁ ସଂଯୋଗକାରୀ ପୂର୍ତ୍ତ ରାସ୍ତାର ମୋରଡା ଛକ ପେଟ୍ରୋଲପମ୍ପ ଅନତି ଦୂରରେ ଥିବା ଆମ୍ବଗଛ ନିକଟ କଳମ ବୁଦାରୁ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରୀ ଉଦ୍ଧାର କରିଥିଲା। ମାତ୍ର ଘଟଣା ପଛର କାରଣ ଓ ଅନ୍ୟ ୨ ଜଣ ସହଯୋଗୀ ସମ୍ପର୍କରେ ତଥ୍ୟ ଉନ୍ମୋଚିତ ହୋଇପାରି ନାହିଁ ବୋଲି ଜଣାଯାଇଛି। ଏଥିପାଇଁ ପୁଲିସ ଅଭିଯୁକ୍ତ ଯଡାକୁ ରିମାଣ୍ଡ ପାଇଁ ଆବେଦନ କରିବାକୁ ପ୍ରସ୍ତୁତି କରିଥିବା ଜଣାଯାଇଛି। ଅନ୍ୟପକ୍ଷରେ ପୁଲିସ ଯଡା ମୋବାଇଲ ଜବତ କରି ହାସଲ କରିଥିବା ତଥ୍ୟ ଓ ପୁଲିସ ପୀଡ଼ିତ ପରିବାର ମୋବାଇଲ ମଧ୍ୟ ଜବତ କରି ତଦନ୍ତ ଜାରି ରଖିଛି।

## ଗୋବିନ୍ଦପୁର ଅଞ୍ଚଳରେ ବଢ଼ି ଚାଲିଛି ଚୋରି

କଣ୍ଟାପଡ଼ା, (ଭାସ୍କର ନ୍ୟୁଜ୍): କଣ୍ଟାପଡା ବ୍ଲକ ଗୋବିନ୍ଦ ପୁର ଥାନା ଅଞ୍ଚଳରେ ୧୧ଗୋଟି ପଞ୍ଚାୟତରେ ଦିନକୁଦିନ ବଢ଼ିଚାଲିଛି ଚୋରି। ସର୍ବସ୍ୱାନ୍ତ ହେଉଛନ୍ତି ମାଲିକ ତ ଆଉ କେଉଁଠି ବ୍ୟବସାୟୀ। ପୋଲିସ ମାଳମାଳ ମାମଲା ରୁଜୁ କରି ଚୁପ ବସୁଛି। ଚୋରକୁ ଧରିବା ତ ଦୂରର କଥା ପେଟ୍ରୋଲିଙ୍ଗ କରାଯାଉ ନଥିବା ଅଭିଯୋଗ ହୋଇଛି। ଏମିତିକି ଥାନା ପାଖ ୫ ଶହ ମିଟର ଭିତରେ ଚୋରି ହେଉଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଏକ ଭୟର ବାତାବରଣ ସୃଷ୍ଟି ହେଉଛି। ଅଭିଯୋଗ ହେଲା ପରେ ବି ପୋଲିସ ମାମଲା ରୁଜୁ କରି ଚୁପ ରହିଥିବା ଅଭିଯୋଗ ହେଉଛି। ଏମିତିକି ଗୋବିନ୍ଦପୁର ଥାନା ଅଧିକାରିଣୀ ସାଧାରଣ ଲୋକଙ୍କ ଫୋନ ଉଠାଇବା ତ ଦୂରର କଥା ଲୋକ ପ୍ରତିନିଧିମାନଙ୍କର ବି ଫୋନ ଉଠାଉ ନାହାନ୍ତି। ମିଳିଥିବା ସୂଚନା ଅନୁଯାଇ ୨୩.୧.୨୦୨୫ରେ ମଜୁରେଇ ଗ୍ରାମର ମନୋରଞ୍ଜନ ପାତ୍ରଙ୍କ ଘରୁ ୫ରକା ତାଡ଼ି ଲକ୍ଷାଧିକ ଟଙ୍କାର ଜିନିଷ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହିଭଳି ଉକ୍ତ ଥାନା ଅଧୀନରେ ଅନେକ ଛୋଟମୋଟ ଚୋରି ହେଉଥିଲେ ବି କେତେକ ଥାନାକୁ ଯାଉଛି ତ ଆଉ କେତେକ ଅଭିଯୋଗ ହେଉନାହିଁ। ଦୀର୍ଘଦିନ ହେବ ଉକ୍ତ ଥାନାରେ ଆଇ ଆଇ ସି ପଦବୀ ଖାଲି ପଡ଼ିଥିବା ବେଳେ ଜଣେ ଏସଆଇରେ ଥାନା ଚାଲିଛି। ଓଲଟପୁର ଥାନା ଅଧୀନରେ ତିନୋଟି ପଞ୍ଚାୟତ ଥିବାବେଳେ ସେଠାରେ ଆଇଆଇସି ପଦବୀ ଦିଆଯାଇଛି। ତେବେ ଗୋବିନ୍ଦ ପୁର ଥାନା ଅଧୀନରେ ୧୧ଟି ପଞ୍ଚାୟତ ରହିଥିବା ବେଳେ କାହିଁକି ଆଇଆଇସି ପଦବୀ ପୂର୍ଣ୍ଣ କରାଯାଉନାହିଁ। ଦକ୍ଷ ଅଫିସର ଅଭାବରୁ ଚୋର ଧରିବାରେ ଗୋବିନ୍ଦ ପୁର ପୋଲିସ ବିଫଳ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏ ନେଇ ସଦର ଏସଡ଼ିପିଓ କିରଣ ହେମରାମ ଓ ଗ୍ରାମାଞ୍ଚଳ ଏସ ପି ପ୍ରତୀକ ସିଂ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଶିକ୍ଷଣ ସାମଗ୍ରୀ କେନ୍ଦ୍ର ଉଦ୍‌ଘାଟିତ

ବୋଲଗଡ଼, (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ୍ ଅନ୍ତର୍ଗତ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଦିନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଶିକ୍ଷକ ଅଂଶୁମାନ ଧଳ ଓ ଶିକ୍ଷୟିତ୍ରି ସ୍ୱର୍ଣ୍ଣଲତା ପ୍ରଧାନଙ୍କ ତତ୍ତ୍ୱା-ବଧାନରେ ଆୟୋଜିତ ଉକ୍ତ ଉତ୍ସବରେ ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀ ମୁଖ୍ୟ ଅତିଥି, ଖୋର୍ଦ୍ଧା ଜିଲ୍ଲା ଭଏସ ମିଡ଼ିଆ ସଭାପତି ଧନେଶ୍ୱର ବିଧାର ମୁଖ୍ୟବକ୍ତା, ପ୍ରାକ୍ତନ ପ୍ରଧାନ ଶିକ୍ଷଳ ରଘୁନାଥ ସାହୁ, ଅବସରପ୍ରାପ୍ତ ବୋଲଗଡ଼ ମଣ୍ଡଳ ସଂଯୋଜକ ତଥା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପଦ୍ମ ଚରଣ ବେହେରା, ବୋଲଗଡ଼ ଭଏସ ମିଡ଼ିଆର ସଭାପତି ନିରଞ୍ଜନ ନାୟକ, ସାନପଦରସ୍ଥିତ ଭକ୍ତ ଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସାନନ୍ଦ କୁମାର ସାହୁ, ବେଗୁନିଆର ବରିଷ୍ଠ ସାମ୍ବାଦିକ ପ୍ରଦୀପ ମହାନ୍ତି ଏବଂ ସଂପୁର ସମାଜସେବୀ ଚିତ୍ତରଞ୍ଜନ ଦେଓ ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଶିକ୍ଷକ ବିଭୁ ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଶ୍ୱଜିତ ସରୋଜ କୁମାର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି



ସେଠୀ କହିଥିଲେ 'ଆମ ଜେଜେବାପା ଓ ଜେଜୀ ମା 'ଙ୍କ ହାତ ହେଉଛି ବୈଜ୍ଞାନିକ ହାତ'। ମୁଖ୍ୟବକ୍ତା କହିଥିଲେ 'ବିଜ୍ଞାନ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିପାରେ।' ଏହି ଅବସରରେ ବିଦ୍ୟାଳୟ ପରିସରରେ ସ୍ଥାପିତ ପାଞ୍ଚ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିବାପରେ ଶିକ୍ଷଣ ସାମଗ୍ରୀ କେନ୍ଦ୍ରକୁ ମୁଖ୍ୟ ଅତିଥି ନିଜ କରକମଳରେ ଉଦ୍ଘାଟନ କରିଥିଲେ। ଶିକ୍ଷଣ ସାମଗ୍ରୀ ପ୍ରତିଯୋଗିତା ରେ ଶିକ୍ଷୟିତ୍ରୀ ସ୍ମିତାସିନ୍ଧୁ ମହାପାତ୍ର, ସୌଦାମିନୀ ପରିଡ଼ା ଓ ଦୀପକ ବେହେରା ଏବଂ ବିଜ୍ଞାନ କୁଇଜ ଓ ପୋଷ୍ଟର ପ୍ରତିଯୋଗିତାରେ ଶୁଭଶ୍ରୀ ଧଳ ଓ ଦୀପ୍ତି ରଞ୍ଜନ ଦାସ ଓ ଶ୍ରୋତାଲିନି ସାହୁ ବିଚାରକ ରୂପେ ଚୟନ କରିଥିବା କନିଷ୍ଠ ଓ ବରିଷ୍ଠ ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଛାତ୍ରୀମାନେ ବିଜ୍ଞାନ ଉପରେ ଆଧାରିତ ସମ୍ବଲପୁରୀ ସଂଗୀତ ଗାନ କରି ନୃତ୍ୟ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ନମିତା ସାହୁ, ସୌଦାମିନୀ ପରିଡ଼ାଙ୍କ ସମେତ ସମ୍ମିତ କେଦାର କର, ସ୍ନେହଲତା ପାଇକରାୟ, କୃଷ୍ଣଚନ୍ଦ୍ର ଝପଟସିଂହ, ଆନନ୍ଦ ଚନ୍ଦ୍ର ସେନାପତି, ଛାଟିଆ ସ୍ୱାଇଁ ଏବଂ ନଳିନୀ ପ୍ରଧାନ ବିଦ୍ୟାଳୟ ହତାରେ ୮୩ଟି ଚାରା ରୋପଣ କରିଥିଲେ। ପରିଶେଷରେ ଶିକ୍ଷୟିତ୍ରୀ ଶୈବାଳିକା ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦକ୍ଷିଣେଶ୍ୱର ମହାଦେବଙ୍କ ନୂତନ ଶ୍ରାବଣୀ ବିଗ୍ରହ ପ୍ରାଣ ପ୍ରତିଷ୍ଠା

ଆଳି, (ଭାସ୍କର ନ୍ୟୁଜ୍): ପ୍ରାୟ ୫ଶହବର୍ଷ ଧରି ରାଜାରାଜୁଡା ଶାସନରୁ ପୂଜାପାଇ ଆସୁଛନ୍ତି ମହାଦେବ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ସଂସିଦା ଗ୍ରାମ ର ସର୍ବ ପୁରାତନ ମନ୍ଦିର ବାବା ଶ୍ରୀ ଶ୍ରୀ ଦକ୍ଷିଣେଶ୍ୱର ମହାଦେବଙ୍କର ନୂତନ ଶ୍ରାବଣୀ ବିଗ୍ରହ ପ୍ରାଣପ୍ରତିଷ୍ଠା ଓ ଅଭିଷେକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ମହାଶିବରାତ୍ରି ଉପଲକ୍ଷେ ପୁଣ୍ୟତିଥି ଶୁଭଲଗ୍ନ ଅନୁଯାୟୀ ସୋମବାର ଦିନ ସଂସିଦା ଗ୍ରାମବାସୀ ମାନେ ରୀତିନୀତି ଅନୁଯାୟୀ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ନାମ ସଂକୀର୍ତ୍ତନ କରି କାଣୀନଦୀ ରୁ କଳସୀ ରେ ଜଳ ଉଠାଇ ଏକ ବିରାଟ ପଟୁଆରରେ ବାହାରି ନଗର ପରିକ୍ରମ କରିବା ପରେ ସୁବାସିତ ଜଳରେ ନୂତନ ଶ୍ରାବଣୀ ବିଗ୍ରହଙ୍କୁ ଜଳଲାଗି କରିଥିଲେ। ପରେପରେ ନୈଷ୍ଟିକ ବ୍ରାହ୍ମଣ ମାନଙ୍କ ଦ୍ୱାରା ମନ୍ତ୍ରଧ୍ୱନୀରେ ସ୍ୱତନ୍ତ୍ର ରୀତିନୀତିରେ ବାବା ଦକ୍ଷିଣେଶ୍ୱର ମହାଦେବଙ୍କ ଅଭିଷେକ କରାଯାଇ ନୂତନ ଶ୍ରାବଣୀ ବିଗ୍ରହଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଥିଲା। ବାବା ଶ୍ରୀ ଶ୍ରୀ ଦକ୍ଷିଣେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନ୍ନ ପ୍ରସାଦ ସେବନ ସାଙ୍ଗକୁ ନାମସଂକୀର୍ତ୍ତନ ଓ ସନ୍ଧ୍ୟାରେ ଭଜନ ସମାରୋହ ଭଳି ଧର୍ମୀୟ କାର୍ଯ୍ୟକ୍ରମ ରେ ମନ୍ଦିର ପରିବେଶ ଓ ପୁରା ଗାଁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ପରିଲକ୍ଷିତ ହୋଇଥିଲା।



# ଆମ କଳାହାଣ୍ଡି



## ଇଡି ଜାଲରେ ଜୟପାଟଣା ଫରେଷ୍ଟ ରେଞ୍ଜ ଅଫିସର



କୋକସରା/ଧର୍ମଗଡ଼, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନାଞ୍ଚଳ ଅଧିନରେ ଥିବା ଜୟପାଟଣା ରେଞ୍ଜ ଅଫିସରେ ବେଆଇନ ଭାବେ ସରକାରୀ ଟଙ୍କାକୁ ବିନିଯୋଗ ଦେଖାଇ ହଡପ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଏକକାଳୀନ ଅନେକ ସ୍ଥାନରେ ଚଢ଼ାଉ କରାଯାଇଛି। ଜୟପାଟଣା ଫରେଷ୍ଟ ରେଞ୍ଜ ଅଫିସରେ ଇଡି ଅଧିକାରୀମାନେ ପଶି ବିଭିନ୍ନ କାଗଜପତ୍ର ଯାଞ୍ଚ କରିଛନ୍ତି। ଉକ୍ତ କାର୍ଯ୍ୟାଳୟରେ ଥିବା ଫରେଷ୍ଟ ଗାର୍ଡ ଅଶୋକ ସାହୁଙ୍କ ଲଡୁଗାଁ ସ୍ଥିତ ବାସଭବନରେ ମଧ ଚଢ଼ାଉ କରାଯାଇଛି। ଶୁକ୍ରବାର ସକାଳ ୭ଟା ସମୟରୁ ଇଡି ଅଧିକାରୀମାନେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅଶୋକ ସାହୁଙ୍କୁ ଜେରା କରିଥିଲେ। ପ୍ରାୟ ୧୦ ଘଣ୍ଟା ଧରି ଯାଞ୍ଚରେ ଅନେକ ତଥ୍ୟ ହାସଲ କରିଛି ଇଡି। ଅଶୋକ ସାହୁ ଜୟପାଟଣା ରେଞ୍ଜ ଥୁଆମୂଳ ରାମପୁର ବ୍ଲକ ମହୁଲପଟଣା ବେଣାଖମାର ବିଟ ଗାର୍ଡ ଥିଲେ। ତେବେ ସେ ମିଥ୍ୟାବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରି କୋଟି କୋଟି କୋଟି ଟଙ୍କା ସରକାରୀ ଅର୍ଥକୁ ବେଆଇନ ଭାବେ ଏନଇଏଫର୍ଟି ମାଧମରେ ହେରଫେର କରାଯାଇଥିବା ଜାଣିବାକୁ ପାଇଥିଲା ଇଡି। ଏ ନେଇ ଭୁବନେଶ୍ୱର ଜୋନାଲ ଅଫିସ ପକ୍ଷରୁ ପ୍ରାଥମିକ ତଦନ୍ତ କରିଥିବା ବେଳେ ଅନେକ ରୋଚକ ତଥ୍ୟ ହାସଲ କରିଥିବା ଜଣାପଡ଼ିଛି। ଅନୁସନ୍ଧାନରୁ ଜଣାପଡିଛି ଯେ’ ବନ ବିଭାଗର ଅଧିକାରୀମାନେ ଗୋଟିଏ ମୋବାଇଲ ନମ୍ବର ବ୍ୟବହାର କରି ୧୨୧ ଗୋଟି ବ୍ୟାଙ୍କ ଆକାଉଣ୍ଟ ବ୍ୟବହାର କରି ଜଙ୍ଗଲ ବିଭାଗର ଅନେକ ଯୋଜନାରେ ଆସିଥିବା ସରକାରୀ ପାଣ୍ଠିରୁ ଟଙ୍କା ଟ୍ରାନ୍ସଫର କରିଛନ୍ତି। ପରବର୍ତ୍ତୀ ସମୟରେ ଏଟିଏମରୁ ସେଇ ଟଙ୍କାକୁ ଉଠାଣ ମଧ କରାଯାଇଛି। ଜଙ୍ଗଲ ବିଭାଗ ପାଣ୍ଠିରୁ ପ୍ରାୟ ଅଢେଇ କୋଟି ଟଙ୍କାର ହେରଫେର ହୋଇଥିବା ଅନୁମାରୁ ଜଣାପଡିଛି। ଚଢ଼ାଉରେ ଅନେକ ମିଥ୍ୟା ବ୍ୟାଙ୍କ ଆକାଉଣ୍ଟ, ମୋବାଇଲ ଫୋନ, ଟଙ୍କା ଉଠାଣ ସ୍ଲିପ, ଡିଜିଟାଲ ଡିଭାଇସ, ବେଆଇନ ଦଲିଲ ଓ ଏକ ସନ୍ଦେହଜନକ ବାଘ ଚାଲ ଜବତ କରିଛି। ଏ ନେଇ ବର୍ତ୍ତମାନ ସୁଦ୍ଧା ତଦନ୍ତ ଜାରି ରହିଛି। ଜୟପାଟଣା ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟରେ ବନୀକରଣ, ନର୍ସରି, ଚାରା ରୋପଣ, ଚାରା ଯତ୍ନ, ପଥର ବନ୍ଧ, ମନରେଗା ଆଦି ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି। ରେଞ୍ଜର, ଫରେଷ୍ଟର ଓ ଫରେଷ୍ଟ ଗାର୍ଡ ମାନେ ମିଶି ଏଭଳି ଦୁର୍ନୀତିରେ ଛନ୍ଦି ହୋଇଥିବାବେଳେ ବର୍ତ୍ତମାନ ଇଡି ପଞ୍ଝାରେ ପଡିଛନ୍ତି ରେଞ୍ଜରେ କାର୍ଯ୍ୟରତ ଥିବା କର୍ମଚାରୀମାନେ।

## ବେଲଖଣ୍ଡି ଶୈବପୀଠରେ ସାତଦିନିଆ ଜାଗର ମେଳା

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଶୈବପୀଠରେ ମହାଶିବରାତ୍ରୀ ଓ ଜାଗର ପାଳିତ ହୋଇଛି। କିନ୍ତୁ ବେଲଖଣ୍ଡି ଶୈବପୀଠରେ ଶିବରାତ୍ରି ଦିନ ଠାରୁ ସାତ ଦିନ ବ୍ୟାପୀ ଜାଗର ଯାତ୍ରା ଚାଲିଛି। ଏଠାରେ ପ୍ରତ୍ୟେକ ଦିନ ଅଗଣିତ ଦର୍ଶକଙ୍କ ଭିଡ ଜମୁଥିବା ଦେଖିବାକୁ ମିଳୁଛି। ବିଭିନ୍ନ ଶକ୍ତି ଓ ଭକ୍ତିର ଅପୂର୍ବ ଆଧାତ୍ମିକ ଭାବଧାରା, ଧାର୍ମିକ ଚେତନା ଓ ଶୈବପୂଜାର ପରମ୍ପରା ଭିତରେ ସମଗ୍ର କଳାହାଣ୍ଡିର ଶୈବ ପୀଠ ଗୁଡିକରେ ଶିବରାତ୍ରୀ ଉପଲକ୍ଷେ ଶୈବଭକ୍ତଙ୍କ ଭିଡ ଜମି ରହିଥିଲା। ଚାରିଆଡେ ଯେମିତି ଶିବମୟ ଭିତରେ ଅଗଣିତ ଶ୍ରଦ୍ଧାଳୁ ଭକ୍ତ ଶିବଶମ୍ଭୁ ତଥା ହର ହର ମହାଦେବଙ୍କ ଦର୍ଶନ ଓ ଆଶୀର୍ବାଦ ପାଇଁ ନିଜକୁ ହଜାଇ ଦେଇଥିଲେ। ପ୍ରାତଃ ସମୟରୁ ସନ୍ଧ୍ୟା ମହାଦୀପ ଉଠିବା ପର୍ଯ୍ୟନ୍ତ ହଜାର ହଜାର ଶୈବ ଉପାସକ ମାନେ ପ୍ରଭୁ ଶିବଙ୍କ ଆରାଧନା କରିଥିଲେ। କେଉଁଠି ଷୋଳ ପ୍ରହରୀ ତ କେଉଁଠି ଅଷ୍ଟ ପ୍ରହରୀ ନାମଯଜ୍ଞ ହେଉଥିବାବେଳେ ଶିବସ୍ତୋତ୍ର ପାଠରେ ପ୍ରକମ୍ପିତ ହେଉଥିଲା ଶିବାଳୟ। ଜାଗର ବ୍ରତଧାରୀ ମାନେ ମନ୍ଦିର ସମ୍ମୁଖରେ ଦୀପଟିଏ ଜାଳି ଜାଗର ଉପାସନା କରିଥିଲେ। କଳାହାଣ୍ଡି ଜିଲ୍ଲାର ଶୈବଧର୍ମର କିର୍ତ୍ତୀରାଜି ଅତି ପ୍ରାଚୀନ। ମହାଶିବ ରାତ୍ରି ପାରମ୍ପରିକ ରୀତିନୀତି ଅନୁସାରେ ଶ୍ରଦ୍ଧାଳୁ ଭକ୍ତମାନେ ପାଳନ କରନ୍ତି। ଭବାନୀପାଟଣାର ଶ୍ରୀ ଭବାନୀଶଙ୍କର, ଶ୍ରୀ ଭଣ୍ଡେଶ୍ୱର, ଶ୍ରୀ ଜଳେଶ୍ୱର, ଶ୍ରୀ ସ୍ୱପ୍ନେଶ୍ୱର, ଶ୍ରୀ ଭୁବନେଶ୍ୱର, ନର୍ଲା ବ୍ଲକ ବୁଢୀପଦର ଗ୍ରାମର ଦେବଗିରି ଶୈବ ପୀଠ, କର୍ଲାମୁଣ୍ଡା ବ୍ଲକ ବେଲଖଣ୍ଡିର ଉମା ମାହେଶ୍ୱର ଧବଳେଶ୍ୱର ମହାଦେବ ମନ୍ଦିର, ଧର୍ମଗଡ଼ର ପାରଦେଶ୍ୱର ମହାଦେବ ମନ୍ଦିର, ଶ୍ରୀ ଧବଳେଶ୍ୱର ପୀଠ, କୁସୁମଖୁଣ୍ଟିର ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ, ମୂଷାପାଲି ଗୁପ୍ତେଶ୍ୱର ପୀଠ, ଚନାମୁଣ୍ଡା ଧବଳେଶ୍ୱର ପୀଠ, ବେହେରାଗୁଡ଼ାର ବାଲୁଙ୍କେଶ୍ୱର ପୀଠ, ଜୟପାଟଣା ବ୍ଲକ ର ପୂଜାରୀଗୁଡା, ଭବାନୀପାଟଣାର ବାଲାଜୀ ଶିବ ମନ୍ଦିର, ପୁରୁଣାପଡା ଶିବ ମନ୍ଦିର, ବାନ୍ଦୋପଲା ଶିବ ମନ୍ଦିର, ଗୁର୍ଜିମୁଣ୍ଡା ଶିବ ମନ୍ଦିର, ଇଚ୍ଛାପୁରର କେଦାରେଶ୍ୱର ଅଷ୍ଟଶମ୍ଭୁ ଶିବ ମନ୍ଦିର, କୋକସରା ବ୍ଲକର କାଳେଶ୍ୱର ମନ୍ଦିର, ମୋହନଗିରି ଧବଳେଶ୍ୱର ଶିବମନ୍ଦିର ଇତ୍ୟାଦି ଶୈବ ପୀଠରେ ମହାଦୀପ ଉଠିବା ଏବଂ ଜାଗର ବ୍ରତ ପାଳନ କରିବା ସଙ୍ଗେସଙ୍ଗେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରିସ୍ଥିତିକୁ ଅନୁଧାନ କରି ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ପୋଲିସର ବ୍ୟବସ୍ଥା କରାଯାଇଥିବା ଦେଖାଯାଇଥିଲେ।

## ଦୁର୍ଘଟଣାରେ ସାଇକେଲ ଆରୋହୀ ଗୁରୁତର

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଗୋଲାମୁଣ୍ଡା ଠାକୁରାଣୀ ମନ୍ଦିର ଠାରେ ଅଜଣା ଗାଡି ଧକ୍କାରେ ଜଣେ ସାଇକେଲ ଆରୋହୀ ଗୁରୁତର ହୋଇଥିଲେ। ଗୁରୁତର ସାଇକେଲ ଆରୋହୀ ହେଉଛନ୍ତି ଗୋଲାମୁଣ୍ଡା ଥାନା ସିନାମାଳ ଗ୍ରାମର ସବିନ ବାଗ ବୋଲି ସୂଚନା ମିଳିଛି। ପ୍ରକାଶଥାଉ କି ସବିନ ନିଜ ସାଇକେଲରେ ଗାଁରୁ ଗୋଲାମୁଣ୍ଡା ଆସୁଥିବା ବେଳେ ଠାକୁରାଣୀ ମନ୍ଦିର ନିକଟରେ ଅଜଣା ଗାଡି ଆସି ଧକ୍କା ଦେବାରୁ ସେ ସେଠାରେ ଗୁରୁତର ଭାବରେ ପଡ଼ି ରହିଥିଲେ। ସ୍ଥାନୀୟ ଲୋକେ ଓ ସମାଜସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲଙ୍କୁ ଯୋଗାଯୋଗ କରିବାରୁ ଶ୍ରୀ ଅଗ୍ରୱାଲ ଘଟଣା ସ୍ଥଳକୁ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ସେଠାରେ ପ୍ରାଥମିକ ଚିକିତ୍ସା କଲା ପରେ ସବିନ ଅଧିକ ଗୁରୁତର ଥିବାରୁ ଡାକ୍ତର ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ।

## କାମରେ ଆସୁନି ନୂତନ କୃଷି ସମବାୟ ସମିତି

➪ ନାମକୁ ମାତ୍ର ସ୍ଥାପନ

➪ ସବୁ ସୁବିଧାରୁ ବଞ୍ଚିତ ଚାଷୀ

ଧର୍ମଗଡ, (ଭାସ୍କର ନ୍ୟୁଜ୍): ଚାଷୀଙ୍କୁ ଦ୍ୱାର ମୁହଁରେ ସେବା ଯୋଗାଇ ଦେବାକୁ ନୂତନ କୃଷି ସେବା ସମବାୟ ସମିତି ସ୍ଥାପନ କରାଯାଇଛି। ଧର୍ମଗଡ଼ ବ୍ଲକ ଅଧୀନରେ ମୋଟ ୧୦ଟି ନୂତନ କୃଷି ସମବାୟ ସମିତି ଗତ ବର୍ଷ ଖୋଲାଯାଇଛି। ସେଥି ମଧ୍ୟରୁ ଛଞ୍ଚାଣବାହେଲି, ଜୟନ୍ତପୁର, ବଡ଼ ବସୁଲ, ମୁଖୀଗୁଡା,ଟିପିଗୁଡା, ବ୍ରାହ୍ମଣ ଛେଣ୍ଡିଆ, ବୋଡ଼େନ ତରାପୁର, ବଡ଼ ଘୁମର ଓ ଗଡ଼ିଆଯୋର ରହିଛି। ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ଚାଷୀମାନେ ଦ୍ୱାର ମୁହଁରେ ସେବା ପାଇପାରିବେ - ସହଜରେ ଋଣ ,ସାର ସମେତ ଧାନ ବିକ୍ରି ଆଦି ଅନ୍ତର୍ଭୁକ୍ତ ରହିଛି। ହେଲେ ନାମକୁ ମାତ୍ର ସ୍ଥାପନ ହୋଇଛି କୃଷି ସେବା ସମବାୟ ସମିତି । ନା ରହିଛି କାର୍ଯ୍ୟାଳୟ ବ୍ୟବସ୍ଥା ନା ନିଯୁକ୍ତି ହୋଇଛନ୍ତି କର୍ମଚାରୀ। ଦିଗହରା ସାଜିଛି ସରକାରଙ୍କ ଉଦେଶ୍ୟ । ପୂର୍ବ କୃଷି ସେବାସମବାୟ ସମିତି ଉପରେ ବର୍ତ୍ତମାନ ବି ନିର୍ଭର କରୁଛନ୍ତି ଚାଷୀ। ଯାହା ଚାଷୀଙ୍କ ଭିତରେ ସହଜ ଓ ସରଳ ସେବା ଉପଲବ୍ଧ କରାଯାଇଥିବା ଆଶା ମଉଳି ପଡିଛି। ଅନ୍ୟପଟେ ବିଗତ ସରକାର ଭିତ୍ତିଭୂମି ନଥାଇ ନିର୍ବାଚନକୁ ଆଖି ଆଗରେ ରଖି ଗାଁ ଗାଁ କୃଷି ସେବା ସମବାୟ ସମିତି ସ୍ଥାପନ କରିବା ସମ୍ପୂର୍ଣ୍ଣ ଭୁଲ ନୀତି ଥିବା ସାଧାରଣରେ ଚର୍ଚ୍ଚା ହୁଏ। ବର୍ତ୍ତମାନ ସରକାର ବଦଳି ଥିବାବେଳେ ନୂତନ ସରକାର ଏଥିପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଏଥିପ୍ରତି ବିଭାଗ ତତ୍ପରତା ହୋଇ ଖୋଲା ଯାଇଥିବା କୃଷି ସେବା ସମବାୟ ସମିତିର ଭିତ୍ତିଭୂମି ଓ କର୍ମଚାରୀ ନିଯୁକ୍ତି ଦେବା ବ୍ୟବସ୍ଥା ହାତ କୁ ନେଲେ ଚାଷୀ ଉପକୃତ ହୋଇ ପାରିବ ଏଥିରେ ଦ୍ୱିଧା ନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳର ଚାଷୀଙ୍କ ଦାବି ହେଉଛି।

## ନୂତନ ବିଇଓଙ୍କୁ ଶିକ୍ଷକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା




କୋକସରା, (ଭାସ୍କର ନ୍ୟୁଜ୍): କୋକସରା ବ୍ଲକ୍‌ର ନୂତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ ଶୁକ୍ରବାର ମହେଶ କୁମାର ଭାଟି କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି କ୍ରମରେ କୋକସରା ପ୍ରାଥମିକ ଶିକ୍ଷକ ସଂଘ (ହରିପୁର ରୋଡ଼ କଟକ) ତରଫରୁ ନୂତନ ବିଇଓ ଶ୍ରୀଭାଟିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିସହ କୋକସରା ବ୍ଲକ୍ ଶିକ୍ଷା ବିଭାଗରେ ଥିବା ସମସ୍ୟାକୁ ସମାଧାନ କରିବା ପାଇଁ ମଧ ସଂଘ ପକ୍ଷରୁ ନୂତନ ବିଇଓଙ୍କୁ ଅନୁରୋଧ କରାଯାଇଛି। ଏହି ସ୍ୱାଗତ ସମ୍ବର୍ଦ୍ଧନା ସମୟରେ ସଭାପତି ଭୁରିଶ୍ରବା ଜାଲ, ସମ୍ପାଦକ ସୁଭାଷ ଚନ୍ଦ୍ର ବାଗ, ଉପ ସଭାପତି ବିରକିଶୋର ନାଗ, ଅତୁଲ୍ୟ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ଉପେନ୍ଦ୍ର ସାହୁ, ଲିଙ୍ଗରାଜ ନାଏକ, ଅମୂଲ୍ୟ ବେହେରା, ସୁମନ ଅର୍ପିତ ପଣ୍ଡା, ଦୀପ୍ତିରଞ୍ଜନ ଅଧିକାରୀ, ମଦନଲାଲ ନାଏକ, ଅଜିତ୍ କୁମାର ସାହୁ, କପିଳ ଚନ୍ଦ୍ର ଶବର, ଲାବାଣ୍ୟନିଧି ରାଉତ, ସୁରେନ୍ଦ୍ର ପ୍ରସାଦ ପଣ୍ଡା, ଚିତ୍ତରଞ୍ଜନ ମହାନ୍ତି, ରଶ୍ମି ରଞ୍ଜନ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।

## ୨ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଧର୍ମଗଡ଼,(ଭାସ୍କର ନ୍ୟୁଜ): ସର୍ବ ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ତଥା ଇତିହାସ ବିଭାଗର ଅଧ୍ୟାପକ ଜୟନ୍ତ କୁମାର ଜେନା ଏବଂ ସହକାରୀ ଗ୍ରନ୍ଥାଗାରିକ ଦେବରାଜ ମେହେର ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ୧୯୯୧ ମସିହାରୁ ଇତିହାସ ବିଭାଗର ଅଧ୍ୟାପକ ଭାବରେ ଚାକିରି ଆରମ୍ଭ କରି ଜୟନ୍ତ କୁମାର ଜେନା ଅବସର ଗ୍ରହଣ କରିଛନ୍ତି। ସେହିପରି ଦେବରାଜ ମେହେର ୧୯୮୯ ମସିହାରୁ ସହକାରୀ ଗ୍ରନ୍ଥାଗାରିକ ଭାବେ କାର୍ଯ୍ୟ ତୁଲାଇ ଅବସର ଗ୍ରହଣ କରିଛନ୍ତି। ଉଭୟଙ୍କୁ ସର୍ବ ମଙ୍ଗଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଭବ୍ୟ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ସହ ସମ୍ବର୍ଦ୍ଧିତ କରାଯାଇଛି। ପରବର୍ତ୍ତୀ ଅଧକ୍ଷ ଭାବେ ଅର୍ଥନୀତି ବିଭାଗର ଅଧ୍ୟାପକ ସରୋଜ କାନ୍ତ ରଥ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ସମ୍ବର୍ଦ୍ଧନା ସଭାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତ ରହି ଦୁଇଜଣ କର୍ମଚାରୀଙ୍କ ଅବସରର ଅବଶିଷ୍ଟ ଜୀବନ ମଙ୍ଗଳମୟ ହେଉ ବୋଲି କାମନା କରିଛନ୍ତି ।

## ରାଇଧୁନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନର୍ଲା (ଭାସ୍କର ନ୍ୟୁଜ୍): ନର୍ଲା ବ୍ଲକ ପଲମ କ୍ଲଷ୍ଟର୍ ଅନ୍ତର୍ଗତ ରାଇଧୁନି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଟକର୍ଲା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୋମନାଥ ମନ୍ତ୍ରୀ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଇରମାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁବରାଜ ଜାନୀ, ରେନ୍ଦାବାହାଲି ପ୍ରଧାନ ଶିକ୍ଷକ ଗୋବିନ୍ଦ ମାଝୀ, ବିଦ୍ୟାଳୟ ସଭାପତି ଚିତ୍ରସେନ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷକ ଭଗବାନ ମାଝୀ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଶିକ୍ଷକ ଜ୍ଞାନେନ୍ଦ୍ର କୁମାର ଗହିର ଧନ୍ୟବାଦ୍ ଦେଇଥିବା ବେଳେ ଶିକ୍ଷୟିତ୍ରୀ ନିର୍ମଳା ବେହେରା ସଭା ପରିଚାଳନା କରିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା




ନର୍ଲା (ଭାସ୍କର ନ୍ୟୁଜ୍): ନର୍ଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା କନିଷ୍ଠ କର୍ମଚାରୀ ଲାଳପଣ୍ଡା ବୃନ୍ଦାବନ ଗୌଡ଼ ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ଏ ନେଇ କଲେଜ ପରିସରରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଆୟୋଜନ କରାଯାଇଥିଲା। କଲେଜ ଅଧକ୍ଷ ଭବାନୀ ଦାସଙ୍କ ସଭାପତିତ୍ୱରେ ଏହି ସଭାରେ ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଯୋଗ ଦେଇଥିଲେ। ସମସ୍ତ କର୍ମଚାରୀ ଶ୍ରୀଯୁକ୍ତ ଗୌଡ଼ଙ୍କ କଲେଜ ପ୍ରତି ଥିବା ସମର୍ପିତ ଭାବନା ଓ ସମୟାନୁବର୍ତ୍ତିତା ପାଇଁ ଭୁରିଭୁରି ପ୍ରଶଂସା ସହିତ ଅବସର ପରବର୍ତ୍ତୀ ଜୀବନ ସୁଖମୟ ହେବାକୁ ଭଗବାନଙ୍କ ପାଖରେ ପ୍ରାର୍ଥନା କରିଥିଲେ ।

**ବୃଦ୍ଧ ଦମ୍ପତି ଦୟନୀୟ ଭାବେ ଜୀବନ କାଟିବା ଘଟଣା**

## ହସ୍ତକ୍ଷେପ କଲା କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଂଗଠନ






ଧର୍ମଗଡ଼, ( ଭାସ୍କର ନ୍ୟୁଜ୍): ଧର୍ମଗଡ଼ ବ୍ଲକ ଟେଣ୍ଡାପାଲି ପଞ୍ଚାୟତ ଘଣ୍ଟିଗୁଡା - ତେଲିପଳାସ ଗ୍ରାମର ବୃଦ୍ଧା ଦମ୍ପତି ଦୟନୀୟ ଅବସ୍ଥାରେ ରହୁଥିବା ଖବର ଦୈନିକ ଖବରକାଗଜ ‘ଓଡିଶା ଭାସ୍କର’ ରେ ପ୍ରକାଶିତ ହୋଇଥିଲା। ଏହାର ମହା ପ୍ରଭାବରେ ସ୍ଥାନୀୟ ସରପଞ୍ଚ ଗୌଲୋଚନ ଗୋପାଳ ତତକ୍ଷଣି ଦମ୍ପତିଙ୍କ ନିକଟରେ ପହଞ୍ଚି କିଛି ଚାଉଳ ପ୍ରଦାନ କରି ନିଜ କାମ ସାରିଦେଇଥିଲେ। ସେ ଦମ୍ପତି ଦୁହିଁଙ୍କ ଆଧାରକାର୍ଡ, ଭୋଟର କାର୍ଡ କରାଇ ପଞ୍ଚାୟତରୁ ରାସନକାର୍ଡ ମାଧ୍ୟମରେ ରାସନ ସାମଗ୍ରୀ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ତାଙ୍କ ପ୍ରତିଶ୍ରୁତି ଯେମିତି ପାଣିର ଗାର ସଦୃଶ୍ୟ ପାଲଟିଥିଲା। ପ୍ରତିଶ୍ରୁତିର ମାସେ ଦୁଇ ମାସ ବିତି ଯାଇଥିଲେ ହିଁ ସରପଞ୍ଚ ଦମ୍ପତିଙ୍କ କଥା ସବୁ ଭୁଲିଗଲେ। ବର୍ତ୍ତମାନ କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଂଗଠନ କର୍ମକର୍ତ୍ତା ନିକଟରେ ଦମ୍ପତିଙ୍କ ଖବର ଯିବା ପରେ ସହାୟତାର ହାତ ବଢ଼ାଇଛନ୍ତି। ଶୁକ୍ରବାର ଦିନ ଧର୍ମଗଡ଼ ବ୍ଲକ୍ ସଂଗଠନର ସଭାପତି ମାଧବ ଠାକୁରଙ୍କ ନେତୃତ୍ୱ, ଉପସଭାପତି ବିଜୟ ଦାସ, ବ୍ଲକ ମହିଳା ସଭାନେତ୍ରୀ ସ୍ୱାମଣି ସୋନି, ସମ୍ପାଦିକା ଲଳିତା ଛତରିଆ , ପ୍ରଦୀପ ସେଠିଆ, କ୍ଷେତ୍ର ମୋହନ ନାଗ ପ୍ରମୁଖ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଦାବୀ କରିଛନ୍ତି। ଦମ୍ପତିଙ୍କୁ ଯୁଦ୍ଧକାଳୀନରେ ଆଧାର କାର୍ଡ, ଭୋଟକାର୍ଡରେ ସମ୍ପୃକ୍ତ କରିବା ସହ ବିଭିନ୍ନ ସରକାରୀ ସୁବିଧା ଯୋଗାଇ ଦେବାକୁ ଦାବିରେ ଉଲ୍ଲେଖ କରିଛନ୍ତି। ଏପରିକି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦମ୍ପତିଙ୍କ ବାସ୍ତବତା ସ୍ଥିତି ପରଖିବାକୁ ଦମ୍ପତିଙ୍କ ନିକଟରେ ଆସିବାକୁ ଅନୁରୋଧ କରିଥିଲେ। ତେବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ତୁରନ୍ତ ପଦକ୍ଷେପ ନେଇ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରାଙ୍ଗ ନାଏକଙ୍କୁ ଦମ୍ପତିଙ୍କ ଆଧାର କାର୍ଡ ଭୋଟକାର୍ଡ ତିଆରି କରିବାକୁ ନିର୍ଦ୍ଦେଶ ଦେବା ସହ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ କହିଛନ୍ତି। ଦମ୍ପତି ଦୁହେଁ ହରିଗହୀର (୭୦)ସ୍ତ୍ରୀ ମାଳତୀ ଗହୀର( ୬୫)ଦୀର୍ଘଦିନରୁ ଭିକ୍ଷା ବୃତ୍ତି ଆପଣେଇ ନିଜ ପେଟ ପ୍ରତିପୋଷଣ କରୁଛନ୍ତି। ଏକ ଝାଟି ଦଦରା କୁଡ଼ିଆ ରହୁଥିବାବେଳେ ଦମନୀୟ ସ୍ଥିତିରେ ଜୀବନ କାଟୁଛନ୍ତି। ହେଲେ ଦୁର୍ଭାଗ୍ୟ ବିଷୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ ଏମାନଙ୍କ ପାଇଁ ଦୂରରେ ରହିଯାଇଛି । ନା ପଞ୍ଚାୟତରୁ ମିଳୁଛି ଚାଉଳ ନା ବାର୍ଦ୍ଧକ୍ୟ ଭତ୍ତା। ସରକାର ଖାଦ୍ୟ ସୁରକ୍ଷା ଆଇନରେ ଗରିବମାନଙ୍କୁ ସାମିଲ କରି ଚାଉଳ,ଗହମ ,ଚିନି ଆଦି ଯୋଗାଇ ଦେବା ବ୍ୟବସ୍ଥା ଥିବା ବେଳେ ଏମାନଙ୍କ କ୍ଷେତ୍ରରେ ସାତ ସପନ ହୋଇ ଯାଇଛି। ତେବେ ଆଧାର କାର୍ଡ ,ଭୋଟ କାର୍ଡ ନ ଥିବା ଯୋଗୁ ଏଭଳି ସମସ୍ୟା ଦେଖାଯାଇଥିବା ସରପଞ୍ଚ ପ୍ରକାଶ କରନ୍ତି।

## ରାଶିଫଳ

ରବିବାର, ୦୨ ମାର୍ଚ୍ଚ ୨୦୨୫



**ମେଷ:** କୌଣସି ନିଷ୍ପତ୍ତି ନେବାରେ ବିବେକ ବ୍ୟବହାର କରନ୍ତୁ। ପରିବାର ସହିତ ଦିନଟି ଖୁସିରେ ବିତାଇବେ । ମୂଲ୍ୟବାନ ସାମଗ୍ରୀ ପାଖରେ ରଖନ୍ତୁ । ବ୍ୟବସାୟ ଭଲ ହେବ । ଖର୍ଚ୍ଚ ବୃଦ୍ଧି ପାଇବ। ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଦୁଷ୍ଟମାନଙ୍କଠାରୁ ସତର୍କତା ଆବଶ୍ୟକ। କ୍ରନିକ ରୋଗ ଦେଖାଦେଇପାରେ ।



**ବୃଷ:** ସ୍ଥାୟୀ ସମ୍ପତ୍ତି କ୍ରୟ ଏବଂ ବିକ୍ରୟ ହୋଇପାରେ । ଦୀର୍ଘ ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବାର ସମ୍ଭାବନା ଅଛି । ଏହା ବହୁତ ଲାଭଦାୟକ ହୋଇପାରେ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ପ୍ରଗତିର ରାସ୍ତା ଖୋଲିଯିବ। ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ ।



**ମିଥୁନ:** ଅଟକି ରହିଥିବା ଟଙ୍କା ମିଳିବାର ସମ୍ଭାବନା ଅଛି । ବ୍ୟବସାୟ ଯାତ୍ରା ସଫଳ ହେବ । ରାଜନୈତିକ ସମର୍ଥନ ମିଳିବ। ବ୍ୟବସାୟ ବୃଦ୍ଧି ପାଇବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ସହକର୍ମୀମାନେ ଆପଣଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବେ ।



**କର୍କଟ:** ଆପଣ କୋର୍ଟର କାର୍ଯ୍ୟରୁ ମୁକ୍ତି ପାଇପାରିବେ । ବ୍ୟବସାୟ ଅନୁକୂଳ ଲାଭ ଦେବ । ତୁମେ ତୁମର ଜୀବନସାଥୀଙ୍କ ଠାରୁ ସମର୍ଥନ ପାଇବ । ଚାକିରିରେ କାମକୁ ପ୍ରଶଂସା କରାଯିବ। ଦିନଟି ଭଲ ରହିବ। କାରବାରକୁ ଶୀଘ୍ର କର ନାହିଁ । ଭାଗ୍ୟ ଅନୁକୂଳ ହେବ ।



**ସିଂହ:** ଆପଣ ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ସମର୍ଥନ କରିବାକୁ ସମର୍ଥ ହେବେ। ତୁମେ ସମ୍ମାନ ପାଇବ । କିଛି ମହତ୍ କାର୍ଯ୍ୟ କରିବାକୁ ଇଚ୍ଛୁକ ହେବେ । ବୟସ୍କଙ୍କ ମାର୍ଗଦର୍ଶନ ଲାଭ ବୃଦ୍ଧି କରିବ । ବ୍ୟବସାୟ ବୃଦ୍ଧି ପାଇବ । ଚାକିରିରେ ତୁମେ ଏକ ଉଚ୍ଚ କର୍ତ୍ତୃପକ୍ଷଙ୍କ ସୁଖ ପାଇବ । ବିନିଯୋଗ ଅନୁକୂଳ ହେବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ ।




**କନ୍ୟା:** ଉତ୍ସାହଜନକ ସୂଚନା ଗ୍ରହଣ କରାଯିବ । ତୁମେ ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବ। ସେଠାରେ ଖର୍ଚ୍ଚ ହେବ । ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଆତ୍ମ ସମ୍ମାନ ରହିବ । କିଛି ବଡ କାମ ଏବଂ ବାହାରକୁ ଯିବାକୁ ଇଚ୍ଛା ହେବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ । ଶତ୍ରୁମାନେ ସକ୍ରିୟ ରହିବେ ।




**ତୁଳା:** ଉପହାର ଗ୍ରହଣ କରାଯାଇପାରେ । ବେକାରୀ ସମସ୍ୟା ଦୂର କରିବା ପାଇଁ ପ୍ରୟାସ ସଫଳ ହେବ । ବ୍ୟବସାୟ ଯାତ୍ରା ସଫଳ ହେବ ଆପଣ ଜଣେ ବୟସ୍କ ବ୍ୟକ୍ତିଙ୍କ ମାର୍ଗଦର୍ଶନ ପାଇବେ । ବ୍ୟବସାୟ ଅନୁକୂଳ ଲାଭ ଦେବ ।




**ବିଛା:** କିଛି ବଡ ଅସୁବିଧା ଆସିପାରେ । ତାହା ଅଧିକ ଦ୍ରୁତ ଗତିରେ ଆସିବ । ଦୁଃଖଦ ଖବର ଗ୍ରହଣ କରାଯାଇପାରେ । ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର । ଆଶା କରାଯାଉଥିବା କାର୍ଯ୍ୟ ବିଳମ୍ବ ହେବ । ଆୟ ହେବ । ବ୍ୟବସାୟ ଭଲ ହେବ । ଚାକିରିରେ କାର୍ଯ୍ୟଭାର ରହିବ। କ୍ରନିକ ରୋଗ ଦେଖାଦେଇପାରେ ।




**ଧନୁ:** ଛାତ୍ର ସଫଳତା ହାସଲ କରିବେ । ପିକନିକ୍ ଉପଭୋଗ କରିବେ। ଚାକିରିରେ ଆପଣ କିଛି ନୂଆ କରିବାକୁ ସକ୍ଷମ ହେବେ। ସୁସ୍ୱାଦୁ ଖାଦ୍ୟଗୁଡ଼ିକ ଉପଭୋଗ କରାଯାଇପାରିବ । ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ। ବ୍ୟବସାୟ ଭଲ ହେବ । ସହଭାଗୀମାନେ ସମର୍ଥନ ପାଇବେ । ଦୁଷ୍ଟ ଲୋକମାନେ କ୍ଷତି କରିବାକୁ ଚେଷ୍ଟା କରିବେ। ସୁଖ ମିଳିବ ।



**ମକର:** ଆଘାତ ଏବଂ ଦୁର୍ଘଟଣା ହେତୁ କ୍ଷତି ହୋଇପାରେ । ଦ୍ୱନ୍ଦ୍ୱ ଆସିପାରେ । ଜଣେ ବ୍ୟକ୍ତିର ଆଚରଣ ମନକୁ ଆଘାତ ଦେଇପାରେ । ତତ୍ପରତା ନାହିଁ । ବିବାଦ ଉପୁଜିବାକୁ ଦିଅନ୍ତୁ ନାହିଁ । କୌଣସି ଅପରିଚିତ ବ୍ୟକ୍ତିଙ୍କ ଉପରେ ଅନ୍ଧବିଶ୍ୱାସ ରଖନ୍ତୁ ନାହିଁ । ବ୍ୟବସାୟ ଲାଭଦାୟକ ହେବ। ଅଳସୁଆ ଅନୁଭବ କରିବେ।



**କୁମ୍ଭ:** ପୂଜା ପାଇଁ ଆଗ୍ରହୀ ହେବେ । ଆପଣ ଜଣେ ସାଧୁଙ୍କ ସେବା କରିବାର ସୁଯୋଗ ପାଇବେ । ବ୍ୟବସାୟ ଯାତ୍ରା ସଫଳ ହେବ। ବ୍ୟବସାୟ ଲାଭଦାୟକ ହେବ । ଅଂଶୀଦାରମାନଙ୍କଠାରୁ ସହଯୋଗ ହେବ । ବିନିଯୋଗ ଲାଭଦାୟକ ହେବ । ଘର ବାହାରେ ସୁଖ ମିଳିବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**ମୀନ:** ଅର୍ଥନୈତିକ ପ୍ରଗତି ପାଇଁ ଏକ ନୂତନ ନୀତି ପ୍ରସ୍ତୁତ କରାଯିବ । ସିଷ୍ଟମ୍ ଉନ୍ନତି କରିବ। ଦୀର୍ଘ ଦିନ ଧରି ବିଚାରାଧୀନ ଥିବା କାର୍ଯ୍ୟ ସମାପ୍ତ କରିବାର ଏକ ସମ୍ଭାବନା ଅଛି, ଚେଷ୍ଟା ଜାରି ରଖନ୍ତୁ । ଆୟ ବୃଦ୍ଧି ପାଇବ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ । ପ୍ରତିଷ୍ଠା ବୃଦ୍ଧି ପାଇବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଭଲ ହେବ । ତତ୍ପରତା ନାହିଁ ।



ଜ୍ୟୋତିଷ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯